ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୩/୨୦୨୪ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Bhubaneswar, Saturday, January 13/2024 Page 20 ₹ 7.00
୫୦ଶ ଭାଗ ୫୧ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 51 ମୂଲ୍ୟ₹୭/-



**ଅଜୟଙ୍କ ସହ ସ୍କ୍ରିନ୍ ଶେୟାର କଲେ ବାଣୀ କପୁର**
ବଲିଉଡ୍ ଅଭିନେତ୍ରୀ ବାଣୀ କପୁର ପ୍ରଥମଥର ପାଇଁ ଅଜୟ ଦେବଗନଙ୍କ ସହ 'ରେଡ୍ ୨'ରେ ସ୍କ୍ରିନ୍ ଶେୟାର କରିଛନ୍ତି।
୧୪

୧୬
**ଜାହୋଙ୍କ ଗୋଲରେ ଓଡ଼ିଶା ଏଫ୍‌ସି ବିଜୟୀ**
କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟରେ ଶୁକ୍ରବାର ଅହମଦ ଜାହୋଙ୍କ ଗୋଲ ବଳରେ ଓଡ଼ିଶା ଏଫ୍‌ସି ୧-୦ରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି।



# ବ୍ରାହ୍ମଣବରଣ କଲେ ଗଜପତି

ପୁରୀ,୧୨।୧ (ଅଜିତ୍ ମହାନ୍ତି)

## ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆଦ୍ୟପର୍ବ

ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବର ଆଦ୍ୟପର୍ବ ୧୨ତାରିଖ ଶୁକ୍ରବାରଠାରୁ ଆରମ୍ଭ ହୋଇଛି। ସନ୍ଧ୍ୟାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଶ୍ରୀନଅରରେ ବ୍ରାହ୍ମଣବରଣ ଓ ଗୁଆଟେକା କରିଛନ୍ତି। ବିଧିବିଧାନ ଅନୁଯାୟୀ ଗଜପତି ମହାରାଜା ରାଜଗୁରୁଙ୍କୁ ଗୁଆ ଟେକିବା ସହ ବରଣ କରିଥିଲେ। ନୀତି ସମ୍ପନ୍ନ କରିବା ପରେ ଗଜପତି ମହାରାଜା ଶ୍ରୀନଅରରେ ବ୍ରାହ୍ମଣମାନଙ୍କ ସହ ପ୍ରକଳ୍ପର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ପରେ ବରଣ ହୋଇଥିବା ବ୍ରାହ୍ମଣମାନେ ଯଜ୍ଞସ୍ଥଳକୁ ଯାଇ ଅଙ୍କୁରାରୋପଣ କରିଥିଲେ। ସେହିପରି ଶନିବାର ପୂର୍ବାହ୍ନ ୧୧ଟାରୁ ରାତି ୮ଟା ଯାଏଁ ଅଙ୍କୁରପୂଜନ ହେବ। ୧୪ ତାରିଖରେ ଯଜ୍ଞ ଅଧିବାସ, ମଣ୍ଡଳସ୍ଥାପନ, ଧ୍ୱଜାସ୍ଥାପନ ଓ ତୋରଣ ସ୍ଥାପନ ହେବ। ୧୫ତାରିଖ ସକାଳ ସାଢ଼େ ୭ଟାରୁ ଅପରାହ୍ନ ୧ଟା ମଧ୍ୟରେ ଅଖଣ୍ଡଦୀପ ସ୍ଥାପନ, ପଞ୍ଚକର୍ମ, ଆଚାର୍ଯ୍ୟଙ୍କ ଦ୍ୱାରା ବ୍ରାହ୍ମଣ ବରଣ ଓ ମଣ୍ଡଳପୂଜନ ହେବ। ଏହାସହ ଶ୍ରୀମନ୍ଦିର ଚାରିଦୁଆରରେ ବେଦ ପାରାୟଣ ଓ ଅନ୍ତଃପ୍ରଦକ୍ଷିଣ ପଥରେ ନାମ ସଂକୀର୍ତ୍ତନ ହେବ। ୧୬ରେ ସୂର୍ଯ୍ୟପୂଜା, ଧରିତ୍ରୀପୂଜା, ଗୋପୂଜା, ପଞ୍ଚକର୍ମ, ମଣ୍ଡଳପୂଜା, ପୁଷ୍ପାଞ୍ଜଳି, ଆରତୀ, ହବନ ଓ ସଂକୀର୍ତ୍ତନ ହେବ। ୧୭ ତାରିଖ ବୁଧବାର ସକାଳ ୭ଟାରୁ ପୂଜା ଓ ପ୍ରତିଷ୍ଠା କାର୍ଯ୍ୟ ଆରମ୍ଭ ହେବ। ଅପରାହ୍ନ ୧ଟା ୧୫ରୁ ୧ଟା ୩୦ ମଧ୍ୟରେ ଶୁଭ ମୁହୂର୍ତ୍ତରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପ୍ରକଳ୍ପ ଲୋକାର୍ପଣ କରିବେ। ଏହାପରେ ଦିନ ୧ଟା ୩୦ରୁ ୨ଟା ମଧ୍ୟରେ ଗଜପତି ମହାରାଜା ଯଜ୍ଞ ପୂର୍ଣ୍ଣାହୁତି ଦେବେ। ଅପରାହ୍ନ ୩ଟା ପରେ ପରିକ୍ରମା ମାର୍ଗକୁ ସାଧାରଣ ଶ୍ରଦ୍ଧାଳୁଙ୍କ ପାଇଁ ଉନ୍ମୁକ୍ତ କରାଯିବ ବୋଲି ସୂଚନା ରହିଛି।

ଗଜପତିଙ୍କ ଦ୍ୱାରା ଗୁଆଟେକା ଓ ଆଚାର୍ଯ୍ୟବରଣ ପରେ ବରଣ ହୋଇଥିବା ଆଚାର୍ଯ୍ୟମାନେ ଯଜ୍ଞରେ ସହାୟତା କରିବେ। ଶ୍ରୀମନ୍ଦିରର ଏହି ପ୍ରତିଷ୍ଠା ☞ପୃଷ୍ଠା-୨


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପର ଆଦ୍ୟ ପର୍ବ ଶୁକ୍ରବାର ସନ୍ଧ୍ୟାରେ ଶ୍ରୀନଅରରେ ଅନୁଷ୍ଠିତ ହୋଇଯାଇଛି। ଗଜପତି ମହାରାଜା ଦିବ୍ୟସିଂହ ଦେବ ବ୍ରାହ୍ମଣ ବରଣ କରୁଛନ୍ତି। (ଫଟୋ-ମନୋରଞ୍ଜନ ମିଶ୍ର)

# ଖୁଚୁରା ମୁଦ୍ରାସ୍ଫୀତି ୫.୬୯%କୁ ବୃଦ୍ଧି

ନୂଆଦିଲ୍ଲୀ,୧୨।୧

## ୪ ମାସରେ ସର୍ବାଧିକ

ଭାରତର ଖୁଚୁରା ମୁଦ୍ରାସ୍ଫୀତି ୨୦୨୩ ଡିସେମ୍ବରରେ ୫.୬୯%କୁ ବୃଦ୍ଧି ପାଇଥିଲା, ଯାହାକି ଗତ ୪ ମାସରେ ସର୍ବାଧିକ ବୋଲି ଶୁକ୍ରବାର ସରକାରୀ ତଥ୍ୟରୁ ଜଣାପଡ଼ିଛି। ଗତ ନଭେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ୫.୫୫% ଥିବାବେଳେ ଡିସେମ୍ବରରେ ଖାଦ୍ୟ ମୂଲ୍ୟରେ ବୃଦ୍ଧି ଯୋଗୁ ଏହା ବଢ଼ିଥିବା କୁହାଯାଉଛି। ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଅଧୀନ ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ବୁଧବାର ଜାରି ତଥ୍ୟ ଅନୁଯାୟୀ, ୨୦୨୨ ଡିସେମ୍ବରରେ ମୁଦ୍ରାସ୍ଫୀତିଭିତ୍ତିକ ଉପଭୋକ୍ତା ମୂଲ୍ୟ ସୂଚକାଙ୍କ (ସିପିଆଇ) ୫.୭୨% ଥିବାବେଳେ ୨୦୨୩ ନଭେମ୍ବରରେ ଏହା ୫.୫୫% ରହିଥିଲା। ୨୦୨୩ ଅଗଷ୍ଟରେ ମୁଦ୍ରାସ୍ଫୀତି ୬.୮୩%କୁ ଛୁଇଁଥିଲା। ସଦ୍ୟ ଡେଟା ଅନୁସାରେ ସିପିଆଇ ୫.୬୯% ରହିଛି। ମୁଦ୍ରାସ୍ଫୀତି ଦିଲ୍ଲୀରେ ସର୍ବନିମ୍ନ ୨.୯୫% ଥିବାବେଳେ ଓଡ଼ିଶାରେ ସର୍ବାଧିକ ୮.୭୩% ରହିଛି। ତେବେ ଖୁଚୁରା ମୁଦ୍ରାସ୍ଫୀତି ବୃଦ୍ଧି ପାଇଁ କେବଳ ଖାଦ୍ୟ ମୂଲ୍ୟ ବୃଦ୍ଧିକୁ ଦାୟୀ କରାଯାଇପାରିବ ନାହିଁ। କାରଣ ଉପଭୋକ୍ତାମାନଙ୍କ ମୋଟ ଖର୍ଚ୍ଚର ୧୦% ଖାଦ୍ୟ ବାବଦରେ ବ୍ୟୟ ହୋଇଥାଏ। ଜୋତା, ଇନ୍ଧନ ଓ ଲାଇଟ୍ ସହ ବିବିଧ ସାମଗ୍ରୀର ଦରଦାମ ମଧ୍ୟ ବୃଦ୍ଧି ପାଇଛି। ଆସନ୍ତା ଡିସେମ୍ବର ଆଡ଼କୁ ସିପିଆଇ ୫.୯% ରହିବା ନେଇ ଅର୍ଥନୀତିଜ୍ଞମାନେ ଆକଳନ କରିଛନ୍ତି।

# ଓଡ଼ିଶା ପାଇଁ କଂଗ୍ରେସର ନିର୍ବାଚନ କମିଟି ଘୋଷିତ

ଭୁବନେଶ୍ୱର, ୧୨।୧ (ସୁନିତ୍ ମିଶ୍ର)

## ବାଦ୍ ପଡ଼ିଲେ ତାରା, ସୁର, ଗଣେଶ୍ୱର

୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ପକ୍ଷରୁ ଶୁକ୍ରବାର ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ନିର୍ବାଚନ କମିଟି ଘୋଷଣା କରାଯାଇଛି। ଏନେଇ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ ଘୋଷଣା କରିଛନ୍ତି। ଏହି କମିଟିର ଅଧ୍ୟକ୍ଷ ଭାବେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଶରତ ପଟ୍ଟନାୟକଙ୍କୁ ରଖାଯାଇଥିବା ବେଳେ ଦଳର ବରିଷ୍ଠ ନେତାଙ୍କ ସମେତ ଯୁବ ଓ ମହିଳାଙ୍କୁ ଏଥିରେ ସ୍ଥାନ ଦିଆଯାଇଛି। ☞ପୃଷ୍ଠା-୨

**ଆଜିର ସମ୍ପାଦକୀୟ** ରେଲ୍‌ୱେ ବୋର୍ଡରେ ଅଦଳବଦଳ









#HOCKEYINVITES
ENROUTETOPARIS

FIH HOCKEY INDIA

FREE ENTRY

# FIH HOCKEY OLYMPIC QUALIFIERS 2024 RANCHI

## FIH HOCKEY OLYMPIC QUALIFIERS RANCHI 2024

### MARANG GOMKE JAIPAL SINGH ASTROTURF HOCKEY STADIUM, RANCHI

# BEGINS TODAY

13 JANUARY 2024

## TODAY'S MATCHES

TIME: 12:00
GERMANY VS CHILE

TIME: 14:30
JAPAN VS CZECH REPUBLIC

TIME: 17:00
NEW ZEALAND VS ITALY

TIME: 19:30
INDIA VS UNITED STATES

INDIA
WATCH LIVE ON
sports 18
JioCinema

STADIUM ENTRY
(FOR SPECTATORS)
1000 Hrs Onwards



HEMANT SOREN
Chief Minister, Jharkhand

GLOBAL PARTNERS: ODISHA INDIA'S BEST KEPT SECRET, Watch Hockey
NATIONAL PARTNERS: ODISHA INDIA'S BEST KEPT SECRET
GLOBAL SUPPLIER: polytan
NATIONAL SUPPLIERS: SHALBY DIVINE, Limca Sportz

INFORMATION & PUBLIC RELATIONS DEPARTMENT, JHARKHAND

PR-315954 (IPRD) 2023-24

# ଧରିତ୍ରୀ DHARITRI

ଧରିତ୍ରୀ 50 Years

ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୩/୨୦୨୪ | Bhubaneswar, Saturday, January 13/2024 | ପୃଷ୍ଠା-୧





ଭୁବନେଶ୍ୱର ଜନତା ମଇଦାନଠାରେ ଶୁକ୍ରବାର 'କୃଷି ଓଡ଼ିଶା- ୨୦୨୪'କୁ ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଉପସ୍ଥିତ କୃଷକ, କୃଷି ଉଦ୍ୟୋଗୀ, କୃଷି ବିଜ୍ଞାନୀ ଓ ବିଶେଷଜ୍ଞଙ୍କୁ ଶୁଭେଚ୍ଛା ଜଣାଉଛନ୍ତି। (ଫଟୋ- ବିକାଶ ନାୟକ)

# ସ୍ୱଷ୍ଟ ହସ୍ତାକ୍ଷରରେ ଚିଠା ଲେଖିବାକୁ ଡାକ୍ତରଙ୍କୁ ନିର୍ଦ୍ଦେଶ

**ଭୁବନେଶ୍ୱର, ୧୨।୧(ଅସମାପିକା ସାହୁ)**

ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତତ୍ପର ହୋଇଛି ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ। ଡାକ୍ତରମାନଙ୍କୁ ପରିଷ୍କାର ଅକ୍ଷରରେ ଲେଖିବାକୁ ବିଭାଗ ନିର୍ଦ୍ଦେଶ ଦେଇଛି। ଏନେଇ ରାଜ୍ୟ ପରିବାର ଓ ସ୍ୱାସ୍ଥ୍ୟ କଲ୍ୟାଣ ବିଭାଗ ଅର୍ଡର ଜାରି କରିଛି। ଡାକ୍ତରୀ ଚିଠା, ଶବ ବ୍ୟବଚ୍ଛେଦ ରିପୋର୍ଟ ପ୍ରାଞ୍ଜଳ ଭାବେ କ୍ୟାପିଟାଲ ଲେଟର, ଟାଇପ କିମ୍ବା ଗୋଲ ଅକ୍ଷରରେ ଲେଖିବାକୁ କୁହାଯାଇଛି। ଲେଖା ଏମିତି ହେବା ଦରକାର ଯେମିତି କିଛି ସମସ୍ୟା ନ ହେବ। ରାଜ୍ୟର ସମସ୍ତ ମେଡିକାଲ ସେଣ୍ଟର, ଘରୋଇ କ୍ଲିନିକ, ମେଡିକାଲ କଲେଜ ଓ ହସ୍ପିଟାଲ ପାଇଁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

ଅନେକ ସମୟରେ ଡାକ୍ତରଙ୍କ ହାତଲେଖା ପ୍ରେସ୍କ୍ରିପ୍ସନ ବା ଅନ୍ୟ ରିପୋର୍ଟ ସହଜରେ ବୁଝିହୁଏ ନାହିଁ। କେବଳ ଲେଖୁଥିବା ଡାକ୍ତର ବା ସମ୍ପୃକ୍ତ ମେଡିସିନ ଦୋକାନୀ ସେହି ହସ୍ତାକ୍ଷର ପଢ଼ିଥାନ୍ତି। ମାତ୍ର ସାଧାରଣ ଲୋକେ ଏହାକୁ ବୁଝିପାରନ୍ତି ନାହିଁ। ଏପରିକି ଔଷଧ ଦୋକାନୀମାନେ ମଧ୍ୟ ଠିକ୍ ଭାବେ ପଢ଼ି ନ ପାରି ଅନୁମାନ କରି ଭୁଲ୍ ଔଷଧ ଦେଇଥାନ୍ତି। ଏଥିଯୋଗୁ ରୋଗୀ ଓ ଅନ୍ୟମାନେ ସମସ୍ୟାରେ ପଡିଥାନ୍ତି। ଏ ସଂକ୍ରାନ୍ତ ଏକ ମାମଲାର



ଶୁଣାଣିକରି ହାଇକୋର୍ଟ କ୍ଷୋଭ ପ୍ରକାଶ କରିବା ସହ ଔଷଧ ପରାମର୍ଶ ବା ଚିକିତ୍ସା-ଆଇନ ସମ୍ବନ୍ଧୀୟ ରିପୋର୍ଟ ଉପଯୁକ୍ତ ହସ୍ତାକ୍ଷରରେ ଲେଖିବା ପାଇଁ ରାଜ୍ୟରେ କାର୍ଯ୍ୟରତ ଡାକ୍ତରଙ୍କୁ ନିର୍ଦ୍ଦେଶ ଦେବାକୁ ମୁଖ୍ୟ ଶାସନ ସଚିବଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଡାକ୍ତରମାନେ ସ୍ୱଷ୍ଟ ହସ୍ତାକ୍ଷରରେ ପ୍ରେସ୍କ୍ରିପ୍ସନ ଲେଖିବେ, ଫଳରେ ସାଧାରଣ ଲୋକଟିଏ ଔଷଧ ଓ ରୋଗ ବିଷୟରେ ଜାଣିପାରିବ ବା ବୁଝିପାରିବେ ବୋଲି ହାଇକୋର୍ଟ କହିଥିଲେ।

# ଦିଲ୍ଲୀ ହାଇକୋର୍ଟରେ ଭାଜପା ନେତାଙ୍କ ଆବେଦନ ଖାରଜ

## ସରକାରୀ ଯୋଜନାରେ ବିଜେଡିର 'ଶଙ୍ଖ' ବ୍ୟବହାର

**ନୂଆଦିଲ୍ଲୀ, ୧୨।୧**

ଓଡ଼ିଶାର ଶାସକ ବିଜୁ ଜନତା ଦଳ (ବିଜେଡି) ଏହାର ନିର୍ବାଚନୀ ଚିହ୍ନ 'ଶଙ୍ଖ'କୁ ଜନ କଲ୍ୟାଣକାରୀ ଯୋଜନାଗୁଡ଼ିକରେ ବ୍ୟବହାର କରୁଥିବା ଅଭିଯୋଗ ଆଣି ଭାଜପା ରାଜ୍ୟ ସମ୍ପାଦକ ଯତୀନ୍ ମହାନ୍ତି ଏହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଦିଲ୍ଲୀ ହାଇକୋର୍ଟରେ ଏକ ପିଟିଶନ ଦାଖଲ କରିଥିଲେ। ତେବେ ହାଇକୋର୍ଟ ଏହାକୁ ଖାରଜ କରିଦେଇଛନ୍ତି। ସବୁକିଛି ଓଡ଼ିଶାରେ ହୋଇଥିବାରୁ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହେବାକୁ ଦିଲ୍ଲୀ ହାଇକୋର୍ଟ ପରାମର୍ଶ ଦେଇଛନ୍ତି। ଭାଜପା ନେତା ଯତୀନ୍ ନିଜ ପିଟିଶନରେ ଉଲ୍ଲେଖ କରିଥିଲେ, ବିଜେଡି ଭାରତର ନିର୍ବାଚନ କମିଶନ(ଇସିଆଇ)ଙ୍କ ଦ୍ୱାରା ପ୍ରଦତ୍ତ ଚିହ୍ନକୁ ବ୍ୟବହାରକରି ନିର୍ବାଚନୀ ଚିହ୍ନ (ସଂରକ୍ଷଣ ଓ ଆବଣ୍ଟନ) ଆଦେଶ, ୧୯୬୮ ଏବଂ ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରିଛି। ଜଣେ ସୂଚନା ଅଧିକାର (ଆର୍‌ଟିଆଇ) କର୍ମୀଙ୍କ ☞ପୃଷ୍ଠା-୨

# ମା'ଙ୍କ ସଶକ୍ତୀକରଣ ସମାଜକୁ ସଶକ୍ତ କରେ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୨।୧(ଅସମାପିକା ସାହୁ)**

## 'କୃଷି ଓଡ଼ିଶା-୨୦୨୪' ଉଦ୍‌ଘାଟିତ

- **୧୭ କୃଷକ ପୁରସ୍କୃତ, ୧୦ ସଫଳ ମହିଳା ଚାଷୀ ସମ୍ମାନିତ**
- **କୃଷି ଉଦ୍ୟୋଗ ଭବନ, ଇମେଜ୍‌ର ନୂଆ କ୍ୟାମ୍ପସ ପାଇଁ ଭିତ୍ତିପ୍ରସ୍ତର**

କୃଷି କ୍ଷେତ୍ରରେ ମା'ମାନଙ୍କୁ ଆହୁରି ଆଗକୁ ଯିବାର ସମୟ ଆସିଛି। କୃଷି ଉଦ୍ୟୋଗ କ୍ଷେତ୍ରରେ ସେମାନଙ୍କ ପାଇଁ ବହୁତ ସୁଯୋଗ ରହିଛି। ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା, ମିଲେଟ ମିଶନ, କଫି ମିଶନ ଆଦି ଅନେକ ଯୋଜନା ଚାଲିଛି। ସେମାନେ ଏହାର ସୁଯୋଗ ନିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ 'କୃଷି ଓଡ଼ିଶା- ୨୦୨୪'କୁ ଉଦ୍‌ଘାଟନ କରି ଆହ୍ୱାନ ଦେଇଛନ୍ତି। ଭୁବନେଶ୍ୱର ଜନତା ମଇଦାନଠାରେ ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ତିନିଦିନିଆ କୃଷି ଓଡ଼ିଶା ରାଜ୍ୟର ମହିଳା ଚାଷୀଙ୍କ ପାଇଁ ସମର୍ପିତ। ଏହି ପରିପ୍ରେକ୍ଷରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ମା'ମାନଙ୍କ ସଶକ୍ତୀକରଣ କେବଳ ଏକ ପରିବାରକୁ ନୁହେଁ, ବରଂ ସାରା ସମାଜକୁ ସଶକ୍ତ କରେ। ସେମାନଙ୍କ ସଶକ୍ତୀକରଣ ରାଜ୍ୟ ସରକାରଙ୍କ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ମିଶନ ଶକ୍ତି ଜରିଆରେ ମା'ମାନେ ବିକାଶର ସବୁ କ୍ଷେତ୍ରରେ ସହଭାଗୀ ହୋଇପାରିଛନ୍ତି। ସେହିପରି ରାଜ୍ୟର କୃଷି କ୍ଷେତ୍ରର ଅଭିବୃଦ୍ଧିରେ କୃଷି ବିଜ୍ଞାନୀ ତଥା ବିଶେଷଜ୍ଞଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। କୃଷିର ଉନ୍ନତି ଓ କୃଷକ କଲ୍ୟାଣ ପାଇଁ ମୁଖ୍ୟମନ୍ତ୍ରୀ ସେମାନଙ୍କ ମତାମତ ଓ ପରାମର୍ଶକୁ ସ୍ୱାଗତ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଶିଷ୍ଟ କୃଷି ବିଜ୍ଞାନୀ ଡ. ସ୍ୱାତୀ ନାୟକଙ୍କୁ ସମ୍ମାନିତ କରିଥିଲେ। ଏହାସହିତ ଅଭିନବ କୃଷି ଯନ୍ତ୍ରପାତି ପ୍ରୋତ୍ସାହନ ଯୋଜନାରେ ୧୭ ଜଣ କୃଷକଙ୍କୁ ପୁରସ୍କୃତ କରିବା ସହ ୧୦ଜଣ ସଫଳ ମହିଳା ଚାଷୀଙ୍କୁ ସମ୍ମାନିତ କରିଥିଲେ। ଏଥିସହ ଶୀଘ୍ର ଓ ସୁବିଧାରେ ଋଣ ପାଇବା ଲାଗି ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର କୃଷି ଋଣ ମଡ୍ୟୁଲର 'ସଫଳ ପୋର୍ଟାଲ'ର ଶୁଭାରମ୍ଭ କରିଥିଲେ। ସେହିଭଳି ଏହି ମଞ୍ଚରୁ ଭର୍ଚୁଆଲରେ କୃଷି ଉଦ୍ୟୋଗ ଭବନ ଏବଂ ଇମେଜର ନୂଆ କ୍ୟାମ୍ପସ ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ପରେ ମୁଖ୍ୟମନ୍ତ୍ରୀ ଆୟୋଜିତ ଆଧୁନିକ କୃଷି ସାମଗ୍ରୀ ଓ ସର୍ବୋତ୍ତମ କୃଷି ପ୍ରଯୁକ୍ତି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବା ସହିତ ବୁଲି ଦେଖିଥିଲେ। କାର୍ଯ୍ୟକ୍ରମରେ କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସଭାପତିତ୍ୱ କରି କହିଲେ, ୧୯୯୯ରେ କୃଷି କ୍ଷେତ୍ରରେ ରାଜ୍ୟ ସରକାରଙ୍କ ବ୍ୟୟ ରାଜ୍ୟ ବଜେଟ୍‌ର ମାତ୍ର ୪.୬୬ ପ୍ରତିଶତ ଥିବାବେଳେ ଆଜି ଏହା ୧୧ ପ୍ରତିଶତ ହୋଇପାରିଛି। କୃଷି କ୍ଷେତ୍ରରେ ମହିଳା ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ୧୦୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ମହିଳା ଓ ଶିଶୁ ବିକାଶ ତଥା ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ଷେତରୁ ଆରମ୍ଭ କରି ଖାଦ୍ୟ ଥାଳି ପର୍ଯ୍ୟନ୍ତ ମହିଳାମାନେ କୃଷି କ୍ଷେତ୍ରରେ ସେମାନଙ୍କର ବଳିଷ୍ଠ ଯୋଗଦାନ ରଖିଛନ୍ତି ବୋଲି କହିଥିଲେ। କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ ସ୍ୱାଗତ ଭାଷଣ ଦେଇଥିବାବେଳେ କୃଷି ଓ ଖାଦ୍ୟ ଉତ୍ପାଦନ ନିର୍ଦ୍ଦେଶକ ପ୍ରେମ ଚନ୍ଦ୍ର ଚୌଧାରୀ ଧନ୍ୟବାଦ ଅର୍ପଣ କରିଥିଲେ। ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ରାଜ୍ୟ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଏବଂ ଫିକିର ମିଳିତ ସହଯୋଗରେ ଆରମ୍ଭ ହୋଇଥିବା 'କୃଷି ଓଡ଼ିଶା'ରେ ରାଜ୍ୟର କୃଷକଙ୍କ ସମେତ ଚାଷ କ୍ଷେତ୍ର ସହ ଯୋଡି ହୋଇଥିବା ପ୍ରାୟ ୫ହଜାର ମହିଳା, ୨ହଜାର ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, କୃଷି ଉଦ୍ୟୋଗୀ, କୃଷି ବିଶେଷଜ୍ଞ ଓ ଅନ୍ୟ ଅଂଶୀଦାରମାନେ ସାମିଲ ହୋଇଛନ୍ତି। ଏହାକୁ ଆହୁରି ଆକର୍ଷଣୀୟ କରିବା ☞ପୃଷ୍ଠା-୨

# 'ଆକାଶ-ଏନ୍‌ଜି'ର ପରୀକ୍ଷଣ



**ବାଲେଶ୍ୱର, ୧୨।୧(ମାନସ ବିଶ୍ୱାଳ)**

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ (ଡିଆର୍‌ଡିଓ) ପକ୍ଷରୁ ଆଇଟିଆର୍ ୩ ନଂ. ଲଞ୍ଚପ୍ୟାଡ୍‌ରୁ ଶୁକ୍ରବାର ପୂର୍ବାହ୍ନ ୧୦ଟା ୩୦ମିନିଟ୍‌ରେ ଆକାଶ-ନ୍ୟୁ ଜେନେରେଶନ (ଆକାଶ ଏନ୍‌ଜି) କ୍ଷେପଣାସ୍ତ୍ରର ସଫଳତାର ସହ ପରୀକ୍ଷଣ ହୋଇଛି। ସ୍ୱଦେଶୀ ଜ୍ଞାନକୌଶଳରେ ନିର୍ମିତ ଏହି ସ୍ୱଳ୍ପ ଦୂରଗାମୀ କ୍ଷେପଣାସ୍ତ୍ରର ଲକ୍ଷ୍ୟଭେଦ କ୍ଷମତା ୪୦ କି.ମି.। 'ଆକାଶଏନ୍‌ଜି' ଆକାଶ ସିରିଜର ଏକ ଅତ୍ୟାଧୁନିକ ସଂସ୍କରଣ। ଏହି କ୍ଷେପଣାସ୍ତ୍ର କ୍ଷିପ୍ର ଗତିରେ ଆକାଶମାର୍ଗରେ ଦେଖା ଦେଉଥିବା ବିପଦକୁ ନଷ୍ଟ କରିବାରେ ସକ୍ଷମ ଅଟେ। ଶତ୍ରୁପକ୍ଷର ଯେକୌଣସି ଯୁଦ୍ଧାସ୍ତ୍ରକୁ ଏହା ସହଜରେ ଧ୍ୱଂସ କରିପାରେ। ଏହାର ଲକ୍ଷ୍ୟଭେଦ କ୍ଷମତା, ଗତିବିଧି ଏବଂ ଯୋଗାଯୋଗ କ୍ଷମତାକୁ ଆଇଟିଆର୍‌ର ଟେଲିମେଟ୍ରିକ ରାଡାର ସିଷ୍ଟମ ଦ୍ୱାରା ଅନୁଧ୍ୟାନ କରାଯାଇଥିଲା। ☞ପୃଷ୍ଠା-୨

# ୧୧.୧୯ ଲକ୍ଷ ସହ ଧରାପଡ଼ିଲେ ଟ୍ରାଫିକ୍ ଇନ୍ସପେକ୍ଟର

## ଗିରଫ କଲା ଭିଜିଲାନ୍ସ, ଜେଲ ଗଲେ

**ଭୁବନେଶ୍ୱର, ୧୨।୧ (ସତ୍ୟଜିତ୍ ରାଉତ)**



ଜିତେନ୍ଦ୍ର କୁମାର ବେହେରା

ସରକାରୀ କ୍ଷମତାର ଦୁରୁପଯୋଗ କରି ବେଆଇନ ଭାବେ ଠୁଳ କରୁଥିଲେ ବିପୁଳ ଟଙ୍କା। ସୁଯୋଗ ଦେଖି ମୋଟା ଅଙ୍କର ଟଙ୍କାକୁ ଘରକୁ ନେଉଥିବାବେଳେ ଭିଜିଲାନ୍ସ ଜାଲରେ ଧରାପଡ଼ିଗଲେ। ଏହି ସରକାରୀ ବାବୁ ଜଣକ ହେଲେ ତାଳଚେର ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ (ଆର୍‌ଟିଓ)ର ଓଏମ୍‌ଭିଡି ଟ୍ରାଫିକ୍ ଇନ୍ସପେକ୍ଟର ଜିତେନ୍ଦ୍ର କୁମାର ବେହେରା। ୧୧ଲକ୍ଷ ୧୯ହଜାର ୧୫୦ଟଙ୍କା ଧରି କାର୍‌ରେ ତାଳଚେରରୁ ଅନ୍ତରଙ୍ଗସ୍ଥିତ ଘରକୁ ନେଉଥିବାବେଳେ ଭିଜିଲାନ୍ସ ଟିମ୍ ଗୁରୁବାର ରାତିରେ ଭୁବନେଶ୍ୱର ବାଲିଅନ୍ତା ତ୍ରିନାଥ ବଜାର ନିକଟରେ ଜିତେନ୍ଦ୍ରଙ୍କୁ କାବୁ କରିଥିଲା। ପରେ ଜିତେନ୍ଦ୍ରଙ୍କ ଘର ସମେତ ବିଭିନ୍ନ ସ୍ଥାନରେ ଚଢ଼ାଉକରି ଆଉ ୧୧.୧୯ ଲକ୍ଷ ଟଙ୍କା ଜବତ କରିଛି। ତେବେ ଜବତ ହୋଇଥିବା ମୋଟ ୨୪ ଲକ୍ଷ ୨୭ ହଜାର ୯୦୦ ଟଙ୍କା ସଂକ୍ରାନ୍ତରେ ଜିତେନ୍ଦ୍ର ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ଭିଜିଲାନ୍ସ ତାଙ୍କୁ ଶୁକ୍ରବାର ଗିରଫ କରିଛି। ଭୁବନେଶ୍ୱର ଭିଜିଲାନ୍ସ ଥାନାରେ ଏ ସଂକ୍ରାନ୍ତରେ ଏକ ମାମଲା (ନଂ.୧୧/୨୦୨୩) ରୁଜୁ କରାଯାଇ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଜିତେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ତାଙ୍କୁ ବିଚାରବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଜିତେନ୍ଦ୍ର ବେଆଇନ ଭାବେ ବହୁ ଲୋକଙ୍କଠାରୁ ବିପୁଳ ପରିମାଣର ଟଙ୍କା ଗ୍ରହଣ କରିଥିବା ନେଇ ଭିଜିଲାନ୍ସ ସୂଚନା ପାଇଥିଲା। ଏହାପରେ ଭିଜିଲାନ୍ସର ଏକ ଟିମ୍ ତାଙ୍କ ଉପରେ ନଜର ରଖିଥିଲା। ଗୁରୁବାର ରାତିରେ ଜିତେନ୍ଦ୍ର କାର୍ (ଓଡି୩୩- ଟି-୩୮୩୯)ରେ ଟଙ୍କା ନେଇ ଆସୁଥିବା ଖବର ମିଳିବା ପରେ ତୁରନ୍ତ ଭିଜିଲାନ୍ସ ଟିମ୍ ଧରିବାକୁ ଯୋଜନା କରି ସଫଳ ହୋଇଥିଲା। ଏଥିସହ ତୁରନ୍ତ ଭିଜିଲାନ୍ସର ଏକାଧିକ ଟିମ୍ ଜିତେନ୍ଦ୍ରଙ୍କ ତାଳଚେରସ୍ଥିତ ଭଡ଼ାଘର, ଅନ୍ତରଙ୍ଗସ୍ଥିତ ପୈତୃକ ଘର ଓ ପାରାଦୀପସ୍ଥିତ ତାଙ୍କ ଭାଇଙ୍କ ଘରେ ଚଢ଼ାଉ କରିଥିଲା। ଯାଞ୍ଚବେଳେ ତାଳଚେରସ୍ଥିତ ଭଡ଼ାଘରୁ ୩ ଲକ୍ଷ ୮ ହଜାର ୭୫୦ଟଙ୍କା ଓ ୩୩୬ ଗ୍ରାମର ସୁନା ଅଳଙ୍କାର ଓ ଅନ୍ତରଙ୍ଗସ୍ଥିତ ପୈତୃକ ଘରୁ ୧୦ ଲକ୍ଷ ଜବତ ହୋଇଥିଲା। ତେବେ ଜିତେନ୍ଦ୍ର କେଉଁମାନଙ୍କଠାରୁ ଏହି ଟଙ୍କା ସଂଗ୍ରହ କରିଥିଲେ ତାହା ଜାଣିବାକୁ ଭିଜିଲାନ୍ସ ଅଧିକ ଅନୁସନ୍ଧାନ ଚଳାଇଛି।




**ଆଜିର ମନ୍ତବ୍ୟ**

"ଅଯୋଧ୍ୟାରେ ଭଗବାନ ରାମଙ୍କ ବିଶାଳ ମନ୍ଦିର ନିର୍ମାଣ ହେବ, ଏହା ନିୟତି ନିର୍ଦ୍ଧାରଣ କରିଥିଲା ଏବଂ ଏଥିପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ବାଛିଥିଲା।
–ଲାଲ୍‌କୃଷ୍ଣ ଆଡଭାନୀ, ବର୍ଷୀୟାନ ଭାଜପା ନେତା

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଧାଇଁ ନ ପାରଇ ପାଇକ ଆଗେ**
**ଟାଣ କରୁଥାଇ ମାଇପ ଆଗେ।**

କେତେକ ବ୍ୟକ୍ତି ନିଜ ସ୍ତ୍ରୀ ଉପରେ ଅଯଥା ଟାଣପଣ ଦେଖେଇ ହୋଇଥାନ୍ତି, ବାହାଦୁରି ଦେଖାଇ ବଡ଼ ବଡ଼ କଥା କହିଥାନ୍ତି। ପରନ୍ତୁ ଅନ୍ୟ ଆଗରେ ଟାଣ କରି କଥା କହିବାକୁ ସାହସ ଜୁଟାଇ ପାରି ନ ଥାନ୍ତି। ଅନ୍ୟ ସାମ୍ନାରେ ଭୀରୁତା ପ୍ରଦର୍ଶନ କରୁଥିବା କାପୁରୁଷ ବ୍ୟକ୍ତିଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ଧାନ ମଧ୍ୟରେ ବଉଳା**
**ବନ୍ଧୁ ମଧ୍ୟରେ ମଉଳା।**

ଯେତେ ପ୍ରକାର ଧାନ ଅଛି ତା'ମଧ୍ୟରୁ ବଉଳା ଧାନ ହିଁ ସବୁଠୁ ଉତ୍କୃଷ୍ଟ ଧାନ ବୋଲି ଜଣାଯାଇଥାଏ। ସେହିପରି ଯେତେ ବନ୍ଧୁ ଅଛନ୍ତି ତାଙ୍କ ମଧ୍ୟରୁ ମାମୁ ହିଁ ଶ୍ରେଷ୍ଠ ବନ୍ଧୁ ବୋଲି କୁହାଯାଇଥାଏ ବା ଧରାଯାଇଥାଏ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ






ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

# ନିର୍ବାଚନ ସରିଗଲେ ବଡ଼ ବଡ଼ ନେତା ଗାଏବ: ପାଣ୍ଡିଆନ

ଭୁବନେଶ୍ୱର,୧୨।୧(ଅନିଲ ଦାସ)

- **ବିକାଶର ହିସାବ ଦେଉଥିବାରୁ ବାରମ୍ବାର ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ ଦେଉଛନ୍ତି ଜନତା**
- **କଳାହାଣ୍ଡି, ସମ୍ବଲପୁର ଏବଂ ରେଙ୍ଗାଲି ନିର୍ବାଚନମଣ୍ଡଳୀରେ ବିକାଶର ହିସାବ ଦେଲେ ପାଣ୍ଡିଆନ**

ବିରୋଧୀ ନେତାଙ୍କୁ ପୁଣି ତେରଛା ବାଣ ମାରିଛନ୍ତି ୫–ଟି ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ। ବିରୋଧୀ ନେତାମାନଙ୍କ ଅସଲ ଚେହେରାକୁ ମଧ୍ୟ ପଦାରେ ପକାଇଦେଇଛନ୍ତି। ସେ କହିଛନ୍ତି, ନିର୍ବାଚନ ଥିବାରୁ ବହୁତ ବଡ଼ ବଡ଼ ନେତା ଆସୁଛନ୍ତି। ବଡ଼ ବଡ଼ ଭାଷଣ ଦେଇ ଆପଣମାନଙ୍କ ସାଙ୍ଗରେ କଥାହୋଇ ପଳାଉଛନ୍ତି। ସେମାନେ ନିର୍ବାଚନ ଆସିଲେ ଦେଖାଦେବେ। ନିର୍ବାଚନ ସରିଗଲେ ଆଉ ଦେଖାମିଳିବ ନାହିଁ। ସମ୍ବଲପୁର ବରେଇପାଲି ଓ ରେଙ୍ଗାଲି ସାଧାରଣ ସଭାରେ ଯୋଗଦେଇ ପାଣ୍ଡିଆନ ବିରୋଧୀ ନେତାଙ୍କୁ ଏଭଳି ସମାଲୋଚନା କରିଛନ୍ତି।

ସେ କହିଛନ୍ତି, ଅନ୍ୟ ଲୋକଙ୍କ ଭଳି ଆମେ ନୋହୁଁ। ଲୋକଙ୍କ ପାଖରେ ପହଞ୍ଚିବା ପାଇଁ ମୁଖ୍ୟମନ୍ତ୍ରୀ ଆମ ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଲୋକଙ୍କ ଅସୁବିଧା ଦୂର କରିବା ଓ ସମସ୍ୟାର ସମାଧାନ କରି ସେମାନଙ୍କ ପାଖକୁ ଯାଇ ହିସାବ ଦେବାକୁ କହିଛନ୍ତି।



ମୁଖ୍ୟମନ୍ତ୍ରୀ ସବୁବେଳେ କାମରେ ବିଶ୍ୱାସ କରନ୍ତି। ଲୋକଙ୍କୁ ସେମାନଙ୍କ ବିକାଶର ହିସାବ ଦେବାରେ ବିଶ୍ୱାସ କରନ୍ତି। ସେଥିପାଇଁ ଲୋକେ ମୁଖ୍ୟମନ୍ତ୍ରୀଙ୍କ ଉପରେ ବିଶ୍ୱାସ ରଖିଛନ୍ତି। ମୁଖ୍ୟମନ୍ତ୍ରୀଙ୍କୁ ବାରମ୍ବାର ଆଶୀର୍ବାଦ ଦେଉଛନ୍ତି। ମୁଖ୍ୟମନ୍ତ୍ରୀ ସାଧାରଣ ଲୋକଙ୍କ ମୁହଁରେ ହସ ଦେଖିଲେ ଖୁସି ହୁଅନ୍ତି। ଗରିବ ଲୋକଙ୍କୁ ବଡ଼ ବଡ଼ ସ୍ୱପ୍ନ ଦେଖି ସାକାର କରିବା ପାଇଁ ସଶକ୍ତ କରି ଆସୁଛନ୍ତି। ଦୁଇଦିନ ତଳେ ଖୋର୍ଦ୍ଧା ଓ ନୟାଗଡ଼ ଜିଲା ଗସ୍ତବେଳେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ କାର୍ଡକୁ ନେଇ ସମ୍ବଲପୁରରେ କେନ୍ଦ୍ରମନ୍ତ୍ରୀ ଦେଇଥିବା ବିବୃତିକୁ ନେଇ ପ୍ରଶ୍ନ ଉଠାଇଥିଲେ ପାଣ୍ଡିଆନ। ସମ୍ବଲପୁରର ଏକ ସଭାରେ କେନ୍ଦ୍ରମନ୍ତ୍ରୀ ବିଏସ୍‌କେୱାଇକୁ ନିନ୍ଦା କରିବା ସହ ଏହା ଲୋକଙ୍କର ଦରକାର ନାହିଁ ବୋଲି କହିଥିଲେ। ଜବାବ ଦେଇ ପାଣ୍ଡିଆନ କହିଥିଲେ ଯେ ଏହି ଯୋଜନା ଯଦି ଏତେ ଖରାପ ତା'ହେଲେ କେନ୍ଦ୍ରମନ୍ତ୍ରୀଙ୍କ ଦଳ ଆଗାମୀ ନିର୍ବାଚନ ବେଳେ ଯେଉଁ ଇସ୍ତାହାର ପ୍ରକାଶ କରିବ ତା'ର ପ୍ରଥମ ପଏଣ୍ଟରେ କ୍ଷମତାକୁ ଆସିଲେ ବିଏସ୍‌କେୱାଇ ବନ୍ଦ କରିବୁ ବୋଲି ଲେଖନ୍ତୁ ବୋଲି କହିଥିଲେ। ଶୁକ୍ରବାର ୫–ଟି ଓ ନବୀନ ଓଡ଼ିଶା ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ ଦୁଇଟି ଜିଲା ଗସ୍ତ କରିଥିଲେ। ପୂର୍ବାହ୍ନରେ କଳାହାଣ୍ଡି ଓ ଅପରାହ୍ନରେ ସମ୍ବଲପୁର ଜିଲାର ବିଭିନ୍ନ ସଭାରେ ଯୋଗଦେଇଥିଲେ। ପ୍ରତି ସ୍ଥାନରେ ପାଣ୍ଡିଆନ ବିକାଶର ହିସାବ ଦେଇଥିଲେ।

# 'ଭୋଟ ଲୋଭରେ ମୌଳିକ ଆବଶ୍ୟକତାକୁ ଅଣଦେଖା କରାଯାଉଛି'

ଭୁବନେଶ୍ୱର, ୧୨।୧(ସୁନିତ୍ ମିଶ୍ର)

ଯେଉଁ ଓଡ଼ିଶାରେ ମା' ମହାଲକ୍ଷ୍ମୀ ଓ ମା' ସୁଭଦ୍ରାଙ୍କ ପୂଜାର୍ଚ୍ଚନା କରାଯାଏ, ସେଠାରେ ଶିଶୁ, ଗର୍ଭବତୀ ମା' ଓ ମହିଳାଙ୍କ ସ୍ୱାସ୍ଥ୍ୟାବସ୍ଥା ଏତେ ଖରାପ କାହିଁକି ବୋଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପ୍ରଶ୍ନ କରିଛନ୍ତି। ଶୁକ୍ରବାର ରାଷ୍ଟ୍ରୀୟ ଯୁବ ଦିବସ ଅବସରରେ କଟକ ଜିଲା ମାହାଙ୍ଗାରେ ଆୟୋଜିତ ଯୁବ ସଂକଳ୍ପ ସମାବେଶରେ ଯୋଗଦେଇ ଧର୍ମେନ୍ଦ୍ର କହିଛନ୍ତି, ରାଜ୍ୟରେ ସ୍ୱାସ୍ଥ୍ୟସେବା ଭୁଶୁଡ଼ି ପଡ଼ିଛି। କେବଳ ଭୋଟ ଜିତିବା ମୋହରେ ସାମାନ୍ୟ ଓଡ଼ିଆ ଲୋକଙ୍କର ମୌଳିକ ଆବଶ୍ୟକତାକୁ ଶାସନ ଦାୟିତ୍ୱରେ ଥିବା ଲୋକମାନେ ଅଣଦେଖା କରୁଛନ୍ତି। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ (ଏନ୍‌ଏଚ୍‌ଏଫ୍‌ଏସ୍) ଅନୁସାରେ ଓଡ଼ିଶାରେ ନବଜାତ ଶିଶୁ, ମହିଳାମାନେ ଅପପୁଷ୍ଟି ଓ ରକ୍ତହୀନତାର ଶିକାର ହେଉଛନ୍ତି। ଓଡ଼ିଶାର ୧୯% ଶିଶୁ ଜନ୍ମ ହେବା ବେଳେ କମ୍ ଓଜନର ଶିକାର ହେଉଛନ୍ତି। ଅପପୁଷ୍ଟିରେ ନବରଙ୍ଗପୁର ଜିଲା ପ୍ରଥମରେ ରହିଛି। ଜିଲାରେ ୪୬.୬% ୫ବର୍ଷର କମ୍ ଶିଶୁ ଅପପୁଷ୍ଟିରେ ଶିକାର ହୋଇଛନ୍ତି। ମୟୂରଭଞ୍ଜରେ ୪୫.୯% ଓ ସମ୍ବଲପୁରରେ ୩୬.୩% ଶିଶୁ ଅପପୁଷ୍ଟିରେ ଶିକାର ହେବା ଚିନ୍ତାର ବିଷୟ। ଆସନ୍ତା ୧୨ ବର୍ଷ ପରେ ଓଡ଼ିଶା ଭାରତର ପ୍ରଥମ ଭାଷାଭିତ୍ତିକ ରାଜ୍ୟ ଭାବେ ୧୦୦ ବର୍ଷ ପୂରଣ କରିବ। ସେତେବେଳେ ଆଜିର ପିଲା ଯୁବାବସ୍ଥାରେ ପହଞ୍ଚିଥିବ। ତେଣୁ ଏଭଳି ପରିସଂଖ୍ୟାନ ଚିନ୍ତାଜନକ। ବର୍ତ୍ତମାନ ଓଡ଼ିଶାର ସ୍ୱାଭିମାନକୁ ଜଗାଇବା ପାଇଁ ପଡ଼ିବ। ତୋଷାମଦକାରୀମାନେ ଜାତି ନନ୍ଦିଘୋଷକୁ ଟାଣି ପାରିବେ ନାହିଁ ବୋଲି ଉତ୍କଳ ଗୌରବ ମଧୁସୂଦନ ଦାସ କହିଥିଲେ। ଯେଉଁମାନେ ନିଜ ସ୍ୱାର୍ଥକୁ ମହତ୍ତ୍ୱ ଦେଇ ଚାଟୁକାରିତା କରୁଛନ୍ତି, ସେମାନଙ୍କ ବିରୋଧରେ ଓଡ଼ିଆ ଲୋକମାନେ ଏକାଠି ହେବେ ବୋଲି ସେ କହିଛନ୍ତି। ଓଡ଼ିଶାରେ କେବଳ ତଳତଳିଆ ଲୋକମାନେ ଭିଜିଲାନ୍ସ ହାତରେ ଧରାପଡୁଥିବା ବେଳେ ବଡ଼ ବଡ଼ ଅଧିକାରୀମାନେ କୁଆଡ଼େ ଗଲେ ବୋଲି ଧର୍ମେନ୍ଦ୍ର ପ୍ରଶ୍ନ କରିଛନ୍ତି। ପ୍ରଧାନମନ୍ତ୍ରୀ ଓଡ଼ିଶାକୁ ଆବାସ ଯୋଜନାରେ ୩୦ ଲକ୍ଷରୁ ଅଧିକ ଘର ଦେଇଛନ୍ତି। କେବଳ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ୨୭ ଲକ୍ଷରୁ ଊର୍ଦ୍ଧ୍ୱ ଘର ଆସିଛି। କିନ୍ତୁ ଏଠାରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଦୁର୍ନୀତିକୁ ନେଇ ପ୍ରତିବାଦ କଲେ ଭାଜପା କାର୍ଯ୍ୟକର୍ତ୍ତାଙ୍କୁ ହତ୍ୟା କରାଯାଉଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।




# ମହାନଦୀ ବିବାଦ: ଟ୍ରିବ୍ୟୁନାଲରେ ସାକ୍ଷ୍ୟ ଗ୍ରହଣ ଜାରି

ନୂଆଦିଲ୍ଲୀ,୧୨।୧

ମହାନଦୀ ଜଳବିବାଦ ଟ୍ରିବ୍ୟୁନାଲରେ ଶୁକ୍ରବାର ସାକ୍ଷୀମାନଙ୍କ ଜବାବ ସୁଆଲ ଜାରି ରହିଛି। ମହାନଦୀ ଅବବାହିକାର ସାମାଜିକ–ଅର୍ଥନୈତିକ ବିକାଶ ପରିପ୍ରେକ୍ଷୀରେ ଓଡ଼ିଶା ସାକ୍ଷୀ ଭାବେ ଉପସ୍ଥାପନ କରିଥିବା ନୂଆଦିଲ୍ଲୀର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇକୋନୋମିକ ଗ୍ରୋଥ୍‌ର ପୂର୍ବତନ ନିର୍ଦ୍ଦେଶକ ଡ. ମନୋଜ ପଣ୍ଡା ଟ୍ରିବ୍ୟୁନାଲରେ ସାକ୍ଷ୍ୟ ରଖିଥିଲେ। ଛତିଶଗଡ଼ ପାଇଁ ପ୍ରତିନିଧିତ୍ୱ କରୁଥିବା ବରିଷ୍ଠ ଆଇନଜୀବୀ ଏ.କେ. ଗାଙ୍ଗୁଲି ତାଙ୍କୁ ଦ୍ୱିତୀୟ ଦିନରେ ପ୍ରଶ୍ନ କରିଥିଲେ। ଫେବୃଆରୀ ୨ ଓ ୩ରେ ହେବାକୁ ଥିବା ପରବର୍ତ୍ତୀ ଶୁଣାଣିବେଳେ ମଧ୍ୟ ତାଙ୍କୁ ଅଧିକ ଜବାବ ସୁଆଲ କରାଯିବ। ଶୁକ୍ରବାର ଶୁଣାଣି ବେଳେ ଗତ ନଭେମ୍ବର ୨୮ରେ ଛତିଶଗଡ଼ ପ୍ରସ୍ତୁତ କରିଥିବା ଜବାବ ସୁଆଲର ପ୍ରତିଲିଖନରେ ଅସଙ୍ଗତି ଥିବା ଓଡ଼ିଶା ପକ୍ଷରୁ ଟ୍ରିବ୍ୟୁନାଲଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଟ୍ରିବ୍ୟୁନାଲ ସମ୍ପୂର୍ଣ୍ଣ ଜବାବ ସୁଆଲର ଅଡିଓ ରେକର୍ଡିଂ ଶୁଣିବା ପରେ ପ୍ରତିଲିଖନ ସଂଶୋଧନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଟ୍ରିବ୍ୟୁନାଲରେ ଓଡ଼ିଶା ମୋଟ ୯ ଜଣ ସାକ୍ଷୀଙ୍କ ତାଲିକା ଦାଖଲ କରିଛି। ମନୋଜ ପଣ୍ଡାଙ୍କ ପରେ ଓୟୁଏଟି କୃଷି ମହାବିଦ୍ୟାଳୟର ପୂର୍ବତନ ଡିନ୍ ଡ. ଦିବାକର ନାଏକ ସାକ୍ଷ୍ୟ ପ୍ରଦାନ କରିବେ।

## ପ୍ରଥମ ପୃଷ୍ଠାରୁ...

## ବ୍ରାହ୍ମଣବରଣ କଲେ ...

କାର୍ଯ୍ୟ ଯେପରି ବୈଦିକ ପରମ୍ପରା ଅନୁସାରେ ହେବ ଏବଂ ସାରା ବିଶ୍ୱ ଯେପରି ଓଡ଼ିଶାର କଳା, ନୈପୁଣ୍ୟକୁ ଦେଖିବା ସହ ରୀତି, ନୀତି, କଳା, ସଂସ୍କୃତି ଓ ପରମ୍ପରାକୁ ଦେଖିବ ସେ ବିଷୟରେ ଗଜପତି ଗୁରୁତ୍ୱ ଦେଇଛନ୍ତି। ଯଜ୍ଞ ସହ ଚାରିଦ୍ୱାରରେ ବେଦପାଠ କରାଯିବ। ମହାପ୍ରଭୁଙ୍କୁ ଦର୍ଶନ କରିବା ପାଇଁ ଯେପରି ୩୩ କୋଟି ଦେବଦେବୀ ଦର୍ଶନ କରିବାକୁ ଆସିଥାନ୍ତି ଠିକ୍ ସେହିଭଳି ବେଦପାଠ ସମୟରେ ଦେବଦେବୀମାନେ ଉପସ୍ଥିତ ହେବେ। ଓଡ଼ିଶାର ଜନସାଧାରଣ ମଧ୍ୟ କାର୍ଯ୍ୟରେ ଯୋଗଦେବେ। ସମସ୍ତଙ୍କ ଉପସ୍ଥିତି ଓ ସହଯୋଗର କାମନା କରାଯାଉଛି। ଦୀର୍ଘ ୭୦୦ ବର୍ଷ ପରେ ଏଭଳି ଏକ ରୂପାନ୍ତରିତ କାର୍ଯ୍ୟ କରାଯାଉଛି, ଯାହାକୁ ଇତିହାସ ମନେରଖିବ ବୋଲି ଗଜପତି କହିଥିଲେ। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପରିକ୍ରମା କାର୍ଯ୍ୟକୁ ରାମସେତୁ ସହ ତୁଳନା କରିଛନ୍ତି। ରାମସେତୁ ନିର୍ମାଣ କରିବା ସମୟରେ ଯେପରି ବାନରଠାରୁ ଭଲ୍ଲୁକ ଏପରିକି ଗୁଣ୍ଡୁଚି ମୂଷା ଓ ସମସ୍ତଙ୍କ ସହଯୋଗ ରହିଥିଲା, ଠିକ୍ ସେହିପରି ପରିକ୍ରମା ପ୍ରକଳ୍ପ କାର୍ଯ୍ୟକ୍ରମରେ ବହୁ ଲୋକଙ୍କ ଆତ୍ମବଳି ରହିଛି। ଉତ୍ସର୍ଗ, ବଳିଦାନ, ସମର୍ପଣ ଓ ତ୍ୟାଗ ରହିଛି। ତେଣୁ ସମସ୍ତଙ୍କୁ ଇତିହାସ ମନେରଖିବ। ୧୭ ତାରିଖ ଦିନ ଜନସାଧାରଣଙ୍କ ଲାଇଭ୍ କାର୍ଯ୍ୟକ୍ରମ କରାଯିବ। ବେଦପାଠ ଓ ଯଜ୍ଞ କାର୍ଯ୍ୟରେ ୧୦୮ ବ୍ରାହ୍ମଣ ଉପସ୍ଥିତ ରହି କାର୍ଯ୍ୟ କରାଯିବ। ଗଜପତି ମହାରାଜାଙ୍କ ପ୍ରତିନିଧି ଭାବରେ ରାଜଗୁରୁ ରହି କାର୍ଯ୍ୟ ପରିଚାଳନା କରିବେ ବୋଲି ଦାସ କହିଛନ୍ତି। ସେହିପରି ବ୍ରାହ୍ମଣ ବିଶ୍ୱମ୍ଭର ଦାଶ କହିଛନ୍ତି, ବ୍ରାହ୍ମଣବରଣ ସହ ଯଜ୍ଞର ପ୍ରଥମ କାର୍ଯ୍ୟ ଆରମ୍ଭ ହୋଇଛି। ଯଜ୍ଞମଣ୍ଡପ, ଅଙ୍କୁରାରୋପଣ ମଣ୍ଡପ ଓ ବ୍ରାହ୍ମଣମାନେ ପ୍ରସ୍ତୁତ ରହିଛନ୍ତି। ଗଜପତି ମହାରାଜା ବ୍ରାହ୍ମଣବରଣ କରିଛନ୍ତି। ତେବେ ସକାଳୁ ଶ୍ରୀନଅରରେ ବିଭିନ୍ନ ନୀତି ଅନୁଷ୍ଠିତ ହୋଇଥିଲା। ଶ୍ରୀନଅରରେ ଜଗପତି ମହାରାଜାଙ୍କ ପଇତାଲାଗି କରାଯାଇଥିଲା। ସେହିପରି ସନ୍ଧ୍ୟାରେ ସିଂହାସନ ଉପରେ ମଙ୍ଗଳାର୍ପଣ ନୀତି ରାଜଗୁରୁଙ୍କ ଦ୍ୱାରା ସମ୍ପନ୍ନ କରାଯାଇଛି। ବେଦ ପାଠ କରାଯାଇଥିଲା। ଗଜପତି ମହାରାଜା ବରଣ କରିବା ପରେ ରାଜଗୁରୁ ୮ଜଣ ବ୍ରାହ୍ମଣଙ୍କୁ ବରଣ କରିଥିଲେ, ଯେଉଁମାନେ ଯଜ୍ଞ କରିବେ। ତେବେ ସମୁଦାୟ ୪୮ଜଣ ବ୍ରାହ୍ମଣଙ୍କୁ ବରଣ କରାଯାଇଛି। ସେମାନଙ୍କୁ ବିଭିନ୍ନ ପଦପଦବୀ ପ୍ରଦାନ କରାଯାଇଛି। ଏହାପରେ ଅଙ୍କୁରାରୋପଣ କରାଯାଇଥିବା ନେଇ ପଣ୍ଡିତ ବିଶ୍ୱମ୍ଭର ଦାଶ କହିଛନ୍ତି ।

## ଓଡ଼ିଶା ପାଇଁ କଂଗ୍ରେସର...

ନିର୍ବାଚନ କମିଟିରେ ୪ ଜଣ ଦଳୀୟ ନେତ୍ରୀଙ୍କୁ ସାମିଲ କରାଯାଇଛି। ପିସିସି ନିର୍ବାଚନ କମିଟିରେ କଂଗ୍ରେସ ବିଧାୟକ ଦଳ ନେତା ନରସିଂହ ମିଶ୍ର, ପୂର୍ବତନ ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ଜୟଦେବ ଜେନା, ପ୍ରସାଦ ହରିଚନ୍ଦନଙ୍କ ସମେତ ପିସିସି ନିର୍ବାଚନ ପ୍ରଚାର କମିଟି ଅଧ୍ୟକ୍ଷ ବିଜୟ ପଟ୍ଟନାୟକ, ଏମ୍‌ପି ସପ୍ତଗିରି ଶଙ୍କର ଉଲାକା, ଭକ୍ତଚରଣ ଦାସ, ସୁଶୀଳା ତିରିଆ, ଅନନ୍ତ ପ୍ରସାଦ ସେଠୀ, ରାମଚନ୍ଦ୍ର ଖୁଣ୍ଟିଆ, ଶରତ ରାଉତ, ସନ୍ତୋଷ ସିଂ ସାଲୁଜା, ଅନିତା ବିଶ୍ୱାଳ, ଅଜୟନ୍ତୀ ପ୍ରଧାନ, ବିଶ୍ୱରଞ୍ଜନ ମହାନ୍ତି, ମାନସ ରଞ୍ଜନ ଚୌଧୁରୀ, ସସ୍ମିତା ବେହେରା ଏବଂ ଶୁଭେନ୍ଦୁ ମହାନ୍ତି ରହିଛନ୍ତି। ଏହାବାଦ୍ ଦଳର ବିଭିନ୍ନ ସେଲ୍‌ର ସଭାପତିମାନେ ଏଥିରେ ରହିଛନ୍ତି। ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କ ଅନୁମୋଦନ ପରେ ବେଣୁଗୋପାଳଙ୍କ ପକ୍ଷରୁ ଏହି ତାଲିକା ଜାରି ହୋଇଛି। ରାଜ୍ୟରେ କଂଗ୍ରେସ ନିଜର ସହଯୋଗୀ ଦଳ ସହ ମିଶିଯିବ ବୋଲି ପୂର୍ବରୁ ସଙ୍କେତ ଦେଇସାରିଛି। ଏବେ ଏହି କମିଟି ବିଭିନ୍ନ ନିର୍ବାଚନମଣ୍ଡଳୀର ଯୋଗ୍ୟ ପ୍ରାର୍ଥୀଙ୍କ ତାଲିକା ପ୍ରସ୍ତୁତକରି ଏଆଇସିସିକୁ ସୁପାରିସ କରିବ। ତେବେ ଏହି କମିଟିରୁ କେତେଜଣ ବରିଷ୍ଠ ନେତାଙ୍କୁ ବାଦ୍ ଦିଆଯାଇଛି। ବିଧାୟକ ତାରାପ୍ରସାଦ ବାହିନୀପତି, ସୁରେଶ ରାଉତରାୟଙ୍କ ସମେତ ପଞ୍ଚାନନ କାନୁନ୍‌ଗୋ ଏବଂ ଗଣେଶ୍ୱର ବେହେରାଙ୍କ ଭଳି ନେତାଙ୍କୁ ଏହି ତାଲିକାରେ ସାମିଲ କରାଯାଇ ନ ଥିବା ଜଣାଯାଇଛି।

## ଦିଲ୍ଲୀ ହାଇକୋର୍ଟରେ ଭାଜପା ...

ହସ୍ତଗତ ତଥ୍ୟ ଅନୁସାରେ ବିଜେଡି ଗତ ୫ ବର୍ଷ ମଧ୍ୟରେ ବିଜ୍ଞାପନରେ ୩୭୮ କୋଟି ଟଙ୍କା ଖର୍ଚ୍ଚ କରିଥିବାବେଳେ ଆତ୍ମପ୍ରଚାର ପାଇଁ ୩୭୮.୬୨୯ କୋଟି ଟଙ୍କା ଖର୍ଚ୍ଚ କରିଥିବା ସେ ଦର୍ଶାଇଥିଲେ। ବିଜ୍ଞାପନ ମଧ୍ୟରେ ଖବରକାଗଜଗୁଡ଼ିକର ପ୍ରଥମ ପୃଷ୍ଠାରେ ପ୍ରକାଶିତ ଆଡ୍ ଏବଂ ରାସ୍ତାକଡ଼ ହୋର୍ଡିଂ ରହିଥିବା ବିଷୟ ସେ ଉଲ୍ଲେଖ କରିଥିଲେ। ଏଥିସହ ଦଳୀୟ ପ୍ରଚାର ପାଇଁ ସରକାରୀ ଅର୍ଥର ଦୁରୁପଯୋଗକୁ ରୋକିବା ନିମନ୍ତେ ବିଜେଡି ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ଲାଗି ଆୟୋଗଙ୍କୁ ନିର୍ଦ୍ଦେଶ ଦେବାକୁ ଆବେଦନକାରୀ ଏଥିରେ ଉଲ୍ଲେଖ କରିଥିଲେ। କାର୍ଯ୍ୟକାରୀ ମୁଖ୍ୟ ବିଚାରପତି ଜଷ୍ଟିସ୍ ମନମୋହନ ଏବଂ ଜଷ୍ଟିସ୍ ମନ୍‌ପ୍ରୀତ ପ୍ରିତମ ସିଂ ଆରୋରାଙ୍କ ଖଣ୍ଡପୀଠ ଯତୀନ୍‌ଙ୍କ ଆବେଦନର ଶୁଣାଣିକରି କହିଛନ୍ତି, ଏଭଳି ଘଟଣା କେବଳ ଓଡ଼ିଶା ନୁହେଁ, ବରଂ ପ୍ରତ୍ୟେକ ରାଜ୍ୟରେ ଦେଖବାକୁ ମିଳୁଛି। ଯୋଜନାର ବିଜ୍ଞାପନ ସମେତ ସବୁକିଛି ଓଡ଼ିଶାରେ ହୋଇଥିବାରୁ ଆବେଦନକାରୀ ଓଡ଼ିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ସେଠାରେ ରିଟ୍ ପିଟିଶନ ଦାଖଲ କରିପାରିବେ। ଖଣ୍ଡପୀଠଙ୍କ ପରାମର୍ଶକ୍ରମେ ଯତୀନ୍‌ଙ୍କ ଓକିଲ ଉକ୍ତ ଆବେଦନକୁ ପ୍ରତ୍ୟାହାର କରିନେଇଛନ୍ତି। ପ୍ରକାଶ ଯେ, ଗତବର୍ଷ ନଭେମ୍ବରରେ ଯତୀନ୍ ଇସିଆଇଙ୍କ ନିକଟରେ ଏକ ଆବେଦନ କରିଥିଲେ। ବିଜେଡି ଆଦର୍ଶ ଆଚରଣ ବିଧିର ଉଲ୍ଲଂଘନ କରୁଥିବା ଅଭିଯୋଗ ଆଣି ଏହାର ନିର୍ବାଚନୀ ଚିହ୍ନ 'ଶଙ୍ଖ'କୁ ରଦ୍ଦ କରିବା ପାଇଁ ସେ ଅନୁରୋଧ କରିଥିଲେ। ତେବେ ଏ ସଂକ୍ରାନ୍ତରେ କୌଣସି ନିର୍ଦ୍ଦେଶନାମା ଜାରି ହୋଇନାହିଁ।

## 'ଆକାଶ–ଏନ୍‌ଜି'ର ...

କ୍ଷେପଣାସ୍ତ୍ରର ସଫଳ ପରୀକ୍ଷା ପାଇଁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ସଙ୍ଗଠନ, ଭାରତୀୟ ବାୟୁସେନା, ସରକାରୀ କ୍ଷେତ୍ରର ଉଦ୍ୟୋଗ ଏବଂ ଶିଳ୍ପକୁ ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ, ଏହି ବ୍ୟବସ୍ଥାର ସଫଳ ବିକାଶ ଦେଶର ପ୍ରତିରକ୍ଷା କ୍ଷମତାକୁ ଆହୁରି ସଶକ୍ତ କରିବ। ପ୍ରତିରକ୍ଷା ଅନୁସନ୍ଧାନ ଏବଂ ବିକାଶ ବିଭାଗର ସଚିବ ଡ. ସମୀର ଭି. କାମତ ମଧ୍ୟ ବିମାନ ପରୀକ୍ଷା ସହ ଏଥିରେ ସାମିଲ ଟିମ୍‌କୁ ଅଭିନନ୍ଦନ ଜଣାଇଛନ୍ତି।

## ମା'ଙ୍କ ସଶକ୍ତୀକରଣ ...

ଲାଗି କୁଇଜ ଓ ବକ୍ତୃତା, ପରୀକ୍ଷାମୂଳକ ଜଳକ୍ରୀଡ଼ା, କୃଷକ ଗୀତ, କାହାଣୀ, ପୋଷ୍ଟକାର୍ଡ ବିନିମୟ, କୃଷକ ସୁବିଧା କେନ୍ଦ୍ର ଓ ଏକ ପରୀକ୍ଷାମୂଳକ ପ୍ରଶିକ୍ଷଣ କେନ୍ଦ୍ରର ବ୍ୟବସ୍ଥା ରହିଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ ହୋଇଥିବା ଇମେଜର ନୂଆ କ୍ୟାମ୍ପସ ଶିରିପୁରଠାରେ ପ୍ରତିଷ୍ଠା କରାଯାଉଛି। ୧୧୩ କୋଟି ଟଙ୍କା ବିନିଯୋଗରେ ନିର୍ମିତ ହେଉଥିବା ଏହି କ୍ୟାମ୍ପସ କୃଷି ସମ୍ପ୍ରସାରଣ କ୍ଷେତ୍ରରେ ଏକ ଉତ୍କର୍ଷ କେନ୍ଦ୍ର ଭାବରେ କାମ କରିବ। ସେହିପରି ନୂଆପଲ୍ଲୀଠାରେ କୃଷି ଉଦ୍ୟୋଗ ଭବନ ପ୍ରତିଷ୍ଠା କରାଯାଉଛି। ଏଥିପାଇଁ ୨୮ କୋଟି ଟଙ୍କା ବିନିଯୋଗ କରାଯିବ। କୃଷି ଉଦ୍ୟୋଗ କ୍ଷେତ୍ରରେ ଏହା ରାଜ୍ୟର ଚାଷୀମାନଙ୍କୁ ପ୍ରୋତ୍ସାହନ ଯୋଗାଇଦେବ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ସମସ୍ୟା, ପରିବହନରେ ଝଗଡ଼ା, ଯାନ ବାହନରେ କ୍ଷତିର ସମ୍ଭାବନା ହେତୁ ସତର୍କତା ରକ୍ଷା କରିବା ଭଲ। କେତେକ କ୍ଷେତ୍ରରେ ହାତରୁ ଖାଇ ପର ପାଇଁ ଖଟିବାକୁ ପଡ଼ିପାରେ। ଶିକ୍ଷା କ୍ଷେତ୍ରରେ ପିଲାଙ୍କ ମଧ୍ୟରେ ପ୍ରତିଯୋଗିତା ମନୋଭାବ ଉପୁଜିପାରେ। ନିକଟ ସମ୍ପର୍କୀୟମାନଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ।

**ବୃଷ**
ଆଜି ଆପଣ ଯୁକ୍ତି ବଳରେ ସମସ୍ୟାର ସମାଧାନ କରିବେ। ଆଜିର ଯାତ୍ରାରେ ଅଭିଳଷିତ ଫଳ ପାଇବେ, କିନ୍ତୁ ସକାଳୁ ସକାଳୁ ଅଯଥା କଥା କଟାକଟି କାରଣରୁ ମନଟା ବିଗିଡ଼ି ଯାଇପାରେ। ବ୍ୟବସାୟ ଓ ପରିବହନ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ପ୍ରଶଂସିତ ହେବେ। ବିଭିନ୍ନ କାରଣକୁ ନେଇ କର୍ମକ୍ଷେତ୍ର ସମସ୍ୟାବହୁଳ ହୋଇପାରେ।

**ମିଥୁନ**
ଆଜି ପ୍ରତ୍ୟେକ କାମ ସମସ୍ୟାବହୁଳ ରହିବା ହେତୁ କିଛି ସମସ୍ୟା ଭିତର ଦେଇ କଟିବ। ବିଭିନ୍ନ ପ୍ରକାର କାର୍ଯ୍ୟବ୍ୟସ୍ତତା କାରଣରୁ ମନ ମଧ୍ୟ ଭଲ ରହିବ ନାହିଁ। ଗୃହ, ଭୂମି, ଗାଡ଼ିମୋଟର ସମ୍ପର୍କୀୟ ଦୁଶ୍ଚିନ୍ତା ଆସିଲେ ମଧ୍ୟ ସମାଧାନ ହୋଇଯିବ। କିନ୍ତୁ ପାରିବାରିକ ସମସ୍ୟା ନେଇ ବିରସ ମନରେ ରହି ବନ୍ଧୁଙ୍କ ସହ ଆଲୋଚନା କରିପାରନ୍ତି।

**କର୍କଟ**
କର୍ମକ୍ଷେତ୍ରରେ ପରିସ୍ଥିତିକୁ ସାମ୍ନା କରିବାକୁ ଯାଇ ଉପସ୍ଥିତ ବୁଦ୍ଧି ଯୋଗୁ ବିପଦମୁକ୍ତ ହେବେ। ଗତକାଲିର ଯୋଜନା ବଦଳାଇବା ପାଇଁ କଷ୍ଟ ସ୍ୱୀକାର କରିବାକୁ ପଡ଼ିବ। ଅର୍ଥ ସମସ୍ୟା, ଯାନବାହନ, ନିର୍ମାଣ କାମ, ସଭା ସମିତି ଓ ମାଙ୍ଗଳିକ କାର୍ଯ୍ୟରେ ବାଧା ଉପୁଜିପାରେ। ପ୍ରତିଦ୍ୱନ୍ଦ୍ୱିତା କିମ୍ବା ପ୍ରତିଯୋଗିତାରେ ସଫଳତା ପାଇବେ।

**ସିଂହ**
ବିଭିନ୍ନ କ୍ଷେତ୍ରରୁ ଅଭିଯୋଗ ଆସିପାରେ, ଯାହାକି ସମସ୍ୟାକୁ ବୃଦ୍ଧି କରିବାରେ ସହାୟକ ହେବ। ଅକୁହା କଥାକୁ ବନ୍ଧୁଙ୍କ ଆଗରେ ବଖାଣି ବସିବେ, ଅବଶ୍ୟ କେବଳ ସହାନୁଭୂତି ବ୍ୟତୀତ କିଛି ଲାଭ ହେବନି। ଅସମ୍ପୂର୍ଣ୍ଣ କାମକୁ ପୂର୍ଣ୍ଣାଙ୍ଗ କରିବାରେ ଅବହେଳା କରିପାରନ୍ତି। କେତେକ କାମ ସକାଶେ ଅନ୍ୟର ସାହାଯ୍ୟ ନେବାକୁ ବାଧ୍ୟହେବେ।

**କନ୍ୟା**
ପରିବାରର ବିଭିନ୍ନ ପ୍ରକାର ବ୍ୟତିକ୍ରମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ପାଖ ପଡ଼ୋଶୀଙ୍କ ଅସଂଯତ କାର୍ଯ୍ୟକଳାପ ସମସ୍ୟାକୁ ବଢ଼ାଇ ଦେବ। କର୍ମକ୍ଷେତ୍ରରେ ଦୁଃସାହସିକ ପଦକ୍ଷେପ ନେଇ ପ୍ରଶଂସିତ ହେବେ। ଧର୍ମାନୁଷ୍ଠାନ କିମ୍ବା ସାଂଗଠନିକ କାର୍ଯ୍ୟର ନେତୃତ୍ୱ ନେଇପାରନ୍ତି।

**ତୁଳା**
ଖଳ ଲୋକଙ୍କ କଥାକୁ ବିଶ୍ୱାସ କରି ନିଜ ଲୋକଙ୍କ ଚକ୍ଷୁଶୂଳ ହେବେ। ଘର ସଜାସଜି କିମ୍ବା ମରାମତି କାମରେ ସମୟ ଅତିବାହିତ କରିବେ। ପାରିବାରିକ ସମସ୍ୟାର ସରଳ ସମାଧାନ କରିବେ। ଅର୍ଥ ସଂକଟ ପୂର୍ବପରି ଲାଗି ରହିବା କାରଣରୁ କେତେକ କାମ ଅଟକି ରହିବ। କର୍ମକ୍ଷେତ୍ରରେ ସଂଯମତା ଅବଲମ୍ବନ କରିବା ଭଲ ହେବ।

**ବିଛା**
ସକାଳୁ ସକାଳୁ ବିଭିନ୍ନ ପ୍ରକାର ଦୁର୍ଭାବନାରେ ମନ ବିଚଳିତ ରହିବ। ପ୍ରଶାସନ,ରାଜନୀତି, ଯାତ୍ରା ଓ କଚେରି ମାମଲା କ୍ଷେତ୍ରରେ ଆଶାଜନକ ଫଳ ପାଇବେ। ଅଜଣା ଅଶୁଣା ବ୍ୟକ୍ତି ପ୍ରତି ସତର୍କ ରୁହନ୍ତୁ, ନଚେତ୍ ଆକସ୍ମିକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟ ଲାଭ କରିପାରନ୍ତି।

**ଧନୁ**
ବିଭିନ୍ନ ସମସ୍ୟା ସାଙ୍ଗକୁ ଖର୍ଚ୍ଚ ବୃଦ୍ଧି କାରଣରୁ ମାନସିକ ସ୍ଥିତି ବିଗିଡ଼ି ଯାଇପାରେ। ଭଲ କଥା କହିଲେ ମଧ୍ୟ ବନ୍ଧୁ ତାହାକୁ ଭୁଲ୍ ଦୃଷ୍ଟିକୋଣରୁ ବିଚାର କରିବେ। ବ୍ୟବସାୟ, ପରିବହନରେ ଆକସ୍ମିକ ସମସ୍ୟାକୁ ଅତି ଚତୁରତାର ସହ ସମାଧାନ କରିବେ। ବନ୍ଧୁଙ୍କ ଦ୍ୱାରା ନିମନ୍ତ୍ରିତ ହୋଇ ମନୋରଞ୍ଜନ କାର୍ଯ୍ୟରେ ଅଂଶଗ୍ରହଣ କରିପାରନ୍ତି।

**ମକର**
ସକାଳୁ ସକାଳୁ କୌଣସି ଶୁଭ ଖବର ମନକୁ ଆହ୍ଲାଦିତ କରିବ। ଆର୍ଥିକ ଅନଟନର ସମ୍ମୁଖୀନ ହେବାକୁ ପଡ଼ିପାରେ। କର୍ମକ୍ଷେତ୍ରରେ ଚୁପ୍‌ଚାପ୍ ହୋଇ ବସିରହିଲେ ବହୁ କ୍ଷତି ସହିବାକୁ ପଡ଼ିବ। ବିପଦପୂର୍ଣ୍ଣ ପରିସ୍ଥିତିରେ ପଦସ୍ଥ ବ୍ୟକ୍ତିଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ।

**କୁମ୍ଭ**
ଆଜି କର୍ମକ୍ଷେତ୍ର, ପରିବାର, ବନ୍ଧୁ ସମ୍ପର୍କ ପ୍ରଭୃତିକୁ ଦୃଢ଼ୀଭୂତ କରିପାରିବେ। ହାତ, ପାଦ କିମ୍ବା ଆଣ୍ଠୁଗଣ୍ଠିରେ ପୀଡ଼ା ଲାଗିପାରେ। ହଠାତ୍ ଯାତ୍ରାରେ କୌଣସି ସ୍ଥାନକୁ ଯିବାକୁ ମନସ୍ଥ କରି ବାଟରୁ ଫେରି ଅସିବାକୁ ପଡ଼ିବ। କୌଣସି ଅନୁଷ୍ଠାନ ତରଫରୁ ଅର୍ଥ ଓ ସମ୍ମାନ ପାଇବେ।

**ମୀନ**
ଆଜି ଛୋଟ କଥାକୁ କେନ୍ଦ୍ରକରି ପରିବାର ଭିତରେ ବିବାଦ ବଢ଼ିପାରେ। ଅଧସ୍ତନ କର୍ମଚାରୀଙ୍କୁ ଅସହ୍ୟ କଟୁକଥା ପ୍ରୟୋଗ କରି ଅପମାନିତ ହେବେ। କର୍ମକ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନେବାକୁ ପଡ଼ିପାରେ। ବାଣିଜ୍ୟ, ବ୍ୟବସାୟରେ ଆଶାନୁରୂପ ସୁଫଳ ପାଇବେ।

ଆଜି ଜାନୁଆରୀ ୧୩ ତାରିଖ, ପୌଷ ଶୁକ୍ଳ ଦ୍ୱିତୀୟା ଯୁକ୍ତ ତୃତୀୟା, ଶନିବାର, ବ୍ୟାସକବି ଫକୀର ମୋହନଙ୍କ ଜୟନ୍ତୀ, ଶରଣଂ, ରାଶିନକ୍ଷତ୍ର–ଶ୍ରବଣା/ମକର, ଦିବା ଘ.୧୨।୪୯ ଗତେ ଧନିଷ୍ଠା ନକ୍ଷତ୍ର, ଦ୍ୱିତୀୟାର ଏକୋଦ୍ଦିଷ୍ଟ ଓ ତୃତୀୟାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୭।୫୫ ମି. ଗତେ ଘ.୦୯।୧୧ ମଧ୍ୟେ, ଘ.୧୨।୧୬ ଗତେ ଘ.୦୧।୧୬ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୯।୧୧ ମି. ଗତେ ଘ.୧୦।୩୩ ମି. ମଧ୍ୟେ ରାହୁକାଳ।

# କଳା, ସ୍ଥାପତ୍ୟ ଆମ ପରିଚୟ: ମୁଖ୍ୟମନ୍ତ୍ରୀ

## ସୁକିନ୍ଦା ଟସର କରିଡର ଭାବେ ପରିଚିତ

ଯାଜପୁର/ଭୁବନେଶ୍ୱର, ୧୨।୧
(ହର୍ଷବର୍ଦ୍ଧନ ବେହେରା/ ଅନିଲ ଦାସ)

ସାରା ବିଶ୍ୱରେ ଓଡ଼ିଶାର ହସ୍ତଶିଳ୍ପ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯାଜପୁର ଜିଲାର ଯାଜପୁରରୋଡ୍ ଯଯାତି କୋର୍ଟୟାର୍ଡରେ ଦ୍ୱିତୀୟ ଅନ୍ତର୍ଜାତୀୟ କ୍ରାଫ୍ଟ ସମ୍ମିଳନୀକୁ ଭର୍ଚୁଆଲରେ ଉଦଘାଟନ କରି ଏହା କହିଛନ୍ତି। ଓଡ଼ିଶା କଳା ଓ ହସ୍ତଶିଳ୍ପର ମାଟି। ଏହା ଆମର ପରିଚୟ। ଏହି ସମ୍ମିଳନୀ ବିଶ୍ୱସ୍ତରରେ ଓଡ଼ିଶାର ମର୍ଯ୍ୟାଦାକୁ ଅକ୍ଷୁଣ୍ଣ ରଖିବ। ଓଡ଼ିଶାକୁ ବିଶ୍ୱର ପର୍ଯ୍ୟଟନ ହବ୍‌ସ୍ପଟ୍ କରିବାକୁ ରାଜ୍ୟ ସରକାର ଦୃଢ଼ତାର ସହିତ କାର୍ଯ୍ୟ କରୁଛନ୍ତି। ପର୍ଯ୍ୟଟନ କ୍ଷେତ୍ରରେ ଜୀବିକା ଓ ନିଯୁକ୍ତି ସୁଯୋଗ ସୃଷ୍ଟି କରିବା ସହ ଏ ଦିଗରେ ପୁଞ୍ଜିବିନିଯୋଗକାରୀଙ୍କୁ ଆକର୍ଷିତ କରିବାକୁ ଉଦ୍ୟମ ଅବ୍ୟାହତ ରଖିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିନିଧିମାନଙ୍କୁ ସ୍ୱାଗତ କରିବା ସହ ମୁଖ୍ୟମନ୍ତ୍ରୀ ରାଜ୍ୟ ସରକାରଙ୍କ ୫-ଟି ମଡେଲ ସମ୍ପର୍କରେ ସୂଚନା ଦେଇଛନ୍ତି। ଦେଶରେ କାରୁକଳାରେ ଅନ୍ୟତମ ପ୍ରମୁଖ ରାଜ୍ୟ ହେଉଛି ଓଡ଼ିଶା। ରାଜ୍ୟର ସଂଖ୍ୟାଧିକ କଳାକାର ପଦ୍ମ ଭଳି ଜାତୀୟ ପୁରସ୍କାର ପାଇ ପାରିଛନ୍ତି। ଜଗନ୍ନାଥ ସଂସ୍କୃତି ସମ୍ପର୍କରେ ସୂଚନା ଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି, ଯାଜପୁରର ସାଂସ୍କୃତିକ ଐତିହ୍ୟ ବିଭିନ୍ନ କଳାରେ ପ୍ରତିଫଳିତ ହୋଇଛି। ଜିଲାର କଳାକାରମାନେ ନିଜର ଡିଜାଇନ ଓ ପାରମ୍ପରିକ ଚିତ୍ରକଳା, ସ୍ଥାପତ୍ୟ ଓ ହସ୍ତକଳା ପାଇଁ ସର୍ବଦା ଆଗରେ ରହି ଆସିଛନ୍ତି। ଯାଜପୁର ଓଡ଼ିଶାର ପୁରୁଣା ରାଜଧାନୀ ଏବଂ ଏଠାରେ ବହୁ ଧାର୍ମିକ ଓ ବୌଦ୍ଧିକ ପର୍ଯ୍ୟଟନ କ୍ଷେତ୍ର ରହିଛି। ଏହାସହ ଜିଲାରେ ଶିଳ୍ପ କାରଖାନାର ବୃଦ୍ଧି ଘଟୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଗ୍ରାମ୍ୟ ଓ ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗର ମନ୍ତ୍ରୀ ପ୍ରୀତିରଞ୍ଜନ ଘଡ଼େଇ ଯୋଗଦେଇ ଯାଜପୁର ଜିଲାର ସୁକିନ୍ଦା ଅଞ୍ଚଳରେ ଟସର ଉତ୍ପାଦନ ଏସିଆ ମହାଦେଶରେ ରେକର୍ଡ ସୃଷ୍ଟି କରିଛି। ଏପରି କି ସୁକିନ୍ଦା ବ୍ଲକ ସାରା ବିଶ୍ୱରେ ଏକ ଟସର କରିଡର ଭାବେ ସୁନାମ ଅର୍ଜନ କରିପାରିଛି ବୋଲି ମନ୍ତ୍ରୀ ଘଡ଼େଇ କହିଛନ୍ତି। ହସ୍ତଶିଳ୍ପ ପାଇଁ ଯାଜପୁର ଜିଲା ପ୍ରସିଦ୍ଧି ଲାଭ କରିଛି। କାରିଗରମାନଙ୍କୁ ରାଜ୍ୟ ସରକାର ସମସ୍ତ




ପ୍ରକାର ସହଯୋଗ ପ୍ରଦାନ କରି ଆସୁଛନ୍ତି ବୋଲି ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ରୀତା ସାହୁ କହିଛନ୍ତି। ଏହାପରେ ପେନାଲ ଆଲୋଚନାରେ ବୟନଶିଳ୍ପ ନିର୍ଦ୍ଦେଶକ ଶୋଭନ କ୍ରିଷ୍ଣା ସାହୁ, ନ୍ୟାଶନାଲ ମୋମମେଣ୍ଟ ଅଥରିଟିର ନିର୍ଦ୍ଦେଶକ କିଶୋର ବସା, ହିନ୍ଦୀ ସିନେମା ଜଗତର ପ୍ରସିଦ୍ଧ କଳାକାର ନୱାଜୁଦ୍ଦିନ ସିଦ୍ଦିକି ଏବଂ ଶିକ୍ଷାବିତ ସୌମ୍ୟ କୁଳଶ୍ରେଷ୍ଠ ଯୋଗଦେଇ ହସ୍ତଶିଳ୍ପ ଓ ହସ୍ତତନ୍ତର ଭବିଷ୍ୟତ ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ସିଦ୍ଦିକି କହିଛନ୍ତି, ଜଣେ କାରିଗର ମଧ୍ୟ ଜଣେ କଳାକାର। ମନର ଭାବନାକୁ ମୂର୍ତ୍ତି କିମ୍ବା ଚିତ୍ର ଆଙ୍କି ପରିପ୍ରକାଶ କରିଥାଏ। ଓଡ଼ିଶା କଳାର ରାଜ୍ୟ। ଶ୍ରୀଜଗନ୍ନାଥଙ୍କ ମହିମାରେ ଏଠାକାର ସଂସ୍କୃତି ଓ ପରମ୍ପରା ସର୍ବଜନବିଦିତ। ସେ ଆଉ ଥରେ ଆସିଲେ ନିଶ୍ଚିତ ଭାବେ ଶ୍ରୀଜଗନ୍ନାଥଙ୍କ ଦର୍ଶନ କରିବାକୁ ଯିବେ ବୋଲି ସିଦ୍ଦିକି କହିଛନ୍ତି।

ଦ୍ୱିତୀୟ ପେନାଲ ଆଲୋଚନାରେ ପଦ୍ମବିଭୂଷଣ ସୁଦର୍ଶନ ସାହୁ, ଓଡ଼ିଶା ହସ୍ତତନ୍ତ ଏବଂ ହସ୍ତଶିଳ୍ପ ବିକାଶ ପରିଷଦର ସଭ୍ୟ ପ୍ରିୟରଞ୍ଜନ କର, ଓଡ଼ିଶା ଶିଳ୍ପୀ ମହାସଂଘର ସଭାପତି ଉଦୟ ମହାନ୍ତି, ଜାତୀୟ ପୁରସ୍କାରପ୍ରାପ୍ତ ସୌଦାମିନୀ ସ୍ୱାଇଁ ଓ ଅରୁଣାଚଳ ପ୍ରଦେଶର କ୍ରାଫ୍ଟ କନ୍‌ସଲଟାଣ୍ଟ କାବ୍ୟ ସକ୍ସେନା ଯୋଗଦେଇ ରାଜ୍ୟର କାରିଗରମାନଙ୍କ ସ୍ଥିତି ସମ୍ପର୍କରେ ଆଲୋଚନା କରିଥିଲେ। କାରିଗରମାନଙ୍କୁ ଉପଯୁକ୍ତ ଭାବେ ଚିହ୍ନଟକରି ଆବଶ୍ୟକ କଞ୍ଚାମାଲ ଯୋଗାଇଦେଲେ ସେମାନଙ୍କ ଆର୍ଥିକ ସ୍ଥିତି ଆହୁରି ସୁଦୃଢ଼ ହୋଇପାରିବ ବୋଲି ଏହି ଆଲୋଚନାରେ ମତପ୍ରକାଶ ପାଇଥିଲା। ଦ୍ୱିତୀୟ ସେସନରେ କଦମର ପ୍ରତିଷ୍ଠାତା ପାୟଲ ନାଥ, ଓଖାଇର ସିଇଓ ମନୋରଥ ଢିଲୋନ, ରଙ୍ଗସୂତ୍ରର ନିର୍ଦ୍ଦେଶକ ସୁମିତା ଘୋଷ, କଦମହାଟର ପରିଚାଳନା ମୁଖ୍ୟ ମ୍ରିନାଲ ଜୈନ ଏବଂ କୋରବ୍ରୁକ ବେଲଜିୟମର କୋଓର୍ଡିନେଟର ଷ୍ଟନ ଦେବେଲି, ନାଇଜିରିଆର ଫ୍ରାନ୍ସିସ ସୋକୋମ୍ବା, ଲେଖିକା ସୌମ୍ୟା କୁଳଶ୍ରେଷ୍ଠ, ୱେଷ୍ଟଇଣ୍ଡିଜର ପାମେଲା ବର୍ଣ୍ଣସାଇଡ, ସ୍କଟ୍‌ଲାଣ୍ଡର ପପି ଜରଟ୍ ଏବଂ ଶେଷ ଅଧିବେଶନରେ ଆଇକାର ମିନୁ ଚୋପ୍ରା, ଗୋକପର ପ୍ରତିଷ୍ଠାତା ଶିବା ଦେଭିରେଡ୍ଡି, ଆଇକା ସଭାନେତ୍ରୀ ରୂପା ମେହେଟ୍ଟା ଓ ମନ ଅମି ଫାଉଣ୍ଡେଶନର ପ୍ରତିଷ୍ଠାତା ଅନୁରାଗ ରଣା ଯୋଗଦେଇ ହସ୍ତଶିଳ୍ପର ଭବିଷ୍ୟତ ଓ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଆଲୋଚନା କରିଥିଲେ।

# ସ୍କୁଲ ଅଧ୍ୟକ୍ଷଙ୍କୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତି

ଭୁବନେଶ୍ୱର, ୧୨।୧(ଅସମାପିକା ସାହୁ)

## ଯୁକ୍ତ୨ ପରୀକ୍ଷା

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ(ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ ଯୁକ୍ତ୨ ଥିଓରି ପରୀକ୍ଷା ଫେବୃଆରୀ ୧୬ରୁ ଆରମ୍ଭ ହେବ। ଏଥିପାଇଁ ଅଧ୍ୟକ୍ଷଙ୍କୁ ନିଜ ପରୀକ୍ଷା କେନ୍ଦ୍ରର ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତ କରାଯାଇଛି। ଏ ନେଇ ସିଏଚ୍‌ଏସ୍‌ଇ ପକ୍ଷରୁ ସମସ୍ତ ପରୀକ୍ଷା କେନ୍ଦ୍ରର ଅଧ୍ୟକ୍ଷଙ୍କୁ ଚିଠି ଲେଖି ଅବଗତ କରାଯାଇଛି। ତେବେ ଅଧ୍ୟକ୍ଷଙ୍କ ନିଜ ଝିଅ, ପୁଅ, ଭଉଣୀ, ଭାଇ, ମାତା, ପିତା ସେଠାରେ ପରୀକ୍ଷା ଦେଉଥିଲେ ସେମାନେ ଉକ୍ତ ଶିକ୍ଷାନୁଷ୍ଠାନର ବରିଷ୍ଠ ଶିକ୍ଷକଙ୍କୁ ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ଭାବେ ନିଯୁକ୍ତି କରିପାରିବେ। ଏଥିସହ ପରୀକ୍ଷା କେନ୍ଦ୍ରରେ ପିଲାଙ୍କ ସଂଖ୍ୟାକୁ ଦେଖି ଡେପୁଟି ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟ ନିଯୁକ୍ତ କରାଯିବାକୁ କୁହାଯାଇଛି। ୩୧ତାରିଖ ସୁଦ୍ଧା ସେଣ୍ଟର ସୁପରିଣ୍ଟେଣ୍ଡେଣ୍ଟଙ୍କ ନାମ ଏବଂ ଫୋନ୍ ନମ୍ବର coechseodisha@gmail.comକୁ ମେଲ୍ କରି ପଠାଇବା ପାଇଁ ପରିଷଦ ଚିଠିରେ ନିର୍ଦ୍ଦେଶ ଦେଇଛି।

ଅନ୍ୟପକ୍ଷରେ ଯୁକ୍ତ୨ ପ୍ରାକ୍ଟିକାଲ ପରୀକ୍ଷା ଶୁକ୍ରବାର ଶେଷ ହୋଇଛି। ତେବେ ଫେବୃଆରୀରେ ଆରମ୍ଭ ହେବାକୁ ଥିବା ଥିଓରି ପରୀକ୍ଷା ମାର୍ଚ୍ଚ ୨୦ରେ ସରିବ। ଚଳିତବର୍ଷ ମୋଟ ୩,୮୪,୫୯୭ଜଣ ଫର୍ମ ପୂରଣ କରିଛନ୍ତି। ଏମାନଙ୍କ ମଧ୍ୟରେ ୩,୫୯,୦୩୯ଜଣ ରେଗୁଲାର ଓ ୨୫,୫୫୮ଜଣ ଏକ୍ସ-ରେଗୁଲାର ଛାତ୍ରୀଛାତ୍ର ରହିଛନ୍ତି। ସେହିଭଳି ଚଳିତବର୍ଷ କଳାରେ ମୋଟ ୨,୩୬,୪୨୫ଜଣ ପରୀକ୍ଷା ପାଇଁ ଫର୍ମ ପୂରଣ କରିଥିବା ବେଳେ ବିଜ୍ଞାନରେ ୧,୧୬,୪୪୭, ବାଣିଜ୍ୟରେ ୨୫,୯୬୦ ଏବଂ ଧନ୍ଦାମୂଳକ ଶିକ୍ଷାରେ ୫,୭୬୫ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେବେ।

ଭାରତ ପେଟ୍ରୋଲିୟମ କର୍ପୋରେଶନ୍ ଲିମିଟେଡ୍
(ଏକ ଭାରତ ସରକାରଙ୍କ ଉଦ୍ୟୋଗ)
Bharat Petroleum

**ଲିଜ୍‌ରେ ହଲିଡ଼େ ହୋମ୍ ଆବଶ୍ୟକ**

ଭାରତ ପେଟ୍ରୋଲିୟମ **ପୁରୀରେ** ହଲିଡ଼େ ହୋମ୍ ପାଇଁ ବଙ୍ଗଳା / ଭିଲ୍ଲା ଲିଜ୍‌ରେ ନେବା ପାଇଁ ଚାହୁଁଛି ଏବଂ ଅଧିକ ବିବରଣୀ ପାଇଁ ଦୟାକରି ଦେଖନ୍ତୁ ୱେବସାଇଟ୍ **https://www.bharatpetroleum.in/** ଟେଣ୍ଡର୍ସ / ଭ୍ୟୁ-ଟେଣ୍ଡର୍ସ ଏବଂ **ଏଚଆରଏସ୍ କର୍ପୋରେଟ୍** ବିଭାଗ ଚୟନ କରନ୍ତୁ।
**ଯୋଗାଯୋଗ ନଂ.** 033-24293132
ଉପରୋକ୍ତ ବିଷୟ ଉପରେ କୌଣସି ଅଧିକ ଶୁଦ୍ଧିପତ୍ର ଆମର ୱେବସାଇଟ୍ **www.bharatpetroleum.in** ରେ ପ୍ରକାଶିତ ହେବ ଏବଂ ପ୍ରେସ୍‌ରେ ନୁହେଁ।
Bharatgas COOK FOOD. SERVE LOVE. | MAK LUBRICANTS | Bharat Petroleum Aviation Service
ଜୀବନକୁ ସଶକ୍ତ କରିବା, ନୂଆ ଭାରତକୁ ସଶକ୍ତ କରିବା

**CAREER APPOINTMENT**
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385
Email : advt@dharitri.com

**REQUIREMENT**
Commerce Graduate with Computer knowledge staff is required for Tax Consultancy Chamber in BBSR.
**Ph: 9861030204**
**9439778397**

**APPOINTMENT**
Used Car Showroom in Bhubaneswar requires **FRONT OFFICE EXECUTIVE cum TELECALLER MARKETING** professionals with experience in used car sales and purchase and finance and driving experience of four wheeler.
**For details contact:**
**7381091234, 9861194627**

**LCJ SILVER-LALCHND JEWELLERS REQUIRED**
**SALES STAFF: 7Nos.** For the Bhubaneswar Store.
**Minimum Quali:** +3 & 2 Years Retail Experience.
*Send Resume at* ***Mail ID: indramani_r@yahoo.com***
or **Call: 0674-2535555, 9776456453.**

**WANTED**
ଧରିତ୍ରୀ DHARITRI Oriya daily is looking for
**Layout Designers**
- Minimum 3 years+ experience in print media.
- Proficiency in InDesign, Photoshop, CorelDRAW is a must.

Apply within 7 days to :
recruitment@dharitri.com
Attractive salary commensurate with experience

**WALK IN-INTERVIEW**
A Bhubaneswar based leading Advertising Agency dealing in Print, Electronic & Outdoor Media requires

**BUSINESS EXECUTIVE (M/F)**
Qualification: Graduate / Post Graduate having pleasing personality with minimum 50% mark in English in Graduation Level. Own Two Wheeler with Good Communication Skill .

**FRONT / BACK OFFICE (M/F)**
Qualification: Graduate / Post Graduate having pleasing personality with Computer Knowledge & having knowledge in English & Odia & willing to work on Shift Wise.
(Working Hour : 10.00 AM to 06.00 PM / 02.00 PM to 10.00 PM)

Interested candidates may walk in-Interview at the following address with detail resumes, copies of testimonials on 15.01.2024 & 17.01.2024 between 10 am to 2 pm.

**Display Line**
A/173, Saheed Nagar, (Near Sparsh Hospital),
Bhubaneswar- 751007
Ph. : (0674) 3134352, 9861028004 (M)

DSPL-539

ମିଶନ ଶକ୍ତି | ODISHA MILLETS MISSION | TDCC | ଆମ ଓଡ଼ିଶା ନବୀନ ଓଡ଼ିଶା

**ଖରିଫ ମାଣ୍ଡିଆ ସଂଗ୍ରହ ପାଇଁ ଚାଷୀ ପଞ୍ଜିକରଣ**
**ଅବଧି ଜାନୁୟାରୀ ୧୫ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଗଲା**
ମାଣ୍ଡିଆ ସଂଗ୍ରହ ବର୍ଷ : ୨୦୨୩-୨୪



- ଚଳିତ ବର୍ଷ ଖରିଫ ମାଣ୍ଡିଆ ସଂଗ୍ରହ ୦୧ ଜାନୁୟାରୀ ମାସରୁ ଆରମ୍ଭ ହୋଇ ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଚାଲୁ ରହିବ।
- ସମସ୍ତ ମାଣ୍ଡିଆ ଚାଷୀ ନିକଟସ୍ଥ ଅନୁମୋଦିତ ସଂଗ୍ରହକାରୀ ସଂସ୍ଥା ଯଥା : କୃଷକ ସଂଗଠନ, PACS/LAMPCS, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ୧୫ ଜାନୁୟାରୀ ୨୦୨୪ ମଧ୍ୟରେ ପଞ୍ଜିକରଣ କରିବାକୁ ଅନୁରୋଧ।

**ପଞ୍ଜିକରଣ ପ୍ରକ୍ରିୟା :**
- ପୂର୍ବରୁ ପଞ୍ଜିକୃତ ହୋଇଥିବା ଚାଷୀ ଯଦି ପୂର୍ବରୁ ପ୍ରଦାନ କରିଥିବା ତଥ୍ୟରେ କିଛି ପରିବର୍ତ୍ତନ କରିବାକୁ ଚାହାନ୍ତି ତେବେ ସେମାନେ ମାଣ୍ଡିଆ ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ନିର୍ଦ୍ଧାରିତ ପଞ୍ଜିକରଣ ସମୟ ସୀମା ମଧ୍ୟରେ ଯୋଗାଯୋଗ କରି ପୂର୍ବରୁ ପଞ୍ଜିକୃତ ତଥ୍ୟରେ ଆବଶ୍ୟକୀୟ ସଂଶୋଧନ କରିପାରିବେ।
- ଚଳିତ ବର୍ଷ ଯେଉଁ ନୂତନ ଚାଷୀ ଏହି ପଞ୍ଜିକରଣ କରିବାକୁ ଆଗ୍ରହୀ ତେବେ ସେମାନେ ନିକଟସ୍ଥ ସଂଗ୍ରହକାରୀ ସଂସ୍ଥା କିମ୍ବା ନିକଟସ୍ଥ କୃଷି କାର୍ଯ୍ୟାଳୟରୁ ପଞ୍ଜିକରଣ ସମ୍ପର୍କିତ ସମସ୍ତ ତଥ୍ୟ ପାଇବା ସହ ପଞ୍ଜିକରଣ ମଧ୍ୟ କରିପାରିବେ।
- ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ।

**ପଞ୍ଜିକରଣ ଅବଧି :**
- ନିର୍ଦ୍ଧାରିତ ସମୟର ଯଥେଷ୍ଟ ପୂର୍ବରୁ ତଥା ଶେଷ ତାରିଖକୁ ଅପେକ୍ଷା ନ କରି ପ୍ରତ୍ୟେକ ମାଣ୍ଡିଆ ଚାଷୀ, ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ଆବଶ୍ୟକୀୟ ଫର୍ମ ଦାଖଲ କରିବାକୁ ଅନୁରୋଧ।
- ଖରିଫ ମାଣ୍ଡିଆ ବିକ୍ରୟ ସମ୍ପର୍କୀୟ ନିର୍ଦ୍ଦିଷ୍ଟ ତାରିଖ ଉକ୍ତ ଫର୍ମରେ ଉଲ୍ଲେଖ କରିବାକୁ ହେବ।
- ଚାଷୀମାନେ ବିଗତ ବର୍ଷ ଯେଉଁ ସଂଗ୍ରହକାରୀ ସଂସ୍ଥାରେ ପଞ୍ଜିକରଣ କରିଥିଲେ ସେହିଠାରେ ସମ୍ପର୍କ କରିବା ଆବଶ୍ୟକ।
- ଯେଉଁ ଜିଲ୍ଲା/ବ୍ଲକ ଗୁଡିକରେ ନୂତନ ଭାବରେ ମାଣ୍ଡିଆ ଚାଷ କରାଯାଇଛି, ଉକ୍ତ ଚାଷୀମାନେ ନିକଟସ୍ଥ ବ୍ଲକ କୃଷି ଅଧିକାରୀଙ୍କ ସହ ଯୋଗାଯୋଗ କରିବାକୁ ଅନୁରୋଧ। ଅଧିକ ସୂଚନା www.tdccorissa.org ୱେବସାଇଟରେ ଉପଲବ୍ଧ ଅଟେ।

**ସଂଗ୍ରହକାରୀ ସଂସ୍ଥାର ଦାୟିତ୍ୱ :**
- ମାଣ୍ଡିଆ ବିକ୍ରୟ ପାଇଁ ଇଚ୍ଛୁକ ଥିବା ନୂତନ ଚାଷୀମାନଙ୍କୁ ପଞ୍ଜିକରଣ କରାଇବା।
- ପଞ୍ଜିକରଣ ଫର୍ମରେ ଥିବା ସମସ୍ତ ତଥ୍ୟକୁ ଜାନୁୟାରୀ ମାସ ୧୫ତାରିଖ ମଧ୍ୟରେ loginରେ ଡିଜିଟାଇଜ କରିବା ସହ ପଞ୍ଜିକୃତ ଫର୍ମ ନିର୍ଭୁଲ ବୋଲି ସୁନିଶ୍ଚିତ କରିବା।
- ଅଣ ଚାଷୀ କିମ୍ବା ଭୁଲ ତଥ୍ୟ ପ୍ରଦାନ କରିଥିବା ଚାଷୀଙ୍କୁ ପଞ୍ଜିକୃତ କରିବେ ନାହିଁ।
- ପଞ୍ଜିକରଣ ଶୀଘ୍ର ହେବା ସହ ତ୍ରୁଟିଶୂନ୍ୟ ଚାଷୀ ତାଲିକା ପ୍ରସ୍ତୁତ ହେବା ଆବଶ୍ୟକ।
- ସଂଗ୍ରହକାରୀ ସଂସ୍ଥା କାର୍ଯ୍ୟାଳୟରେ ପାନୀୟ ଜଳ ଏବଂ ପ୍ରାଥମିକ ଚିକିତ୍ସା ବାକ୍ସର ବ୍ୟବସ୍ଥା କରିବେ।



**ଭାଗ ଚାଷୀ :**
ଭାଗ ଚାଷୀମାନେ ମଧ୍ୟ ପଞ୍ଜିକରଣ ପ୍ରକ୍ରିୟାରେ ନିୟମ ମତେ ଅଂଶ ଗ୍ରହଣ କରିପାରିବେ।

**କ୍ଷୁଦ୍ର ଓ ନାମମାତ୍ର ଚାଷୀ :**
ଅଧିକରୁ ଅଧିକ କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କୁ ମାଣ୍ଡିଆ ସଂଗ୍ରହ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରିବା ରାଜ୍ୟ ସରକାରଙ୍କ ଲକ୍ଷ୍ୟ।

₹ ୩୮୪୬/-
କୁଇଣ୍ଟାଲ ପ୍ରତି
(୨୦୨୩-୨୪ ଖରିଫ ଋତୁ ପାଇଁ ସର୍ବନିମ୍ନ ସହାୟକ ମୂଲ୍ୟ)

For more details visit- **www.milletsodisha.com** | Follow us on **Odisha Millets Mission**

OIPR-01510/13/0016/2324

> ଭଗବାନ ତାଙ୍କର ଦୁଇପ୍ରକାର ଭୃତ୍ୟଙ୍କ କାର୍ଯ୍ୟକୁ ଖୁବ୍ ପସନ୍ଦ କରନ୍ତି- ଯେଉଁ ଭୃତ୍ୟ ପରମଶ୍ରଦ୍ଧାରେ ଖୁବ୍ ନୀରବ ଶାନ୍ତ ମନରେ ତାଙ୍କ ମନ୍ଦିରର ପ୍ରାଙ୍ଗଣ ସମାର୍ଜନ କରୁଥାଏ ଏବଂ ଯେଉଁ ଜଣକ ତାଙ୍କ ସହିତ ପୃଥିବୀର ଯୁଦ୍ଧ ଭୂମିରେ ବୀରତ୍ୱର ସହିତ ଯୁଦ୍ଧ କରୁଥାଏ ଈଶ୍ୱରଙ୍କ ବିଜୟ ସମାପନ ହେବା ଯାଏ । -ଶ୍ରୀଅରବିନ୍ଦ

# ରେଲ୍‌ୱେ ବୋର୍ଡରେ ଅଦଳବଦଳ



## ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ନିକଟରେ ରେଲ୍‌ୱେ ବୋର୍ଡରେ ଅଦଳବଦଳ କରାଯାଇଥିଲା । ଏଥିରେ ସୀମା କୁମାର, ନବୀନ ଗୁଲାଟି ଏବଂ ସତୀଶ କୁମାରଙ୍କ ନିଯୁକ୍ତିକୁ ନେଇ ପ୍ରଶ୍ନ ବି ଉଠିଥିଲା । ତେବେ ଏଭଳି ହେବ ବୋଲି ଅନୁମାନ କରାଯାଉଥିଲାବେଳେ ମେମ୍ବର ଫାଇନାନ୍ସ ଅନିଶ୍ଚିତତା ଘେରରେ ରହିଥିଲା । ଏବେ ରେଳମନ୍ତ୍ରଣାଳୟ ଭଦୋଦରାସ୍ଥିତ ନ୍ୟାଶନାଲ ଏକାଡେମୀ ଅଫ୍ ଇଣ୍ଡିଆନ ରେଲ୍‌ୱେ(ଏନ୍ଏଆଇଆର୍)ର ନବନିଯୁକ୍ତ ମହାନିର୍ଦ୍ଦେଶକ(ଡିଜି)ଙ୍କ ଔପଚାରିକ ଦାୟିତ୍ୱ ପାଇଁ ନିଆରା ବ୍ୟବସ୍ଥା ପ୍ରସ୍ତୁତ କରି ସବୁ ଅନୁମାନର ଅନ୍ତ ଘଟାଇଛି । ଏକ ନୂଆ ଆଦେଶକ୍ରମେ ଦିଲ୍ଲୀସ୍ଥିତ ରେଲ୍‌ୱେ ବୋର୍ଡରୁ ରୂପା ଶ୍ରୀନିବାସନ ଏନ୍ଏଆଇଆର୍‌ର ଡିଜି ଭାବେ ଦାୟିତ୍ୱ ନିର୍ବାହ କରିବା ଲାଗି ସ୍ଥିର କରାଯାଇଛି । କୌତୂହଳର ବିଷୟ, ଶ୍ରୀନିବାସନ ମଧ୍ୟ ରେଲ୍‌ୱେ ବୋର୍ଡର ଫାଇନାନ୍ସ ମେମ୍ବର ପଦବୀର ଦାୟିତ୍ୱ ଜାରି ରଖିବେ । ଗତ ମାସରେ ଅଞ୍ଜଳି ଗୋୟଲଙ୍କ ଅବସର ପରେ ଚଳିତ ମାସରେ ସେ ଏହି ଦାୟିତ୍ୱ ନେଇଛନ୍ତି । କିନ୍ତୁ ଭଦୋଦରାସ୍ଥିତ ଗତିଶକ୍ତି ବିଶ୍ୱବିଦ୍ୟାଳୟ(ଜିଏସ୍‌ଭି)ର ନୂଆକରି ଦାୟିତ୍ୱ ଗ୍ରହଣ କରିଥିବା କୁଳପତିଙ୍କ ନିୟନ୍ତ୍ରଣରେ ଏବେ ସମ୍ପୂର୍ଣ୍ଣ ଏନ୍ଏଆଇଆର୍ ଭିତ୍ତିଭୂମିକୁ ରଖାଯାଇଛି । ପୂର୍ବରୁ ସିଧାସଳଖ ଏନ୍ଏଆଇଆର୍ ଡିଜି ଏହି ଭିତ୍ତିଭୂମିର ବୁଝାଶୁଝା କରୁଥିଲେ । ସୂତ୍ରରୁ ଜଣାପଡ଼ିଛି ଯେ ମନ୍ତ୍ରଣାଳୟର ଏହି ନିଷ୍ପତ୍ତି କେବଳ ପ୍ରଶାସନିକ ଢାଞ୍ଚାକୁ ବ୍ୟବସ୍ଥିତ କରିନାହିଁ, ବରଂ ଏହା ଏକ ନୂଆ ଯୁଗକୁ ବାଟ କଢାଇ ନେବା ଲାଗି ଆବଶ୍ୟକ ଦୂରଦୃଷ୍ଟି ଓ ଆପଣାଇଥିବା ଅନୁକୂଳ କ୍ଷମତା ସ୍ଥିତିକୁ ଦର୍ଶାଉଛି । ଏବକାର ପରିବର୍ତ୍ତନରେ ଯଦିଓ କିଛି ସମାଧାନ କରାଯାଇଛି, ତଥାପି ଆଗକୁ ଜଟିଳ ସ୍ଥିତିଗୁଡ଼ିକର ସଞ୍ଚାଳନରେ ରେଲ୍‌ୱେ ବୋର୍ଡର ସକ୍ଷମତା,ଦକ୍ଷତା ଓ ରଣନୈତିକ ନେତୃତ୍ୱ ପ୍ରତିବଦ୍ଧତା ପରୀକ୍ଷାର ସମୟ ହେବ ।

### ତ୍ୱରିତ ପଦୋନ୍ନତି

ପୂର୍ବତନ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ସୁଧାଂଶ ପନ୍ତଙ୍କୁ ରାଜସ୍ଥାନର ନୂଆ ମୁଖ୍ୟ ଶାସନ ସଚିବ ଭାବେ ନିଯୁକ୍ତ କରାଯାଇଛି । ଉଷା ଶର୍ମାଙ୍କ ପରେ ସୁଧାଂଶଙ୍କୁ ନିଯୁକ୍ତ କରାଯିବା ଦ୍ୱାରା ସବୁ ରହସ୍ୟ ଉପରୁ ପରଦା ହଟିଯାଇଛି । ଗୋଟିଏ ବର୍ଷ ମଧ୍ୟରେ ପନ୍ତଙ୍କ ପାଇଁ ଏହା ତୃତୀୟ ପଦୋନ୍ନତି । ଯେଉଁମାନେ ଏ ସମ୍ପର୍କରେ ଅବଗତ ସେମାନଙ୍କ ମତରେ, କେନ୍ଦ୍ରରୁ ରାଜ୍ୟ କ୍ୟାଡରକୁ ପନ୍ତଙ୍କ ପ୍ରତ୍ୟାବର୍ତ୍ତନ ସୂଚିତ କରିଥିଲା ଯେ ସେ ରାଜ୍ୟର ପରବର୍ତ୍ତୀ ମୁଖ୍ୟ ଶାସନ ସଚିବ ହେବେ । ପନ୍ତ ୬ଜଣ ଆଇଏଏସ୍ ଅଧିକାରୀଙ୍କୁ ଟପି ମୁଖ୍ୟ ଶାସନ ସଚିବ ଭାବରେ ଦାୟିତ୍ୱ ବହନ କରିଛନ୍ତି । ଅନ୍ୟ ଦକ୍ଷ ଅଧିକାରୀ ଥିବା ସତ୍ତ୍ୱେ କେନ୍ଦ୍ର ତାଙ୍କୁ ରାଜ୍ୟକୁ ଫେରାଇ ଆଣିବା ନିଷ୍ପତ୍ତିର ଯୁକ୍ତିଯୁକ୍ତତା ଉପରେ ଅନେକ ବାବୁ ବି ପ୍ରଶ୍ନ ଉଠାଇଛନ୍ତି । କିନ୍ତୁ ଅପେକ୍ଷାକୃତ ପ୍ରଶାସନିକ କ୍ଷେତ୍ରରେ କମ୍ ଅଭିଜ୍ଞତା ଥିବା ନୂତନ ମୁଖ୍ୟମନ୍ତ୍ରୀ ଭଜନଲାଲ ଶର୍ମାଙ୍କ ପାଇଁ ପନ୍ତ ଉପଯୋଗୀ ସାବ୍ୟସ୍ତ ହେବେ ବୋଲି କେନ୍ଦ୍ର ଆଶା କରୁଛି । ପନ୍ତଙ୍କ ପ୍ରଶାସନିକ ଦକ୍ଷତା ଯୋଗୁ କେନ୍ଦ୍ର ତାଙ୍କୁ ଚୟନ କରିଥିଲା । ନୂତନ ମୁଖ୍ୟମନ୍ତ୍ରୀ ଭାବରେ ଭଜନଲାଲ ଶର୍ମା ଶକ୍ତିକେନ୍ଦ୍ରିକ ଆଭିମୁଖ୍ୟଠାରୁ ଦୂରେଇ ଏକ ଲୋକାଭିମୁଖୀ ପ୍ରଶାସନକୁ ଆଗେଇ ନେବାରେ ତାଙ୍କ ନିଯୁକ୍ତି ସାହାଯ୍ୟ କରିବ ବୋଲି କେନ୍ଦ୍ର ଏଭଳି ନିଷ୍ପତ୍ତି ନେଇଥିଲା । ଅକ୍ଟୋବର ୨୦୨୨ରେ ପରିବହନ ମନ୍ତ୍ରଣାଳୟରେ ଓଏସ୍‌ଡି ନିଯୁକ୍ତିରୁ ଆରମ୍ଭ କରି କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ହେବାରୁ ଜଣାପଡ଼େ ଯେ ତାଙ୍କର ପଦୋନ୍ନତି ଖୁବ୍‌ଶୀଘ୍ର ଘଟିଛି । ଯେହେତୁ ଏବେ ପନ୍ତ ମୁଖ୍ୟ ଶାସନ ସଚିବ ଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛନ୍ତି, ରାଜ୍ୟ ଅମଲାତନ୍ତ୍ରରେ ସକାରାତ୍ମକ ପରିବର୍ତ୍ତନ ଆଣିବା ପାଇଁ ତାଙ୍କ ଆଶା ଅଧିକ ରହିବା ସ୍ୱାଭାବିକ ।

### ନିଷ୍ପକ୍ଷ ଯାଞ୍ଚକୁ ପ୍ରାଥମିକତା

ସଞ୍ଜୟ କୁଣ୍ଡୁଙ୍କୁ ପୋଲିସ ମହାନିର୍ଦ୍ଦେଶକ(ଡିଜିପି) ପଦରୁ ବଦଳିକୁ ନେଇ ହିମାଚଳ ପ୍ରଦେଶ ହାଇକୋର୍ଟଙ୍କ ଆଦେଶକୁ ସ୍ଥଗିତ ରଖିବାକୁ ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହି ନିଷ୍ପତ୍ତି ପାଲାମପୁର ବ୍ୟବସାୟୀ ନିଶାନ୍ତ ଶର୍ମାଙ୍କ ବିରୋଧରେ ଚାଲିଥିବା ନିର୍ଯାତନା ମାମଲାରେ ଗୁରୁତ୍ୱପୂର୍ଣ୍ଣ ଦିଗକୁ ସୂଚିତ କରିବା ସହ ଭିନ୍ନ ମୋଡ ଦେଇଛି । ସୁପ୍ରିମକୋର୍ଟ ଦୁଇ ସପ୍ତାହ ମଧ୍ୟରେ ପ୍ରତ୍ୟାହାର ଆବେଦନକୁ ତ୍ୱରାନ୍ୱିତ କରିବାକୁ ହାଇକୋର୍ଟଙ୍କୁ ଜଣାଇଛନ୍ତି । ନିର୍ଯାତନା ଅଭିଯୋଗର ଯାଞ୍ଚ ଉପରେ କୌଣସି ସମ୍ଭାବ୍ୟ ପ୍ରଭାବକୁ ରୋକିବା ପାଇଁ କୁଣ୍ଡୁଙ୍କୁ ପଦବୀରୁ ବଦଳି କରିବାକୁ ହାଇକୋର୍ଟ ପ୍ରାରମ୍ଭିକ ନିର୍ଦ୍ଦେଶ ଦେଇଥିଲେ । ତେବେ ସୁପ୍ରିମକୋର୍ଟଙ୍କ ହସ୍ତକ୍ଷେପ ଯୋଗୁ ଏହି ବଦଳି ଅସ୍ଥାୟୀ ଭାବରେ ବନ୍ଦ ରହିଛି ଏବଂ ପୂର୍ବ ଆଦେଶର ପୁନଃପ୍ରତ୍ୟାହାର ପାଇଁ ହାଇକୋର୍ଟଙ୍କ ନିକଟକୁ ଯିବାକୁ କୁଣ୍ଡୁଙ୍କୁ ସ୍ୱାଧୀନତା ପ୍ରଦାନ କରିଛି । ପ୍ରାରମ୍ଭିକ ଆଦେଶ କ୍ରମେ କୁଣ୍ଡୁଙ୍କୁ ଡିଜିପି ପଦରୁ ହଟାଇ ଦିଆଯାଇ ଆୟୁଷ ବିଭାଗର ପ୍ରମୁଖ ସଚିବ ଭାବରେ ନିଯୁକ୍ତ କରାଯାଇଥିଲା । ଚାଲିଥିବା ଅନୁସନ୍ଧାନରେ କୌଣସି ସମ୍ଭାବ୍ୟ ପ୍ରଭାବକୁ ରୋକିବା ପାଇଁ ହାଇକୋର୍ଟଙ୍କ ଆଦେଶରେ କାଙ୍ଗ୍ରା ଏସ୍‌ପି ଶାଳିନୀ ଅଗ୍ନିହୋତ୍ରୀଙ୍କୁ ମଧ୍ୟ ଅନ୍ୟ ପଦବୀକୁ ବଦଳି କରାଯାଇଥିଲା । ଯେହେତୁ ଆଇନଗତ ପ୍ରକ୍ରିୟା ଚାଲିଛି, ବଦଳି ଆଦେଶ ସ୍ଥଗିତ ରଖିବାକୁ ସର୍ବୋଚ୍ଚ ଅଦାଲତଙ୍କ ରାୟ ଏକ ସ୍ୱଚ୍ଛ ଏବଂ ନିରପେକ୍ଷ ଯାଞ୍ଚ ନିଶ୍ଚିତ କରିବାକୁ ଲକ୍ଷ୍ୟ ରଖିଛି । କିନ୍ତୁ ବିଚାର ପ୍ରକ୍ରିୟା ଚାଲିଥିବା ସମୟରେ ରାଜ୍ୟ ସରକାର ୧୯୯୬ ବ୍ୟାଚ୍ ଆଇପିଏସ୍ ଅଧିକାରୀ ସତୱନ୍ତ ଅଟୱାଲ ତ୍ରିବେଦୀଙ୍କୁ କାର୍ଯ୍ୟନିର୍ବାହୀ ଡିଜିପି ଭାବରେ ଘୋଷଣା କରିସାରିଥିଲେ, ଯାହା ବର୍ତ୍ତମାନ କୁଣ୍ଡୁଙ୍କ ମାମଲାର ସମାଧାନ ନ ହେବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡିବ ।

Email: dilipcherian@gmail.com

## su | do | ku — ସୁ-ଡୋ-କୁ

Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | 3 | | 2 | 5 | | | |
| 6 | | | 1 | | | 9 | | |
| 4 | | | | 6 | | | | |
| | | | | | | 8 | 2 | |
| | | | 4 | | | | | |
| 1 | 9 | | 7 | | 2 | | | |
| | 5 | | | | | 1 | | |
| | 7 | | | | 9 | | 5 | 6 |
| | | 1 | 2 | | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ ।

| | | | | | | | | |
|---|---|---|---|---|---|---|---|---|
| 9 | 2 | 3 | 5 | 7 | 6 | 8 | 1 | 4 |
| 7 | 1 | 6 | 4 | 3 | 8 | 5 | 9 | 2 |
| 5 | 8 | 4 | 2 | 1 | 9 | 6 | 3 | 7 |
| 8 | 3 | 2 | 7 | 9 | 1 | 4 | 6 | 5 |
| 1 | 5 | 7 | 6 | 2 | 4 | 9 | 8 | 3 |
| 4 | 6 | 9 | 8 | 5 | 3 | 2 | 7 | 1 |
| 3 | 4 | 1 | 9 | 6 | 5 | 7 | 2 | 8 |
| 2 | 9 | 8 | 1 | 4 | 7 | 3 | 5 | 6 |
| 6 | 7 | 5 | 3 | 8 | 2 | 1 | 4 | 9 |

ଗତକାଲିର ଉତ୍ତର

# ସମସ୍ୟାକୁ ଅଣଦେଖା



ଡ. ସନ୍ତୋଷ କୁମାର ମହାପାତ୍ର

ଟିଭି ଖୋଲିଲେ, ଖବରକାଗଜ ପଢିଲେ ଦେଶ ଓ ଲୋକଙ୍କ ବିକାଶ ସମ୍ପର୍କରେ ଶାସକ ଶ୍ରେଣୀଙ୍କ ମନ୍ତବ୍ୟ ଦେଖିବାକୁ ବା ପଢିବାକୁ ମିଳେ । ତାଙ୍କୁ ସୁହାଇଲା ପରି କିଏ ଦେଇଥିବା ମନ୍ତବ୍ୟ ମଧ୍ୟ ଶୁଣିବାକୁ ମିଳେ । କିଏ କହିଲାଣି ଭାରତ ନିକଟରେ ତୃତୀୟ ବୃହତମ ରାଷ୍ଟ୍ର ହେବ ତ କିଏ କହିଲାଣି ବିକଶିତ ରାଷ୍ଟ୍ର ହେବ । ଶାସକ ଶ୍ରେଣୀର ନେତା ତଥା ପ୍ରଶାସକଙ୍କ କଥା ଶୁଣିଲେ ଲାଗିବ ଯେପରି ଦେଶରେ କୌଣସି ସମସ୍ୟା ନାହିଁ । ଏପରି ମନ୍ତବ୍ୟ ଦେଉଥିବା ନେତା, ପ୍ରଶାସକ, ବୁଦ୍ଧିଜୀବୀ କେବେ ଲୋକଙ୍କ କ'ଣ ଅଭାବ ଓ ଅସୁବିଧା ଅଛି, କିପରି କୋଟି କୋଟି ଲୋକ ଦାରିଦ୍ର୍ୟ, କ୍ଷୁଧା, ବେକାରି, ବୈଷମ୍ୟ, ମୁଦ୍ରାସ୍ଫୀତି ବୃଦ୍ଧି, କ୍ରୟଶକ୍ତି ହ୍ରାସ ଦ୍ୱାରା ଜର୍ଜରିତ ତାହା ଭୁଲିଯାଆନ୍ତି । ଅନେକ କୋଟି ଲୋକ ଦୁର୍ବିଷହ ଜୀବନ ବିତାଉଛନ୍ତି ବୋଲି ସେମାନେ ଭାବନ୍ତି ନାହିଁ । ୧୪୦ କୋଟି ଦେଶବାସୀଙ୍କ ମଧ୍ୟରୁ ଯଦି ୪୦ କୋଟି ଲୋକ ଉନ୍ନତ ମାନର ଜୀବନ ବିତାଇବା ସହିତ ଅଧିକ ରୋଜଗାର କରି ବ୍ୟୟ କରନ୍ତି , ତେବେ ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି ପାଇ ଜିଡିପି ମଧ୍ୟ ବୃଦ୍ଧି ପାଇବ । ଜିଡିପି ବୃଦ୍ଧି ପାଇବାକୁ କ'ଣ ଆମେ ପ୍ରଗତି, ବିକାଶର ପ୍ରତୀକ କହିପାରିବା । ରାସ୍ତାରେ ହଜାର ହଜାର ଗାଡ଼ି, ଟ୍ରେନ, ନବତଳ ପ୍ରାସାଦ, ବୃହତ୍ ସଂସ୍ଥା, ଓସାରିଆ ରାସ୍ତା, କଳକାରଖାନା, ହୋଟେଲ, ଧର୍ମୀୟ ଅନୁଷ୍ଠାନ ବୃଦ୍ଧି ଦେଖି ଯଦି ଲୋକଙ୍କ ବିକାଶ, ଉନ୍ନତି ଘଟୁଛି ବୋଲି ଭାବିବା ତାହା ସମ୍ପୂର୍ଣ୍ଣ ଭ୍ରମାତ୍ମକ । ଜିଡିପି ବୃଦ୍ଧି ସହିତ କେତେ ପ୍ରାକୃତିକ ସମ୍ପଦ ସରିଯାଉଛି ଏବଂ ବାୟୁମଣ୍ଡଳ ଦୂଷିତ, ଉତ୍ତପ୍ତ ହେବା ଯୋଗୁ ଅଳ୍ପ ବୟସରେ ଲୋକେ କିପରି ରୋଗଗ୍ରସ୍ତ ହେଉଛନ୍ତି, ତାହା ସମସ୍ତେ ଭୁଲିଯାଉଛନ୍ତି ।

ଆଜି ପ୍ରଚାର ସର୍ବସ୍ୱ ହୋଇଛି ସରକାର । ଟଙ୍କାଟିଏ ଖର୍ଚ୍ଚ କଲେ ବି ପ୍ରଚାର କରି ରାଜନୈତିକ ଫାଇଦା ନେବାପାଇଁ ପ୍ରୟାସ ହେଉଛି । କିନ୍ତୁ ସେମାନେ ଯେଉଁ ଅର୍ଥ ବ୍ୟୟ କରୁଛନ୍ତି, ତାହା ପାଇଁ ଆବଶ୍ୟକ ସମ୍ବଳ କେଉଁଠୁ ଆଣୁଛନ୍ତି ତାହା କହୁନାହାନ୍ତି । କୌଣସି ଦଳୀୟ ବା ବ୍ୟକ୍ତିଗତ ପାଣ୍ଠି ବ୍ୟବହାର ହେଉନି । ବରଂ ଦଳୀୟ ବା ବ୍ୟକ୍ତିଗତ ପାଣ୍ଠିଙ୍କୁ ଯେଉଁମାନେ ଦେଉଛନ୍ତି, ସେମାନେ ବହୁଗୁଣ ଫାଇଦା ଉଠାଉଛନ୍ତି । ସରକାର ବ୍ୟୟ କରୁଥିବା ଅର୍ଥ ଟିକସ, ଅଣଟିକସ ଓ ଋଣ ବାବଦରେ ଆଦାୟ କରୁଛନ୍ତି । ମୁଖ୍ୟତଃ ଲୋକଙ୍କଠାରୁ ଟିକସ ବାବଦରେ ଆଦାୟ ହେଉଛି ଏବଂ ବ୍ୟୟ ବେଳେ ତା'ର



ମୁଖ୍ୟଭାଗ ବାଟମାରଣା ହେଉଛି । କିନ୍ତୁ ଚିନ୍ତାର ବିଷୟ ହେଉଛି, ଟିକସର ବୋଝ ଧନୀଙ୍କ ଉପରେ ନ ପଡ଼ି ବେଶି ଗରିବଙ୍କ ଉପରେ ପଡୁଛି । କାରଣ ପରୋକ୍ଷ କର ଯଥା ଜିଏସ୍‌ଟି ଓ ପେଟ୍ରୋଲିୟମ ସାମଗ୍ରୀ ଉପରେ ଉତ୍ପାଦ କର ବାବଦରେ ବେଶି ସଂଗ୍ରହ ହେଉଛି । ପରୋକ୍ଷ କର ପ୍ରତିଗାମୀ ଏବଂ ଧନୀ ଓ ଗରିବ ସମାନ ହାରରେ ଦେଇଥାନ୍ତି ।

ପରୋକ୍ଷ କର ବୃଦ୍ଧିର ବୋଝ କେବଳ ଗରିବଙ୍କ ଉପରେ ଅଧିକ ପଡୁନି, ଏହି ଟିକସ ବୃଦ୍ଧି ଯୋଗୁ ଦରଦାମ, ମୁଦ୍ରାସ୍ଫୀତି ମଧ୍ୟ ବୃଦ୍ଧି ପାଉଛି । ଏହାର କୁପ୍ରଭାବ ସାଧାରଣ ଓ ଗରିବ ଜନତାଙ୍କ ଉପରେ ଅଧିକ ପଡୁଛି । ସେମାନଙ୍କ କ୍ରୟଶକ୍ତି ଓ ଜୀବନ ଧାରଣର ମାନ ହ୍ରାସ ପାଉଛି । ପୁନଶ୍ଚ ମୁଦ୍ରାସ୍ଫୀତି ବୃଦ୍ଧିକୁ ନିୟନ୍ତ୍ରଣ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଋଣ ସୁଧ ହାର ବୃଦ୍ଧି କରିବା ଯୋଗୁ ଋଣକାରୀ କ୍ଷତିଗ୍ରସ୍ତ ହେଉଛନ୍ତି । ପୁନଶ୍ଚ ରେପୋରେଟ୍ ଓ ଋଣ ସୁଧ ହାର ବୃଦ୍ଧି ସହିତ ଜମା ସୁଧ ହାର ଆବଶ୍ୟକ ବୃଦ୍ଧି ନ ପାଇବାରୁ ଜମାକାରୀ ଭୟଙ୍କର ଭାବେ କ୍ଷତିଗ୍ରସ୍ତ ହେଉଛନ୍ତି । ଜମା ଉପରେ ନିର୍ଭର କରି ଜୀବନଧାରଣ କରୁଥିବା ଲୋକ ହଇରାଣ ହେଉଛନ୍ତି । ଗୋଟିଏ ବର୍ଷ ମୁଦ୍ରାସ୍ଫୀତି ହାର ଅଧିକ ହେଲେ ବେସ୍ ଇଫେକ୍ଟ ଯୋଗୁ ପରବର୍ତ୍ତୀ ବର୍ଷ ଆପେ ଆପେ କମିଲେ ବି ଦରଦାମ ହ୍ରାସ ପାଇ ନ ଥାଏ । କିନ୍ତୁ ମୁଦ୍ରାସ୍ଫୀତି ବୃଦ୍ଧି ହାର ହ୍ରାସକୁ ବଡ ସଫଳତା ବୋଲି ଦର୍ଶାଯାଉଛି । ବର୍ତ୍ତମାନ ଅତ୍ୟାବଶ୍ୟକ ସାମଗ୍ରୀ ଓ ସେବା, ପରିବା, ଗ୍ରୋସରି ଜିନିଷ ଦର ଏତେ ଅଧିକ ଯେ ଗରିବ, ଦିନ ମଜୁରିଆ ଲୋକ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପୁନଶ୍ଚ ଆର୍ଥିକ ସମସ୍ୟା ଯେତିକି ଚିନ୍ତାଜନକ ତାହାଠାରୁ ସାମାଜିକ ସମସ୍ୟା ଆହୁରି ଅଧିକ ଉଦ୍‌ବେଗଜନକ । ଏଥିରେ ଧନୀ, ଗରିବ ସମସ୍ତେ ଅଳ୍ପ ବହୁତେ ପ୍ରଭାବିତ । ଅବଶ୍ୟ ଯେଉଁମାନେ ଭଲରେ ଥାଆନ୍ତି ସେମାନେ ମେଡିକାଲ, ଗମନାଗମନ, ଘରଭଡ଼ା ସୁବିଧା ପାଇଥାଆନ୍ତି । ସେମାନେ ଭାବିପାରନ୍ତି ନାହିଁ, କୋଟି କୋଟି ଲୋକ ଏହିପରି ସୁବିଧାରୁ ବଞ୍ଚିତ ବୋଲି ।

ସରକାର ନିର୍ବାଚନ ବେଳେ ବା ନିଜର ପ୍ରଚାର ପାଇଁ ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଫଳରେ ଲୋକେ ପ୍ରଭାବିତ ହେଉଛନ୍ତି । କିନ୍ତୁ ଯୋଜନା ପାଇଁ ଆବଶ୍ୟକ ଅର୍ଥ ସରକାର ଧନୀ, ପୁଞ୍ଜିପତି ଓ ଶିଳ୍ପପତିଙ୍କଠାରୁ ଟିକସ ବାବଦରେ ନ ଆଣି ଅନ୍ୟ କିଛି ଜନହିତକର ବ୍ୟୟ ବା ସାମାଜିକ କ୍ଷେତ୍ରର ବ୍ୟୟ ହ୍ରାସ କରୁଛନ୍ତି । ଏ ସମ୍ପର୍କରେ ଲୋକମାନେ ଜାଣିପାରୁନାହାନ୍ତି । ଯାହାଫଳରେ ଶିକ୍ଷା ଓ ସ୍ୱାସ୍ଥ୍ୟ ଅଧିକ ବ୍ୟୟସାପେକ୍ଷ ହୋଇଛି । ସରକାରୀ ଶିକ୍ଷାନୁଷ୍ଠାନରେ ଆବଶ୍ୟକ ଶିକ୍ଷକ ନାହାନ୍ତି କି ହସ୍ପିଟାଲରେ ଆବଶ୍ୟକ ଡାକ୍ତର ନାହାନ୍ତି । ଲୋକ ଘରୋଇ ସଂସ୍ଥା ଆଡ଼କୁ ମୁହାଁଇଛନ୍ତି ଓ ଏ ବାବଦରେ ପ୍ରଚୁର ଅର୍ଥ ବ୍ୟୟ କରିବାକୁ ବାଧ୍ୟ ହେଉଛନ୍ତି । ସେମାନେ ଦାରିଦ୍ର୍ୟ ଗହ୍ୱରକୁ ଠେଲି ହୋଇଯାଉଛନ୍ତି । ନିଜର ଦୈନନ୍ଦିନ ଜୀବନର ଆବଶ୍ୟକତା ଅପୂରଣୀୟ ହୋଇ ରହୁଛି ।

ଚିନ୍ତାଜନକ କଥା ହେଉଛି ଶାସକ ଶ୍ରେଣୀ କ୍ଷମତା ବଜାୟ ରଖିବା ପାଇଁ ଆତ୍ମପ୍ରଚାରରେ ଲିପ୍ତ ରହିବା । ଏହା ଯେତିକି ଦୋଷାବହ ତାହାଠାରୁ ଅଧିକ ଦୋଷାବହ ହେଉଛି ଅଧିକାଂଶ ଗଣମାଧ୍ୟମ, ବୁଦ୍ଧିଜୀବୀ ସମସ୍ୟା କଥା ନ କହି ଚାପ ବା ଅନ୍ୟ କାରଣ ଯୋଗୁ ଶାସକ ଶ୍ରେଣୀର ଗୁଣ ଗାନରେ ବ୍ୟସ୍ତ ରହିବା । ଯେଉଁ ଖବର ପରିବେଷଣ କଲେ ଶାସକ ଶ୍ରେଣୀର ଦୋଷତ୍ରୁଟି ଲୁଚିଯିବ, ଲୋକ ସରକାରଙ୍କ ବିଫଳତା ଭୁଲିଯିବେ ବା ଆଲୋଚନା ନ କରିବେ, ସେହିପରି ଖବର ପରିବେଷଣ କରାଯାଉଛି । କେବଳ ସେତିକି ନୁହେଁ, ଆଜିର ବୁଦ୍ଧିଜୀବୀମାନଙ୍କ ମଧ୍ୟରେ କ୍ଷମତାଶାଳୀ ଓ ଶାସକ ଶ୍ରେଣୀ ସପକ୍ଷରେ କହିବା, ଲେଖିବା ପାଇଁ ପ୍ରବଳ ପ୍ରତିଯୋଗିତା ଦେଖା ଦେଇଛି । କାରଣ ଏହାଦ୍ୱାରା ଲାଭବାନ ହେବାର ଅଧିକ ସମ୍ଭାବନା ରହିଛି ।

ଲୋକଙ୍କ ସ୍ୱାର୍ଥ ପାଇଁ ବହୁ କମ୍ ବ୍ୟକ୍ତି ବାହାରୁଛନ୍ତି । ଯେଉଁ ଅଳ୍ପ କେତେକ ବାହାରୁଛନ୍ତି, ସେମାନେ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ସେମାନଙ୍କୁ ଶତ୍ରୁଭାବେ ବିବେଚନା କରାଯାଉଛି । ସମସ୍ତେ 'ୟେସ୍ ' ବା 'ହଁ' କହିବା ଲୋକ ଖୋଜୁଛନ୍ତି । ସାହିତ୍ୟ ଆଜି ମଧ୍ୟ ଲୋକଙ୍କ କଥା ନ କହି କ୍ଷମତାଶାଳୀଙ୍କ ସ୍ୱାର୍ଥ ପାଇଁ ବ୍ୟବହାର ହେଉଛି । ସାହିତ୍ୟରେ ଗରିବ ଓ ଅବହେଳିତଙ୍କ ଭାବନା ଆଗପରି ପ୍ରତିଫଳନ ହେଉନାହିଁ । ସମାଜକୁ ଶୃଙ୍ଖଳିତ କରିବା ପାଇଁ ସେତେଟା ବ୍ୟବହାର ମଧ୍ୟ ହେଉନାହିଁ । ଯାହାଫଳରେ ଗରିବଙ୍କ ଦୁଃଖ, ସମସ୍ୟା ବୃଦ୍ଧି ପାଉଛି । ଏସବୁ ପ୍ରତି କାହାର ନିଘା ନାହିଁ ।

ମୋ: ୯୪୩୭୨୦୮୭୬୨

# ଶ୍ରୀକ୍ଷେତ୍ରର ନବକଳେବର



ଡ. ସମୀର କୁମାର ନନ୍ଦ

ଭାରତବର୍ଷରେ ଚାରିଧାମର ବିଶେଷ ମହତ୍ତ୍ୱ ରହିଛି । ଆଦି ଶଙ୍କରାଚାର୍ଯ୍ୟ ଭାରତରେ ଚାରିଧାମ ପ୍ରତିଷ୍ଠା କରିଥିଲେ । ଏହି ଚାରିଧାମ ଚାରିଯୁଗ ସହିତ ସଂଶ୍ଲିଷ୍ଟ ବୋଲି ବିଭିନ୍ନ ଧର୍ମଶାସ୍ତ୍ରରୁ ଜଣାପଡ଼େ । ସତ୍ୟଯୁଗରେ ଶ୍ରୀବଦ୍ରିନାଥ ଧାମ, ତ୍ରେତୟା ଯୁଗରେ ଶ୍ରୀରାମେଶ୍ୱରମ ଧାମ, ଦ୍ୱାପରଯୁଗରେ ଶ୍ରୀଦ୍ୱାରକା ଧାମ ଓ କଳିଯୁଗରେ ନୀଳାଚଳ ଧାମ । ଏହି ଚାରିଧାମ ମଧ୍ୟରୁ ନୀଳାଚଳ ଧାମ ହେଉଛି ଶ୍ରେଷ୍ଠଧାମ । ଦ୍ୱାଦଶ ଶତାବ୍ଦୀରେ ଗଙ୍ଗବଂଶର ରାଜା ଅନନ୍ତ ବର୍ମନ ଚୋଡ଼ଗଙ୍ଗଦେବଙ୍କ ଦ୍ୱାରା ନିର୍ମିତ ଶ୍ରୀଜଗନ୍ନାଥ ମନ୍ଦିର ଏହି ଚାରିଧାମର ଅନ୍ତର୍ଗତ ହୋଇଥିବାରୁ ସାରାବିଶ୍ୱରୁ ଅନେକ ଭକ୍ତ ପ୍ରତ୍ୟହ ଧାଇଁ ଆସନ୍ତି ଶ୍ରୀକ୍ଷେତ୍ରକୁ । ପ୍ରାୟତଃ ନବମ ଶତାବ୍ଦୀ ଆରମ୍ଭରୁ ସମଗ୍ର ଭାରତବର୍ଷରେ ଶ୍ରୀଜଗନ୍ନାଥ ବା ଶ୍ରୀକ୍ଷେତ୍ର ବିଶିଷ୍ଟ ତୀର୍ଥ ରୂପରେ ସୁନାମ ଅର୍ଜନ କରିଥିଲା । କାରଣ ଶିବ ଅବତାର ଶ୍ରୀଶଙ୍କରାଚାର୍ଯ୍ୟ ଜଗନ୍ନାଥ ଧାମକୁ ଆସି ଶ୍ରୀବିଦ୍ୟା ଅନୁସାରେ ଶ୍ରୀମନ୍ଦିରରେ ପୂଜା ପଦ୍ଧତି ପ୍ରଚଳନ କରାଇଥିଲେ । ହୁଏତ ସେହି ସମୟରୁ ଶ୍ରୀବିଦ୍ୟାର ପ୍ରଭାବରେ ଶ୍ରୀଜଗନ୍ନାଥକ୍ଷେତ୍ର ଶ୍ରୀକ୍ଷେତ୍ର ରୂପେ ପରିଚିତ ହୋଇଛି । ଉତ୍କଳର ସଂସ୍କୃତି କହିଲେ, ଶ୍ରୀଜଗନ୍ନାଥ ସଂସ୍କୃତି । ଓଡ଼ିଆ ଜାତିର ଶ୍ରେଷ୍ଠ ବିଭବ ପ୍ରଭୁ ଶ୍ରୀଜଗନ୍ନାଥ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କଠାରେ ସବୁ ଧର୍ମର ସମନ୍ୱୟ ଘଟିଛି । ପ୍ରସିଦ୍ଧ କବିମାନେ ଜଗନ୍ନାଥଙ୍କର ଯଶଗାନ ଦ୍ୱାରା ନିଜ ନିଜ କାବ୍ୟର ଉତ୍କର୍ଷ ପ୍ରତିପାଦନ କରିଛନ୍ତି ।

ଭଗବାନ ବିଷ୍ଣୁଙ୍କ ଭୋଜନକ୍ଷେତ୍ର ଭାବେ ବିବେଚିତ ଓଡ଼ିଆ ଜାତିର ପ୍ରାଣ ତଥା ସମଗ୍ର ବିଶ୍ୱର ନାଥ ଶ୍ରୀଜଗନ୍ନାଥଙ୍କ ଏହି ଶ୍ରୀକ୍ଷେତ୍ରକୁ ବିଶ୍ୱସ୍ତରୀୟଐତିହ୍ୟ ସହରରେ ପରିଣତ କରିବା ପାଇଁ ୨୦୧୯ ରୁ ସରକାର ସ୍ୱପ୍ନ ଦେଖିଥିଲେ, ଯାହା କି ୨୦୨୪ ଜାନୁଆରୀ ୧୭ରେ ଫଳପ୍ରସୂ ହେବାକୁ ଯାଉଛି । ଶ୍ରୀମନ୍ଦିର ସହିତ ବଡ଼ଦାଣ୍ଡର ସମାନ୍ତରାଳ ଶ୍ରୀଦାଣ୍ଡ, ରାସ୍ତା, ବ୍ୟବସାୟିକ ପେଣ୍ଠସ୍ଥଳୀ, ପାର୍କିଂ, ବଫରଜୋନ୍, ଭିତର ଓ ବାହ୍ୟ ପରିକ୍ରମା ମାର୍ଗ, ବିଶ୍ରାମଗୃହ, ପାନୀୟ ଜଳ, ଦାନଗ୍ରହଣ କେନ୍ଦ୍ର, ସୂଚନା କେନ୍ଦ୍ର, ଜରୁରିକାଳୀନ ସେବା ଓ ଟ୍ରାଫିକ ଲେନ୍ ଆଦିର ନବକଳେବର କରାଯାଇଛି ।

ଯଜ୍ଞ ବିଷୟରେ ଧର୍ମଶାସ୍ତ୍ରକୁ ଅଧ୍ୟୟନ କଲେ ଅନେକ ତଥ୍ୟ ମିଳିଥାଏ । ଯଥା- ସାତ୍ତ୍ୱିକ ଯଜ୍ଞ, ତାମସିକ ଯଜ୍ଞ, ରାଜସୂୟ ଯଜ୍ଞ, ଅଶ୍ୱମେଧ ଯଜ୍ଞ, ବାଜପେୟ ଯଜ୍ଞ, ଅଗ୍ନିଷ୍ଟୋମ ଯଜ୍ଞ ଓ ପଞ୍ଚମହାଯଜ୍ଞ(ବ୍ରହ୍ମଯଜ୍ଞ, ଦେବଯଜ୍ଞ, ପିତୃଯଜ୍ଞ, ଅତିଥିଯଜ୍ଞ ଓ ଭୂତଯଜ୍ଞ) । ଶ୍ରୀକ୍ଷେତ୍ରର ନବକଳେବର ଅବସରରେ ମହାପ୍ରଭୁ ଓ ଭକ୍ତମାନଙ୍କ ମିଳନ ନିମନ୍ତେ ଶ୍ରୀକ୍ଷେତ୍ରଧାମରେ ଚାରିଯଜ୍ଞର ଅଭିନବ ଓ ଅପୂର୍ବ ପରିକଳ୍ପନା କରାଯାଇଛି । ସେହି ଚାରିଯଜ୍ଞ ହେଲା ଘୃତଯଜ୍ଞ ବା ହୋମଯଜ୍ଞ, ଅନ୍ନଯଜ୍ଞ, ନାମଯଜ୍ଞ ଓ ଜ୍ଞାନଯଜ୍ଞ । ଘୃତଯଜ୍ଞ ବା ହୋମଯଜ୍ଞ ସର୍ବଦା ବୈଦିକ କର୍ମକାଣ୍ଡର ଏକ ମହତ୍ତ୍ୱପୂର୍ଣ୍ଣ ଅଂଶ ହୋଇ ରହି ଆସିଛି । ଏହି ଯଜ୍ଞ କାର୍ଯ୍ୟ କରିବା ନିମନ୍ତେ ଶ୍ରୀମନ୍ଦିର ଦକ୍ଷିଣ ପାର୍ଶ୍ୱରେ ଉତ୍କଳୀୟ କାରୁକାର୍ଯ୍ୟରେ ଏକ ଭବ୍ୟଯଜ୍ଞଶାଳାର ନିର୍ମାଣ କରାଯାଇଛି ; ଯେଉଁଠି ପ୍ରତିଦିନ ସକାଳୁ



ସଂଧ୍ୟା ପର୍ଯ୍ୟନ୍ତ ଯଜ୍ଞକାର୍ଯ୍ୟ ଅନୁଷ୍ଠିତ ହେବ ।

ଭାରତର ଚାରିଧାମ ଭିତରୁ ଶ୍ରୀକ୍ଷେତ୍ରଧାମର ସ୍ୱତନ୍ତ୍ରତା ରହିଛି । ତେଣୁ ଏଠାକୁ ଆସୁଥିବା ପ୍ରତ୍ୟେକ ଭକ୍ତ ଜଗନ୍ନାଥଙ୍କ ଦର୍ଶନ ସହିତ ମହାପ୍ରସାଦ ପ୍ରାପ୍ତିର ଅନେକ ଇଚ୍ଛା ରଖିଥାଏ । ଶ୍ରୀକ୍ଷେତ୍ରରେ ମହାପ୍ରଭୁଙ୍କୁ ଦର୍ଶନ କରିବା ଯେତିକି ପୁଣ୍ୟ ତା'ଠାରୁ ପ୍ରସାଦ ସେବନ ଆହୁରି ମହତ୍ତ୍ୱପୂର୍ଣ୍ଣ । ଜାତିଭେଦ ଓ ଉଚ୍ଚନୀଚ ମନୋଭାବ ପାଇଁ ଯେଉଁମାନେ ସର୍ବଦା ମଣିଷକୁ ତିରସ୍କାର କରିଥାଆନ୍ତି ସେମାନେ ଆନନ୍ଦବଜାର ଯାଇ ଥରେ ବୁଲି ଆସିବା କଥା । ସେଥିପାଇଁ ଆନନ୍ଦବଜାରର ବ୍ୟବସ୍ଥା ରହିଛି ; ଯେଉଁଠାରେ କି କୌଣସି ଭେଦଭାବ ନ ରଖି ପ୍ରତ୍ୟେକଦିନ ହଜାର ହଜାର ଭକ୍ତ ତଳେ ବସି କଦଳୀପତ୍ରରେ ଏକା ସାଥିରେ ଅନ୍ନ ପ୍ରସାଦ ଗ୍ରହଣ କରିଥାଆନ୍ତି । ତେଣୁ ଏହି ବ୍ୟବସ୍ଥାକୁ ଆହୁରି ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ଅନ୍ନଯଜ୍ଞର ବ୍ୟବସ୍ଥା କରାଯାଇଛି । ଏହି ବ୍ୟବସ୍ଥାରେ ମହାପ୍ରସାଦ ପରିବେଷଣର ଯୋଜନା ରହିଛି ।

ଭଗବାନଙ୍କ ନାମ ସଂକୀର୍ତ୍ତନ କରିବା ନିମନ୍ତେ ଓ ସେଥିରେ ଭକ୍ତମାନଙ୍କୁ ଭାଗନେବା ପାଇଁ ଶ୍ରୀମନ୍ଦିର ପରିସରରେ ଏକ ବିରାଟ ନାମଯଜ୍ଞ ମଣ୍ଡପ ପ୍ରସ୍ତୁତ ହୋଇଛି । ଭକ୍ତମାନଙ୍କ ମନରେ ଆଧ୍ୟାତ୍ମିକ ଭାବନାକୁ ଆହୁରି ସୁଦୃଢ଼ କରିବା ନିମନ୍ତେ ଏହି ଯଜ୍ଞଶାଳାରେ ଶ୍ରୀକ୍ଷେତ୍ରରେ ଥିବା ବିଭିନ୍ନ ମଠମାନଙ୍କର ଭକ୍ତମାନଙ୍କୁ ପାଳିକରି ଅଖଣ୍ଡ ନାମଯଜ୍ଞ କରିବା ପାଇଁ ବ୍ୟବସ୍ଥା କରାଯିବ । ଜ୍ଞାନଯଜ୍ଞ ଯୋଜନାରେ ଶ୍ରୀକ୍ଷେତ୍ରକୁ ଆସୁଥିବା ସମସ୍ତ ଭକ୍ତଙ୍କୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଉତ୍କଳର ଇତିହାସ ସମ୍ପର୍କରେ ଅବଗତ କରାଇବା ନିମନ୍ତେ ଜଗନ୍ନାଥ ହେରିଟେଜ ମ୍ୟୁଜିୟମ ନିର୍ମାଣ ହୋଇଛି । ଏହି ଯୋଜନାରେ ମହାପ୍ରଭୁଙ୍କ ଉପରେ କ୍ଷୁଦ୍ର ଚଳଚ୍ଚିତ୍ର ପରିବେଷଣ, ପାଠ୍ୟପୁସ୍ତକ ବିକ୍ରି ଓ ବିଭିନ୍ନ ସାଧୁସନ୍ଥମାନଙ୍କ ଦ୍ୱାରା ପ୍ରବଚନର ଆୟୋଜନ ବ୍ୟବସ୍ଥା ରହିବ ।

କିନ୍ତୁ ଯେତେପ୍ରକାରର ବ୍ୟବସ୍ଥା ହେଲେ ମଧ୍ୟ, ଯଦି ଆମେ ଶୃଙ୍ଖଳିତ ନ ହେବା ତା'ହେଲେ କୌଣସି ମନ୍ଦିର, ସରକାର କିମ୍ବା ଧର୍ମଗୁରୁ କେବେହେଲେ ଆମକୁ ବ୍ୟବସ୍ଥିତ ଉପାୟରେ ଧର୍ମକାର୍ଯ୍ୟ କିମ୍ବା ଅନୁଷ୍ଠାନ କରିବା ପାଇଁ ସାହାଯ୍ୟ କରିପାରିବେ ନାହିଁ । ଆମେ ଯେତେବେଳେ କୌଣସି ମନ୍ଦିରରେ ଠାକୁର ଦର୍ଶନ ପାଇଁ ଧାଡ଼ିରେ ଛିଡ଼ା ହୋଇ ଅପେକ୍ଷା କରିଥାଉ ସେତେବେଳେ କିଛି ମାତ୍ର ବିଳମ୍ବ ପାଇଁ ଆମର ଧୈର୍ଯ୍ୟଚ୍ୟୁତି ଘଟିଥାଏ ଓ ଆମେ ଉତ୍ତ୍ୟକ୍ତ ହୋଇ ନା ନା ପ୍ରକାରର ଦୋଷାରୋପ କରିଥାଉ ଓ ବ୍ୟବସ୍ଥା ବିରୋଧରେ ଗାଳିଗୁଲଜ କରିଥାଉ । ଆମେ ଗୋଟିଏ ଉଦାହରଣକୁ ତର୍ଜମା କଲେ ବହୁତ କିଛି ଅନୁଭବ କରିପାରିବା । ଆମକୁ ସଦାବେଳେ ଜ୍ଞାନ ପ୍ରଦାନ କରିବା ପାଇଁ ଆମର ଶିକ୍ଷକ ପ୍ରଚେଷ୍ଟା କରିଥାଆନ୍ତି । ସେହିପରି ଆମକୁ ନିଜର ଗନ୍ତବ୍ୟ ପଥରେ ପହଞ୍ଚାଇବା ପାଇଁ ସଡ଼କଟିଏ ମଧ୍ୟ ସର୍ବଦା ଅନେଇ ରହିଥାଏ । କିନ୍ତୁ ଦୁହେଁ ସ୍ୱୟଂ ଯେଉଁଠି ଯେମିତି ଭାବରେ ରହିବା କଥା ରହିଯାଆନ୍ତି କିନ୍ତୁ ଆମକୁ ଆମର ଲକ୍ଷ୍ୟସ୍ଥଳରେ ପହଞ୍ଚାଇ ଦିଅନ୍ତି । ଶ୍ରୀକ୍ଷେତ୍ରର ଏହି ନବକଳେବର ଶ୍ରୀଜଗନ୍ନାଥଙ୍କୁ କୌଣସି ଗୋଟିଏ ସଂପ୍ରଦାୟର ଉପାସ୍ୟ ନ ସଜାଇ ତାଙ୍କରି ଭାବଡୋରିରେ ସମଗ୍ର ଜଗତକୁ ଆକର୍ଷଣ କରି ସର୍ବଦା ପୂଜା ପାଇବାରେ ସହାୟ ହେଉ ।

କଚେରୀ ସାହି, ଦେବଗଡ଼
ମୋ:୯୪୩୭୨୧୮୯୧୭

## ଏଇ ଭାରତରେ

ବିଜୁଳି କେମିତି ଦୁର୍ଗମ ଅଞ୍ଚଳରେ ପହଞ୍ଚିବ ସେଥିପାଇଁ ଉଦ୍ୟମ ଜାରି ରହିଛି । ବିକଶିତ ଭାରତରେ କେହି ବିଜୁଳି ପାଇବାରୁ ବଞ୍ଚିତ ହେବେ ନାହିଁ ବୋଲି ଏଭଳି ଉଦ୍ୟମ କରାଯାଉଛି । ତେବେ ଏହା ମଧ୍ୟରେ ଏକ ଖବର ସାମ୍ନାକୁ ଆସିଛି, ଯାହା ବିଦ୍ୟୁତ୍‌ରୁ ବଞ୍ଚିତ ଲୋକମାନଙ୍କ ମନରେ ଆଶା ସଞ୍ଚାର କରିଛି । ରାଜସ୍ଥାନର ଏକ ଛୋଟ ଗାଁର ୨୬ ବର୍ଷୀୟ ଯୁବକ ଡୁଙ୍ଗର ସିଂ ସୋଢ଼ା ଏକ ଛୋଟ ପବନ ଚକି ଆବିଷ୍କାର କରିଛନ୍ତି, ଯେଉଁଥିରୁ ସହଜରେ ବିଦ୍ୟୁତ୍ ଉତ୍ପାଦନ କରିହେଉଛି । ଏହି ଚକିକୁ ସାଥିରେ ନେଇ ଯେକୌଣସି ସ୍ଥାନରେ ଯେ କେହି ବିଦ୍ୟୁତ୍ ଉତ୍ପାଦନ କରିପାରିବେ । ଡୁଙ୍ଗରଙ୍କ ଦ୍ୱାରା ନିର୍ମିତ ଏହି ଚକିକୁ ଲାଇସେନ୍ସ ବି ମିଳିସାରିଛି । ଏହାକୁ ସେ ଦେଶ ଓ ବିଦେଶରେ ବିକ୍ରି କରିବା ଆରମ୍ଭ କରିଦେଇଛନ୍ତି । ଏହି ଚକି ମୂଲ୍ୟ ୫୦ ହଜାର ଟଙ୍କା । ପ୍ରତିଦିନ ଏଥିରୁ ୨୦ ୟୁନିଟ୍ ଯାଏ ବିଦ୍ୟୁତ୍ ମିଳୁଛି । ସେ ଏବେ ସନ୍‌ୱିଣ୍ଡ ନାମକ ଷ୍ଟାର୍ଟଅପ୍ ଗଠନ କରି ତା' ମାଧ୍ୟମରେ ପବନ ଚକି ନିର୍ମାଣ କରୁଛନ୍ତି । ଡୁଙ୍ଗର ଗାଁରେ ବହୁ ସମୟରେ ବିଜୁଳି ରହୁ ନ ଥିବାରୁ ପିଲାଦିନେ ଏହି ସମସ୍ୟା ସମାଧାନ କରିବାକୁ ଲକ୍ଷ୍ୟ ରଖିଥିଲେ । ପରେ ଚାକିରି କରିବାକୁ ସୁରଟ ଯାଇ ସେଠାରେ ଏହି ଲକ୍ଷ୍ୟ ପୂରଣ କରିବାକୁ ଲାଗିପଡ଼ିଲେ ଓ ସଫଳତା ମଧ୍ୟ ପାଇଲେ ।

## ୫୦ ବର୍ଷ ତଳର ଧରିତ୍ରୀ

୧୩ ଜାନୁଆରୀ ୧୯୭୫

- ବିଖ୍ୟାତ ଶିକ୍ଷାବିତ୍ ଡଃ. ଏମ୍.ଏମ୍. ମିରାଶୀଙ୍କୁ ସାହିତ୍ୟ ଏକାଡେମୀର ସର୍ବଶ୍ରେଷ୍ଠ ସମ୍ମାନ ଫେଲୋଶିପ ପ୍ରଦାନ ।
- ଆନ୍ଧ୍ର ବିଧାନସଭାର ୧୩ ଜଣ ବିରୋଧୀ ତଥା ସ୍ୱାଧୀନ ସଭ୍ୟଙ୍କ କଂଗ୍ରେସ ବ୍ୟବସ୍ଥାପକ ଦଳରେ ଯୋଗଦାନ ।
- ବାଂଲାଦେଶର ବନ୍ୟା ନିୟନ୍ତ୍ରଣ ଏବଂ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମକୁ ବ୍ୟାପକ ଭାବରେ କାର୍ଯ୍ୟକାରୀ କରିବା ଉଦ୍ଦେଶ୍ୟରେ ହଲାଣ୍ଡର ୫୦ ନିୟୁତ ଗଲଡରସ୍ ଆର୍ଥିକ ସାହାଯ୍ୟ ପ୍ରଦାନ ।

## ଚିରନ୍ତନୀ

ଆକାଶ ଫଟାଇ ଫୁଟେ ଆଗ୍ନେୟ ବାଣ
ପଦବିକ୍ଷେପେ ଧରଣୀ ଥରାଏ ଅଗଣିତ
ଆଗୁଆନ ।
ସେଇ ଯେ କରିଛି ନୂଆ ଦୁନିଆରେ
ବିଜୟର ସନ୍ଧାନ
ଯୁଗେ ଯୁଗେ ସେଇ ସମାଜ ବାଦର ଗାନ ।
-(ଅଗଣିତ ଆଗୁଆନ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ଧର୍ମକୁ ନେଇ ରାଜନୀତି କରା ନ ଯାଉ

ମହାଶୟ,

ସମ୍ପ୍ରତି ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳ ରାଜନୀତି ପ୍ରଚାର ବିଭିନ୍ନ ତରିକାରେ ଆରମ୍ଭ କରିଦେଲେଣି । ଓଡ଼ିଶା ସମେତ ୩ଟି ରାଜ୍ୟରେ ବିଧାନସଭା ଓ ଲୋକ ସଭା ନିର୍ବାଚନ ହେବାକୁ ଯାଉଛି । ସରକାରୀ ଓ ବିରୋଧୀ ଦଳମାନେ ନିର୍ବାଚନ ବୈତରଣୀ ପାରିହେବାକୁ ବିଭିନ୍ନ ମାଗଣା ଯୋଜନାର ଲୋଭନୀୟ ପ୍ରତିଶ୍ରୁତି ଦେବା ଆରମ୍ଭ କଲେଣି । ମାଗଣା ଯୋଜନା ଫଳରେ ଲୋକେ କର୍ମ ବିମୁଖ ହୋଇପଡୁଛନ୍ତି । ମାଗଣା ଚାଉଳ ମିଳୁଥିବାରୁ ଚାଷ କରିବାକୁ ଲୋକେ ଆଗ୍ରହ ପ୍ରକାଶ କରୁନାହାନ୍ତି । ଶ୍ରମିକ ମିଳୁ ନାହାନ୍ତି । କେତେକ ଶ୍ରମିକ ଦାଦନ ଖଟିବାକୁ ଯାଉଛନ୍ତି । ସରକାର ଏହାର ପ୍ରତିକାର କରିବା ଉଚିତ । ନିର୍ବାଚନ ପାଖେଇ ଆସୁଥିବାରୁ ରାଜନୈତିକ ଦଳ ଭୋଟରଙ୍କୁ ଆପଣେଇବା ପାଇଁ ଧର୍ମ ଭାବନା ସୃଷ୍ଟି କରୁଛନ୍ତି । ଧର୍ମକୁ ନେଇ ରାଜନୀତି କରିବା ଠିକ୍ ନୁହେଁ । ରାଜ୍ୟ ସରକାର ଜଗନ୍ନାଥ ମନ୍ଦିର ଓ କ୍ଷେତ୍ରର ସୌନ୍ଦର୍ଯ୍ୟକରଣ କରୁଥିବାବେଳେ କେନ୍ଦ୍ର ସରକାର ଅଯୋଧ୍ୟାରେ ରାମ ମନ୍ଦିର ପ୍ରତିଷ୍ଠା କରି ଭୋଟରଙ୍କୁ ଆକୃଷ୍ଟ କରିବାକୁ ପ୍ରୟାସ ଜାରି ରଖିଛନ୍ତି ।

-ନିର୍ମଳ ସାମଲ, ପୋଖରୀପୁଟ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବ ନିମନ୍ତ୍ରଣ ପତ୍ର ବାଣ୍ଟିଲେ ଧର୍ମେନ୍ଦ୍ର

କଟକ,୧୨।୧(ଶିଳ୍ପା ପ୍ରିୟଦର୍ଶିନୀ)


କଲେଜ ଛକସ୍ଥିତ ପାଟରାସାହିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନିମନ୍ତ୍ରଣ ପତ୍ର ବଣ୍ଟନ କରୁଛନ୍ତି।

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା କରାଯିବ। ଏଥିରେ ଯୋଗଦେବା ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଅକ୍ଷତ ଚାଉଳ ଓ ନିମନ୍ତ୍ରଣ ପତ୍ର ଦେଇ ଲୋକଙ୍କୁ ନିମନ୍ତ୍ରଣ କରିଛନ୍ତି। ସେ କଟକ କଲେଜ ଛକସ୍ଥିତ ପାଟରା ସାହିଠାରେ ପହଞ୍ଚି ପ୍ରଥମେ ବୁଢ଼ୀ ମଙ୍ଗଳାଙ୍କୁ ଦର୍ଶନ କରିଥିଲେ। ପରେ ପାଟରା ସାହି ଓ ଷ୍ଟେଶନ ବଜାର ଅଞ୍ଚଳରେ ଘର ଘର ବୁଲି ନିମନ୍ତ୍ରଣ ପତ୍ର ବାଣ୍ଟିଥିଲେ। ଘଣ୍ଟ, ଘଣ୍ଟା ସଂକୀର୍ତ୍ତନ ଶୋଭାଯାତ୍ରାରେ କେନ୍ଦ୍ରମନ୍ତ୍ରୀଙ୍କ ସମେତ ଭାଜପା ନେତା ଓ କର୍ମୀମାନେ ସାମିଲ ହୋଇଥିଲେ। ଏ ନେଇ କେନ୍ଦ୍ରମନ୍ତ୍ରୀ ପ୍ରଧାନ କହିଛନ୍ତି, କଟକ ସହରରେ ୯୦ ଦଶକ ପ୍ରାରମ୍ଭରେ ରାମଶିଳା ପୂଜା କରାଯାଉଥିଲା। ସେତେବେଳେ ଏହି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ସୁଯୋଗ ପାଇଥିଲି। ହେଲେ ଆସନ୍ତା ୨୨ ତାରିଖରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗଦେବା ନିମନ୍ତେ ନିମନ୍ତ୍ରଣ ପତ୍ର ବାଣ୍ଟିବା ମୋ ପାଇଁ ପରମ ସୌଭାଗ୍ୟର ବିଷୟ। ଗୋଟିଏ ପଟେ ପ୍ରଧାନମନ୍ତ୍ରୀଙ୍କ ପରିଶ୍ରମ ଓ ଅନ୍ୟପଟେ ବିଶ୍ୱବ୍ୟାପୀ ଏହାର ଦିଗ୍‌ଦର୍ଶନ ଯାହା ଦେଶବାସୀଙ୍କୁ ଆନନ୍ଦିତ କରିବ। ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଭାଜପା ନେତା ନୟନ କିଶୋର ମହାନ୍ତି, ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବସ୍ତୁ, ରାଜ୍ୟ ଧର୍ମ ଜାଗରଣ ପ୍ରମୁଖ ବିନୟ ଭୂୟାଁ, କର୍ପୋରେଟର ଗୋପାଳ ବେହେରା, ଦୀପକ ଦାସ, ଲକ୍ଷ୍ମୀଧର ବେହେରା, ବିନୋଦ ଦାସ, ଶ୍ରୀତମ୍ ଦାସ, ସିକନ୍ଦର ଅଲ୍ଲୀ, ସ୍ମୃତି ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

# ଜବାବ ଦାଖଲ ପାଇଁ ହାଇକୋର୍ଟଙ୍କ ନୋଟିସ

କଟକ,୧୨।୧ (କାର୍ତ୍ତିକ ସାହୁ)



**ପୋଲିସ ଏସ୍‌ଆଇ ଚୟନ ପରୀକ୍ଷା ଅନିୟମିତତା ମାମଲା**

ପୋଲିସ ଏସ୍‌ଆଇ ନିମନ୍ତେ ଅନୁଷ୍ଠିତ ପରୀକ୍ଷାରେ ପ୍ରଶ୍ନପତ୍ରଜନିତ ତ୍ରୁଟିକୁ ନେଇ ଦାଏର ମାମଲା ହାଇକୋର୍ଟ ଶୁକ୍ରବାର ଶୁଣାଣି କରିଛନ୍ତି। ଏ ସଂକ୍ରାନ୍ତରେ ଜବାବ ଦାଖଲ ନିମନ୍ତେ ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଓ ରାଜ୍ୟ ସରକାରଙ୍କୁ ହାଇକୋର୍ଟ ନୋଟିସ ଜାରି କରିଛନ୍ତି। ଆସନ୍ତା ୨୯ ତାରିଖରେ ମାମଲାର ପରବର୍ତ୍ତୀ ଶୁଣାଣି ହେବ।

ମାମଲାର ବିବରଣୀ ଅନୁଯାୟୀ, ଓଡ଼ିଶା ପୋଲିସ ରିକ୍ରୁଟ୍‌ମେଣ୍ଟ ବୋର୍ଡ ଦ୍ୱାରା ୨୦୨୧ରେ ପୋଲିସ ଏସ୍‌ଆଇ ପଦବୀ ନିମନ୍ତେ ବିଜ୍ଞପ୍ତି ପ୍ରକାଶ ପାଇଥିଲା। ବିଜ୍ଞପ୍ତି ପ୍ରକାଶ ପାଇବାର ଅନେକ ଦିନ ପରେ ଅର୍ଥାତ୍ ୨୦୨୩ ନଭେମ୍ବର ୨୬ରେ ଏହାର ଲିଖିତ ପରୀକ୍ଷା ହୋଇଥିଲା। ପେପର-୧ ଓ ପେପର-୨ ଭାବେ ଦୁଇଟି ପେପରରେ ଆବେଦନକାରୀମାନେ ପରୀକ୍ଷା ଦେଇଥିଲେ। ହେଲେ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟ ପରୀକ୍ଷା କେନ୍ଦ୍ରରେ ଅନୁଷ୍ଠିତ ପରୀକ୍ଷାରେ ପରୀକ୍ଷାର୍ଥୀମାନଙ୍କୁ ପେପର-୧ ପ୍ରଶ୍ନପତ୍ର ବଦଳରେ ପେପର-୨ ପ୍ରଶ୍ନପତ୍ର ଦିଆଯାଇଥିଲା। ପରୀକ୍ଷାର୍ଥୀମାନେ ପ୍ରଥମେ ଏ ବାବଦରେ ଜାଣିପାରି ନ ଥିଲେ। ପ୍ରାୟ ୨୦ ମିନିଟ୍ ପରୀକ୍ଷା ଦେବା ପରେ ଏଭଳି ତ୍ରୁଟି ଜାଣି ସେମାନେ ପରୀକ୍ଷା ନିରୀକ୍ଷକଙ୍କୁ ଜଣାଇଥିଲେ। ଫଳରେ ପରୀକ୍ଷାର୍ଥୀମାନଙ୍କଠାରୁ ତୁରନ୍ତ ପେପର-୨ ପ୍ରଶ୍ନପତ୍ର ଫେରାଇ ନିଆଯାଇଥିଲା। ଏଥିସହ ସେମାନଙ୍କୁ ପରୀକ୍ଷା କେନ୍ଦ୍ରରେ ଦୀର୍ଘ ସମୟ ଅଟକ ରଖାଯାଇଥିଲା। ପରେ ପେପର-୧ ପରୀକ୍ଷାକୁ ବାତିଲ କରାଯାଇଥିଲେ ମଧ୍ୟ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ବୋର୍ଡ ୱେବ୍‌ସାଇଟ୍‌ରେ କୌଣସି ବିଜ୍ଞପ୍ତି ପ୍ରକାଶ କରାଯାଇ ନ ଥିଲା। ଏହି ପରୀକ୍ଷା ୨୦୨୩ ଡିସେମ୍ବର ୧୦ ତାରିଖରେ ହେବ ବୋଲି ପରୀକ୍ଷାର୍ଥୀମାନଙ୍କୁ ଇ-ମେଲ୍ କରାଯାଇଥିଲା। ଏହି ପରୀକ୍ଷା କେବଳ ଖୋର୍ଦ୍ଧା ମହିଳା ମହାବିଦ୍ୟାଳୟର ବାତିଲ ପରୀକ୍ଷାର୍ଥୀମାନେ ଦେଇଥିଲେ। ଏହାପରେ ଡିସେମ୍ବର ୨୧ ତାରିଖରେ ଲିଖିତ ପରୀକ୍ଷାର ଫଳ ପ୍ରକାଶ ପାଇଥିଲା। ଏଥିରେ ବି କେତେକ ଅନିୟମିତତା ରହିଥିଲା। ଏସବୁ ବିରୋଧରେ କେତେକ ପରୀକ୍ଷାର୍ଥୀ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ବିଶ୍ୱରଞ୍ଜନ ପରମଗୁରୁ କହିଛନ୍ତି, ଡିସେମ୍ବର ୨୧ରେ ପରୀକ୍ଷାଫଳ ବାହାରିବା ପରେ ସାଧାରଣ ବର୍ଗଙ୍କ ପାଇଁ କଟ୍ ଅଫ୍ ମାର୍କ ୧୮୫ ରଖାଯାଇଥିଲା। ସେହି ସମୟରୁ ହାଇକୋର୍ଟ ଛୁଟି ରହିଥିଲା। ପରବର୍ତ୍ତୀ ସମୟ ଅର୍ଥାତ୍ ଜାନୁଆରୀ ୨ ତାରିଖରେ ହାଇକୋର୍ଟ ଖୋଲିବା ବେଳକୁ ବୋର୍ଡ ତରବରିଆ ଭାବେ ନିଯୁକ୍ତି ପ୍ରକ୍ରିୟା ଶେଷ କରିଦେଇଛନ୍ତି। ସେତେବେଳେ କଟ୍ ଅଫ୍ ମାର୍କ ଖସି ୧୭୨ରେ ପହଞ୍ଚିଥିବା ଜଣାପଡ଼ିଥିଲା, ଯାହା ଆଉ ଏକ ଅନିୟମିତତା ବୋଲି ସେ କହିଛନ୍ତି।

# ଭୁବନେଶ୍ୱରରେ ଆସାମ ମୁଖ୍ୟମନ୍ତ୍ରୀ


ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା

ଭୁବନେଶ୍ୱର, ୧୨।୧(ସୁନିତ୍ ମିଶ୍ର)

ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ଦୁଇ ଦିନିଆ ଓଡ଼ିଶା ଗସ୍ତରେ ଆସି ଶୁକ୍ରବାର ଭୁବନେଶ୍ୱରଠାରେ ପହଞ୍ଚିଛନ୍ତି। ବିମାନ ବନ୍ଦରରେ ପହଞ୍ଚିବା ପରେ ରାଜ୍ୟ ଭାଜପା ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଶନିବାର ସେ ଏକ ଘରୋଇ ସଂସ୍ଥାର କାର୍ଯ୍ୟକ୍ରମରେ ଯୋଗଦେବେ। ଭାଜପା ରାଜ୍ୟ ସଭାପତି ମନମୋହନ ସାମଲ ତାଙ୍କୁ ସ୍ୱାଗତ କରିଥିବା ବେଳେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଆସାମ ମୁଖ୍ୟମନ୍ତ୍ରୀ ବହୁ ଲୋକପ୍ରିୟ। ଏକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେବେ। ପରେ ଦଳୀୟ କାର୍ଯ୍ୟାଳୟକୁ ଆସିବା କାର୍ଯ୍ୟକ୍ରମ ମଧ୍ୟ ରହିଥିବା ସେ କହିଛନ୍ତି।

# ୮ ବର୍ଷ ପରେ ମିଳିଲା ଭଗ୍ନାବଶେଷ

## ନିଖୋଜ ବାୟୁସେନା ବିମାନର ରହସ୍ୟ ଖୋଲିଲା




ନୂଆଦିଲ୍ଲୀ,୧୨।୧

ଭାରତୀୟ ବାୟୁସେନାର ଏଏନ୍-୩୨ ପରିବହନ ବିମାନ ୨୦୧୬ରେ ବଙ୍ଗୋପସାଗରରେ ନିଖୋଜ ହେବା ଘଟଣା ୭.୫ ବର୍ଷ ହେଲା ରହସ୍ୟାବୃତ ହୋଇ ରହିଥିଲା। ଚେନ୍ନାଇ ଉପକୂଳରୁ ଉକ୍ତ ବିମାନର ଭଗ୍ନାବଶେଷ ମିଳିଥିବାରୁ ଉକ୍ତ ରହସ୍ୟର ପର୍ଦ୍ଦାଫାଶ୍ ହୋଇଥିବା କୁହାଯାଉଛି। ବିମାନ ନିଖୋଜ ହେବାବେଳେ ସେଥିରେ ୨୯ ଜଣ କର୍ମଚାରୀ ଥିଲେ। ଗଭୀର ସମୁଦ୍ର ମଧ୍ୟରୁ ବିମାନକୁ ଠାବ କରିବା ଲାଗି ଜାତୀୟ ସାମୁଦ୍ରିକ ପ୍ରଯୁକ୍ତି ଅନୁଷ୍ଠାନ ଅଟୋନମସ୍ ୟୁଟିଲିଟି ଭେହିକିଲ୍ (ଏୟୁଭି) ନାମରେ ଏକ ଉପକରଣ ବିକଶିତ କରିଥିଲା। ଉକ୍ତ ଏୟୁଭିକୁ ବଙ୍ଗୋପସାଗର ମଧ୍ୟକୁ ଛଡ଼ାଯାଇଥିଲା। ଉକ୍ତ ଉପକରଣ ମଲ୍ଟିବିମ୍ ସୋନାର (ସାଉଣ୍ଡ ଆଣ୍ଡ ନାଭିଗେଶନ ରାଙ୍ଗିଙ୍ଗ୍), କୃତ୍ରିମ ଉପକରଣ ସୋନାର ଏବଂ ହାଇରିଜଲ୍ୟୁଶନ ଫଟୋଗ୍ରାଫି ବ୍ୟବହାର କରି ୩,୪୦୦ ମିଟର ଗଭୀରରେ ବିମାନ ଭଗ୍ନାବଶେଷକୁ ଠାବ କରିଛି। ଚେନ୍ନାଇ ଉପକୂଳଠାରୁ ୩୧୦ କି.ମି. ଦୂର ସମୁଦ୍ରଶଯ୍ୟାରୁ ଭଗ୍ନାବଶେଷ ମିଳିଛି। ଫଟୋଗ୍ରାଫ୍‌ଗୁଡ଼ିକର ଅନୁଶୀଳନ କରାଯିବା ପରେ ତାହା ଏଏନ୍-୩୨ ବିମାନର ଭଗ୍ନାବଶେଷ ବୋଲି ସ୍ପଷ୍ଟ ହୋଇଛି।

# ସାହିତ୍ୟିକା ବିଜୟିନୀ ଦାସଙ୍କ ପରଲୋକ

କଟକ,୧୨।୧ (କାର୍ତ୍ତିକ ସାହୁ)


ବିଜୟିନୀ ଦାସ

ବିଶିଷ୍ଟ ସାହିତ୍ୟିକା ବିଜୟିନୀ ଦାସ(୭୯)ଙ୍କର କଟକ ସିଡିଏସ୍ଥିତ ବାସଭବନରେ ଶୁକ୍ରବାର ପରଲୋକ ହୋଇଯାଇଛି। ସେ ଦୀର୍ଘଦିନ ଧରି ବାର୍ଦ୍ଧକ୍ୟଜନିତ ରୋଗରେ ଆକ୍ରାନ୍ତ ଥାଇ ଚିକିତ୍ସିତ ହେଉଥିଲେ। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପୁତ୍ର ଅମରଜିତ ଦାସ, ଝିଅ ମଧୁମିତା ମହାନ୍ତିଙ୍କ ସମେତ ଜ୍ୱାଇଁ ଓ ପୁତ୍ରବଧୂ ଉପସ୍ଥିତ ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କର ଶେଷ ଦର୍ଶନ କରିବା ସହ ଶୋକପ୍ରକାଶ କରିଛନ୍ତି। କଟକ ସତୀଚଉରା ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି।

ସେ ଏକା ଧାରରେ ଜଣେ ସୁଲେଖିକା, କବୟିତ୍ରୀ, କଥା ସାହିତ୍ୟିକା ଏବଂ ଔପନ୍ୟାସିକା ଥିଲେ। ତାଙ୍କର କୃତିଗୁଡ଼ିକ ମଧ୍ୟରୁ ଦେବଦାସୀ ଉପନ୍ୟାସ ତାଙ୍କୁ ପରିଚୟ ଦେଇଥିଲା। ସେହିପରି କବିତା ସଙ୍କଳନ, କ୍ଷୁଦ୍ରଗଳ୍ପ ଓ ଉପନ୍ୟାସ କ୍ଷେତ୍ରରେ ସେ ବେଶ୍ ପାରଦର୍ଶିତା ଅର୍ଜନ କରି ୩୦ଟି ପୁସ୍ତକ ରଚନା କରିଛନ୍ତି। ଉପନ୍ୟାସ ଦେବଦାସୀ ପାଇଁ ତାଙ୍କୁ ୧୯୯୧ରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉପନ୍ୟାସକୁ ହିନ୍ଦୀରେ ଅନୁବାଦ କରାଯିବା ସହ ଏହା ଉପରେ ଏକ ଟେଲିଫିଲ୍ମ ମଧ୍ୟ ନିର୍ମାଣ କରାଯାଇଥିଲା। ଓଡ଼ିଆ ସାହିତ୍ୟ ଜଗତକୁ ତାଙ୍କ ଉଲ୍ଲେଖନୀୟ ଅବଦାନ ପାଇଁ ୧୯୬୮ରେ ଚିତ୍ରପୁରୀ ସମ୍ମାନ, ୧୯୯୩ରେ ସାହିତ୍ୟ ଏକାଡେମୀ ପ୍ରଜ୍ଞା ସମ୍ମାନ, ୧୯୯୫ରେ ରାଧାନାଥ ରାୟ ସ୍ମୃତି ସମ୍ମାନ ଓ ୨୦୨୦ରେ ଗଙ୍ଗାଧର ରଥ ଫାଉଣ୍ଡେଶନ ପକ୍ଷରୁ ବୀଣାପାଣି ମହାନ୍ତି କଥାସାହିତ୍ୟ ସମ୍ମାନ ସହ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଦୀର୍ଘ ୫୦ ବର୍ଷ ଧରି ସେ ଜୀବନରଙ୍ଗ ପତ୍ରିକାର ସମ୍ପାଦିକା ଭାବେ କାର୍ଯ୍ୟ କରୁଥିଲେ।

# ଶ୍ରମିକଙ୍କ ହୃଦୟର ସମ୍ରାଟ ଥିଲେ ଦ୍ୱାରିକା ମୋହନ

**ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ଶ୍ରଦ୍ଧାଞ୍ଜଳି**


ଦ୍ୱାରିକା ମହୋନ ମିଶ୍ର।

ଅନେକ ପ୍ରତିକୂଳ ପରିସ୍ଥିତି ସତ୍ତ୍ୱେ ନିଜ ସଙ୍କଳ୍ପରୁ ବିଚ୍ୟୁତ ହୋଇ ନ ଥିଲେ। ଶ୍ରମିକ, ଜନସାଧାରଣଙ୍କ ପାଇଁ କରୁଥିବା ସଂଘର୍ଷରେ ବିରାମ ଦେଇ ନ ଥିଲେ। ସର୍ବଦା ଶୃଙ୍ଖଳିତ ତଥା ନିରବଚ୍ଛିନ୍ନ ଭାବେ କର୍ମପଥରେ ଆଗକୁ ବଢ଼ି ଚାଲିଥିଲେ। ସମାଜର ମଙ୍ଗଳ ପାଇଁ ନିଜ ଜୀବନର ବହୁମୂଲ୍ୟ ସମୟ ସମର୍ପି ଦେଇଥିବା ତାଳଚେରର ଦ୍ୱାରିକା ମୋହନ ମିଶ୍ର ବାସ୍ତବରେ ଶ୍ରମିକଙ୍କ ହୃଦୟର ସମ୍ରାଟ୍ ହୋଇପାରିଥିଲେ।

ପିତା ଜଗନ ମୋହନ ଓ ମାତା କନକ ଦେବୀଙ୍କ ଏହି ସୁପୁତ୍ର ୧୯୩୪ ଜାନୁଆରୀ ୨୦ରେ ତାଳଚେରରେ ଜନ୍ମଗ୍ରହଣ କରିଥିଲେ। ପ୍ରାଥମିକ ଶିକ୍ଷା ଶେଷ ପରେ ସେ କେନ୍ଦୁଝର ଜିଲାର ବି.ଏନ. ଉଚ୍ଚ ବିଦ୍ୟାଳୟରୁ ୧୯୫୦ରେ ମାଟ୍ରିକ ପାସ୍ କରିଥିଲେ। ତେବେ କଟକ ଖ୍ରୀଷ୍ଟ କଲେଜରୁ ଉଚ୍ଚଶିକ୍ଷା ସହ ଆରମ୍ଭ ହୋଇଥିଲା ତାଙ୍କ ବିପ୍ଳବୀ ତଥା ରାଜନୈତିକ ଜୀବନ। ଖ୍ରୀଷ୍ଟ କଲେଜ ନିର୍ବାଚନ ଜିତି ସେ ୟୁନିୟନର ସମ୍ପାଦକ ହେବା ସହ ଭାରତ ଛାତ୍ର ଫେଡେରେଶନର ନେତା ହୋଇ କଲେଜ ଫି ବୃଦ୍ଧିକୁ ବିରୋଧ କରି ଗିରଫ ହୋଇଥିଲେ।

କିଛି ଖ୍ୟାତନାମା ନେତାଙ୍କ ଆଗ୍ରହ କ୍ରମେ ସେ ସିପିଆଇ(କମ୍ୟୁନିଷ୍ଟ)ର ସକ୍ରିୟ ସଦସ୍ୟତା ଗ୍ରହଣ କରିଥିଲେ। ୧୯୫୧ ମସିହାରେ ଶାନ୍ତି ଆନ୍ଦୋଳନ ଓ ସମ୍ମିଳନୀରେ ଯୋଗଦେବା ପାଇଁ କଲିକତା ଯାଇଥିଲେ। ୧୯୫୪ରେ ଢେଙ୍କାନାଳ ଜିଲା ବ୍ରାହ୍ମଣ ନୂଆ ଶାସନର ପଣ୍ଡିତ ଗଣେଶ୍ୱର ନନ୍ଦଙ୍କ କନିଷ୍ଠା କନ୍ୟା ଆହ୍ଲାଦିନୀଙ୍କୁ ବିବାହ କରି ବୈବାହିକ ଜୀବନ ଆରମ୍ଭ କରିଥିବା ଦ୍ୱାରିକା ମୋହନ ୧୯୬୨ରେ ଦେଶ ସୁରକ୍ଷା ଆଇନ ବଳରେ ଗିରଫ ହୋଇଥିଲେ। ୧୯୬୫ରେ ଟିଟିପିଏସ୍‌ର ଭିତ୍ତିପ୍ରସ୍ତର ସ୍ଥାପନ ବେଳେ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହେରୁ ଓ ଉଦ୍‌ଘାଟନ ପାଇଁ ଆସିଥିବା ପ୍ରଧାନମନ୍ତ୍ରୀ ଇନ୍ଦିରା ଗାନ୍ଧୀଙ୍କୁ ଭେଟିଥିଲେ। ବିଭିନ୍ନ ଶିଳ୍ପ ସଂସ୍ଥାରେ କାର୍ଯ୍ୟରତ ପ୍ରାୟ ୧ ହଜାର ଶ୍ରମିକଙ୍କୁ ଏକାଠି କରି ଆନ୍ଦୋଳନ ମାଧ୍ୟମରେ ମଜୁରି ବୃଦ୍ଧି ପାଇଁ ସରକାରଙ୍କୁ ବାଧ୍ୟ କରିଥିଲେ। ଟିଟିପିଏସ୍ କର୍ମଚାରୀ ସଂଘ ସଭାପତି ଭାବେ ୩୫ ବର୍ଷ ଦାୟିତ୍ୱ ନିର୍ବାହ କରିଥିବା ଦ୍ୱାରିକା ମୋହନ ଅନେକ ଆଇନଗତ ବିବାଦର ସମ୍ମୁଖୀନ ହୋଇଥିଲେ ବି ସବୁଥିରୁ ନିର୍ଦ୍ଦୋଷ ପ୍ରମାଣିତ ହୋଇଥିଲେ। ସରକାର ମଧ୍ୟ ତାଙ୍କୁ ଗିରଫ କରିବାର ଉଦ୍ୟମ କରି ବିଫଳ ହୋଇଥିଲେ। ଜଣେ ଖବରଦାତା ଭାବେ ମଧ୍ୟ ସେ ସୁନାମ ଅର୍ଜନ କରିଥିଲେ। ତାଙ୍କ ପ୍ରଚେଷ୍ଟାରେ ଓଡ଼ିଶା ସାମ୍ବାଦିକ ସଂଘ ଗଠିତ ହୋଇଥିଲା।

ତେବେ ବିଳମ୍ବରେ ହେଲେ ବି ରାଜ୍ୟ ସରକାର ଦ୍ୱାରିକା ମୋହନଙ୍କ ପ୍ରକୃତ ଉଦ୍ଦେଶ୍ୟକୁ ବୁଝିପାରିଥିଲେ। ୧୯୯୯ରେ ଟ୍ରେଡ ୟୁନିୟନ ଆନ୍ଦୋଳନରୁ ସନ୍ନ୍ୟାସ ନେବା ପରେ ସରକାର ତାଙ୍କୁ ହସ୍ତତନ୍ତ ଉନ୍ନୟନ ଓ ଗୃହ ନିର୍ମାଣ ପ୍ରତିଷ୍ଠାନର ଅଧ୍ୟକ୍ଷ, ରାଜ୍ୟ ଶ୍ରମ ବୋର୍ଡ ଓ ରାଜ୍ୟ ବିଦ୍ୟୁତ୍ ବୋର୍ଡର ପରାମର୍ଶଦାତା ପରିଷଦର ସଦସ୍ୟ କରିଥିଲେ। ପରେ ସେ ଆଧ୍ୟାତ୍ମିକ ଯାତ୍ରା ଆରମ୍ଭ କରି ଢେଙ୍କାନାଳର ୨୫ ଏକରରେ ସାଇ ଦତ୍ତାତ୍ରେୟ ଆଶ୍ରମ ପ୍ରତିଷ୍ଠା କରିଥିଲେ। ସେ ଇଂଲିଶ ଭାଷାରେ ୪ ଖଣ୍ଡ ପୁସ୍ତକ 'ଦ ଏଟରନାଲ ବେଶ୍, ଭିଜିଅନ୍ସ ଅଫ୍ ସ୍ପିରିଚୁଆଲିଜିମ୍, ଶ୍ରଦ୍ଧା ସବୁରି ଆଣ୍ଡ ସର୍ଭିସ ଏବଂ ଲର୍ଡ ଦତ୍ତାତ୍ରେୟ ଦ ତ୍ରିମୂର୍ତ୍ତି' ରଚନା କରିଥିଲେ। ୨୦୨୨ ଡିସେମ୍ବର ୨୫ରେ ଏହି ଦରଦୀ, ପରୋପକାରୀ ଜନନାୟକଙ୍କ ପରଲୋକ ଘଟିଥିଲା। ସୌଭାଗ୍ୟର ବିଷୟ, ଦ୍ୱାରିକାଙ୍କ ଅନୁପସ୍ଥିତିରେ ଦୁଇପୁତ୍ର ଶାନ୍ତିବର୍ଦ୍ଧନ ଓ ଜୟବର୍ଦ୍ଧନଙ୍କ ସମେତ ପରିବାରବର୍ଗ ତାଙ୍କ ପଦାଙ୍କ ଅନୁସରଣ କରି ସାମାଜିକ ସେବାରେ ନିମଗ୍ନ ରହିଛନ୍ତି। ଜଣେ କର୍ମବୀର, ଧାର୍ମିକ ତଥା ଜନବତ୍ସଳ ବ୍ୟକ୍ତି ଭାବେ ଲୋକଙ୍କ ହୃଦୟରେ ସ୍ଥାନ ପାଇଥିବା ଦ୍ୱାରିକା ମୋହନଙ୍କୁ ପ୍ରଥମ ଶ୍ରାଦ୍ଧବାର୍ଷିକୀରେ ବିନମ୍ର ଶ୍ରଦ୍ଧାଞ୍ଜଳି।

**-ଅକ୍ଷୟ କୁମାର ଜେନା,**
**ଦତ୍ତାତ୍ରେୟ ସାଇ ଆଶ୍ରମ**
**କପିଳାସ, ଢେଙ୍କାନାଳ**

# ବଂଶଲଙ୍କ ନେତୃତ୍ୱରେ ଭାଜପା ନିର୍ବାଚନ କମିଟି ବୈଠକ

**ଭୁବନେଶ୍ୱର, ୧୨।୧(ସୁନିତ୍ ମିଶ୍ର):** ଭାଜପା କ୍ଷେତ୍ରୀୟ ପ୍ରଭାରୀ ସୁନିଲ ବଂଶଲଙ୍କ ନେତୃତ୍ୱରେ ବାରମ୍ବାର ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ପ୍ରଥମେ ଭୁବନେଶ୍ୱର ଠାରେ ଦଳର ୩ କେନ୍ଦ୍ରୀୟ ନେତା ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରିଥିବାବେଳେ ଏହାର କିଛିଦିନ ବ୍ୟବଧାନରେ ରାଉରକେଲା ଠାରେ ଦଳର ଆଉ ଏକ ସାଙ୍ଗଠନିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ତେବେ ଶୁକ୍ରବାର ବଂଶଲଙ୍କ ନେତୃତ୍ୱରେ ଦଳର ନିର୍ବାଚନ କମିଟି ବୈଠକ ରାଜ୍ୟସ୍ତରୀୟ ଶୀର୍ଷ ନେତାମାନଙ୍କୁ ନେଇ ରାଜ୍ୟ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହୋଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡଙ୍ଗୀ ଏବଂ ରାଜ୍ୟ ସଭାପତି ମନମୋହନ ସାମଲ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ଦଳ କିପରି ପ୍ରାର୍ଥୀ ଚୟନ କରିବା ଠାରୁ ଆରମ୍ଭ କରି ନିର୍ବାଚନ ପରିଚାଳନା ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା ହୋଇଥିବା ଜଣାପଡିଛି। ଅନ୍ୟପଟେ ଦଳ ଆଗକୁ କେଉଁସବୁ ରଣନୀତି ନେଇ ଶାସନ ଦଳ ବିରୋଧରେ ମଇଦାନକୁ ଓହ୍ଲାଇବ ସେ ସମ୍ପର୍କରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ହୋଇଥିବା ଦଳୀୟ ମହଲରେ ଚର୍ଚ୍ଚା ହୋଇଛି।

**DISTRICT PROJECT OFFICE**
**SAMAGRA SHIKSHA, JAJPUR**
At/P.O.: Baidyarajpur, Jajpur, Odisha, PIN - 755001
Email: dpcjajpurssa.opepa@nic.in
No. 146/Ped/24 Date: 11.01.2024

**TENDER CALL NOTICE FOR PRINTING AND SUPPLY OF REPORT CARD 2023-24**

Sealed tenders are invited in plain paper from Registered Offset Printers having valid PAN Number/VAT Clearance Certificate (upto 2022-23) and valid GST No. for printing, packing and supply of Report Card (From Class-I to Class-VIII) for the year 2023-24. The tender paper (Bid document) containing details specification with terms and conditions may be downloaded from Jajpur District website **www.jajpur.nic.in & dpcjajpurssa.opepa@nic.in** and the payment of Rs.1,000/- (Rupees One Thousand) towards cost of tender paper may be made only in shape of DD drawn in any Nationalized Bank in favour of District Project Coordinator, SS, Jajpur towards cost of tender paper. No other mode of payment will be entertained. The sealed tenders can be sent through Registered Post/Speed Post by superscribing the envelope **"Tender for Printing and Supply of Report Card 2023-24"** to the District Project Office, RTE-SS, Jajpur, At; Baidyarajpur, P.O.: Jajpur Town, Dist.: Jajpur, PIN - 755001 and the same will be received upto 5 P.M. Dt.29.01.2024. Tenders received after scheduled date & time will not be entertained. The office will not be responsible for any kind of postal delay. The sealed tenders will be opened on 30.01.2024 at 12 P.M. in the District Project Office, SS, Jajpur or any place as desired by the Collector-cum-Chairman, SS, Jajpur where the tenderers or their authorized representatives may attend. The authority reserves the right to amend, alter or cancel any part or all the tenders without assigning any reason thereof.

By the approval of Collector & DM, Jajpur
**Sd./- DEO-cum-DPC, SS, Jajpur**

**ଦ.ପୂ. ରେଳପଥ - ଟେଣ୍ଡର**

**ଖୋଲା ଇ-ଟେଣ୍ଡର ବିଜ୍ଞପ୍ତି ନଂ.: ଆର୍‌ଏସ୍-ଟାଟା-୧୧-୨୦୨୩-୨୪** । ଭାରତର ରାଷ୍ଟ୍ରପତିଙ୍କ ପାଇଁ ଏବଂ ତରଫରୁ, ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର (ଟିଆର୍‌ଏସ୍)/ଟାଟା, ଦ.ପୂ. ରେଳପଥ ନିମ୍ନଲିଖିତ କାର୍ଯ୍ୟ ପାଇଁ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଇ-ଟେଣ୍ଡର ପାଇଁ ମାନୁଆଲ ଅଫର ଅନୁମତିଯୋଗ୍ୟ ନୁହେଁ ଏବଂ ପ୍ରାପ୍ତ ହୋଇଥିବା ଏପରି କୌଣସି ମାନୁଆଲ ଅଫରକୁ ଅଣଦେଖା କରିଦିଆଯିବ । **କାର୍ଯ୍ୟର ବର୍ଣ୍ଣନା:** ଇଏଲ୍‌ଏସ୍/ଟାଟାନଗର, ସାନ୍ତ୍ରାଗାଛି, ବଣ୍ଡମୁଣ୍ଡା, ବୋକାରୋ ଷ୍ଟିଲ୍ ସିଟି ଏବଂ ରାଉରକେଲାର ୩-ଫେଜ୍ (ଡବ୍ଲ୍ୟୁଏପି୭ ଏବଂ ଡବ୍ଲ୍ୟୁଏଜି୯) ଲୋକୋମୋଟିଭ୍ ନିମନ୍ତେ ଅଣ୍ଡରସ୍ଲଙ୍ଗ୍ କମ୍ପ୍ରେସର୍ ମାଉଣ୍ଟିଂ ଲେଗ୍‌ଗୁଡ଼ିକୁ ମାନକ ମୂଲ୍ୟାଙ୍କରୁ କମ୍ ମୋଟେଇରେ ସଂଶୋଧନ କରିବା। **ଟେଣ୍ଡର ମୂଲ୍ୟ: ₹୧,୪୧,୧୩,୯୮୦/-** । **ଇ.ଏମ୍.ଡି.: ୨,୨୦,୬୦୦/-** । **ଟେଣ୍ଡର ଫର୍ମ ମୂଲ୍ୟ:** ଶୂନ୍ୟ । **ଟେଣ୍ଡର ବନ୍ଦ ହେବାର ତାରିଖ ଓ ସମୟ:** ତା୦୬।୦୨।୨୦୨୪ରିଖ ୧୫.୦୦ ଘଟିକା । **ଟେଣ୍ଡର ଖୋଲିବାର ତାରିଖ:** ତା୦୬।୦୨।୨୦୨୪ରିଖ । ଟେଣ୍ଡରଗୁଡ଼ିକ ୱେବ୍‌ସାଇଟ୍ **http://www.ireps.gov.in**ରେ ଦେଖାଯାଇପାରିବ । ଇ-ଟେଣ୍ଡରର ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍‌ରେ ଉପଲବ୍ଧ । ଯଦି ଖୋଲାଯିବା ତାରିଖଟି ବନ୍ଦ କିମ୍ବା ଛୁଟିଦିନ ଘୋଷିତ ହୁଏ ତେବେ ଟେଣ୍ଡରକୁ ପରବର୍ତ୍ତୀ କାର୍ଯ୍ୟଦିବସରେ ସମାନ ସମୟରେ ଖୋଲାଯିବ । (PR-1024)

**झारखण्ड सरकार**
**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, हजारीबाग**

ई– निविदा आमंत्रण सूचना
ई–निविदा सं0 :– **RE-RDD/SD/HZB/29/2023-24 (2ND CALL)**

1.कार्य की विस्तृत विवरणी:

| ग्रुप सं0 | आईडेन्टीफिकेशन संख्या / पैकेज संख्या | प्रखण्ड | योजना का नाम | प्राक्कलित राशि | अग्रधन की राषि | परिमाण विपत्र का मूल्य | कार्य पूर्ण करने की अवधि |
|---|---|---|---|---|---|---|---|
| 1. | RE-RDD/SD/HZB/29/04/2023-24 | बड़कागांव | हजारीबाग जिला अंतर्गत बड़कागांव प्रखण्ड के गोंदलपुरा पंचायत में धोर धोरवा नदी पर पुंल निर्माण कार्य। | 27175000.00 | 543500.00 | 10000.00 | 18 माह |

2. वेबसाइट में निविदा प्रकाशन की तिथि – 16.01.2024
3. ई–निविदा प्राप्ति की तिथि एवं समय – दिनांक 16.01.2024 से दिनांक 25.01.2024 को अपराह्न 5:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, हजारीबाग
5. ई–निविदा खोलने की तिथि एवं समय –27.01.2024 अपराह्न 2:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, हजारीबाग
7. ई–निविदा प्रकोष्ठ का दूरभाष सं० – 9430154806
8. परिमाण विपत्र की राशि घट–बढ़ सकती है तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा शुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी।

विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता
ग्रामीण विकास विशेष प्रमंडल,
हजारीबाग

PR 315910 (Rural Development)23-24*D

**ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ**
(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ : ବି-୨/(ପଶ୍ଚିମ), ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭
ଫୋନ୍ : ୦୬୭୪-୨୫୪୦୦୩୨, ୨୫୪୪୧୭୧, ଇମେଲ୍: 0815samd@iob.in

**ଦଖଲ ନୋଟିସ୍**
ଆପେଣ୍ଡିକ୍ସ IV
(ସ୍ଥାବର ସମ୍ପତ୍ତି ନିମନ୍ତେ)
[ରୁଲ ୮(୧)]

**(ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟ୍ସ, ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ ୨୦୦୨ର ଧାରା ୧୩ (୪) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ ର ରୁଲ୍ ୮ ଅନୁଯାୟୀ ସ୍ଥାବର / ଅସ୍ଥାବର ସମ୍ପତ୍ତି ନିମନ୍ତେ)**

ନିମ୍ନ ସ୍ୱାକ୍ଷରକାରୀ ଇଣ୍ଡିଆନ ଓଭରସିଜ ବ୍ୟାଙ୍କର କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍‌ସିଆଲ୍ ଅସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ର ଧାରା ୧୩ (୧୨) ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ ) ରୁଲ୍ସ -୨୦୦୨ର ନିୟମ ୩ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ଦର୍ଶିତ ଆକାଉଣ୍ଟର ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା ମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରି କରି ନୋଟିସ ଦର୍ଶିତ ଅର୍ଥ ରାଶି ସହିତ ସେ ବାବଦ ଚୁକ୍ତି ହାରରେ ପରବର୍ତ୍ତି ସୁଧ, ଦେୟ ଇତ୍ୟାଦି ନୋଟିସ୍ ପ୍ରାପ୍ତିର **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତା ସମସ୍ତ ରାଶି ପ୍ରଦାନ କରିବାରେ ବିଫଳ ହୋଇଛନ୍ତି, ତେଣୁ ଋଣଗ୍ରହୀତା/ ବନ୍ଧକଦାତା/ ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛିକି ନିମ୍ନ ସ୍ୱାକ୍ଷରକାରୀଙ୍କ ଦ୍ୱାରା କଥିତ ଆଇନର ଧାରା ୧୩ (୪) ସହିତ କଥିତ ରୁଲ୍ସ ର ନିୟମ ୮ ଅନୁଯାୟୀ ପ୍ରଦତ୍ତ କ୍ଷମତା ପ୍ରୟୋଗ କରାଯାଇ ନିମ୍ନରେ ଉଲ୍ଲେଖ କରାଯାଇଥିବା ସମ୍ପତ୍ତି ଗୁଡିକୁ ଦଖଲକୁ ନିଆଯାଇଛି ।

ଏତଦ୍ୱାରା ବିଶେଷ କରି ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତା ଏବଂ ସର୍ବ ସାଧାରଣଙ୍କୁ ସତର୍କ କରିଦିଆଯାଉଛି କି ନିମ୍ନରେ ବର୍ଣ୍ଣିତ ହୋଇଥିବା ସମ୍ପତ୍ତି ଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଗୁଡିକ ଉପରେ କୌଣସି ପ୍ରକାର କାରବାର କଲେ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ନିକଟରେ ନିମ୍ନରେ ଦର୍ଶିତ ଅର୍ଥରାଶି ସହିତ ପରିଶୋଧ ତାରିଖ ପର୍ଯ୍ୟନ୍ତ ଡିମାଣ୍ଡ ନୋଟିସ୍ ରେ ଦର୍ଶିତ ତାରିଖ ଠାରୁ ଚୁକ୍ତି ହାରରେ ସହମତି କ୍ରମେ ସେବାବଦ ସୁଧ ଏବଂ ଚକ୍ରବୃଦ୍ଧି ସୁଧ ନିମନ୍ତେ ବିଯୁକ୍ତ ଅସୁଲ ରାଶି ଯଦି ଡିମାଣ୍ଡ ନୋଟିସ୍ ଜାରି ପରେ ଯଦି କିଛି ଥାଏ, ସେଥି ନିମନ୍ତେ ଦାୟୀ ରହିବେ ।

ଏତଦ୍ୱାରା ଋଣଗ୍ରହୀତା / ବନ୍ଧକଦାତା / ଗ୍ୟାରେଣ୍ଟିଦାତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛିକି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକ ମୁକ୍ତ କରନ୍ତୁ ।

| କ୍ର. ସଂ | ଋଣଗ୍ରହୀତା / ବନ୍ଧକଦାତା/ ଗ୍ୟାରେଣ୍ଟିଦାତାମାନଙ୍କ ନାମ ଏବଂ ଠିକଣା | ନୋଟିସ୍‌ରେ ପ୍ରଦତ୍ତ ନିର୍ଦ୍ଦିଷ୍ଟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ | ସ୍ଥାବର ସମ୍ପତ୍ତିଗୁଡିକର ବିବରଣୀ |
|---|---|---|---|---|
| ୧. | ମୟୂରଝାଲିଆ ଶାଖା<br>ଋଣଗହୀତା/ବନ୍ଧକଦାତାମାନେ/ଗ୍ୟାରେଣ୍ଟି ଦାତାମାନେ : (୧) ଶ୍ରୀମତୀ ଆଶାଲତା ପରିଡା, ସ୍ୱାମୀ: ଶ୍ରୀ ଦଇତାରୀ ପରିଡା, (୨) ଶ୍ରୀ ଆଲୋକ କୁମାର ପରିଡ଼ା, ପିତା: ବିପିନ ପରିଡ଼ା, (୩) ସ୍ୱର୍ଗତଃ ଜଳଧର ପରିଡ଼ା, ପିତା: ସ୍ୱର୍ଗତଃ କସ୍ତୁରୀ ପରିଡ଼ା, (୪) ଶ୍ରୀ ଦଇତାରୀ ପରିଡ଼ା (ପୁତ୍ର ଏବଂ ସ୍ୱର୍ଗତଃ ଜଳଧର ପରିଡ଼ା ଙ୍କ ଆଇନଗତ ଉତ୍ତରାଧିକାରୀ), ସମସ୍ତଙ୍କର ଠିକଣା : ସା: ଖଣ୍ଡିସି, ପୋ: ଝାରପଡ଼ା, ଭାୟା: ଗୋପାଳପୁର, ଜିଲ୍ଲା: ନୟାଗଡ଼, ପିନ୍-୭୫୨୦୨୫ । | ତା.୦୧.୦୯.୨୦୨୩ରିଖ ସୁଦ୍ଧା ଟ.୧୪,୨୩,୨୯୧.୦୮ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି | ୦୧.୦୯.୨୦୨୩ / ୦୬.୦୧.୨୦୨୪ | ଶ୍ରୀ ଜଳଧର ପରିଡ଼ା ଙ୍କ ନାମରେ ଥିବା ଜମି ଏବଂ ଗୃହ ଆଦି ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ. ୭୩୮, ହାଲ ଏକତ୍ରିତ ଖାତା ନଂ. ୭୯, ଥାନା ନଂ. ୧୯୪, ମୌଜା: ଖଣ୍ଡିସି, ତହସିଲ: ରଣପୁର, ଜିଲ୍ଲା: ନୟାଗଡ଼, କ୍ଷେତ୍ର: ଏକର ୦.୦୫୦ ଡିସିମିଲ ରୁ ଏକର ୦.୦୩୩ ଡିସିମିଲ, ପ୍ରକାର: ସ୍ଥିତିବାନ, କିସମ: ଚାଷଜମି ଏବଂ ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଦିନବନ୍ଧୁ ପ୍ରଧାନ, ପଶ୍ଚିମ: ରାସ୍ତା, ଉତ୍ତର: ସନାତନ ପରିଡ଼ା, ଦକ୍ଷିଣ: ଚକ୍ରଧର ପରିଡ଼ା । |
| ୨. | ଚନ୍ଦେଶ୍ୱର ଶାଖା<br>ଋଣଗହୀତା/ବନ୍ଧକଦାତାମାନେ/ଗ୍ୟାରେଣ୍ଟି ଦାତାମାନେ : (୧) ମେସର୍ସ ଚନ୍ଦେଶ୍ୱର ଦେବ ଫ୍ଲାଏଆସ୍ ବ୍ରିକ୍ସ, (ମାଲିକାନା: ଶ୍ରୀ ଦିନବନ୍ଧୁ ସାହୁ, ପିତା: ସ୍ୱର୍ଗତଃ ରଘୁନାଥ ସାହୁ), (୨) ବେଣୁଧର ସାହୁ, ପିତା: ସ୍ୱର୍ଗତଃ ରଘୁନାଥ ସାହୁ, (୩) ସନ୍ତୋଷ କୁମାର ସାହୁ, ପିତା: ସ୍ୱର୍ଗତଃ ରଘୁନାଥ ସାହୁ, (୪) ଶିବ ପ୍ରସାଦ ସାହୁ, ପିତା: ସ୍ୱର୍ଗତଃ ରଘୁନାଥ ସାହୁ, (୫) ସନ୍ଧ୍ୟାରାଣୀ ସାହୁ, ପିତା: ସ୍ୱର୍ଗତଃ ରଘୁନାଥ ସାହୁ, (୬) ସୁଲୋଚନା ସାହୁ, ସ୍ୱାମୀ: ସ୍ୱର୍ଗତଃ ରଘୁନାଥ ସାହୁ, ସମସ୍ତଙ୍କର ଠିକଣା: ସା/ପା: ଚନ୍ଦେଶ୍ୱର, ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା-୭୫୨୦୨୩. | ତା.୦୪.୦୯.୨୦୨୩ରିଖ ସୁଦ୍ଧା ଟ.୧୧,୦୪,୪୧୦.୦୦ + ପରିଶୋଧ ତାରିଖ ପର୍ଯ୍ୟନ୍ତ ଚୁକ୍ତି ହାରରେ ପରବର୍ତ୍ତୀ ସୁଧ, ଚକ୍ରବୃଦ୍ଧି ସୁଧ ଓ ଦେୟ ଇତ୍ୟାଦି | ୦୪.୦୯.୨୦୨୩ / ୦୬.୦୧.୨୦୨୪ | ଦିନବନ୍ଧୁ ସାହୁ, ବେଣୁଧର ସାହୁ, ସନ୍ତୋଷ କୁମାର ସାହୁ, ଶିବ ପ୍ରସାଦ ସାହୁ, ସୁଲୋଚନା ସାହୁ ଏବଂ ସନ୍ଧ୍ୟାରାଣୀ ସାହୁ ମାନଙ୍କ ନାମରେ ଥିବା ବାସୋପଯୋଗୀ ଜମି ଆଦି ସମ୍ପତ୍ତିର ସମସ୍ତ ଖଣ୍ଡ ଓ ଅଂଶବିଶେଷ ଯାହାର ଖାତା ନଂ. ୧୫୦/୧୭୪, ପ୍ଲଟ୍ ନଂ. ୨୩୦/୮୭୮/୧୦୧୧, ମୌଜା: ତାଳଗଡ଼ ଖୁଡ଼ି, ଥାନା: ଟାଙ୍ଗି, ତହସିଲ: ଟାଙ୍ଗି, ଜିଲ୍ଲା: ଖୋର୍ଦ୍ଧା ଏବଂ ଏହାର ଚତୁଃପାର୍ଶ୍ୱରେ ପୂର୍ବ: ଏନ୍‌ଏଚ୍-୫, ପଶ୍ଚିମ: ସରକାରୀ ଜମି, ଉତ୍ତର: ପ୍ରାଣନାଥ ରାଉତରାୟ, ଦକ୍ଷିଣ: ନିଜେ । |

ସ୍ଥାନ : ଭୁବନେଶ୍ୱର, ତାରିଖ : ୧୩.୦୧.୨୦୨୪
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

# କଂଗ୍ରେସରେ ଜଣେ, ବିଜେଡି-ଭାଜପାରେ ଏକାଧିକ

ଜୟପୁର,୧୨।୧ (ପବନ ପାଣିଗ୍ରାହୀ)



## ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ

ଦକ୍ଷିଣ ଓଡ଼ିଶା କୋରାପୁଟ ଜିଲାର ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀ ସାମ୍ପ୍ରତିକ ରାଜ୍ୟ ରାଜନୀତିରେ ଚର୍ଚ୍ଚିତ ରହିଛି। ଏଠାରୁ ଗତ ଦୁଇଥର ଯାକ ଶାସକ ଦଳର ପ୍ରାର୍ଥୀଙ୍କୁ ହରାଇ କଂଗ୍ରେସ ଜିତାପଟ ମାରିଛି। ତେଣୁ ୨୦୨୪ ସାଧାରଣ ନିର୍ବାଚନରେ ବିଜେଡି ଏହି ଆସନକୁ ହାତେଇବା ପାଇଁ ପ୍ରାଣପଣେ ଚେଷ୍ଟା କରୁଥିବା ବେଳେ ଭାଜପା ନିଜର ସ୍ଥିତି ଜାହିରି କରିବାକୁ ଅଣ୍ଟା ଭିଡୁଥିବା ଦେଖିବାକୁ ମିଳୁଛି।

କୋରାପୁଟ ଜିଲାରେ କୋରାପୁଟ, ଜୟପୁର, ଲକ୍ଷ୍ମୀପୁର, ପଟ୍ଟାଙ୍ଗୀ ଏବଂ କୋଟପାଡ଼ ୫ଟି ବିଧାନସଭା ଆସନ ରହିଛି। ସେଥିମଧ୍ୟରୁ ୪ଟି ସଂରକ୍ଷିତ ରହିଥିବା ବେଳେ କେବଳ ଜୟପୁର ଆସନ ସାଧାରଣ ବର୍ଗଙ୍କ ପାଇଁ ଉଦ୍ଦିଷ୍ଟ। ଜୟପୁର ଆସନରେ ଅଦ୍ୟାବଧି କଂଗ୍ରେସ ୯ ଥର ବିଜୟଲାଭ କରି ରେକର୍ଡ କରିଛି। ଯଦି ନିକଟ ଅତୀତକୁ ଦେଖାଯାଏ, ତେବେ ବିଜେଡିର ରବି ନାରାୟଣ ନନ୍ଦ ୨୦୦୦, ୨୦୦୪ ଓ ୨୦୦୯ରେ ଏଠାରୁ ବିଧାୟକ ହୋଇ ମନ୍ତ୍ରୀ ମଧ୍ୟ ହୋଇଥିଲେ। ଏହା ପରେ ୨୦୧୪ ଓ ୨୦୧୯ରେ କଂଗ୍ରେସର ତାରା ପ୍ରସାଦ ବାହିନୀପତି ବିଜୟଲାଭ କରିଥିଲେ। ୨୦୨୪ ନିର୍ବାଚନରେ ବାହିନୀପତି ଜିତି ହ୍ୟାଟ୍ରିକ ମାରିବେ ବୋଲି ତାଙ୍କ ସମର୍ଥକମାନେ କହିବୁଲିଲେଣି। ବିଧାନସଭାରେ ସେ ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇବା ସହ ନିଜ ଅଞ୍ଚଳରେ ଅନେକ କାର୍ଯ୍ୟ କରିଥିବାରୁ ତାଙ୍କ ପଲା ଭାରିପଡ଼ିବ ବୋଲି ଆଲୋଚନା ହେଉଛି। ଅନ୍ୟପକ୍ଷରେ ଗତ ଦୁଇଟି ନିର୍ବାଚନରେ ବିଜେଡିରୁ ଟିକେଟ ପାଇ ରବି ନାରାୟଣ ନନ୍ଦ ପ୍ରତିଦ୍ୱନ୍ଦ୍ୱିତା କରିଥିଲେ ହେଁ ପରାଜୟ ହୋଇଥିଲେ। ତେଣୁ ସେ ସ୍ତ୍ରୀ ଇନ୍ଦିରା ନନ୍ଦଙ୍କୁ ନିର୍ବାଚନରେ ପ୍ରାର୍ଥୀ କରାଇବା ଲକ୍ଷ୍ୟ ନେଇ ଭୋଟରଙ୍କ ପାଖକୁ ଯାଉଥିବା ଦେଖାଯାଉଛି। କିନ୍ତୁ କର୍ମୀ ମହଲରେ କଥା ଉଠୁଛି ଯେ, ଦୁଇ ଥର ରବିନାରାୟଣ ହାରି ଯାଇଥିବାରୁ ବିଜେଡି ଜୟପୁରରେ ନୂଆ ଚେହେରା ଖୋଜୁଛି। ବର୍ତ୍ତମାନ ବିଜେଡି ପକ୍ଷରୁ ଯୁବନେତା ସୁବାସ ରାଉତ ଗାଁ ଗାଁ ବୁଲି ଲୋକଙ୍କ ସହ ସମ୍ପର୍କ ରଖୁଥିବା ଦେଖିବାକୁ ମିଳୁଛି। ହିମାଂଶୁ ମହାପାତ୍ର ବିଜେଡି ଛାଡ଼ି ଭାଜପାର ସାମିଲ ହୋଇଯାଇଥିବାରୁ ସୁବାସ ଅଧିକ ସକ୍ରିୟ ହୋଇଯାଇଛନ୍ତି। ତେବେ ଜିଲା ପରିଷଦ ଉପାଧ୍ୟକ୍ଷ ରାଧା ଗୋବିନ୍ଦ ସାମନ୍ତରାୟଙ୍କ ଉପରେ ମଧ୍ୟ ବିଜେଡି ନଜର ରଖିଛି।

ଅନ୍ୟତମ ଜାତୀୟ ଦଳ ଭାଜପାରୁ ଟିକେଟ ପାଇ ଗୌତମ ସାମନ୍ତରାୟ ଗତ ଥର ନିର୍ବାଚନ ଲଢ଼ିଥିଲେ। ହେଲେ ସେ ଅସଫଳ ହୋଇଥିଲେ। ଜୟପୁର ବିଧାନସଭା ନିର୍ବାଚନମଣ୍ଡଳୀରେ ଗତ ନିର୍ବାଚନରେ କଂଗ୍ରେସ ଓ ବିଜେଡି ତୁଳନାରେ ଭାଜପାର ସ୍ଥିତି ଦୁର୍ବଳ ଥିଲା। ହିମାଂଶୁ ଭାଜପାରେ ସାମିଲ ହେବା ପରେ ସେ ଆସନ୍ତା ନିର୍ବାଚନରେ ଲଢ଼ି ଭଲ ପ୍ରଦର୍ଶନ କରିବେ ବୋଲି ଆଲୋଚନା ହେଉଛି। କାରଣ ପୂର୍ବରୁ ସେ ବିଜେଡିରେ ଥିବାରୁ ସେଥିରେ ଥିବା ସମର୍ଥକମାନେ ତାଙ୍କୁ ନିର୍ବାଚନରେ ସହଯୋଗ କରିବେ ବୋଲି କୁହାଯାଉଛି। ତେବେ ଗୌତମ ସମର୍ଥକ ଯୋଗାଡ଼ କରି ବିଭିନ୍ନ କାର୍ଯ୍ୟକ୍ରମ ଜାରି ରଖିଥିବାରୁ ସେ ମଧ୍ୟ ଟିକେଟ ପାଇବା ପାଇଁ ଦାବିଦାର ଅଛନ୍ତି। ଉଭୟେ ଶକ୍ତି ପ୍ରଦର୍ଶନ କରୁଥିବା ଦେଖିବାକୁ ମିଳୁଛି। ରାଜନୈତିକ ବିଶ୍ଳେଷକଙ୍କ କହିବା ଅନୁଯାୟୀ କଂଗ୍ରେସରେ ଆଉ କୌଣସି ଆଶାୟୀଙ୍କ ନାମ ଆଗକୁ ଆସୁ ନ ଥିବାରୁ ବାହିନୀପତି ପ୍ରାର୍ଥୀ ହେବା ନେଇ ଅଧିକ ପ୍ରତିଶତ ଆଶା ରହୁଛି। ବିଜେଡିରେ ୩ ଜଣ ଆଶାୟୀ ଥିବାବେଳେ ନିର୍ବାଚନ ପାଖେଇ ଆସିଲେ ହୁଏତ ଚିତ୍ର ବଦଳିପାରେ। ସେପଟେ ବିଜେଡିରୁ ଆସି ଭାଜପାରେ ଯୋଗଦେଇଥିବା ହିମାଂଶୁ ଓ ପୂର୍ବ ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଗୌତମଙ୍କ ବ୍ୟତୀତ ଆଗକୁ କିଏ ଆଶାୟୀ ରହୁଛନ୍ତି ତାହା ଉପରେ ଦଳୀୟ କର୍ମୀଙ୍କ ନଜର ରହିଛି।

# ବିଜେଡି-କଂଗ୍ରେସ ନେତା ହାତାହାତି



ମୁହାଁମୁହିଁ ଅବସ୍ଥାରେ କଂଗ୍ରେସ ଓ ବିଜେଡି ନେତା।

କେନ୍ଦୁଝର(ଦୀପକ ମିଶ୍ର/ ନରେଶ ଚନ୍ଦ୍ର ପଟ୍ଟନାୟକ),୧୨।୧

## ତେଲକୋଇ ବ୍ଲକ ସରପଞ୍ଚ ସମୂହ ଇସ୍ତଫା ଦେବା ଘଟଣା

ଜଗନ୍ନାଥ ଅର୍ପଣ ରଥ ପରିକ୍ରମା ସମୟରେ ବ୍ଲକ ପ୍ରଶାସନ ଗୁରୁତ୍ୱ ନ ଦେବାରୁ କେନ୍ଦୁଝର ଜିଲା ତେଲକୋଇ ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ ଗୁରୁବାର ସମୂହ ଇସ୍ତଫା ଦେଇଥିଲେ। ଏହି ଘଟଣାକୁ ନେଇ ବିଜେଡି ଓ କଂଗ୍ରେସ ନେତାଙ୍କ ମଧ୍ୟରେ ଠେଲାପେଲା ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଛି। ବୁଝାଶୁଝା ପରେ ଉଭୟ ନେତା ଶାନ୍ତ ପଡ଼ିଥିବା ବେଳେ ଉତ୍ତେଜନା ଲାଗି ରହିଛି।

ସୂଚନା ଅନୁଯାୟୀ, ଜଗନ୍ନାଥ ଅର୍ପଣ ରଥ ପରିକ୍ରମା କାର୍ଯ୍ୟରେ ବ୍ଲକ ପ୍ରଶାସନ ଗୁରୁତ୍ୱ ଦେଉ ନ ଥିବା ପ୍ରତିବାଦରେ ଗୁରୁବାର ତେଲକୋଇ ବ୍ଲକ ଅଧୀନ ୨୨ ପଞ୍ଚାୟତର ସରପଞ୍ଚ ସମୂହ ଇସ୍ତଫା ଦେବା ପାଇଁ କେନ୍ଦୁଝର ଉପ ଜିଲାପାଳଙ୍କ ନିକଟକୁ ଆସିଥିଲେ। ତେବେ ଦୀର୍ଘ ସମୟ ଅପେକ୍ଷା ପରେ ଉପ ଜିଲାପାଳ ରାମଚନ୍ଦ୍ର କିସ୍କୁ ଆସି ନ ଥିଲେ। ଉପସ୍ଥିତ ଥିବା ସରପଞ୍ଚଙ୍କ ମଧ୍ୟରେ ଅନେକେ ବିଜେଡି ସମର୍ଥିତ ହୋଇଥିବାରୁ ଜିଲା ବିଜେଡି ସଭାପତି ମାଧବ ସର୍ଦ୍ଦାର, ଜିଲା ପରିଷଦ ସଭ୍ୟ ତଥା ପୂର୍ବତନ ଜିଲା ବିଜେଡି ସଭାପତି ଆଶିଷ ଚକ୍ରବର୍ତ୍ତୀ ପ୍ରମୁଖ ପହଞ୍ଚି ସରପଞ୍ଚମାନଙ୍କୁ ଇସ୍ତଫା ନ ଦେବା ପାଇଁ ବୁଝାଉଥିଲେ। ତେବେ ପିସିସି ରାଜ୍ୟ ସମ୍ପାଦକ ସଂଗ୍ରାମ ଦାସ, ଯୁବ କଂଗ୍ରେସ ସଭାପତି ସୁନେଶ ଧୀର ପ୍ରମୁଖ ଆସି ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ସରପଞ୍ଚମାନଙ୍କୁ ଇସ୍ତଫା ଦେବା ପାଇଁ ଉସୁକାଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଉଭୟ ଦଳର ନେତାମାନଙ୍କ ମଧ୍ୟରେ ଯୁକ୍ତିତର୍କ, ଠେଲାପେଲା ସହ ହାତାହାତି ପର୍ଯ୍ୟନ୍ତ କଥା ଯାଇଥିଲା। ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ ଓ ପିସିସି ରାଜ୍ୟ ସମ୍ପାଦକ ସଂଗ୍ରାମ ଦାସଙ୍କ ମଧ୍ୟରେ ଧସ୍ତାଧସ୍ତି ହେବା ସହ ଉତ୍ତେଜନା ପ୍ରକାଶ ପାଇଥିଲା। କିଛି ସମୟ ପରେ ପିସିସି ସାଧାରଣ ସମ୍ପାଦକ ଆଲୋକ ମିଶ୍ର, ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର ପ୍ରମୁଖ ଉଭୟ ନେତାଙ୍କୁ ବୁଝାଶୁଝା କରି ଶାନ୍ତ କରାଇଥିଲେ। ଏହି ଘଟଣାର ଭିଡିଓ ଭାଇରାଲ ହେବା ସହ ଜିଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ଜିଲାର ବରିଷ୍ଠ ନେତାଙ୍କ ଏଭଳି ଆଚରଣକୁ ବୁଦ୍ଧିଜୀବୀ ମହଲରେ ନାପସନ୍ଦ କରାଯାଇଛି। ଅନ୍ୟପକ୍ଷରେ ସରପଞ୍ଚମାନେ ଉପଜିଲାପାଳଙ୍କୁ ନ ପାଇ ତେଲକୋଇ ବିଡିଓଙ୍କୁ ସମୂହ ଇସ୍ତଫାପତ୍ର ଦେଇଥିଲେ ବୋଲି ଜଗମୋହନପୁର ସରପଞ୍ଚ ଗୋବିନ୍ଦ ପ୍ରଧାନ କହିଛନ୍ତି। ଏନେଇ ବିଜେଡି ନେତା ଚକ୍ରବର୍ତ୍ତୀ କହିଛନ୍ତି ଯେ, ଇସ୍ତଫା ଦେବାକୁ ଆସିଥିବା ସରପଞ୍ଚଙ୍କ ମଧ୍ୟରୁ ୧୮ ଜଣ ବିଜେଡି ସମର୍ଥିତ ଥିଲେ। ଆମେ ସେମାନଙ୍କୁ ବୁଝାଇବାକୁ ଯାଇଥିଲୁ। ମାତ୍ର କଂଗ୍ରେସ ନେତାମାନେ ଆସି ସରପଞ୍ଚମାନଙ୍କୁ ବିଭ୍ରାନ୍ତ କରିବାରୁ ଆମେ ଏହାର ପ୍ରତିବାଦ କରିଥିଲୁ। ସେହିପରି ପିସିସି ସମ୍ପାଦକ ଦାସଙ୍କୁ ପଚାରିବାରୁ ସରପଞ୍ଚମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ତଥା ଭୟଭୀତ କରାଯାଉଥିବା ଖବରପାଇ ଆମେ ସେଠାରେ ପହଞ୍ଚିଥିଲୁ। ତେବେ ବିଜେଡି ନେତା ଈର୍ଷାନ୍ୱିତ ହୋଇ ଆମ ସହିତ ପ୍ରଥମେ ଝଗଡ଼ା କରିଥିଲେ ବୋଲି କହିଛନ୍ତି।

# ଚର୍ଚ୍ଚାରେ ବିଜେଡି ନେତା ଅରିନ୍ଦମଙ୍କ ସଂକଳ୍ପ ସମାବେଶ

## ପୂର୍ବରୁ କହିଥିଲେ, ଦଳରେ ଯଦି ବ୍ୟବହାର ନହେବୁ କାହିଁକି ରହିବୁ

କଟକ,୧୨।୧ (ଶିଳ୍ପା ପ୍ରିୟଦର୍ଶିନୀ)




ଅଭିନେତା ତଥା ବିଜେଡି ରାଜ୍ୟ ସାଧାରଣ ସମ୍ପାଦକ ଅରିନ୍ଦମ ରାଏ ବାଲିଯାତ୍ରା ପଡ଼ିଆଠାରେ ଶୁକ୍ରବାର ସଂକଳ୍ପ ସମାବେଶ ଆୟୋଜନ କରି ଚର୍ଚ୍ଚାକୁ ଆସିଛନ୍ତି। ଜାତୀୟ ଯୁବ ଦିବସ ଅବସରରେ ସେ ଏଭଳି ପଦକ୍ଷେପ ନେଇଛନ୍ତି। କାର୍ଯ୍ୟକ୍ରମରେ ଶତାଧିକ ଯୁବତୀଯୁବକ ଯୋଗ ଦେଇଥିବାବେଳେ କଟକ ମେୟର ସୁବାସ ସିଂ ଓ ପୂର୍ବତନ ବିଜେଡି ନଗର ସଭାପତି ମଧୁସୂଦନ ସାହୁଙ୍କ ସମେତ ୱାର୍ଡ଼ ନଂ-୨, ୫, ୧୮, ୨୨ ବିଜେଡି କର୍ପୋରେଟର ମଧ୍ୟ ଉପସ୍ଥିତ ରହିଥିଲେ। ତେବେ ଅରିନ୍ଦମ ଆୟୋଜନ କରିଥିବା ଏହି କାର୍ଯ୍ୟକ୍ରମରେ ବିଜେଡି ସଭାପତି କିମ୍ବା ଅନ୍ୟ ନେତାଙ୍କ କୌଣସି ଫଟୋ ଦେଖିବାକୁ ମିଳି ନ ଥିଲା।

ଏବେ କଥା ଉଠୁଛି, ବିଜେଡି ପକ୍ଷରୁ ଯୁବବର୍ଗଙ୍କ ପାଇଁ ଅନେକ କାର୍ଯ୍ୟକ୍ରମ କରାଯାଉଥିବାବେଳେ ଅରିନ୍ଦମ ଏକାକୀ ଏଭଳି ସଂକଳ୍ପ ସମାବେଶ ଆୟୋଜନ କରିବା ପଛର କାରଣ କ'ଣ ରହିଛି। ପୁଣି ସେଭଳି ବଡ଼ ଦଳୀୟ ନେତା କାର୍ଯ୍ୟକ୍ରମରେ ଉପସ୍ଥିତ ନ ରହିବା ଭିନ୍ନ ଧରଣର ଆଲୋଚନାକୁ ଏହା ଖୋରାକ ଯୋଗାଇଛି। ଏହି ସମାବେଶ କଟକ ରାଜନୀତିରେ ରୋଚକ ସ୍ଥିତି ଆଣିଦେଇଛି। ଅରିନ୍ଦମ କିଛିଦିନ ପୂର୍ବରୁ ବାଲିଯାତ୍ରା ପଡ଼ିଆଠାରେ ଆୟୋଜିତ ଦଳୀୟ କାର୍ଯ୍ୟକ୍ରମରେ ନଜରକୁ ଆସିଥିଲେ। ହେଲେ ଏହାର ଠିକ୍ ଦୁଇଦିନ ପରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ କଟକ ଜିଲା ଗସ୍ତ ସମୟରେ ଧବଳେଶ୍ୱରଠାରେ ସୌଜନ୍ୟମୂଳକ ଭାବେ ତାଙ୍କୁ ସାକ୍ଷାତ୍ କରି ପ୍ରାୟ ୧୦ ମିନିଟ୍ ବ୍ୟବଧାନରେ ରୁଦ୍ଧଦ୍ୱାର ଆଲୋଚନା କରିଥିଲେ। ପରେ ସେହି ସାକ୍ଷାତ୍ ସମୟର ଫଟୋ ବେଶ୍ ଭାଇରାଲ ହୋଇଥିଲା। ଦଳରେ ଯଦି ବ୍ୟବହାର ନ ହେବୁ ତେବେ କାହିଁକି ରହିବୁ ବୋଲି ପ୍ରାୟ ୫ ମାସ ତଳେ ଅରିନ୍ଦମ ଏଭଳି କିଛି ମନ୍ତବ୍ୟ ଦେଇ ସେ ମଧ୍ୟ ଚର୍ଚ୍ଚାକୁ ଆସିଥିଲେ। ତାଙ୍କ ମନ୍ତବ୍ୟ ସୂଚାଇଥିଲା ଯେ ବିଜେଡିରେ ସେ ସନ୍ତୁଷ୍ଟ ନାହାନ୍ତି। ତେବେ ଅରିନ୍ଦମଙ୍କ ସଂକଳ୍ପ କାର୍ଯ୍ୟକ୍ରମ କଟକ ରାଜନୀତିକୁ କେଉଁ ମୋଡ଼କୁ ନେବ ତାହାକୁ ନେଇ ଅନେକେ ଟୁପୁରଟାପର ହେଉଛନ୍ତି।

ଏ ନେଇ ଅରିନ୍ଦମ ରାଏ କହନ୍ତି, ଏହି କାର୍ଯ୍ୟକ୍ରମ କୌଣସି ରାଜନୈତିକ ଉଦ୍ଦେଶ୍ୟରେ ରଖାଯାଇ କରାଯାଇ ନାହିଁ। ଯୁବବର୍ଗଙ୍କୁ ଏକାଠି କରିବା ସହ ସମସ୍ତ କାର୍ଯ୍ୟରେ ସହଯୋଗର ହାତ ବଢ଼େଇବା ଏହି ସମାବେଶର ଲକ୍ଷ୍ୟ ବୋଲି କହିଛନ୍ତି। ତେବେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିବା ପ୍ରସଙ୍ଗ ନେଇ ଏବେ ଅରିନ୍ଦମ ଅନ୍ୟମନସ୍କ ରହୁଥିବା ଓ ଅନ୍ୟ ଦଳରୁ ନିର୍ବାଚନ ଲଢ଼ିବେ କି ବୋଲି ପଚାରାଯିବାରୁ ସେ କହିଛନ୍ତି ଯେ, ସେ କେନ୍ଦ୍ରମନ୍ତ୍ରୀଙ୍କୁ ଭେଟିଛନ୍ତି ସତ। କିନ୍ତୁ ତାହାକୁ ନେଇ କିଏ କ'ଣ ଚିନ୍ତା କରିବେ ସେଥିରେ ତାଙ୍କର କୌଣସି ଅସୁବିଧା ନାହିଁ। ସେ ବିଲକୁଲ ଅନ୍ୟମନସ୍କ ନାହାନ୍ତି ଓ ଦଳୀୟ କାର୍ଯ୍ୟକ୍ରମରେ ଯେବେ ଡକାହୁଏ ଯାଉଛନ୍ତି। ସେ ନିର୍ବାଚନ ପାଇଁ ପ୍ରସ୍ତୁତ ଅଛନ୍ତି। ତେବେ ଅନ୍ୟ ଦଳ କଥା ସମୟ କହିବ ବୋଲି ଅରିନ୍ଦମ କହିଛନ୍ତି।

# ୨୯ରେ ଓଡ଼ିଶା ଆସିବେ ଖାର୍ଗେ: ଅଜୟ କୁମାର

ଭୁବନେଶ୍ୱର, ୧୨।୧(ସୁନିତ୍ ମିଶ୍ର)



ମଲ୍ଲିକାର୍ଜୁନ ଖାର୍ଗେ

୨୦୨୪ ସାଧାରଣ ନିର୍ବାଚନକୁ କମ୍ ସମୟ ଥିବାବେଳେ ରାଜ୍ୟ କଂଗ୍ରେସର କାର୍ଯ୍ୟାଳୟ ଏବେ ଚଳଚଞ୍ଚଳ ହୋଇଉଠିଛି। ଦଳର ରାଜ୍ୟ ନେତୃବୃନ୍ଦଙ୍କ ନୂଆଦିଲ୍ଲୀ ଗସ୍ତ ଶେଷ ହେବା ପରେ ଦଳର ପ୍ରଭାରୀ ପରିବର୍ତ୍ତନ ହୋଇଛନ୍ତି। ପୂର୍ବତନ ଏମ୍‌ପି ଅଜୟ କୁମାରଙ୍କୁ ଦଳ ଓଡ଼ିଶା ପ୍ରଭାରୀ କରିବା ପରେ ସେ ଏକାଧିକ ବୈଠକ ନେବା ସଙ୍ଗେ ସଙ୍ଗେ ଦଳର କିଛି ସାଂଗଠନିକ ନିଯୁକ୍ତି ମଧ୍ୟ କରିସାରିଲେଣି। ତେବେ ଚଳିତ ମାସରେ ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଆସିବା ନେଇ ଅଜୟ କୁମାର ସୂଚନା ଦେଇଛନ୍ତି। ଆସନ୍ତା ୨୯ ତାରିଖରେ ଖାର୍ଗେ ଓଡ଼ିଶା ଆସିବେ ବୋଲି ସେ କହିଛନ୍ତି। ଖାର୍ଗେ ଏଆଇସିସି ଅଧ୍ୟକ୍ଷ ହେବାପରେ ଏହା ତାଙ୍କର ପ୍ରଥମ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ହେବ। ଖାର୍ଗେ ଦିନିକିଆ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମ ନେଇ ଆସୁଥିବାବେଳେ ପରେ ପରେ ଅର୍ଥାତ୍ ଫେବୃଆରୀରେ ପୂର୍ବତନ ଏଆଇସିସି ଅଧ୍ୟକ୍ଷ ରାହୁଲ ଗାନ୍ଧୀ ଓଡ଼ିଶା ଗସ୍ତରେ ଆସି ୪ଟି ଜିଲା ବୁଲିବେ। ତେବେ ଅଜୟ କୁମାର କହିଛନ୍ତି, ଖାର୍ଗେ ଓଡ଼ିଶାରେ କାର୍ଯ୍ୟକର୍ତ୍ତା ବୈଠକ କରିବେ। କେବଳ ଦଳର କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେବେ। ରାଜଧାନୀରେ ପ୍ରାୟ ୨୦ ହଜାର କାର୍ଯ୍ୟକର୍ତ୍ତା ଏଥିରେ ଯୋଗଦେବା କାର୍ଯ୍ୟକ୍ରମ ସ୍ଥିର ହୋଇଛି। ଅନ୍ୟପଟେ ରାହୁଲଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା କାର୍ଯ୍ୟକ୍ରମର ସମୀକ୍ଷା କରିବେ ବୋଲି ଜଣାପଡିଛି।

ସୂଚନାଯୋଗ୍ୟ, ଆସନ୍ତା ୧୯ରେ ଖାର୍ଗେ ଓଡ଼ିଶା ଆସିବାର ଥିଲା। ହେଲେ ପିସିସି ସଭାପତି ଶରତ ପଟ୍ଟନାୟକଙ୍କ ବାପାଙ୍କ ବିୟୋଗ ଯୋଗୁ ଏହା ସମ୍ଭବ ହୋଇ ପାରିନାହିଁ। ଖାର୍ଗେଙ୍କ ଗସ୍ତ ଆସନ୍ତା ୨୯କୁ ଘୁଞ୍ଚାଇ ଦିଆଯାଇଛି। ତେବେ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବାକୁ ଥିବାବେଳେ ଏହା ଓଡ଼ିଶାରେ ମଧ୍ୟ କରାଯିବ। ରାହୁଲ ଗାନ୍ଧୀ ଏହି କାର୍ଯ୍ୟକ୍ରମ ଅବସରରେ ଓଡ଼ିଶାର ସୁନ୍ଦରଗଡ଼, ଝାରସୁଗୁଡ଼ା, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲାର ୩୪୧ କି.ମି . ଦେଇ ଯାତ୍ରା ଶେଷ କରିବେ ବୋଲି ଜଣାପଡ଼ିଛି।

# ଭାଜପା ଯୁବ ସମାବର୍ତ୍ତନ ଉତ୍ସବରେ ଚେୟାର ଫିଙ୍ଗାଫିଙ୍ଗି

ନିଶ୍ଚିନ୍ତକୋଇଲି,୧୨।୧ (ଅଶୋକ କୁମାର ମହାପାତ୍ର)



ଯୁବଗୋଷ୍ଠୀ ପରସ୍ପର ଉପରକୁ ଚେୟାର ଫିଙ୍ଗୁଛନ୍ତି।

## ବିଧାୟକଙ୍କୁ ସମାଲୋଚନା କଲେ ଧର୍ମେନ୍ଦ୍ର

କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକ କୁଳିଆ ହନୁମାନ ପଡ଼ିଆ ନିକଟରେ ଭାଜପା ପକ୍ଷରୁ ବିବେକାନନ୍ଦ ଜୟନ୍ତୀ ଅବସରରେ ଯୁବ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସ୍ଥାନୀୟ ବିଧାୟକଙ୍କୁ ଟାର୍ଗେଟ କରିଥିବା ବେଳେ ବିଜେଡି ମଧ୍ୟ ପଛରେ ରହିନାହିଁ। ଏହି ସମାବେଶ କୌଣସି ପ୍ରଭାବ ପକାଇବ ନାହିଁ ବୋଲି ବ୍ଲକ ଉପାଧ୍ୟକ୍ଷ ଅଶୋକ କୁମାର ଓଝା କହିଛନ୍ତି। ତେବେ ଯୁବ ସମାବେଶରେ ଆକଳନଠାରୁ କମ୍ ଯୁବକ ସାମିଲ ହେବା ଓ ଫୁଲ ଫିଙ୍ଗାକୁ କେନ୍ଦ୍ରକରି ମଞ୍ଚତଳେ ଯୁବଗୋଷ୍ଠୀ ପରସ୍ପରକୁ ଚେୟାର ଫୋପାଡିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି।

ଉତ୍ସବରେ ମାହାଙ୍ଗା ବିଧାନସଭା କ୍ଷେତ୍ରର ଭାଜପା ନେତା ସାରଦା ପ୍ରଧାନ ପୌରୋହିତ୍ୟ କରିଥିଲେ। ମୁଖ୍ୟ ଅତିଥିଭାବେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଯୋଗଦେଇ ମାହାଙ୍ଗା ଡବଲ୍ ମର୍ଡର ଘଟଣାରେ ସ୍ଥାନୀୟ ବିଧାୟକଙ୍କ ନାମ ନ ନେଇ ତାଙ୍କୁ ସମାଲୋଚନା କରିଥିଲେ। ଏଥିସହ ଓଡ଼ିଶା ଦୁର୍ନୀତିରେ ବୁଡ଼ି ରହିଥିବା ଅଭିଯୋଗ କରିଥିଲେ। ସଭାରେ କଟକ ଜିଲା ଭାଜପା ସଭାପତି ପ୍ରକାଶ ଚନ୍ଦ୍ର ବେହେରା ଏଠାରେ କେନ୍ଦ୍ର ସରକାରଙ୍କ ଯୋଜନାକୁ ହାଇଜାକ୍ କରାଯାଇଥିବା କହିଥିଲେ। ସମାବେଶରେ ବରିଷ୍ଠ ଭାଜପା ନେତା ନୟନ ମହାନ୍ତି ଯୋଗଦେଇ ଯୁବକମାନେ ସଙ୍ଗଠିତ ହୋଇ ରାଷ୍ଟ୍ର ହିତରେ ସଙ୍କଳ୍ପ ନେବାକୁ ଆହ୍ୱାନ ଦେଇଥିଲେ। ଏହି ସମାବେଶକୁ ସଫଳ କରାଇବା ପାଇଁ ଭାଜପା ପକ୍ଷରୁ ଅତ୍ୟାଧୁନିକ ମଞ୍ଚ ପ୍ରସ୍ତୁତି କରାଯାଇଥିଲା। ବସିବା ପାଇଁ ୫ହଜାରରୁ ଊର୍ଦ୍ଧ୍ୱ ଚେୟାର ବ୍ୟବସ୍ଥା ହୋଇଥିଲା। ମାତ୍ର ସମାବେଶରେ ଅନେକ ଚେୟାର ଖାଲି ଦେଖିବାକୁ ମିଳିଥିଲା।

ତେବେ ସାରଦା ମଞ୍ଚରେ ସ୍ୱାଗତ ଭାଷଣ ଦେଉଥିବା ସମୟରେ ଫୁଲ ଫିଙ୍ଗାକୁ କେନ୍ଦ୍ର କରି ୨ ଯୁବଗୋଷ୍ଠୀ ହାତାହାତି ହୋଇଥିଲେ। ଏଥିସହ ଭୋଜନସ୍ଥଳରେ ବିଶୃଙ୍ଖଳିତ ଆଚରଣ, ରାଜପଥ ଉପରେ ବେଆଇନ ଗାଡି ପାର୍କିଂ ଓ ପରିମଳ ବ୍ୟବସ୍ଥାକୁ ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ପର୍କରେ ଭାଜପା ନେତା ସାରଦା କୁହନ୍ତି, ଉତ୍ସବରେ ହୋଇଥିବା ଚେୟାର ଫିଙ୍ଗା ପ୍ରସଙ୍ଗରେ ସେ କିଛି ଜାଣିନାହାନ୍ତି। ଅପରପକ୍ଷରେ ବ୍ଲକ ଉପାଧ୍ୟକ୍ଷ ଅଶୋକ ଓଝା ଭାଜପା ଯୁବ ସମାବେଶକୁ ନେଇ କଡ଼ା ଟିପ୍ପଣୀ ଦେଇଛନ୍ତି। ସେ କହିଛନ୍ତି, ମାହାଙ୍ଗାରେ ଦିନକୁ ଦିନ ଭାଜପା ଆସ୍ଥା ହରାଉଛି। ଭାଜପା ନେତାଙ୍କ ଦୁର୍ବଳ ନେତୃତ୍ୱ, ବିଶୃଙ୍ଖଳିତ ଆଚରଣ ପାଇଁ ଦିନକୁ ଦିନ ତାଙ୍କ ପାଖରୁ ଲୋକେ ଦୂରେଇ ଯାଉଛନ୍ତି। ଅପରପକ୍ଷେ ବିଜେଡି ସରକାର ସମୟରେ ମାହାଙ୍ଗାରେ ବିକାଶର ଧାରା ଜାରି ରହିଛି। ଯୁବକମାନଙ୍କୁ ବିଭିନ୍ନ ପ୍ରୋତ୍ସାହନ ମିଳୁଛି। ତେଣୁ ଭାଜପାର ଏ ସମାବେଶ ପ୍ରଭାବୀ ହୋଇପାରିବ ନାହିଁ ବୋଲି ସେ ପ୍ରକାଶ କରିଥିଲେ।

## ଅନ୍ୟାନ୍ୟ ଖବର

# ଘୁଞ୍ଚିଲା ଜିଏମ୍‌ୟୁ ସେମିଷ୍ଟର ପରୀକ୍ଷା

ସମ୍ବଲପୁର,୧୨।୧(ପ୍ରମୋଦ ବହିଦାର)

ସମ୍ବଲପୁର ମନ୍ଦଲିଆ ପଡ଼ିଆରେ ଶନିବାର ନୂଆ-ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ଆୟୋଜିତ ହେବ। ଏଥିରେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ (ଜିଏମ୍‌ୟୁ) ସମେତ ଜିଲାର ୭୦ ଶିକ୍ଷାନୁଷ୍ଠାନର ପ୍ରାୟ ୧୦,୪୦୦ ଛାତ୍ରୀଛାତ୍ର ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ତେଣୁ ଜିଏମ୍‌ୟୁରେ ହେବାକୁ ଥିବା କଳା, ବିଜ୍ଞାନ, ବାଣିଜ୍ୟ, ଶିକ୍ଷା ବିଭାଗର ସ୍ନାତକ, ବିବିଏ, ଆଇଏସ୍‌ଟି ତୃତୀୟ ସେମିଷ୍ଟର ପରୀକ୍ଷାକୁ ବାତିଲ କରାଯାଇଛି। ସେହିପରି ବିଏ ଓ ବିଏସ୍‌ସି ଶିକ୍ଷାର ସପ୍ତମ ସେମିଷ୍ଟର ଏବଂ ସ୍ନାତକୋତ୍ତର କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ତୃତୀୟ ସେମିଷ୍ଟର ପରୀକ୍ଷା ସହିତ ଏମ୍‌ସିଏ, ଏମ୍‌ବିଏ ଓ ଏମ୍‌ବିଏ (ଏଫ୍‌ଏମ୍)ର ତୃତୀୟ ସେମିଷ୍ଟର ପରୀକ୍ଷାର ଉଭୟ ପ୍ରଥମ ଓ ଦ୍ୱିତୀୟ ସିଟିଂକୁ ବାତିଲ କରାଯାଇଛି। ଏହି ପରୀକ୍ଷା ଆସନ୍ତା ୨୪ ତାରିଖରେ ଦୁଇଟି ସିଟିଂ ଯଥାକ୍ରମେ ୯ଟା ୩୦ରୁ ୧୨ଟା ୩୦ ଓ ୧ଟା ୩୦ ମିନିଟରୁ ୪ଟା ୩୦ ମିନିଟ ମଧ୍ୟରେ ଅନୁଷ୍ଠିତ ହେବ।

## ନାବାଳିକା ଗଣବଳାତ୍କାର ମାମଲା

# ଦୋଷୀ ୨ ଛାତ୍ରଙ୍କୁ ୨୦ ବର୍ଷ ଜେଲ

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ଫାଷ୍ଟଟ୍ରାକ ପୋକ୍‌ସୋ ଜଜ୍ ଗଣେଶ୍ୱର ପତି ଶୁକ୍ରବାର ଏକ ନାବାଳିକା ଗଣବଳାତ୍କାର ମାମଲାର ଦୋଷୀ ୨ ଛାତ୍ରଙ୍କୁ ୨୦ ବର୍ଷ ଜେଲ୍ ଦଣ୍ଡରେ ଦଣ୍ଡିତ କରିଛନ୍ତି। ସେମାନେ ହେଲେ ସୁନାପୁର ସାମୁଦ୍ରିକ ଥାନା ସୁନାପୁର ଗ୍ରାମର ଜନାର୍ଦ୍ଦନ ବେହେରା(୨୫) ଓ ଗୋଲନ୍ଥରା ଥାନା ଆରୁଆ ସୁନାପୁରର ମିଥୁନ ଦାସ(୨୪)। ଉଭୟଙ୍କୁ ୫୦ ହଜାର ଟଙ୍କା ଲେଖାଏ ଜରିମାନା ମଧ୍ୟ କରାଯାଇଛି। ଅନ୍ୟପକ୍ଷରେ ପୀଡ଼ିତାଙ୍କୁ ୫ ଲକ୍ଷ ଟଙ୍କା ଆର୍ଥିକ ସହାୟତା ଦେବାକୁ ଜଜ୍ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୦ ଜାନୁଆରୀ ୧୦ରେ ସୁନାପୁର ସାମୁଦ୍ରିକ ଥାନା ଅଞ୍ଚଳର ୧୬ ବର୍ଷୀୟା ନାବାଳିକାଙ୍କୁ ଏକାକୀ ଦେଖି ଯୁକ୍ତ ୩ ପଢ଼ୁଥିବା ଜନାର୍ଦ୍ଦନ ଓ ତାଙ୍କ ସାଙ୍ଗ ମିଥୁନ ନିଶାଯୁକ୍ତ ପାନୀୟ ପିଆଇ ବଳାତ୍କାର କରିଥିଲେ। ନାବାଳିକା ଅଚେତ ଥିବାରୁ ତାଙ୍କୁ ଟେକିନେଇ ନଦୀପଠାରେ ଫିଙ୍ଗି ଚାଲିଯାଇଥିଲେ। ପୀଡ଼ିତାଙ୍କ ଚେତା ଫେରିବା ପରେ ସାମୁଦ୍ରିକ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ନଂ.୧/୨୦ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତଦ୍ୱୟଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ମାମଲାର ବିଚାର ବେଳେ ମୋଟ ୧୫ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ।

# ବିଦ୍ୟାଳୟରୁ ଛାତ୍ରଙ୍କ ମୃତଦେହ ଜବତ

ବାଙ୍ଗିରିପୋଷି,୧୨।୧ (ସଞ୍ଜୟ କୁମାର ଅଗ୍ରୱାଲ)

ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଶ୍ୟାମସୁନ୍ଦର ପଞ୍ଚାୟତ ଅଁଳାଗୁଞ୍ଜା ଗ୍ରାମରେ ଥିବା ସରସ୍ୱତୀ ଉଚ୍ଚ ବିଦ୍ୟାଳୟ ଛାତ୍ରାବାସରୁ ଜଣେ ନବମ ଶ୍ରେଣୀ ଛାତ୍ରଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତ ଛାତ୍ର ଜଣକ ହେଲେ ବିଶୋଇ ଥାନା ଅଧୀନ ରାଇହରି (ହିଜଳି) ଗ୍ରାମର ତରଣି ସେନ ନନ୍ଦଙ୍କ ପୁଅ ବିଶ୍ୱଭୂଷଣ। ସବୁଦିନ ଭଳି ଗୁରୁବାର ରାତିରେ ଅନ୍ୟ ପିଲାଙ୍କ ସହ ରାତ୍ରିଭୋଜନ କରିବା ପରେ ବିଶ୍ୱଭୂଷଣ ବିଦ୍ୟାଳୟ ଛାତ୍ରାବାସରେ ଶୋଇଥିଲେ। ତେବେ ସକାଳୁ ବିଦ୍ୟାଳୟର ଏକ ଶ୍ରେଣୀ ଗୃହର ଛାତରେ ଲାଗିଥିବା କାଠ ଶେଣୀରେ ବେକରେ ଗାମୁଛା ଦେଇ ସେ ଝୁଲି ରହିଥିବା ଦେଖିବାକୁ ମିଳିଥିଲା। ଖବର ପାଇ ବାଙ୍ଗିରିପୋଷି ପୋଲିସ ତଦନ୍ତ ଆରମ୍ଭ କରିଛି। ମୃତ୍ୟୁର କାରଣ ଜଣାପଡ଼ିନାହିଁ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ

୧୨।୧।୨୦୨୪

| | |
|---|---|
| ୪,୦୩,୮୭୦ ଟଙ୍କା | |
| ସୁନା | ୪.୬୫୦ ଗ୍ରାମ୍ |
| ରୁପା | ୧୫.୬୦୦ ଗ୍ରାମ୍ |

## ସଂକ୍ଷେପରେ

### ବନ୍ଦାପନାରେ ଅର୍ପଣ ରଥକୁ ସ୍ୱାଗତ

ପିପିଲି, (ଦୁର୍ଗାମାଧବ ମିଶ୍ର)୧୨।୧:

ଗୋବିନ୍ଦପୁର ଆରୁହା ଗାଁରେ ଶୁକ୍ରବାର ଅର୍ପଣ ରଥକୁ ହୁଳହୁଳି ଓ ନାମ ସଂକୀର୍ତ୍ତନ ସହ ଦୀପ, ଧୂପରେ ବନ୍ଦାପନା କରି ସ୍ୱାଗତ କରାଯାଇଛି। ରଥ ସହିତ ପିପିଲି ବିଧାୟକ ରୁଦ୍ର ପ୍ରତାପ ମହାରଥୀ ଘର ଘର ବୁଲି ଗୁଆ, ଚାଉଳ ସଂଗ୍ରହ କରିଥିଲେ। ମହିଳାମାନେ ଗାଁ ଦାଣ୍ଡରେ ଝୋଟି ଚିତା ପକାଇଥିଲେ। ଅର୍ପଣ ରଥ ଆରୁହା ଗାଁ ପରିକ୍ରମା କରୁଥିବା ସମୟରେ ବିଧାୟକ ଙ୍କ ସହିତ ଗୋବିନ୍ଦପୁର ସରପଞ୍ଚ ସୌଦାମିନି ଦାସ, ସମିତି ସଭ୍ୟା କବିତା ଖଟେଇ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ବିଜୟ ତ୍ରିପାଠୀ, ଜିଆର୍‌ଏସ୍ ବିଜୟ ପ୍ରଧାନଙ୍କ ସମେତ ଜଗନ୍ନାଥ ପ୍ରେମୀମାନେ ଉପସ୍ଥିତ ଥିଲେ।

### ପୁଅ ମୃତ୍ୟୁର ୪ ଦିନରେ ଆଖି ବୁଜିଲେ ମା’

ଅସ୍ତରଙ୍ଗ,୧୨।୧(ମମତା ଜେନା):

ମୃତ୍ୟୁ କେତେବେଳେ ଓ କିପରି ଆସେ ତାହା କେହି କହିପାରିବେନି। ଏହିପରି ଏକ ଘଟଣା ଅସ୍ତରଙ୍ଗ ବ୍ଲକର ଖଣ୍ଡାସାହି ଗ୍ରାମରେ ଘଟିଛି। ଖଣ୍ଡାସାହି ଗ୍ରାମର ପ୍ରମୋଦ ସ୍ୱାଇଁ (୫୯) କିଛିଦିନ ତଳେ କିଡ୍‌ନୀଜନିତ ରୋଗରେ ଆକ୍ରାନ୍ତ ହୋଇ କଟକ ବଡ ମେଡିକାଲରେ ଚିକିତ୍ସିତ ହେଉଥିଲେ। ମଙ୍ଗଳବାର ହୃଦ୍‌ଘାତରେ ତାଙ୍କର ମୃତ୍ୟୁ ଘଟିଛି। ପୁଅର ଅକାଳ ମୃତ୍ୟୁ ଖବର ଶୁଣି ମା’ ନିଶାମଣି (୮୨) ଝୁରି ଝୁରି ଶନିବାର ବ୍ରେନ୍‌ଷ୍ଟ୍ରୋକ୍‌ରେ ପ୍ରାଣ ହରାଇଛନ୍ତି। ଏହି ଖବର କାକଟପୁର ଅସ୍ତରଙ୍ଗ ଓ ଖଣ୍ଡାସାହି ନଇଗୁଆଁ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ଗ୍ରାମ ଶ୍ମଶାନରେ ନିଶାମଣିଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଅନ୍ୟ ଜଣେ ପୁତ୍ର ଧ୍ରୁବଚରଣ ମୁଖାଗ୍ନି ଦେଇଥିଲେ।

### ହରିବୋଲ, ହୁଳହୁଳିରେ ପ୍ରକମ୍ପିତ ଗ୍ରାମ୍ୟ ପରିବେଶ

ନିମାପଡ଼ା, ୧୨।୧(ରଞ୍ଜନ କୁମାର ପଟ୍ଟନାୟକ):

ନିମାପଡ଼ା ବ୍ଲକ ସଲଙ୍ଗ ପଞ୍ଚାୟତର ମଠସାହି ଗ୍ରାମରେ ଶୁକ୍ରବାର ବିଧାୟକ ସମୀର ରଞ୍ଜନ ଦାଶ ଜୟ ଜଗନ୍ନାଥ ଅର୍ପଣ ରଥର ଶୁଭାରମ୍ଭ କରିଛନ୍ତି। ଏହି ରଥ ସଲଙ୍ଗ ପଞ୍ଚାୟତର ୧୫ଟି ୱାର୍ଡ ବୁଲି ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ନେଇ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଉଦ୍ଦେଶ୍ୟରେ ଚାଉଳ, ଗୁଆ ଓ ନଡ଼ିଆ ସଂଗ୍ରହ କରିଥିଲା। ଏହି ସମୟରେ ହରିବୋଲ ଓ ହୁଳହୁଳିରେ ଗ୍ରାମ୍ୟ ପରିବେଶ ପ୍ରକମ୍ପିତ ହୋଇଉଠିଥିଲା। ରଥ ଶୁଭାରମ୍ଭ ସମୟରେ ନିମାପଡ଼ା ପଞ୍ଚାୟତ ସମିତି ଅଧ୍ୟକ୍ଷ ଶଙ୍କର ଭୋଇ, ଜିଲାପରିଷଦ ସଭ୍ୟ ପ୍ରଦୀପ୍ତ ଖଟୋଇ, ବ୍ଲକ ସଭାପତି ଅଶୋକ ସାହୁ, ଏମ୍‌ପିଙ୍କ ପ୍ରତିନିଧି ବିଜୟ ପଟ୍ଟନାୟକ, ସମିତି ସଭ୍ୟ ନିହାର ରଞ୍ଜନ ପରିଡା, ସରପଞ୍ଚ ସୁମନ୍ତ ଭୋଇ ଏବଂ ପଞ୍ଚାୟତ ଯୁବ ସଭାପତି ଜନ୍ମେଜୟ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ପିଲାଙ୍କ ଖାଦ୍ୟ, ସୁଲଭ ସାମଗ୍ରୀ ମାନ ଯାଞ୍ଚ କଲେ

## ଖାଦ୍ୟ ଆୟୋଗ ସଦସ୍ୟଙ୍କ ଡେଲାଙ୍ଗ ବ୍ଲକ ଗସ୍ତ

- ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ପରିଦର୍ଶନ
- ହରିରାଜପୁର-୧ ଅଙ୍ଗନୱାଡ଼ି କେନ୍ଦ୍ର ବନ୍ଦ ନେଇ ଅସନ୍ତୋଷ

ଡେଲାଙ୍ଗ,୧୨।୧(ରଶ୍ମୀରଞ୍ଜନ ପ୍ରଧାନ):

ଡେଲାଙ୍ଗ ବ୍ଲକର ବିଭିନ୍ନ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଓ ସୁଲଭ ସାମଗ୍ରୀ ବଣ୍ଟନ କେନ୍ଦ୍ରକୁ ରାଜ୍ୟ ଖାଉଟି ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ଗୁରୁବାର ପରିଦର୍ଶନ କରିଛନ୍ତି। ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ. ଅବନୀକାନ୍ତ ସାହୁଙ୍କ ନିର୍ଦ୍ଦେଶକ୍ରମେ ସାମନ୍ତରାୟ ହରିରାଜପୁର, ସିଂହବ୍ରହ୍ମପୁର, ଗଡମୋଟରୀ, ସୁଜନପୁର, ମୁନିନ୍ଦା, ଡେଲାଙ୍ଗ-କୋଠବାଡ ପଞ୍ଚାୟତରେ ଥିବା ବିଦ୍ୟାଳୟ ଏବଂ ଅଙ୍ଗନୱାଡ଼ି କେନ୍ଦ୍ରକୁ ଯାଇ ଶିଶୁଙ୍କୁ ଦିଆଯାଉଥିବା ରନ୍ଧାଖାଦ୍ୟର ମାନ ଯାଞ୍ଚ କରିଥିଲେ। ସେହିପରି ସୁଲଭ ସାମଗ୍ରୀ ବଣ୍ଟନ କେନ୍ଦ୍ରରେ ହିତାଧିକାରୀଙ୍କଠାରୁ ବଣ୍ଟନ ମତାମତ ସଂଗ୍ରହ କରିଥିଲେ। ହିତାଧିକାରୀଙ୍କ ତାଲିକା ମାରିବା, ପାନୀୟଜଳ ବ୍ୟବସ୍ଥା, ପରିବେଶ ସଫାସୁତରା ରଖିବା, ବିବାହିତ ମହିଳା, ମୃତ୍ୟୁ ଘଟିଥିବା ବ୍ୟକ୍ତିଙ୍କ ନାମ ତାଲିକାରୁ ବାଦ୍ ଦେବା ଓ ନୂତନ ହିତାଧିକାରୀଙ୍କୁ ସାମିଲ କରିବା ନେଇ ବିଭାଗୀୟ ଅଧିକାରୀଙ୍କୁ ସାମନ୍ତରାୟ ପରାମର୍ଶ ଦେଇଥିଲେ। ବିଦ୍ୟାଳୟଗୁଡ଼ିକରେ ସ୍ୱଚ୍ଛତା, ଶୁଦ୍ଧପାନୀୟ ଜଳ, ଉପସ୍ଥାନ ଖାତା, ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ଖାଦ୍ୟ ପ୍ରଭୃତି ପରଖିଥିଲେ। ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରିଥିବା ବେଳେ ହରିରାଜପୁର-୧ ଅଙ୍ଗନୱାଡ଼ି କେନ୍ଦ୍ର ପୂର୍ବାହ୍ନ ୧୦.୩୦ ପର୍ଯ୍ୟନ୍ତ ଖୋଲାଯାଇ ନ ଥିଲା। ସାମନ୍ତରାୟ ୧ ଘଣ୍ଟା ଅପେକ୍ଷା କରିବା ପରେ ଅଙ୍ଗନୱାଡ଼ି କର୍ମୀଙ୍କୁ ଖବର ଦେବାରୁ ସେ ଆସି କେନ୍ଦ୍ର ଖୋଲିଥିଲେ। ଏନେଇ ସାମନ୍ତରାୟ ଅସନ୍ତୋଷ ପ୍ରକାଶ କରିବା ସହିତ ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଚିଠି ଲେଖିବେ ବୋଲି କହିଛନ୍ତି। ସିଡିପିଓ ଜାପାନୀ ମିତ୍ରଙ୍କୁ ଭେଟି ଏନେଇ ଅବଗତ କରାଇଛନ୍ତି। ସେହିପରି ବିଭିନ୍ନ ସ୍ଥାନରେ ପାନୀୟଜଳ ଅବ୍ୟବସ୍ଥା, ସ୍ୱଚ୍ଛତାରେ ଅବହେଳା, ଠିକ୍ ସମୟରେ କାର୍ଯ୍ୟାଳୟ ନ ଖୋଲିବା ନେଇ ତାଗିଦ୍ କରିଛନ୍ତି। ଏହି ସ୍ଥାନଗୁଡ଼ିକରେ ଲାଗିରହିଥିବା ବିଭିନ୍ନ ସମସ୍ୟାର ସମାଧାନ ଯଥାଶିଘ୍ର କରିବାକୁ ଅଧ୍ୟକ୍ଷଙ୍କୁ ସେ ଅବଗତ କରାଇଛନ୍ତି।



ଖାଉଟି ଆୟୋଗ ସଦସ୍ୟ ପ୍ରିୟବ୍ରତ ସାମନ୍ତରାୟ ପିଲାଙ୍କ ସହ ଆଲୋଚନା କରୁଛନ୍ତି।

# ଚାପମୁକ୍ତ ଶିକ୍ଷାଦାନ ଉପରେ ଗୁରୁତ୍ୱ



ଉତ୍ସବ ଅବସରରେ ଅତିଥିଙ୍କ ଗହଣରେ ପିଲା ଓ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ

ଚାରିଛକ, ୧୨।୧(ଶିଶିର ସ୍ୱାଇଁ):

ତୁଳସୀପୁର ବିବେକାନନ୍ଦ ଶିକ୍ଷାକେନ୍ଦ୍ରର ୨୩ତମ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି ଓ ମୁଖ୍ୟବକ୍ତା ଭାବେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ ମଞ୍ଚାସୀନ ଥିଲେ। ସମ୍ମାନିତ ଅତିଥି ଭାବେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳ, ସୁପ୍ରିମକୋର୍ଟର ଆଇନଜୀବୀ ତଥା ଜାତୀୟ ଯୁବ ପୁରସ୍କାରପ୍ରାପ୍ତ ସମାଜସେବୀ ସରୋଜ କୁମାର ପାଢ଼ୀ, ତୁଳସୀପୁର ବିବେକାନନ୍ଦ ଶିକ୍ଷା କେନ୍ଦ୍ର ଅଧ୍ୟକ୍ଷ ନିରଞ୍ଜନ ସେନ ଯୋଗଦେଇଥିଲେ। ଚାପ ଶୂନ୍ୟ କରି ପାଠ ସହ ପିଲାଙ୍କ ଉତ୍ତମ ଗୁଣ ଉପରେ ଗୁରୁତ୍ୱ ଦେବାକୁ ଅତିଥିମାନେ କହିଥିଲେ। ସଭାରେ ପୂର୍ବତନ ପ୍ରଧାନ ଶିକ୍ଷକ ଦ୍ୱିଜବର ମୁଦୁଲି ସଭାପତିତ୍ୱ କରିଥିଲେ। ବିବେକାନନ୍ଦ ଶିକ୍ଷା କେନ୍ଦ୍ର ସମ୍ପାଦକ ଦୁର୍ଗାପ୍ରସାଦ ତ୍ରିପାଠୀ ଅତିଥି ପରିଚୟ ଏବଂ ଅଧ୍ୟକ୍ଷ ବାର୍ଷିକ ବିବରଣୀପାଠ କରିଥିଲେ। ଶିକ୍ଷୟିତ୍ରୀ ମମତାମୟୀ ମିଶ୍ର, ସମାଜସେବୀ ଏ.ଏନ. ଆନସାରୀ, ବିଜେଡି ନେତା ପ୍ରକାଶ ଚନ୍ଦ୍ର ସାହୁ, ଅରକ୍ଷିତ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର କେତେଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ କୁନି କୁନି ପିଲା ନୃତ୍ୟ ପରିବେଷଣ କରିଥିଲେ।

# ନାବାଳିକାଙ୍କୁ ଆକ୍ରମଣ ମାମଲାରେ ଯୁବକ ଗିରଫ

ନିମାପଡ଼ା,୧୨।୧(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଥାନା ଅନ୍ତର୍ଗତ ଧିରପୁର ଗ୍ରାମରେ ପୂର୍ବ ବିବାଦ ଓ ଏକ ବାଇକ୍ ଧକ୍କା ଘଟଣାକୁ କେନ୍ଦ୍ରକରି ଗଣ୍ଡଗୋଳ ଘଟିଛି। ଭାସ୍କର କାଣ୍ଡିଙ୍କ ପୁଅ ଓ ଝିଅାରୀ ଗୁରୁବାର ଗାଁଦାଣ୍ଡରେ ଖେଳୁଥିବାବେଳେ ସେହି ବାଟେ ଯାଉଥିବା ଗ୍ରାମର ବାଙ୍କ ଭୋଇଙ୍କ ବାଇକ ଭାସ୍କରଙ୍କ ୧୫ ବର୍ଷୀୟ ପୁଅ ଦେହରେ ବାଜି ଯିବାରୁ ସେ ତଳେ ପଡ଼ିଯାଇଥିଲେ। ଏନେଇ ସେଠାରେ ଥିବା ଭାସ୍କରଙ୍କ ୧୨ ବର୍ଷୀୟା ଝିଅାରି ପ୍ରତିବାଦ କରିଥିଲେ। ଏଥିରେ ବାଙ୍କ କ୍ରୋଧାନ୍ୱିତ ହୋଇ ଭାସ୍କରଙ୍କ ପୁଅ ଓ ଝିଅାରିଙ୍କୁ ମାଡ଼ ମାରିବା ସହ ଶାବଳରେ ତାଙ୍କ ମୁଣ୍ଡକୁ ପିଟିଦେଇଥିଲେ। ଫଳରେ ଝିଅାରିଙ୍କ ମୁଣ୍ଡ ଫାଟିଯାଇଥିଲା। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ନିମାପଡା ମେଡିକାଲରେ ଭର୍ତ୍ତି କରିଥିଲେ। ଏ ସମ୍ପର୍କରେ ଭାସ୍କରଙ୍କ ଅଭିଯୋଗ କ୍ରମେ ଥାନାରେ କେସ୍ ନଂ ୧୩/୨୪ ରୁଜୁ ହୋଇଛି। ପୋଲିସ ବାଙ୍କଙ୍କୁ ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛନ୍ତି। ଏଏସ୍‌ଆଇ ସବିତା ମାର୍ଥା ଏହି ଘଟଣାର ତଦନ୍ତ ଚଳାଇଛନ୍ତି।

# ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶ ଅନୁସରଣ ପାଇଁ ଆହ୍ୱାନ

ସାକ୍ଷୀଗୋପାଳ,୧୨।୧
(ପ୍ରଶାନ୍ତ କୁମାର ବାରିକ/
କିଶୋର ମହାପାତ୍ର/ଭରତ ରାଉତ)

ଭାରତ ବିକାଶ ପରିଷଦ ସତ୍ୟବାଦୀ ଶାଖା ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ୧୬୧ତମ ଜୟନ୍ତୀ ଉତ୍ସବ ସତ୍ୟବାଦୀ ବ୍ଲକ ମଧୁବନ ପଞ୍ଚାୟତ ଡାହାଣ ଗ୍ରାମ ପ୍ରାଥମିକ ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଦସ୍ୟମାନେ ବିବେକାନନ୍ଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଅତିଥିମାନେ ସ୍ୱାମୀ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ। ପରେ ଅଳଗୁମ-କଣାସ ରାସ୍ତାରେ ଚାରାରୋପଣ କରାଯାଇଥିଲା। ଭାରତ ବିକାଶ ପରିଷଦ, ଓଡ଼ିଶା ପୂର୍ବ ପ୍ରାନ୍ତର ସଭାପତି ସତ୍ୟବାଦୀ ଦାସ, ମିଡ଼ିଆ ପ୍ରଭାରୀ ନିହାର ରଞ୍ଜନ ସ୍ୱାଇଁ, ସଚିବ ନବଘନ ଶତପଥୀ, ଅର୍ଥ ସଚିବ ବିଜୟ କୁମାର ପରିଡା, ଉପସଭାପତି ବିଷ୍ଣୁ ମହାରଣା, ସଙ୍ଗଠନ ସଚିବ ସୁନୀଲ କୁମାର ବେହେରା, ମହିଳା ସଂଯୋଜିକା ରୀତା ତ୍ରିପାଠୀ, ବ୍ରହ୍ମାନନ୍ଦ ମହାରଣା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସର ଆଖି, କାନ ଭଳି କାର୍ଯ୍ୟ କରିବ ଯୁବାଶକ୍ତି

ସାକ୍ଷୀଗୋପାଳ,୧୨।୧
(ପ୍ରଶାନ୍ତ କୁମାର ବାରିକ/
କିଶୋର ମହାପାତ୍ର/ଭରତ ରାଉତ)

ସତ୍ୟବାଦୀ ଥାନା ପକ୍ଷରୁ ‘ଆମ ପୋଲିସ ସମିତି’ର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତି ସଭାପତିତ୍ୱ କରିଥିଲେ। ଏହି ଅବସରରେ ପୋଲିସର କାର୍ଯ୍ୟକୁ ଲୋକାଭିମୁଖୀ କରିବା ପାଇଁ ପୂର୍ବରୁ ଥିବା ଆମ ପୋଲିସ ସମିତି ସହ ନୂତନ ସଙ୍ଗଠନ ‘ଯୁବାଶକ୍ତି’ ଆନୁଷ୍ଠାନିକ ଭାବେ ଯୋଡ଼ି ହୋଇଛି। ଥାନାର ମାତ୍ର ୩୦ ରୁ ୪୦ କର୍ମଚାରୀ ସତ୍ୟବାଦୀର ପାଖାପାଖି ୨ଲକ୍ଷ ଲୋକଙ୍କୁ ସୁରକ୍ଷା ଦେବା ପାଇଁ ଅନ୍ତରାୟ ସୃଷ୍ଟି ହେଉଥିବାବେଳେ ଅସାମାଜିକ ତତ୍ତ୍ୱକୁ ଦମନ କରିବା ଉଦ୍ଦେଶ୍ୟ ନେଇ ଉଭୟ ଅନୁଷ୍ଠାନର ସଦସ୍ୟମାନେ ପୋଲିସର ଆଖି ଓ କାନ ଭଳି କାର୍ଯ୍ୟ କରିବେ ବୋଲି ଏସ୍‌ଡିପିଓ କହିଛନ୍ତି। ଯୁବାଶକ୍ତିକୁ ପୁରୀ ଜିଲାର ବିଭିନ୍ନ ଥାନାରେ ଏକ ପାଇଲଟ ପ୍ରୋଜେକ୍ଟ ଭାବେ ଉପସ୍ଥାପନ କରାଯାଉଛି। ଯୁବାଶକ୍ତିର ସଦସ୍ୟମାନେ ପୋଲିସ କାର୍ଯ୍ୟରେ ସହଯୋଗ କରିବେ। ଉକ୍ତ ବୈଠକରେ ସ୍ଥାନୀୟ ଲୋକେ ଉପସ୍ଥିତ ଥିଲେ। ସତ୍ୟବାଦୀ ଥାନା ଅଞ୍ଚଳରେ ଚୋରା ନିଶା କାରବାର, ବିକଟାଳ ହର୍ଣ୍ଣ ଦେଇ ଗାଡ଼ି ଚାଳନା, ଟ୍ରାଫିକ୍ ସମସ୍ୟା, ବସଷ୍ଟାଣ୍ଡଠାରୁ ସାକ୍ଷୀଗୋପାଳ ମନ୍ଦିର ପର୍ଯ୍ୟନ୍ତ ମୁଖ୍ୟ ବଜାର ପାର୍ଶ୍ୱରେ ଭିଡ଼ ନିୟନ୍ତ୍ରଣ କରିବା ଆଦି ପ୍ରସ୍ତାବ ଉପରେ ଜିଲାପରିଷଦ ସଭ୍ୟା ବିଷ୍ଣୁପ୍ରିୟା ବରାଳ, ସରପଞ୍ଚ ଚିନ୍ମୟୀ ରାଉତ, ଗୋପାଳ ଚନ୍ଦ୍ର ମିଶ୍ର, ଉମେଶ ପ୍ରଧାନ, ଦେବଦତ୍ତ ସାମନ୍ତରାୟ, ରଞ୍ଜନ ବରାଳ ଏବଂ ପ୍ରଭାତ ମିଶ୍ର ପ୍ରମୁଖ ପୋଲିସର ଦୃଷ୍ଟି ଆକର୍ଷଣ କରିଥିଲେ। ଥାନା ଆଇଆଇସି ବିଜୟ କେତନ ବେହେରା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଏସ୍‌ଆଇ ଦୀପ୍ତିରଞ୍ଜନ ସାହୁ ପରିଚାଳନାରେ ସହଯୋଗ କରିଥିଲେ।




ଏସ୍‌ଡିପିଓ ବିରଞ୍ଚି ନାରାୟଣ ପତିଙ୍କ ସହ ଯୁବାଶକ୍ତିର ସଦସ୍ୟମାନେ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରତାପ୍



@ ଆକାଶ



@ ଆର୍ତ୍ତତ୍ରାଣ



@ ସୁଧନ୍ୟ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ବଳଙ୍ଗା ପଞ୍ଚାୟତରେ ଗଡ଼ିଲା ଅର୍ପଣ ରଥ

ବଳଙ୍ଗା, ୧୨।୧(କେଦାରେଶ୍ୱର ନନ୍ଦ)

ବଳଙ୍ଗା ପଞ୍ଚାୟତର ଶମ୍ଭୁଭାରତୀପାଟଣା, ଦେଉଳିସାହି, ଗୋଲାସାହି, ଅରେଇ ସାହି, ତୋଟା ସାହି, ପଲ୍ଲିକଣ, ଭଗିଆଡି ଆଦି ଗ୍ରାମର ୧୨ଟି ୱାର୍ଡରେ ଶ୍ରୀଜଗନ୍ନାଥ ଅର୍ପଣ ରଥ ପରିକ୍ରମା କରିଛି। ଶ୍ରଦ୍ଧାଳୁମାନେ ରଥ ବନ୍ଦାପନା ସହ ଗୁଆ ଓ ଅରୁଆ ଚାଉଳ ଅର୍ପଣ କରିଥିଲେ। ହରିବୋଲ, ହୁଳହୁଳିରେ ପରିବେଶ ଭକ୍ତିମୟ ହୋଇଉଠିଥିଲା ପଞ୍ଚାୟତ ସଭାପତି କୃପାସିନ୍ଧୁ ଦତ୍ତ, ସରପଞ୍ଚ ଅଞ୍ଜଳି ପ୍ରଧାନ, ସମିତି ସଭ୍ୟ ପ୍ରକାଶ ସାହୁ, ସମସ୍ତ ୱାଡ ସଭ୍ୟ, ଅଙ୍ଗନୱାଡ଼ି କର୍ମୀ, ମିଶନ ଶକ୍ତି ମହିଳା ଉପସ୍ଥିତ ଥିଲେ।










ବିଭିନ୍ନ ସଙ୍ଗଠନ ପକ୍ଷରୁ ବିବେକାନନ୍ଦ ଜୟନ୍ତୀ : ପୁରୀର ରାମକୃଷ୍ଣ ମିଶନ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା। ଭାରତ ବିକାଶ ପରିଷଦ ଏବଂ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ। ସ୍ୱାମୀ ବିବେକାନନ୍ଦ ଯୁବଶକ୍ତି ସଂଗଠନ ଖଡିପଦା ପକ୍ଷରୁ ଆୟୋଜିତ ଭଲିବଲ ପ୍ରତିଯୋଗିତାର ଖେଳାଳିମାନେ।

# ଆକର୍ଷଣ ସାଜିଛି ଭଳିକି ଭଳି ସାମଗ୍ରୀର ପସରା

## ଜମୁଛି ଶିଶିର ସରସ ମେଳା




ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ବରମୁଣ୍ଡାସ୍ଥିତ ବିଜୁପଟ୍ଟନାୟକ ଖେଳ ପଡ଼ିଆରେ ଚାଲିଛି ଜାତୀୟ ସ୍ତରୀୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ମେଳା 'ଶିଶିର ସରସ-୨୦୨୪'। ରାଜଧାନୀରେ ବାଲିଯାତ୍ରାର ଭ୍ରମ ସୃଷ୍ଟି କରୁଛି। ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ଅଧୀନ ଓରମାସ ପକ୍ଷରୁ ଆୟୋଜିତ ଏହି ମେଳାରେ ୨୬ ରାଜ୍ୟର ପ୍ରସିଦ୍ଧ ତଥା ନୂଆ ନୂଆ ସାମଗ୍ରୀ ବିକ୍ରି ହେଉଛି। ଭଳିକି ଭଳି ସାମଗ୍ରୀ ଆକର୍ଷଣ ସାଜିଥିବାବେଳେ ଜିନିଷ କିଣା ସହ ବୁଲାବୁଲିର ମଜା ନେଉଛନ୍ତି ରାଜଧାନୀବାସୀ। ଏଥିସହ ସୁସ୍ୱାଦୁ ଖାଦ୍ୟର ବାସ୍ନା ସମସ୍ତଙ୍କୁ ଫୁଡ୍‌କୋର୍ଟ ଆଡ଼େ ଟାଣି ନେଉଛି। ସମୟ ସରି ଆସୁଥିବାବେଳେ ମେଳାରେ ଭିଡ଼ ଜମିବାରେ ଲାଗିଛି।

### ହାତପାଆନ୍ତାରେ ଘର ସଉଦା

ଆମେ ନିତିଦିନ ରୋଷେଇ ଘରେ ବ୍ୟବହାର କରୁଥିବା ସାମଗ୍ରୀ ବି ଏଠାରେ କିଣିବାର ସୁଯୋଗ ରହିଛି। ହାତ ପାହାନ୍ତାରେ ବିଶୁଦ୍ଧ ଘର ସଉଦା ମିଳୁଥିବାରୁ ମହିଳାମାନଙ୍କ ଏସ୍‌ଏଚ୍‌ଜି ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଲାଗୁଛି। ବଡ଼ି, ହଳଦୀ, ପାମ୍ପଡ଼, ମସଲାଗୁଣ୍ଡ, ମଟର, ସୋୟାବିନ ଭଳି ଘର ସଉଦା ସୁବିଧାରେ ମିଳୁଛି। ପ୍ରାୟ ସବୁ ଏସଏଚ୍‌ଜି ଷ୍ଟଲରେ ଲୋକମାନେ ଘର ସଉଦା କରୁଥିବା ଦେଖିବାକୁ ମିଳିଥିଲା।

### ଲୋଭ ଦେଖାଉଛି ଫୁଡ୍ କୋର୍ଟ

ଫୁଡ ଷ୍ଟଲ୍ ଯାଇ ଆଖି ବୁଲାଇ ଆଣିଲେ କ'ଣ ଖାଇବ, ତାକୁ ନେଇ ଦ୍ୱନ୍ଦ୍ୱ ସୃଷ୍ଟି କରିଛି ଶିଶିର ସରସ ମେଳାରେ ଖୋଲିଥିବା ଫୁଡ କୋର୍ଟ। ଲମ୍ବା ଲାଇନ ହୋଇ ୨୪ଟି ଖାଦ୍ୟ ଷ୍ଟଲ ପଡ଼ିଛି। ଦେଖିଲେ ଲୋଭ ଆସୁଛି, ବାସ୍ନା ନାକରେ ବାଜିଲେ ଲାଳ ବୋହୁଛି। ବାରିପଦା ମୁଢ଼ିମାଂସଠୁ ନେଇ ରାଜସ୍ଥାନ ବିକାନିରୀର ଜିଲାପି, ଦହିବରାଠୁ ନେଇ ମାଣ୍ଡିଆରୁ ପ୍ରସ୍ତୁତ ମିଠା, ପିଠା, ମାଣ୍ଡିଆ ଗୋଲାପ ଜାମୁନକୁ ଆମିଷରେ ଭଳିକି ଭଳି ପତ୍ରପୋଡ଼ା ଆଦି ଖାଦ୍ୟ ସମ୍ଭାରରେ ଲାଖି ଯାଉଛନ୍ତି ଲୋକେ।

### ଆନମନା କରୁଛି ବାଉଁଶ ତିଆରି ଫୁଲ

କୋଲକାତାରୁ ଆସିଥିବା ଦମ୍ପତିଙ୍କ ଷ୍ଟଲରେ ଖୁବ୍ ଭିଡ଼ ଲାଗୁଛି। ରଞ୍ଜିତ ଭୌମିକ ଓ ସୁସ୍ମିତା ଭୌମିକ ମନ ଜିଣିବା ଭଳି ଫୁଲସବୁ ସେମାନଙ୍କ ଷ୍ଟଲରେ ସଜାଇ ରଖିଛନ୍ତି। ତେବେ ଏମାନଙ୍କ ଫୁଲ ସବୁଠୁ ନିଆରା, ଆଉ ଆକର୍ଷଣୀୟ ହୋଇଛି। ବାଉଁଶରେ ତିଆରି ଏହି ଫୁଲ ଦେଖିଲେ ଆଖି ଝଲସି ଉଠୁଛି। ଭିନ୍ନ ଭିନ୍ନ ଡିଜାଇନରେ ଏହି ଫୁଲଗୁଡ଼ିକୁ ତିଆରି କରାଯାଇଛି। ସତେଜ ଫୁଲ ପରି ଏହି ବାଉଁଶ ତିଆରି ଫୁଲ ଲୋକଙ୍କୁ ଆନମନା କରୁଛି। ଗୋଟେ ଫୁଲର ଦାମ୍ ୨୦ ଓ ୩୦ଟଙ୍କା ରହିଛି। ଫ୍ଲାୱାର୍ ବେସ୍ ସହ ଦାମ୍ ୮ଶହ, ୧ହଜାର ଓ ୧୨ଶହ ଆଦି ରହିଛି।



## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରାଜା ରାମଚନ୍ଦ୍ର ମର୍ଦ୍ଦରାଜଦେଓଙ୍କ ୧୨୪ତମ ଜୟନ୍ତୀ ଉତ୍ସବ, ଏଜି ଛକସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୮ଟା ୩୦।
- ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ପଦ୍ମନାଭ ଛୋଟରାୟଙ୍କ ୨୦୧ତମ ବଳିଦାନ ଦିବସ, ବଡ଼ଗଡ଼ସ୍ଥିତ ପ୍ରତିମୂର୍ତ୍ତିସ୍ଥଳୀ, ସକାଳ ୯ଟା।
- ଆଶ୍ରୟ ଅନୁଷ୍ଠାନ ପକ୍ଷରୁ 'ସାଧାରଣ ସମାଜ ବନାମ ଭିନ୍ନକ୍ଷମ ସମାଜ' ଆଲୋଚନାଚକ୍ର, ରେଡ୍‌କ୍ରସ ଭବନ, ପୂର୍ବାହ୍ନ ୧୦ଟା।
- ଓଡ଼ିଶା ଟେଲିଭିଜନ ନେଟୱାର୍କ ପକ୍ଷରୁ ଫୋରସାଇଟ୍-୨୦୨୪, ମେ'ଫେୟାର କନଭେନଶନ ହଲ, ପୂର୍ବାହ୍ନ ୧୦ଟା।
- କୃଷି ଓଡ଼ିଶା, ଜନତା ମଇଦାନ, ପୂର୍ବାହ୍ନ ୧୦ଟା ୩୦।
- ସାହିତ୍ୟିକା ଓ ଭାଷାବିତ୍ ଡ.ବିଜୟଲକ୍ଷ୍ମୀ ମହାନ୍ତିଙ୍କ ଦ୍ୱାରା ରଚିତ ପୁସ୍ତକ 'ଭାଷା ବିଜ୍ଞାନ ଓ ଓଡ଼ିଆ ବ୍ୟାକରଣ'ର ଉନ୍ମୋଚନ ଉତ୍ସବ, ରେଡ୍‌କ୍ରସ ଭବନ, ଅପରାହ୍ନ ୨ଟା ୩୦।
- ଆର୍ଟିଷ୍ଟସ୍ ଆସୋସିଏଶନ ଅଫ୍ ଓଡ଼ିଶା ପକ୍ଷରୁ ଚିତ୍ରାଞ୍ଜଳି କାର୍ଯ୍ୟକ୍ରମ, ଏକାମ୍ର ଅର୍ବାନ ହାଟ, ୟୁନିଟ-୩, ସନ୍ଧ୍ୟା ୫ଟା।
- କଣ୍ଢେଇ ଘର ପକ୍ଷରୁ ପ୍ରଥମ ଲୋକ ସଂସ୍କୃତି ଉତ୍ସବ, ବୁଦ୍ଧ ମନ୍ଦିର, ସନ୍ଧ୍ୟା ୭ଟା।

**ବାଲିଅନ୍ତା**

- ଭାଗବତ ପାରାୟଣ ଓ ପ୍ରବଚନ, ନହରକଣ୍ଟା(ଖ)ସ୍ଥିତ ହନୁମାନଙ୍କ ପୀଠସ୍ଥଳୀ, ମାରୁତି ମଣ୍ଡପ, ସନ୍ଧ୍ୟା ୭ଟା।

# ଅଯୋଧ୍ୟା ଯିବ ସୁଦର୍ଶନଙ୍କ ପିତ୍ତଳ ଧନୁ, ତୀର

ଭୁବନେଶ୍ୱର,୧୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ରାମଲାଲାଙ୍କୁ ସମର୍ପିତ ହେବ ମୟୂର କଣ୍ଠିଆ ପିତ୍ତଳ ଧନୁ ଓ ତୀର। ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଉଦ୍ଦେଶ୍ୟରେ ଭୁବନେଶରସ୍ଥିତ ଗୋପୀନାଥ କଂସା ପିତ୍ତଳ ସଂଗ୍ରହାଳୟର ମୁଖ୍ୟ ସଂଗ୍ରାହକ ସୁଦର୍ଶନ ସାହୁ ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଜେନେରାଲ ସେକ୍ରେଟାରି ଚମ୍ପତ୍ତି ରାୟ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଗୁରୁବାର ସାହୁଙ୍କ ପରିବାର ପୁରୀର ପାପୁଡ଼ିଆ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ ଓ କଟକୀ ମଠାଧୀଶ ଡ. ବିଜୟ ରାମାନୁଜଙ୍କୁ ଭେଟି ଉକ୍ତ ଧନୁ ଓ ତୀରଟିକୁ ଅର୍ପଣ କରିଛନ୍ତି। ଏ ସମ୍ପର୍କରେ ସାହୁ କହିଛନ୍ତି, ଏହାର ଉଭୟ ଭାଗ ମୟୂର ଆକୃତିର। ଖୁସିର କଥା ଆସନ୍ତା ୨୨ ତାରିଖରେ ହେବାକୁ ଥିବା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଏହା ଲାଗିବ।


ଧନୁ, ତୀର ସହ ସୁଦର୍ଶନ ସାହୁ।

# ଟି-ବ୍ରିଜ୍‌ରେ ୨ ଦିନ ପାଇଁ ଗାଡ଼ି ଚଳାଚଳ ବନ୍ଦ

ବଡ଼ମ୍ବା,୧୨।୧(ମାୟାଧର ମଲ୍ଲିକ)

କଟକ ଜିଲା ବଡ଼ମ୍ବା ସିଂହନାଥ ପୀଠରେ ପ୍ରଭୁ ସିଂହନାଥ ଦେବଙ୍କ ମକର ମେଳା ଆସନ୍ତା ୧୫,୧୬ ଓ ୧୭ ତିନି ବ୍ୟାପି ଅନୁଷ୍ଠିତ ହେବ। ଚଳିତ ବର୍ଷ ଉକ୍ତ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରୁ ପ୍ରଶାସନ ତରଫରୁ କଟକଣା ଜାରି କରାଯାଇଛି। ୨ ଦିନ ପାଇଁ ଅର୍ଥାତ ଆସନ୍ତା ୧୫ ସକାଳ ୬ଟାରୁ ୧୭ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବଡ଼ମ୍ବା ଟି-ବ୍ରିଜରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ସୂଚନାଯୋଗ୍ୟ, ଗତ ମକର ମେଳାରେ ଟି - ବ୍ରିଜରେ ଦଳାଚକଟା ହୋଇ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ ଜଣ ଆହତ ହୋଇଥିଲେ।

# ଗ୍ଲୋରି କୁଇନ୍ ମୁକୁଟ ପିନ୍ଧିଲେ ଯମୁନା ସୋନୱାଲ

ପୁରୀ,୧୨।୧(ଅଜିତ୍ ମହାନ୍ତି)

ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ଗ୍ଲୋରି ଫେଷ୍ଟ-୨୦୨୪ ଶୁକ୍ରବାର ପୁରୀ ବେଳାଭୂମିରେ ଉଦ୍‌ଯାପିତ ହୋଇଯାଇଛି। ତିରୁପତି ବିଶ୍ୱବିଦ୍ୟାଳୟର ଯମୁନା ସୋନୱାଲ ଚଳିତବର୍ଷ ଗ୍ଲୋରି କୁଇନ୍ ମୁକୁଟ ପିନ୍ଧିଛନ୍ତି। ପ୍ରଥମ ରନର୍ସଅପ ପୁରୀ ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଟିଶା ମିଶ୍ର, ଦ୍ୱିତୀୟ ରନର୍ସଅପ ଭୁବନେଶ୍ୱର ହାଇଟେକ କଲେଜର ଛାତ୍ରୀ ଅଭିଲିପ୍ସା ନାୟକ ହୋଇଛନ୍ତି। ରାଉରକେଲା ସରକାରୀ ମହାବିଦ୍ୟାଳୟ ଦଳଗତ ଚମ୍ପିୟନ ଟ୍ରଫି ହାତେଇଥିବାବେଳେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନ, ପୁରୀର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଟ୍ୟାଲେଣ୍ଟ ଅଫ୍ ଦି ଇୟର ଭାବେ ପୁରସ୍କୃତ କରାଯାଇଛି। ସେହିପରି ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟିମ୍ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଛି। ଏଥିସହ ଅନ୍ୟାନ୍ୟ ୭ଟି ବିଭାଗରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି।

# ଗୋଦାମ ଗୃହ ନିର୍ମାଣ ପାଇଁ ତ୍ରିପାକ୍ଷିକ ଚୁକ୍ତିନାମା

ଭୁବନେଶ୍ୱର, ୧୨।୧(ଅସମାପିକା ସାହୁ)

ରାଜ୍ୟରେ ସମବାୟ ସମିତି ଜରିଆରେ ବିଶ୍ୱର ବୃହତ୍ତମ ଶସ୍ୟ ଭଣ୍ଡାର ଯୋଜନାରେ ଗୋଦାମ ଗୃହ ନିର୍ମାଣ ନିମନ୍ତେ ଏକ ତ୍ରିପାକ୍ଷିକ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି। ସମବାୟ ନିବନ୍ଧକ ଉଦ୍ଧବ ଚନ୍ଦ୍ର ମାଝିଙ୍କ ଉପସ୍ଥିତିରେ ଶୁକ୍ରବାର ନିର୍ମାଣକାରୀ ସଂସ୍ଥା ତଥା ଜାତୀୟ ନିର୍ମାଣ ନିଗମ, କେନ୍ଦ୍ର ସମବାୟ ବ୍ୟାଙ୍କ ଏବଂ ପ୍ରାଥମିକ କୃଷି ସମବାୟ ସମିତି/ବୃହଦାକାର ଆଦିବାସୀ ବହୁମୁଖୀ ସମବାୟ ସମିତି ସହିତ ଚୁକ୍ତି ସ୍ୱାକ୍ଷର କରାଯାଇଥିଲା। ସୂଚନାଯୋଗ୍ୟ, ରାଜ୍ୟରେ ଉତ୍ପାଦିତ ହେଉଥିବା ଖାଦ୍ୟଶସ୍ୟ ସଂରକ୍ଷଣ ନିମନ୍ତେ ୨୪,୯୩,୭୫୦ ମେଟ୍ରିକ ଟନ କ୍ଷମତାର ଗୋଦାମ ଗୃହର ଆବଶ୍ୟକତା ଥିବାବେଳେ ମାତ୍ର ୧୧,୯୨,୭୬୦ ମେଟ୍ରିକ ଟନ୍ କ୍ଷମତାର ଗୋଦାମ ଗୃହ ରହିଛି। ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ସରକାରଙ୍କ ସହଯୋଗରେ ଭାରତ ସରକାରଙ୍କ ପାଇଲଟ ପ୍ରୋଜେକ୍ଟ ସମବାୟ ସମିତି ଜରିଆରେ ବିଶ୍ୱର ବୃହତ୍ତମ ଶସ୍ୟ ଭଣ୍ଡାର ଯୋଜନା ଆରମ୍ଭ କରାଯାଇଛି। ଏହି ଯୋଜନାରେ ୫୦୦ରୁ ୨୫୦୦ ମେଟ୍ରିକ ଟନ୍ କ୍ଷମତା ବିଶିଷ୍ଟ ଗୋଦାମ ଗୃହ ନିର୍ମାଣ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ଗୋଦାମଗୁଡ଼ିକ ଭାରତୀୟ ଖାଦ୍ୟ ନିଗମ ଦ୍ୱାରା ବ୍ୟବହାର କରିବା ପାଇଁ ସରକାରୀ ସ୍ତରରେ ନିଷ୍ପତ୍ତି ନିଆଯାଇଛି। ରାଜ୍ୟ ସମବାୟ ନିବନ୍ଧକଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୁଝାମଣାପତ୍ର ସ୍ୱାକ୍ଷର ସମୟରେ ଏନ୍‌ବିସିସିର ଆଞ୍ଚଳିକ ନିର୍ଦ୍ଦେଶକ ରାକେଶ କୁମାର ସିହ୍ନା, ଅତିରିକ୍ତ ସମବାୟ ନିବନ୍ଧକ ଡ. ସୁଶାନ୍ତ କୁମାର ପଣ୍ଡାଙ୍କ ସମେତ ସମ୍ପୃକ୍ତ କେନ୍ଦ୍ର ସମବାୟ ବ୍ୟାଙ୍କ ଓ ପ୍ରାଥମିକ କୃଷି ସମବାୟ ସମିତିର ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ନନ୍ଦନକାନନରେ କୁଜିହରିଣ ମୃତ

ବାରଙ୍ଗ,୧୨।୧(ଲିଙ୍ଗରାଜ ରାଉତ)

ପ୍ରାଣୀଉଦ୍ୟାନ ନନ୍ଦନକାନନର ୬୯ନଂ. ଏନ୍‌କ୍ଲୋଜରରେ ରହୁଥିବା ୫ବର୍ଷର ଏକ ଅଣ୍ଡିରା କୁଜି ହରିଣର ଶୁକ୍ରବାର ମୃତ୍ୟୁ ଘଟିଛି। ଏନ୍‌କ୍ଲୋଜରରେ କୁଜିହରିଣଟି ବିଚରଣ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲା। ଏହା ପରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଡାକ୍ତରଙ୍କୁ ଅବଗତ କରାଇଥିଲେ। ଖବରପାଇ ଡାକ୍ତରମାନେ ପହଞ୍ଚି କୁଜିହରିଣର ଚିକିତ୍ସା କରିଥିଲେ। ତେବେ ସାଲାଇନ ଲଗାଇବାର କିଛି ସମୟ ପରେ ହରିଣଟିର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

# ଯୁବଶକ୍ତି ହିଁ ରାଷ୍ଟ୍ରଶକ୍ତି: ରାଜ୍ୟପାଳ

ଭୁବନେଶ୍ୱର, ୧୨।୧(ଅସମାପିକା ସାହୁ)

ଯୁବ ଶକ୍ତି ହିଁ ରାଷ୍ଟ୍ରଶକ୍ତି। ସ୍ୱାମୀ ବିବେକାନନ୍ଦ ଏହି ଶକ୍ତିର ସଫଳ ଉପଯୋଗ ନିମନ୍ତେ ମାର୍ଗଦର୍ଶନ କରାଇଛନ୍ତି। ଭାରତର ଯୁବ ପ୍ରତିଭା ସମଗ୍ର ବିଶ୍ୱରେ ପ୍ରତିଷ୍ଠା ଅର୍ଜନ କରୁଛନ୍ତି। ଆଗାମୀ ସମୟ ଭାରତର ସମୟ ଏବଂ ଏହି ସମୟର ନିର୍ମାତା ଯୁବ ଶକ୍ତି ବୋଲି ରାଜ୍ୟପାଳ ରଘୁବର ଦାସ ପ୍ରକାଶ କରିଛନ୍ତି। ରାମକୃଷ୍ଣ ମିଶନ ଭୁବନେଶ୍ୱର ପକ୍ଷରୁ ଶୁକ୍ରବାର ଆୟୋଜିତ ଜାତୀୟ ଯୁବ ଦିବସ ସମାରୋହରେ ଯୋଗଦେଇ ରାଜ୍ୟପାଳ କହିଲେ, ସ୍ୱାମୀ ବିବେକାନନ୍ଦ ଭାରତର ପରିଚୟ ଓ ପ୍ରତିଷ୍ଠା ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ସେ ଭାରତର ଶକ୍ତି, ସମ୍ପଦ ଏବଂ ସୌନ୍ଦର୍ଯ୍ୟର ଧାରକ ଓ ବାହକ ଥିଲେ। ଭାରତର ସାଂସ୍କୃତିକ ବିଭବ, ପରମ୍ପରା ଓ ବିଚାରକୁ ସେ ବିଶ୍ୱ ସାମ୍ନାରେ ଉପସ୍ଥାପନ କରିଥିଲେ। ଭାରତର ନବ ଉତ୍ଥାନରେ ତାଙ୍କର ଯୋଗଦାନ ବିଶେଷ ପ୍ରେରଣାଦାୟୀ ବୋଲି ରାଜ୍ୟପାଳ କହିଥିଲେ। ନୂତନ ଶିକ୍ଷା ନୀତି ପ୍ରଣିତ ହୋଇଛି। ଏଥିରେ ପାଠ ସହ ଶାଠକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଆଗାମୀ ସମୟ ପାଇଁ ଯୁବ ଶକ୍ତିର ଉପଯୁକ୍ତ ବିନିଯୋଗରେ ଏହା ସଫଳ ହେବ ବୋଲି ରାଜ୍ୟପାଳ କହିଛନ୍ତି। ସମାରୋହରେ ରାମକୃଷ୍ଣ ମିଶନର ଯୁଗ୍ମ ସଚିବ ଆତ୍ମପ୍ରଭାନନ୍ଦଜୀ ମହାରାଜ, ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଡ. ସବିତା ଆଚାର୍ଯ୍ୟ, ପରିଚାଳନା କମିଟି ସଭାପତି ଡ. ଚଣ୍ଡୀ ଦାସ ପ୍ରମୁଖ ବିବେକାନନ୍ଦଙ୍କ ପ୍ରଜ୍ଞା ଓ ପ୍ରୟୋଗ ସମ୍ପର୍କରେ ଆଲୋଚନା କରିଥିଲେ। ରାଜ୍ୟପାଳଙ୍କ ପ୍ରମୁଖ ପରାମର୍ଶଦାତା ସନ୍ତୋଷ କୁମାର ଶତପଥୀ ଉତ୍ସବରେ ଉପସ୍ଥିତ ଥିଲେ।


ଜାତୀୟ ଯୁବ ଦିବସ ସମାରୋହରେ ରାଜ୍ୟପାଳ ରଘୁବର ଦାସ ଓ ଅନ୍ୟ ଅତିଥିମାନେ।

## ସେଲ୍‌ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ପ୍ରତାପ୍


@ ଆକାଶ


@ ଆର୍ତ୍ତତ୍ରାଣ


@ ସୁଧନ୍ୟ


@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଚାନ୍ଦୁଆ ଜଳିଗଲା

ପୁରୁଣା ଭୁବନେଶ୍ୱର,୧୨।୧
(ସୁବାସ ଚନ୍ଦ୍ର ପ୍ରଧାନ)



ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶୁକ୍ରବାର ଏକ ଅଘଟଣ ଘଟିଛି। ପୂର୍ବାହ୍ନ ୧୦ଟାରେ ଠାକୁରଙ୍କ ନୀତିକାନ୍ତି ଚାଲୁଥିବା ବେଳେ ଗର୍ଭଗୃହ ଶକ୍ତି ଉପରେ ଥିବା ଚାନ୍ଦୁଆରେ ନିଆଁ ଲାଗିଯାଇଥିଲା। ଏହା ପରେ ସେଠାରେ ଉପସ୍ଥିତ ଥିବା କେତେଜଣ ସେବାୟତ ବଡ଼ ଅଘଟଣ ଘଟିବା ପୂର୍ବରୁ ନିଆଁ ଲିଭାଇ ଦେଇଥିଲେ। ତେବେ ଚାନ୍ଦୁଆଟି ପୋଡ଼ିଯାଇଥିବା ସୂଚନା ମିଳିଛି। ତେବେ ଚାନ୍ଦୁଆରେ କିପରି ନିଆଁ ଲାଗିଲା ସିସିଟିଭି ଯାଞ୍ଚ କରାଗଲେ ସତ୍ୟତା ଜଣାପଡ଼ିବ ବୋଲି ଜଣେ ସେବାୟତ ନାମ ଗୋପନ ରଖି କହିଛନ୍ତି।

# ୟୁନିଭର୍ସିଟି ଆଇନ ମହାବିଦ୍ୟାଳୟର ସତ୍ୟପାଠ ଦାଖଲ

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ୟୁନିଭର୍ସିଟି ଆଇନ ମହାବିଦ୍ୟାଳୟରେ ବିନା ଅନୁବନ୍ଧନ ଓ ସ୍ୱୀକୃତିରେ ଆଇନ ପାଠପଢା ହେଉଥିବା ଅଭିଯୋଗ ହେଉଛି। ଏନେଇ ଛାତ୍ରୀଛାତ୍ର ଅସନ୍ତୋଷ ବ୍ୟକ୍ତ କରିବା ପରେ ଶିକ୍ଷାନୁଷ୍ଠାନ କର୍ତ୍ତୃପକ୍ଷ ସ୍ପଷ୍ଟୀକରଣ ଦେଇଛନ୍ତି। ବାର୍ କାଉନସିଲ ଅଫ୍ ଇଣ୍ଡିଆ(ବିସିଆଇ)ଠାରୁ ଅନୁବନ୍ଧନ ଓ ସୀକୃତି ପାଇଁ ଆବେଦନ କରାଯାଇଥିବାବେଳେ ନବୀକରଣ ପ୍ରକ୍ରିୟା ସରି ନ ଥିବା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ନନ୍ଦ କହିଛନ୍ତି। ଗୁରୁବାର ଆୟୋଜିତ ଖବରଦାତା ସମ୍ମିଳନୀରେ ପ୍ରଫେସର ନନ୍ଦ କହିଛନ୍ତି ଯେ, ସହବନ୍ଧନ ପ୍ରକ୍ରିୟା ନବୀକରଣ କରିବା ପାଇଁ ସତ୍ୟପାଠ ସହିତ ସମସ୍ତ ଆନୁଷଙ୍ଗିକ ଦସ୍ତାବିଜ ଦାଖଲ କରାଯାଇଛି। ଗତ ଡିସେମ୍ବର ୨୩ରେ ଏହା ଦାଖଲ କରାଯାଇଥିଲା। ସହବନ୍ଧନ ରାଶି ମଧ୍ୟ ପୂର୍ବରୁ ଜମା ହୋଇସାରିଛି। ଏ ସମସ୍ତ ବିଷୟରେ ବିସିଆଇ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଯାଇଛି। ବିସିଆଇ ଏ ସମ୍ବନ୍ଧରେ ନିଷ୍ପତ୍ତି ନେବ। ମାତ୍ର ମହାବିଦ୍ୟାଳୟ ଯୋଗୁ ନବୀକରଣ ହୋଇପାରୁ ନଥିବା ଭୁଲ କଥା ବୋଲି ନନ୍ଦ କହିଛନ୍ତି।

## ଆଜି କ'ଣ କେଉଁଠି

**କଟକ ସଦର**

- କନ୍ଦରପୁର ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ମହାବିଦ୍ୟାଳୟ ପରିସର, ପୂର୍ବାହ୍ନ ୧୦ଟା।

# ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାରରୁ ରୋଗୀ ମୃତ୍ୟୁ ଅଭିଯୋଗ

## କ୍ଷତିପୂରଣ ଦାବିରେ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ

ମଙ୍ଗୁଳି-ଜଗତପୁର,୧୨।୧(ମାନସ ସାମଲ)

କଟକ ଜିଲା ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ତ୍ରୁଟିପୂର୍ଣ୍ଣ ଫ୍ୟାମିଲି ପ୍ଲାନିଂ ଅସ୍ତ୍ରୋପଚାର ଯୋଗୁ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ମୃତା ମହିଳା ହେଲେ ଚୌଦ୍ୱାର ଥାନା ଅଧୀନ ମହିଷାଲଣ୍ଡା ପଞ୍ଚାୟତ ଦୁଧିଆନାଳୀର ନଖି ସୁଣ୍ଡି(୩୦)। ତ୍ରୁଟିପୂର୍ଣ୍ଣ ଅସ୍ତ୍ରୋପଚାର କରିଥିବା ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଓ ମୃତା ମହିଳାଙ୍କ ପରିବାର ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଦାବିରେ ଶୁକ୍ରବାର ପରିବାର ଲୋକଙ୍କ ସମେତ ଶତାଧିକ ଗ୍ରାମବାସୀ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରିଥିଲେ। ଖବରପାଇ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଟାଙ୍ଗୀ ଓ ଚୌଦ୍ୱାର ଥାନା ଅଧିକାରୀଙ୍କ ସହିତ ୧ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଉଭୟ ଥାନାର ଅଧିକାରୀ ଉତ୍ତ୍ୟକ୍ତ ଲୋକଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ ସୁଫଳ ମିଳି ନ ଥିଲା। ପରିସ୍ଥିତି ଅଣାୟତ ହେବାରୁ ତହସିଲଦାର ଚୌଧୁରୀ ପ୍ରଜ୍ଞାନନ୍ଦ ଦାସ, ଉପଜିଲାପାଳ କମଳଜିତ୍ ଦାସ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିଥିଲେ। ରେଡ୍‌କ୍ରସ ପାଣ୍ଠିରୁ ୨୦ ହଜାର ଟଙ୍କା ଓ ପିଲା ଜନ୍ମ ବା ଅସ୍ତ୍ରୋପଚାର ସମୟରେ ମୃତ୍ୟୁ ଘଟିଲେ ମିଳିବାକୁ ଥିବା ସହାୟତା ରାଶି ୪ଲକ୍ଷ ଟଙ୍କା ୨ମାସ ଭିତରେ ଦିଆଯିବ ବୋଲି ଉପଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଘେରାଉ ପ୍ରତ୍ୟାହୃତ ହୋଇଥିଲା। ମିଳିଥିବା ସୂଚନା ଅନୁଯାୟୀ, ଫ୍ୟାମିଲି ପ୍ଲାନିଂ ଅସ୍ତ୍ରୋପଚାର ପାଇଁ ପରିବାର ଲୋକେ ନଖିଙ୍କୁ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ତାଙ୍କର ଅସ୍ତ୍ରୋପଚାରବେଳେ ମୃତ୍ୟୁ ଘଟିଥିବା ପରିବାର ଲୋକେ କହିଛନ୍ତି। ଏ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ମଧୁସ୍ମିତା ନାୟକ କହିଛନ୍ତି, ଚିକିତ୍ସା ପାଇଁ ରୋଗୀଙ୍କୁ ପରିବାର ଲୋକେ ଏଠାକୁ ଆଣିଥିଲେ। ହେଲେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନା ପଠାଇ ଦିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ତଥାପି ଏହି ଘଟଣାର ତଦନ୍ତ କରାଯିବ। ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର କାରଣ ଜଣାପଡିବ ବୋଲି ସେ କହିଛନ୍ତି।



କ୍ଷତିପୂରଣ ଦାବିରେ ଟାଙ୍ଗୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଘେରାଉ କରାଯାଇଛି।

## ଯୁବକଙ୍କ ମୃତ୍ୟୁ ଘଟଣା: ଅପମୃତ୍ୟୁ ମାମଲା ରୁଜୁ

କଣ୍ଟାପଡା,୧୨।୧(ସୁରନାରାୟଣ ସାହୁ)

ଓଲଟପୁର ଥାନା ଅନ୍ତର୍ଗତ କଣ୍ଟାପଡା ଗ୍ରାମର ଆଲୋକ ସାହୁ(୨୮)ଙ୍କର ଗୁରୁବାର ରାତିରେ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଏ ନେଇ ଆଲୋକଙ୍କ ମାଆ ଶାନ୍ତିଲତା ସାହୁ ଶୁକ୍ରବାର ଅଭିଯୋଗ କରିବା ପରେ ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୧/୨୪) ରୁଜୁ କରିଛି। ସାଇଣ୍ଟିଫିକ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିବା ପରେ ପୋଲିସ ମୃତଦେହ ବ୍ୟବଚ୍ଛେଦ ପାଇଁ କଟକ ବଡ଼ ଡାକ୍ତରଖାନା ପଠାଇଛି। ଆଲୋକ ଓ ଶାନ୍ତିଲତାଙ୍କ ମଧ୍ୟରେ ବହୁ ସମୟରେ ବଚସା ହେଉଥିଲା। ଗୁରୁବାର ଉଭୟଙ୍କ ବଚସା ଉଗ୍ରରୂପ ନେଇଥିଲା। ଫଳରେ ଆଲୋକ ନିଜ ଘର ବାରଣ୍ଡାରେ ଲୁଗାରେ ଝୁଲି ପଡିଥିଲେ ବୋଲି ଶାନ୍ତିଲତା ଅଭିଯୋଗ କରିଛନ୍ତି।

## ଶିବିରରୁ ୭୦ ୟୁନିଟ୍ ରକ୍ତ ସଂଗ୍ରହ

କଣ୍ଟାପଡା, ୧୨।୧(ସୁରନାରାୟଣ ସାହୁ)

ଓଲଟପୁରସ୍ଥିତ ଆରୋଗ୍ୟ ଭବନଠାରେ ଶୁକ୍ରବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ୭୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଉତ୍କଳ ବିପନ୍ନ ସହାୟତା ସମିତି ସମ୍ପାଦକ ଅଚ୍ୟୁତ ପାଣିଗ୍ରାହୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଅତିଥି ଭାବେ ଭୁବନେଶ୍ୱର ଏମ୍ସ୍‌ର ନିର୍ଦ୍ଦେଶକ ଡା. ଆଶୁତୋଷ ବିଶ୍ୱାସ, ସମ୍ମାନିତ ଅତିଥି ଭାବେ ଏସ୍‌ଭି ନିର୍‌ତାରର ନିର୍ଦ୍ଦେଶକ ଡା. ପତିତପାବନ ମହାନ୍ତି, ମୁଖ୍ୟବକ୍ତା ଭାବେ ଆର୍‌ଏସ୍‌ଏସ୍‌ର ପଶ୍ଚିମ ଓଡ଼ିଶା ସେବାପ୍ରମୁଖ ଦୀପକ କୁମାର ରାଉତ ଯୋଗଦେଇଥିଲେ। ଏହି ଶିବିରରେ ନିର୍‌ତାର ଛାତ୍ରୀଛାତ୍ର ଓ ସ୍ଥାନୀୟ ସାମାଜିକ କର୍ମୀ ରକ୍ତଦାନ କରିଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ

ଚୌଦ୍ୱାର,୧୨।୧(ଆଶୁତୋଷ ଦାସ)

ଚୌଦ୍ୱାର ବିବେକାନନ୍ଦ ସେବା ସମିତି ତରଫରୁ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଶୁକ୍ରବାର ପାଳିତ ହୋଇଯାଇଛି। ଆଗ୍ରାହାଟ ସରକାରୀ ଉଚ୍ଚ ବିଦ୍ୟାଳୟରେ ସମିତି ସଭାପତି ଦାମୋଦର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଚୌଦ୍ୱାର ଅବସରପ୍ରାପ୍ତ ଶିକ୍ଷକ ସଂଘ ସଭାପତି ଭାଗୀରଥି ମିଶ୍ର, ଶିଶୁ ସାହିତ୍ୟିକ ତଥା ସ୍ତମ୍ଭକାର ଦିବ୍ୟଜ୍ୟୋତି ପାଣି, ଚୌଦ୍ୱାର ସାହିତ୍ୟ ସଂସଦ ସଭାପତି ବିଶ୍ୱ କଲ୍ୟାଣ ଦାସ, ପ୍ରଧାନ ଶିକ୍ଷୟିତ୍ରୀ କାଦମ୍ବିନୀ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଛାତ୍ରୀ ନିକିତା ନାୟକ ଓ ଶୁଭାଶିଷ ପରିଡ଼ା ବିବେକାନନ୍ଦଙ୍କ ନୀତି ଓ ଆଦର୍ଶ ସମ୍ପର୍କରେ ବକ୍ତବ୍ୟ ଦେଇଥିଲେ। ଅକ୍ଷୟ କୁମାର ମିଶ୍ର ସ୍ୱାଗତ ଭାଷଣ ଓ ରମାନାଥ ଆଚାର୍ଯ୍ୟ ଧନ୍ୟବାଦ ଦେଇଥିଲେ।

# ଡାକବାଜି ଯନ୍ତ୍ରରେ ରାମଧୁନ୍ ପରିବେଷଣ





ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକରେ ଜିଲାପାଳ ନରହରି ସେଠୀଙ୍କ ସମେତ ଅନ୍ୟମାନେ।

## ଜିଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି ବୈଠକ

କଟକ,୧୨।୧ (କାର୍ତ୍ତିକ ସାହୁ)

ଚଳିତବର୍ଷ ସାଧାରଣତନ୍ତ୍ର ଦିବସକୁ ସରସ ସୁନ୍ଦର ଭାବରେ ପାଳନ କରିବା ପାଇଁ ଶୁକ୍ରବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବର ସଫଳ ଆୟୋଜନ ନିମନ୍ତେ ବିଭାଗୀୟ ଅଧିକାରୀମାନେ ନିଷ୍ଠାର ସହ ଦାୟିତ୍ୱ ନିର୍ବାହ କରିବା ସହ ପୂର୍ଣ୍ଣ ସହଯୋଗ କରିବେ ବୋଲି ଜିଲାପାଳ ନରହରି ସେଠୀ କହିଛନ୍ତି। ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ ତଥା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର ସାଧାରଣତନ୍ତ୍ର ଦିବସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ବନ୍ଧରେ ଆଲୋକପାତ କରିଥିଲେ।

ସୂଚନାନୁସାରେ, ବାରବାଟୀ ଷ୍ଟାଡିୟମରେ ସାଧାରଣତନ୍ତ୍ର ଦିବସ ପାଳିତ ହେବ। ଏହାର ପ୍ରବେଶ ପଥ କ୍ଲବ ହାଉସ ଦେଇ ଉତ୍ସବ ସ୍ଥଳକୁ ସଂଯୋଗ କରିବ। ମୁଖ୍ୟ ଅତିଥି ସକାଳ ୮ଟା ୩୫ ମିନିଟ୍‌ରେ ଜାତୀୟ ପତାକା ଉତ୍ତୋଳନ ପୂର୍ବକ ପରେଡ୍‌ରେ ଅଭିବାଦନ ଗ୍ରହଣ କରିବେ। ସାଧାରଣତନ୍ତ୍ର ଦିବସରେ ଜନପ୍ରତିନିଧି, ନିମନ୍ତ୍ରିତ ଅତିଥି, କୃତୀ ପ୍ରତିଯୋଗୀ, ସମ୍ବର୍ଦ୍ଧିତ ବ୍ୟକ୍ତି ଓ ଗଣମାଧ୍ୟମର ପ୍ରତିନିଧିମାନଙ୍କୁ ସମାରୋହକୁ ନିମନ୍ତ୍ରିତ କରାଯିବ। ପୋଲିସ ଫୋର୍ସ, ମହାବିଦ୍ୟାଳୟ ଓ ବିଦ୍ୟାଳୟଗୁଡିକର ଜାତୀୟ ସମର ଶିକ୍ଷାର୍ଥୀବାହିନୀ ଓ ସିଭିଲିୟାନ ଛାତ୍ରୀଛାତ୍ରମାନେ ପରେଡ୍‌ରେ ଅଂଶଗ୍ରହଣ କରିବେ। ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସେବାପାଇଁ ସ୍ୱାସ୍ଥ୍ୟ କର୍ମଚାରୀ, ଆଶାକର୍ମୀ, ଅଙ୍ଗନୱାଡି କର୍ମୀ, ପୋଲିସ ବିଭାଗର ଅଧିକାରୀ ଓ କର୍ମଚାରୀ, କଟକ ମହାନଗର ନିଗମର ସଫେଇ ଏବଂ ପରିମଳ କର୍ମଚାରୀ ତଥା ବାହାନଗା ରେଳ ଦୁର୍ଘଟଣାରେ ପୀଡ଼ିତମାନଙ୍କୁ ଉଲ୍ଲେଖନୀୟ ସେବା ଯୋଗାଇ ଦେଇଥିବା ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧିତ କରାଯିବା ପାଇଁ ନିଷ୍ପତ୍ତି ହୋଇଛି। ଏଥିସହ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ପ୍ରତ୍ୟୁଷରୁ ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଡାକବାଜି ଯନ୍ତ୍ର ଯୋଗେ ସହରରେ ରାମ୍‌ଧୁନ ପରିବେଷଣ କରାଯିବ। ରାଜ୍ୟ ନିରାମୟ ଯୋଜନାର ପ୍ରମୁଖ ପରାମର୍ଶଦାତା ଡ. ରଞ୍ଜନ କୁମାର ବିଶାଳ, ଖବରଦାତା ରମଣୀ ରଞ୍ଜନ ଦାସ, ମିଳିତ ଜାତିସଂଘ ଓଡ଼ିଶା ଶାଖା ସଂଯୋଜକ ଦ୍ୱୀପାୟନ ପଟ୍ଟନାୟକ, ଅତିରିକ୍ତ ଜିଲାପାଳ ଶିବ ଟପୋ, ଅତିରିକ୍ତ ଡିସିପି ଏସ୍.କେ. ସରିଫୁଉଦ୍ଦିନ, ସିଏମ୍‌ସି ସ୍ୱାସ୍ଥ୍ୟ ଅଧିକାରୀ ଡା. ସତ୍ୟବ୍ରତ ମହାପାତ୍ର, ଡେପୁଟି କମିଶନର ସୁକାନ୍ତ ଚନ୍ଦ୍ର ବେଉରା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ବିଦ୍ୟାଳୟ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ

ଖୁଣ୍ଟୁଣୀ,୧୨।୧(ସଚ୍ଚିଦାନନ୍ଦ ପଣ୍ଡା)

ଆଠଗଡ଼ ବ୍ଲକ ଅନନ୍ତପୁର ପଞ୍ଚାୟତର ନୂଆଶାସନ ସରକାରୀ ଉ.ପ୍ରା. ବିଦ୍ୟାଳୟ ନୂତନ ଗୃହର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ନୂଆଶାସନ ଗ୍ରାମ ମୁରବୀ ଉଦୟ ନାଥ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍କୁଲ ପରିଚାଳନା କମିଟି ସଭାପତି ଦୀପକ କୁମାର ସାହୁ, ଅନନ୍ତପୁର ସରପଞ୍ଚ ଶକ୍ତିକାନ୍ତ ସାହୁ, ସୌମ୍ୟରଞ୍ଜନ ପଣ୍ଡା ଉପସ୍ଥିତ ଥିଲେ। ପ୍ରଧାନ ଶିକ୍ଷକ ଶକ୍ତି କାନ୍ତ ନନ୍ଦ ଧନ୍ୟବାଦ ଦେଇଥିଲେ। ଉକ୍ତ ସ୍କୁଲକୁ ଭୁବନେଶ୍ୱର ପାୱାର ପ୍ଲାଣ୍ଟ ପକ୍ଷରୁ ପୋଷ୍ୟ ସ୍କୁଲ ଭାବରେ ଗ୍ରହଣ ପାଇଁ ଉପ ସଭାପତି ଦେବାଶିଷ ପଟ୍ଟନାୟକ ଘୋଷଣା କରିଥିଲେ।

## ଜଲାରପୁର ପଞ୍ଚାୟତରେ ଅର୍ପଣ ରଥକୁ ବିରୋଧ

ନିଆଳି, ୧୨।୧(ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଅଧୀନ ଜଲାରପୁର ପଞ୍ଚାୟତରେ ଶୁକ୍ରବାର ଜୟ ଜଗନ୍ନାଥ ଅର୍ପଣ ରଥକୁ ବିରୋଧ କରାଯାଇଛି। ସ୍ଥାନୀୟ ସରପଞ୍ଚଙ୍କୁ ନ ଜଣାଇ ବିଜେଡିର ଜଣେ କର୍ମୀ ଏହି ରଥ ପରିକ୍ରମାର ଦାୟିତ୍ୱ ନେଇଥିବାରୁ ସରପଞ୍ଚ ଓ ତାଙ୍କ ସମର୍ଥକମାନେ ବିରୋଧ କରିଥିଲେ। ଫଳରେ ରଥ ଶୋଭାଯାତ୍ରା ବନ୍ଦ ରହିଥିଲା। ଅତିରିକ୍ତ ବିଡିଓ ପଲ୍ଲବୀ ରାଉତ ଘଟଣାସ୍ଥଳରେ ପହଞ୍ଚି ସରପଞ୍ଚ ଓ ଜନସାଧାରଣଙ୍କୁ ବୁଝାଶୁଝା କରିବା ସହ ରଥକୁ ବ୍ଲକ କାର୍ଯ୍ୟାଳୟକୁ ଆଣିଥିଲେ। ଏ ନେଇ ସରପଞ୍ଚ ମଞ୍ଜୁଲତା ପଣ୍ଡା କହିଛନ୍ତି, ଏହା ଏକ ସରକାରୀ କାର୍ଯ୍ୟକ୍ରମ। ସରପଞ୍ଚ ଏହି କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଥିଲେ ମଧ୍ୟ ମୋତେ ଏ ସମ୍ପର୍କରେ ଅବଗତ କରାଯାଇ ନ ଥିଲା। ସକାଳୁ ବିଜେଡିର ଜଣେ କର୍ମୀ ଏହି ଶୋଭାଯାତ୍ରା ପାଇଁ ବାହାରିଥିବାବେଳେ ବିରୋଧ କରିଥିଲି। ଏ ସମ୍ପର୍କରେ ଅତିରିକ୍ତ ବିଡିଓଙ୍କୁ ପଚାରିବାରୁ ସେ କୌଣସି ଉତ୍ତର ଦେଇ ନ ଥିଲେ। ଶନିବାର ସରପଞ୍ଚଙ୍କ ଦ୍ୱାରା ଏହି ରଥ ପରିକ୍ରମା କରିବ ବୋଲି ସୂଚନା ମିଳିଛି।

# ଅବକାରୀ ଚଢ଼ାଉ, ୨୦୩୦ ଲିଟର ମଦ ଜବତ

ଖୁଣ୍ଟୁଣୀ,୧୨।୧(ସଚ୍ଚିଦାନନ୍ଦ ପଣ୍ଡା)

ଗୁରୁଡିଝାଟିଆ ଥାନା ଅଧୀନ ଡବାଗାଡ଼ିଆ ଗ୍ରାମରେ କଟକ ଅବକାରୀ ଫ୍ଲାଇଂ ସ୍କ୍ୱାର୍ଡ ଓ ଆଠଗଡ଼ ଅବକାରୀ ବିଭାଗ ପକ୍ଷରୁ ଶୁକ୍ରବାର ଚଢ଼ାଉ କରିଛି। ଚଢ଼ାଉବେଳେ ସେଠାକାର ଦୁଇଟି ଘରେ, କୂଅ ଭିତର ଓ ଏକ ହୁଣ୍ଡାଇ କାର୍ ଭିତରୁ ୨୦୩୦ ଲିଟର ଦେଶୀମଦ ଜବତ କରାଯାଇଛି। ଏହି ସମୟରେ ୩ ଜଣ ମାଫିଆ ଫେରାର ହୋଇଯାଇଛନ୍ତି। ଜବତ ମଦର ଆନୁମାନିକ ମୂଲ୍ୟ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ହେବ ବୋଲି ଆଠଗଡ଼ ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ପ୍ରମୋଦ କୁମାର ପଣ୍ଡା କହିଛନ୍ତି।



ଜବତ ହୋଇଥିବା ମଦ ବ୍ୟାରେଲ।

## ସେଲ୍ଫି କର୍ନର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ପ୍ରତାପ୍



@ ଆକାଶ



@ ଆର୍ତ୍ତତ୍ରାଣ



@ ସୁଧନ୍ୟ



@ ମାନସ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

# କଟକ ରେଳ ଷ୍ଟେଶନରେ ମାଣିଆବନ୍ଧ ହ୍ୟାଣ୍ଡଲୁମ୍ ଷ୍ଟଲ୍

## କଥା ରଖିଲେ ରେଳମନ୍ତ୍ରୀ

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

କଟକ ରେଳ ଷ୍ଟେଶନସ୍ଥିତ 'ଗୋଟିଏ ଷ୍ଟେଶନ- ଗୋଟିଏ ଉତ୍ପାଦ (ଓଏସଓପି)' ଷ୍ଟଲ୍‌ରେ ପ୍ରସିଦ୍ଧ ମାଣିଆବାନ୍ଧ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶିତ ହୋଇଛି। କଟକ ଜିଲାର ବଡମ୍ବା ତହସିଲ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମର ବୁଣାକାରମାନେ ଏସବୁ ସାମଗ୍ରୀ ତିଆରି କରିଛନ୍ତି। ଯାତ୍ରୀମାନେ ଏବେ ଏଠାରୁ ମାଣିଆବନ୍ଧ ହ୍ୟାଣ୍ଡଲୁମ୍ ଉତ୍ପାଦ କିଣିପାରିବେ। ନିକଟରେ ବଡମ୍ବା ଗସ୍ତ ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଣାକାରଙ୍କୁ ରେଳ ଷ୍ଟେଶନରେ ମାଣିଆବନ୍ଧ ହସ୍ତତନ୍ତ ଉତ୍ପାଦ ବିକ୍ରୟର ସୁଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ।

ସୂଚନା ଥାଉ କି, 'ଗୋଟିଏ ଷ୍ଟେଶନ- ଗୋଟିଏ ଉତ୍ପାଦ(ଓଏସ୍ଏପି)' ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର ଆଦିବାସୀଙ୍କ ଜୀବିକା ବୃଦ୍ଧି ତଥା କଲ୍ୟାଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏକ ଯୋଜନା। ଏହି ପଦକ୍ଷେପର ଏକ ଅଂଶ ଭାବରେ ୫ହଜାରରୁ ଅଧିକ ବୁଣାକାରଙ୍କୁ ନେଇ ଗଠିତ ମାଣିଆବନ୍ଧ ହ୍ୟାଣ୍ଡଲୁମ୍ କ୍ଲଷ୍ଟର କନ୍‌ସୋର୍ଟିୟମ କଟକ ରେଳ ଷ୍ଟେଶନକୁ ଯାଉଥିବା ଯାତ୍ରୀଙ୍କୁ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରିବାର ସୁଯୋଗ ପାଇଛି। ବର୍ତ୍ତମାନ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୧୨ଟି ରେଳ ଷ୍ଟେଶନ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, ବାଲୁଗାଁ, ଛତ୍ରପୁର, ବ୍ରହ୍ମପୁର, ପଲାସା, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ଅନୁଗୁଳ ଏବଂ ଢେଙ୍କାନାଳରେ ଓଏସ୍ଓପି ଷ୍ଟଲ୍ ରହିଛି।





# 'ସ୍ୱାମୀ ବିବେକାନନ୍ଦ ଥିଲେ ଧର୍ମର ଯଥାର୍ଥ ବ୍ୟାଖ୍ୟାକାର'

କଟକ,୧୨।୧ (କାର୍ତ୍ତିକ ସାହୁ)

ସ୍ୱାମୀ ବିବେକାନନ୍ଦ ଭାରତର ଯୁବପିଢ଼ିଙ୍କୁ ଜାଗ୍ରତ କରିବାରେ ଉଲ୍ଲେଖଯୋଗ୍ୟ ଭୂମିକା ଗ୍ରହଣ କରିଥିଲେ। ସେ ଧର୍ମ ପ୍ରଚାରକ ନ ଥିଲେ, ସେ ଥିଲେ ଧର୍ମର ଯଥାର୍ଥ ବ୍ୟାଖ୍ୟାକାର। ଜାତୀୟ ଯୁବ ଦିବସ ଅବସରରେ ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ କଟକ ଶ୍ରୀରାମଚନ୍ଦ୍ର ଭବନରେ ଶୁକ୍ରବାର ଆୟୋଜିତ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପ୍ରଦାନ ଉତ୍ସବରେ ବକ୍ତାମାନେ ଏହି ମତପ୍ରକାଶ କରିଛନ୍ତି। ଏହି ଅବସରରେ ଶୈଳବାଳା ମହିଳା ମହାବିଦ୍ୟାଳୟ ଓଡ଼ିଆ ବିଭାଗର ମୁଖ୍ୟ ଡ. ସଞ୍ଜିତା ମିଶ୍ରଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପ୍ରଦାନ କରାଯାଇଛି।

ଅନୁଷ୍ଠାନର ସଭାପତି ଡ. ଗୋବିନ୍ଦ ଚନ୍ଦ୍ର ଚାନ୍ଦଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ମୁଖ୍ୟ ଅତିଥି ଓଡ଼ିଶା ସାହିତ୍ୟ ଏକାଡେମୀ ଉପସଭାପତି ଡ. ସଂଗ୍ରାମ ଜେନା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଯୁଗ୍ମସଚିବ ଅତସୀ ଦାସ ଓଡ଼ିଆ ସାହିତ୍ୟର ବିକାଶରେ ଉତ୍କଳ ସାହିତ୍ୟ ସମାଜର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ। ନାଥବ୍ରହ୍ମଙ୍କ ଉତ୍ତରାଧିକାରୀ ଚୈତନ୍ୟ କୁମାର ସାହୁ ଏହି ମହାନ ପ୍ରତିଭାଙ୍କ ଜୀବନୀ ଓ ସାଧନା ସମ୍ପର୍କରେ ଆଲୋକପାତ କରିଥିଲେ। ଅନୁଷ୍ଠାନର ଉପସଭାପତି ଜୀବନାନନ୍ଦ ଅଧିକାରୀ ସ୍ୱାଗତ ଭାଷଣ, ସାଧାରଣ ସମ୍ପାଦକ ଆଦିତ୍ୟ ପ୍ରତାପ ଧଳ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା, ସଙ୍ଗଠନ ସମ୍ପାଦକ ଡ. ସୁନାମଣି ରାଉତ ଅତିଥି ପରିଚୟ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ସରୋଜିନୀ ମିଶ୍ର ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ, ରାଧାଶ୍ୟାମ ରାଉଳ ମାନପତ୍ର ପାଠ ଓ କୋଷାଧ୍ୟକ୍ଷ ଶିବାଶିଷ କର ଧନ୍ୟବାଦ ଦେଇଥିଲେ। ପାଠାଗାର ସମ୍ପାଦକ ବ୍ରହ୍ମାନନ୍ଦ ବିଶ୍ୱାଳ, କାର୍ଯ୍ୟକାରୀ ସମିତି ସଭ୍ୟ ତପନ କୁମାର ସ୍ୱାଇଁ, ଶଶିକାନ୍ତ ରାଉତ, ଦିଲ୍ଲୀପ କୁମାର ଦାସ, ବିଜୟଲକ୍ଷ୍ମୀ ନାୟକ, ମୁରଲୀଧର ଶତପଥୀ ପ୍ରମୁଖ ଯୋଗଦେଇଥିଲେ।





ଡ. ସଞ୍ଜିତା ମିଶ୍ରଙ୍କୁ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର ପ୍ରଦାନ କରାଯାଉଛି।

## ସଞ୍ଜିତା ମିଶ୍ର ପାଇଲେ ନାଥବ୍ରହ୍ମ ଯୁବ ଗବେଷକ ପୁରସ୍କାର

## ସଂକ୍ଷେପରେ

### ୨.୫୦ଲକ୍ଷ ଟଙ୍କାର ଗଞ୍ଜେଇ ଜବତ, ୫ ଗିରଫ

ବାଲୁଗାଁ,୧୨।୧(ସଂଗ୍ରାମ ପାଇକରାୟ)

ବାଲୁଗାଁ ରେଳ ଷ୍ଟେଶନରେ ଗଞ୍ଜେଇ ଚୋରାଚାଲାଣ କରୁଥିବା ବେଳେ ରେଳ ସୁରକ୍ଷା ବାହିନୀ କର୍ମଚାରୀଙ୍କ ହାତରେ ଧରାପଡ଼ି ୫ଜଣ ଗିରଫ ହୋଇଛନ୍ତି। ସେମାନେ ହେଲେ ଖଲ୍ଲିକୋଟ ଥାନା ଅଧୀନ କନ୍ହେଇପୁର ସ୍ଥିତ ମହେଶ୍ୱରପୁର ଗ୍ରାମର ରାଜେଶ ପ୍ରଧାନ(୨୧), ତାମିଲନାଡୁ ରାଜ୍ୟ ସାଲେମ୍ ଜିଲା ଦାଲାଭାଇପଟି ଅଞ୍ଚଳର ବିଶ୍ୱ ମାଣିକନନ୍ଦନ(୨୧), ଲୋଗେଶ୍ୱର ଚନ୍ଦ୍ରଶେଖରନ୍ (୨୨), ପ୍ରଶାନ୍ତ ଏମ୍ (୧୮) ଏବଂ ନନ୍ଦକୁମାର ରାଜା (୨୬)। ଏମାନଙ୍କଠାରୁ ୨୨କେଜି ୫ଶହ ଗ୍ରାମ ଗଞ୍ଜେଇ ଜବତ କରାଯାଇଛି। ଏହାର ଆନୁମାନିକ ମୂଲ୍ୟ ୨ଲକ୍ଷ ୫୦ହଜାର ଟଙ୍କାରୁ ଊର୍ଦ୍ଧ୍ୱ ହେବ। ସୂଚନା ମୁତାବକ, ଗୁରୁବାର ରାତି ୧୦ଟାରେ ୫ଜଣ ସନ୍ଦିଗ୍ଧ ବ୍ୟକ୍ତି ଚେନ୍ନାଇ ଅଭିମୁଖେ ଯିବା ପାଇଁ ବାଲୁଗାଁ ରେଳ ଷ୍ଟେଶନର ୧ନଂ. ପ୍ଲାଟଫର୍ମରେ ଟ୍ରେନ୍‌କୁ ଅପେକ୍ଷା କରିଥିଲେ। ଏହି ସମୟରେ ବାଲୁଗାଁ ରେଳ ସୁରକ୍ଷା ବାହିନୀର କେତେଜଣ କର୍ମଚାରୀ ଷ୍ଟେଶନରେ ପଇଁତରା ମାରୁଥିବା ବେଳେ ସେମାନଙ୍କୁ ସନ୍ଦେହ କରି ଯାଞ୍ଚ କରିଥିଲେ। ସେମାନଙ୍କଠାରୁ ଗଞ୍ଜେଇ ଜବତ ହୋଇଥିଲା। ଏନେଇ ବାଲୁଗାଁ ରେଲୱେ ପୋଲିସ ନଂ ୭/୨୪ରେ ଏକ ମାମଲା ରୁଜୁ କରିବା ସହ ସମ୍ପୃକ୍ତ ବ୍ୟବସାୟୀଙ୍କ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି ।

### ମା'ବଘେଇଙ୍କ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ବୈଠକ

ବୋଲଗଡ଼,୧୨।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଚମ୍ପାଇଲୋ ଗ୍ରାମର ଅଧିଷ୍ଠାତ୍ରୀ ମା'ବଘେଇଙ୍କ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ପାଳନ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଶିକ୍ଷାବିତ୍ ଅଇଣ୍ଠୁ ରଣଜିତସିଂହଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତବର୍ଷର ବିବରଣୀକୁ ବିଭୂତି ଭୂଷଣ ରଣସିଂହ ପାଠ କରିଥିଲେ। ସମ୍ପାଦକ ଭରତ ଶ୍ରୀଚନ୍ଦନ ଆୟବ୍ୟୟ ଓ ବ୍ୟାଙ୍କ ଜମା ସମ୍ପର୍କରେ ସୂଚନା ଦେଇଥିଲେ। ଉପଦେଷ୍ଟା ପ୍ରମୋଦ ପ୍ରତାପସିଂହ, ମନୋଜ ଗୁମାନସିଂହ, ଗଙ୍ଗାଧର ଜେନା, ଲକ୍ଷ୍ମଣ ଦଳସିଂହାର, ସୁଧାକର ବରାଡ, ପ୍ରକାଶ ବରାଡ, ସମିତିସଭ୍ୟ ସଞ୍ଜୟ ଗୁମାନସିଂହ ପ୍ରମୁଖ ନିଜର ମତାମତ ରଖିଥିଲେ। ଯୁବ ସାଂସ୍କୃତିକ ମଞ୍ଚର ସ୍ଥାୟୀ ସଭାପତି ଗିରିଶ ଫତେସିଂହ ବିଗତ ବର୍ଷ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ନୂତନ କମିଟି ଗଠନ କରାଯାଇଛି। ଏଥିରେ ସଭାପତିଭାବେ ଗୋବିନ୍ଦ ଚମ୍ପତି, ସମ୍ପାଦକ ଦୀପକ ପାହଡସିଂହ ଓ କୋଷାଧକ୍ଷଭାବେ କମଳାକାନ୍ତ ବରାଡ଼ଙ୍କୁ ମନୋନୀତ କରାଯାଇଛି। ବିଦାୟୀ ସଭାପତି କୃପାସିନ୍ଧୁ ଜେନା ଧନ୍ୟବାଦ ଦେଇଥିଲେ।

### ୭୩ ୟୁନିଟ୍ ରକ୍ତ ସଂଗ୍ରହ

କଳାପଥର,୧୨।୧(ଗଙ୍ଗାଧର ସାହୁ)

କଳାପଥର ସମବାୟ ସମିତିର ସହଯୋଗରେ ଇଣ୍ଡିଆନ ଫାର୍ମର ଫର୍ଟିଲାଇଜର କୋପରେଟିଭ ଲିମିଟେଡ ଆନୁକୂଲ୍ୟରେ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ମୋଟ ୭୩ ୟୁନିଟ୍ ରକ୍ତ ସଂଗ୍ରହ ହୋଇଛି। କଟକ ରେଡକ୍ରସ ଭବନ ଡା. ନିର୍ବିଶେଷ ସାହୁଙ୍କ ସମେତ ଅନ୍ୟ ଅଧିକାରୀ ରଞ୍ଜିତ୍ ସାହୁ, ପ୍ରଶାନ୍ତ ବାରିକ, ପ୍ରମୋଦ ଲେଙ୍କା, ସଞ୍ଜୟ ପାତ୍ର ପ୍ରମୁଖ ରକ୍ତ ସଂଗ୍ରହ ଅଭିଯାନରେ ଯୋଗଦେଇଥିଲେ। ରକ୍ତଦାନ ଶିବିରକୁ ପୂର୍ବତନ ସରପଞ୍ଚ ମିର୍ଜା ସର୍ଦ୍ଦାର ଅଲିବେଗ ଉଦ୍‌ଘାଟନ କରିଥିଲେ। ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। କେଶବ ଚରଣ ଭୋଇ, ମିର୍ଜା ଅନୁଅର ଅଲିବେଗ, କାହ୍ନୁଚରଣ ସ୍ୱାଇଁ, ଗଗନ ବିଶ୍ୱାଳ ଉପସ୍ଥିତ ଥିଲେ।

### ୧୪ରୁ କାଇପଦର କ୍ରିକେଟ ଟୁର୍ନାମେଣ୍ଟ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକ ଅନ୍ତର୍ଗତ କାଇପଦରଠାରେ ୨ୟ ବିଚିତ୍ରାନନ୍ଦ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ ଆସନ୍ତା ୧୪ ତାରିଖରୁ ଆରମ୍ଭ ହେବ। ସତ୍ୟପୀର ସ୍ପୋର୍ଟିଂ କ୍ଲବ ପକ୍ଷରୁ ଆୟୋଜିତ ଏହି ଟୁର୍ନାମେଣ୍ଟରେ ୮ଟି ଟିମ୍ ଅଂଶଗ୍ରହଣ କରିବେ। ଉଦ୍‌ଘାଟନୀ ମ୍ୟାଚ୍ ମାର୍ଥାପୁର ଢେଙ୍କାନାଳ ଓ କେନ୍ଦ୍ରାପଡ଼ା ମଧ୍ୟରେ ଅନୁଷ୍ଠିତ ହେବ। ଦ୍ୱିତୀୟ ଦିବସରେ କାଇପଦର ଓ କଳିଙ୍ଗ କ୍ଲବ ଏବଂ ତୃତୀୟ ଦିବସରେ ପ୍ରଥମ ସେମିଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ। ୧୭ ତାରିଖରେ କୁମାରବସ୍ତ ଓ ମଞ୍ଚେଶ୍ୱର, ୧୮ ତାରିଖରେ ଭାଲିଆବାଡ଼ି ଓ ଚୌଦ୍ୱାର ଟିମ୍ ମଧ୍ୟରେ ମ୍ୟାଚ୍ ଖେଳାଯିବ। ୧୯ ତାରିଖରେ ଦ୍ୱିତୀୟ ସେମିଫାଇନାଲ ଏବଂ ୨୧ ତାରିଖରେ ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ସମ୍ପାଦକ ଝଜ ସାମନ୍ତରାୟ ସୂଚନା ଦେଇଛନ୍ତି।

# ବ୍ରାଉନ୍‌ସୁଗାର ବେପାରୀଙ୍କ ହାତରେ ଚୋରା ବନ୍ଧୁକ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

■ ବିଭିନ୍ନ ଗଳାବାଟ ଦେଇ ଖୋର୍ଦ୍ଧାକୁ ଆସୁଛି ବନ୍ଧୁକ
■ ପୋଲିସର ଦକ୍ଷତା ଉପରେ ପ୍ରଶ୍ନବାଚୀ

ଖୋର୍ଦ୍ଧା ଜିଲାରେ ବ୍ରାଉନ୍‌ସୁଗାର କାରବାର ଦିନକୁ ଦିନ ବଢ଼ିଚାଲିଛି। ସ୍ୱତନ୍ତ୍ର ଟାସ୍କ ଫୋର୍ସ(ଏସ୍‌ଟିଏଫ୍), ଅବକାରୀ ବିଭାଗ ଓ ପୋଲିସର ବାରମ୍ବାର ଚଢ଼ାଉ ସତ୍ତ୍ୱେ ଏହି କାରବାର ଥମୁନାହିଁ। କମ୍ ସମୟରେ ଅଧିକ ରୋଜଗାର ଆଶାରେ ଯୁବପିଢ଼ି ଏହି କାରବାରରେ ଲିପ୍ତରହି ବିପଥଗାମୀ ହେଉଛନ୍ତି। ଏପରିକି ଆପରାଧିକ କାର୍ଯ୍ୟକଳାପ ଘଟାଇବାକୁ ପଛାଉନାହାନ୍ତି। ସହରରୁ ହେଉଥିବା ଏକାଧିକ ଚୋରି, ଲୁଟ୍ ପଛରେ ଏମାନଙ୍କ ହାତଥିବା ଚର୍ଚ୍ଚା ହେଉଛି। ଅନ୍ୟପଟେ ଏହି କାରବାରରେ ସମ୍ପୃକ୍ତ ଥିବା ବେପାରୀଙ୍କ ନିକଟରେ ଚୋରା ବନ୍ଧୁକ ରହିଥିବା ନଜର ରହିଛି। ଜାନୁଆରୀ ପହିଲାରେ ଶିଳ୍ପାଞ୍ଚଳ ଥାନା ପୋଲିସ ବରୁଣେଇ ନଗରରୁ ବ୍ରାଉନ୍‌ସୁଗାର ବେପାରୀ ଶ୍ରୀବତ୍ସ ପରମଗୁରୁଙ୍କ ଘରେ ଚଢ଼ାଉ ସମୟରେ ଏକ ମାଗାଜିନ ଏବଂ ଦୁଇଟି ଗୁଳି ଜବତ କରିଥିବା ବେଳେ ତାଙ୍କ ସ୍ତ୍ରୀ କୌଶଳକ୍ରମେ ବନ୍ଧୁକ ଧରି ଚମ୍ପଟ ମାରିଥିଲେ। ଶ୍ରୀବତ୍ସ ଦୀର୍ଘଦିନ ଧରି ବ୍ରାଉନ୍‌ସୁଗାର କାରବାରରେ ସମ୍ପୃକ୍ତି ରହିଥିବା ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି। ତାଙ୍କ ନାଁରେ ପୂର୍ବରୁ ୪ଟି ମାମଲା ରହିଥିବା ବେଳେ ବେଆଇନ ବନ୍ଧୁକ ରଖିବା ନେଇ ମଧ୍ୟ ଏକ ମାମଲା ରୁଜୁ ହୋଇଛି। ତେବେ ବ୍ରାଉନ୍‌ସୁଗାର ବେପାରୀଙ୍କ ନିକଟରେ ଚୋରା ବନ୍ଧୁକ ମିଳିବା ନେଇ ପୋଲିସର ମୁଣ୍ଡବ୍ୟଥା ବଢ଼ାଇଛି।

ଖୋର୍ଦ୍ଧା ସହର ନିଶା କାରବାରର ହବ୍ ପାଲଟିଥିବା ବେଳେ ଚୋରା ବନ୍ଧୁକ କାରବାର ମଧ୍ୟ ବଢ଼ିଚାଲିଛି। ଏକାଧିକ ଯୁବକ ବେଆଇନଭାବେ ବନ୍ଧୁକ ରଖିଛନ୍ତି। ଏମାନେ ଆଇନ ହାତକୁ ନେବାକୁ ପଛାଉନାହାନ୍ତି। କଥାକଥାକେ ଫୁଟାଉଛନ୍ତି ଗୁଳି। ବିଭିନ୍ନ ଗଳାବାଟ ଦେଇ ଚୋରା ବନ୍ଧୁକ ଖୋର୍ଦ୍ଧାକୁ ଆସୁଥିବା ବେଳେ ପୋଲିସ ଏହାକୁ ରୋକିବାରେ ବିଫଳ ହୋଇଛି। ତେବେ ଏହି ବନ୍ଧୁକ କେଉଁଠାରୁ ଆସୁଛି, କିଏ ଯୋଗାଉଛି। ଏହି ରାକେଟ ପଛରେ କେଉଁମାନଙ୍କ ସମ୍ପୃକ୍ତି ରହିଛି ତାହାର ତଦନ୍ତ ହେବା ଆବଶ୍ୟକ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ୨୦୨୩ ମେ'୧୫ରେ ପାନବରଜ ଗୁଳିକାଣ୍ଡ ଘଟଣାରେ ପୋଲିସ ୨ଜଣଙ୍କୁ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ୨ ବନ୍ଧୁକ, ୩ଟି ଗୁଳି ଜବତ କରିଥିଲା। ଗିରଫ ହୋଇଥିବା ଅଭିଯୁକ୍ତ ବ୍ରାଉନ୍‌ସୁଗାର କାରବାରରେ ସମ୍ପୃକ୍ତ। ସେହିପରି ଗତ ଜୁନ୍ ୮ରେ ଠେଙ୍ଗାହାଟ ଛକରେ ବ୍ରାଉନ୍‌ସୁଗାର ବେପାରୀ ସୋମନାଥ ଭୁଜବଳ ଓରଫ ପାକୁଙ୍କୁ ଏକାଧିକ ଦୁର୍ବୃତ୍ତ ଗୁଳିମାଡ଼ କରିଥିଲେ। ଏହି ଘଟଣାର ମାଷ୍ଟରମାଇଣ୍ଡ ସଞ୍ଜୟଙ୍କ ସମେତ ୧୦ରୁ ଊର୍ଦ୍ଧ୍ୱ ଜଣଙ୍କୁ ପୋଲିସ ଗିରଫ କରିଥିବା ବେଳେ ସେମାନଙ୍କଠାରୁ ବନ୍ଧୁକ ଜବତ ହୋଇଥିଲା। ୨୦୨୨ ଗୁରୁଜଙ୍ଗ ଗୁଳିକାଣ୍ଡ ଘଟଣାରେ ଗିରଫ ହୋଇଥିବା ଅଭିଯୁକ୍ତଙ୍କ ମଧ୍ୟରେ ୨ଜଣ ପେସାଦାର ବ୍ରାଉନସୁଗାର ବେପାରୀ ବୋଲି ପୋଲିସ ସୂଚନା ଦେଇଥିଲା। କୋଭିଡ୍ ସମୟରେ ବ୍ରାଉନସୁଗାର କାରବାର କମିଥିବା ବେଳେ ଏବେ ପୁଣି ବୃଦ୍ଧି ପାଇଛି। ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗତ ବର୍ଷ ୪.୫କୋଟିର ବ୍ରାଉନସୁଗାର ଜବତ କରିଥିଲା। ଏହି କାରବାର ଏବେ ସହରଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଲମ୍ବିବାରେ ଲାଗିଛି। ଏଥିପ୍ରତି ପୋଲିସ ପ୍ରଶାସନ ଦୃଷ୍ଟି ଦେବା ଜରୁରୀ ହୋଇପଡ଼ିଛି। ଏ ସମ୍ପର୍କରେ ଏସ୍‌ଡିପିଓ ଦିଲୀପ ଦାସ କହିଛନ୍ତି, ଏସ୍‌ପିଙ୍କ ନିର୍ଦ୍ଦେଶକ୍ରମେ ନିଶା କାରବାର ଏବଂ ବେଆଇନ ବନ୍ଧୁକ କାରବାର ରୋକିବା ପାଇଁ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଛି। ଖୋର୍ଦ୍ଧାକୁ ନିଶା ଓ ବନ୍ଧୁକ ମୁକ୍ତ ଲାଗି ଡ୍ରାଇଭ୍ ଚାଲିଛି ବୋଲି ସେ କହିଛନ୍ତି।



ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅଞ୍ଚଳରେ ପରିକ୍ରମା କରୁଥିବା ଅର୍ପଣ ରଥକୁ ଶୁକ୍ରବାର ସ୍ୱାଗତ ଅବସରରେ ଉପସ୍ଥିତ ଶ୍ରଦ୍ଧାଳୁ।

## ବିଦ୍ୟାଳୟର ବାର୍ଷିକ ଉତ୍ସବ

ବେଗୁନିଆ,୧୨।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ଅନ୍ତର୍ଗତ କୋଟପଲ୍ଲା ଗ୍ରାମସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ବାଉରି ଶ୍ରୀଚନ୍ଦନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶିକ୍ଷାବିତ୍ ରାଜ କିଶୋର ପାଣିଗ୍ରାହୀ ମୁଖ୍ୟ ବକ୍ତା, ଅଧାପିକା ରଶ୍ମି କର ଓ ସ୍ଥାନୀୟ ସରପଞ୍ଚ ଲତା ସେଠୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଶକ୍ତିଶାଳୀ ରାଷ୍ଟ୍ର ଗଠନରେ ନାଗରିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ତେଣୁ ଜଣେ ଶ୍ରେଷ୍ଠ ନାଗରିକ ହେବାକୁ ଶିକ୍ଷା ଓ ଜ୍ଞାନ ଆହରଣ ନିହାତି ଆବଶ୍ୟକ। ତେଣୁ ପିଲାମାନେ ସଦାସର୍ବଦା ଉତ୍ତମ ଶିକ୍ଷା ଉପରେ ଗୁରୁତ୍ୱ ଦିଅ ବୋଲି ଅତିଥି ସାହୁ ମତବ୍ୟକ୍ତ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ପ୍ରାରମ୍ଭରେ ଅଧକ୍ଷା ସୌଦାମିନୀ ସ୍ୱାଇଁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ସମ୍ପାଦକ ଉତ୍କଳ ରାଉତ ଧନ୍ୟବାଦ ଦେଇଥିଲେ।

## 'ମାଟି ପରୀକ୍ଷା ପରେ ସାର ପ୍ରୟୋଗ କର'

**ବ୍ଲକସ୍ତରୀୟ ମୃତ୍ତିକା ପରୀକ୍ଷା ଓ ଜୈବିକ ସାର ପ୍ରୟୋଗ ସଚେତନତା କାର୍ଯ୍ୟକ୍ରମ**

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ବ୍ଲକସ୍ତରୀୟ ମୃତ୍ତିକା ପରୀକ୍ଷା ଓ ଜୈବିକ ସାର ପ୍ରୟୋଗ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ କୃଷି ଅଧିକାରୀ ଦେବସ୍ମିତା ଶୁଭଦର୍ଶିନୀ ମିଶ୍ର ସଂଯୋଜନା କରିଥିଲେ। କୃଷି ଜିଲା ଅଧିକାରୀ ପ୍ରଦୀପ୍ତ କୁମାର ପଣ୍ଡା, ସହକାରୀ କୃଷି ଅଧିକାରୀ ବିନୋଦିନୀ ଦେଈ, ନରଣଗଡ଼ ସହକାରୀ କୃଷି ଅଧିକାରୀ ସରୋଜିନୀ ପ୍ରମୁଖ ଅତିଥିଭାବେ ଯୋଗଦେଇଥିଲେ। ଜମିର ଉର୍ବରତା ଦିନକୁ ଦିନ କମିବାରେ ଲାଗିଛି। ଜମିର ମୃତ୍ତିକା ପରୀକ୍ଷା କରିବାର ଆବଶ୍ୟକତା ରହିଛି। ଜମିରେ ପ୍ରତ୍ୟେକ ଫସଲ କରିବା ପୂର୍ବରୁ ମୃତ୍ତିକା ପରୀକ୍ଷା କରିବା ଏବଂ ଏହାର ରିପୋର୍ଟ ପାଇବା ପରେ ବିହନ ବିଶୋଧନ, ଆବଶ୍ୟକ କୀଟନାଶକ, ଜୈବିକ ସାର ପ୍ରୟୋଗକରି ସ୍ୱଳ୍ପଖର୍ଚ୍ଚରେ ଅଧିକ ଅମଳ କରିପାରିବେ। ସରକାରଙ୍କ ବିଭିନ୍ନ କୃଷି ଯୋଜନା ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ଖୋର୍ଦ୍ଧା ମୁକୁନ୍ଦପ୍ରସାଦର ଚାଷୀ ଦୁଃଶାସନ ପ୍ରଧାନଙ୍କ ଜମିକୁ ଅଧିକାରୀ ଓ ଚାଷୀମାନେ ଯାଇ ସେଠାରେ ମୃତ୍ତିକା ପରୀକ୍ଷା କରିଥିଲେ। ଉପସ୍ଥିତ ଚାଷୀଙ୍କୁ ଜମିରୁ କେଉଁ ପ୍ରଣାଳୀରେ ମୃତ୍ତିକା ଗ୍ରହଣ କରାଯିବ ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ଗୋଳବାଇ, ତାପଙ୍ଗ, ବଙ୍ଗିଦା ପଞ୍ଚାୟତର ଚାଷୀଙ୍କ ସହିତ ପରେ ଅନ୍ୟ ପଞ୍ଚାୟତ ଚାଷୀଙ୍କୁ ଏହି ପ୍ରଶିକ୍ଷଣ ଦିଆଯାଇଥିଲା।



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

## ଆତ୍ମସୁରକ୍ଷା କୌଶଳ ତାଲିମ ଶିବିର

କୃଷ୍ଣପ୍ରସାଦ,୧୨।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ ଅନ୍ତର୍ଗତ କନ୍ଦାଖାଇ ବିଜ୍ଞାନ ଓ କଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀମାନଙ୍କ ପାଇଁ ଆତ୍ମ ସୁରକ୍ଷା କୌଶଳ ତାଲିମ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଯାଇଛି। ବିଦ୍ୟାଳୟର ଅଧକ୍ଷ ପ୍ରାଧାପକ କୈଳାସ ଚନ୍ଦ୍ର ବାରିକ ଶିବିରକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ନୋଡାଲ ଅଫିସର ଅଧାପିକା ସ୍ମିତା ମହାରଣା, ପ୍ରାଧାପକ ଡ.ପ୍ରଭାତ କୁମାର ଆଚାର୍ଯ୍ୟ, ଅଧାପକ ଗୋପାଳ ଚଟ୍ଟୋପାଧ୍ୟାୟ, ବରିଷ୍ଠ କିରାଣି ଦିଲୀପ କୁମାର ଦଳାଇ, ଗ୍ରନ୍ଥପାଳ ରମାନାଥ ପ୍ରଧାନ, କ୍ରୀଡ଼ା ଶିକ୍ଷକ ରମେଶ ଚନ୍ଦ୍ର ବିଶ୍ୱାଳ ଯୋଗଦେଇ ଶିବିର ଆୟୋଜନର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ୨୨ ତାରିଖ ପର୍ଯ୍ୟନ୍ତ ଶିବିର ଚାଲିବାକୁ ଥିବା ବେଳେ ପୂଜା ମହାରଣା, ବିଜୁଳି ଜେନା ତାଲିମ ପ୍ରଦାନ କରୁଛନ୍ତି।

## ବିଦ୍ୟାର୍ଥୀଙ୍କ ଶାରୀରିକ ବିକାଶ କରେ ପ୍ରତିଯୋଗିତା

ବୋଲଗଡ଼,୧୨।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁରସ୍ଥିତ ଚତୁର୍ଭୁଜ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ କ୍ରୀଡା ଉତ୍ସବ ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। କ୍ରୀଡ଼ା ଶିକ୍ଷକ ଅଂଶୁମାନ ଧଳଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବରେ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ସ୍ୱାଇଁ ପୌରୋହିତ୍ୟ କରିଥିଲେ। ଖଇରିଆ ପଞ୍ଚାୟତ ସମିତି ସଭ୍ୟା ବିନୋଦିନୀ ଦତ୍ତ ମୁଖ୍ୟ ଅତିଥିଭାବେ ଯୋଗଦେଇ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। ମୁଖ୍ୟ ବକ୍ତା ବୋଲଗଡ଼ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମିତା ମିଶ୍ର, ସମ୍ମାନିତ ଅତିଥି ବୋଲଗଡ଼ ବ୍ଲକ ମାଧ୍ୟମିକ ସ୍କୁଲ ଶିକ୍ଷକ ସଂଘର ସମ୍ପାଦକ ସୁରେଶ ଚନ୍ଦ୍ର ପଲେଇ, ଡାବରଧୁଆ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପ୍ରମୋଦ କୁମାର ହୋତା, ସାମାଜିକ କର୍ମୀ ଶ୍ରୀଧର ଦତ୍ତ, ବିଦ୍ୟାଳୟ ପରିଚାଳନା ପରିଷଦର ସଭ୍ୟ ଦୟାନିଧି ବେହେରା ଯୋଗଦେଇ କ୍ରୀଡାର ଉପାଦେୟତା ସମ୍ପର୍କରେ ଆଲୋକପାତ କରି ବିଦ୍ୟାର୍ଥୀଙ୍କ ମାନସିକ ଓ ଶାରୀରିକ ବିକାଶ କରେ କ୍ରୀଡା ପ୍ରତିଯୋଗିତା ବୋଲି କହିଥିଲେ। ଶିକ୍ଷକ ବିଭୁପ୍ରସାଦ ମହାପାତ୍ର ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ରୀଡ଼ା ପ୍ରତିଯୋଗିତା ପରେ ଜାତୀୟ ଯୁବ ଦିବସ ଶିକ୍ଷକ ବିଚିତ୍ର କୁମାର ଘଡ଼େଇଙ୍କ ତତ୍ତ୍ୱାବଧାନରେ ଏବଂ ପ୍ରଧାନଶିକ୍ଷକ ସ୍ୱାଇଁଙ୍କ ପୌରୋହିତ୍ୟରେ ଉପରୋକ୍ତ ଅତିଥିଙ୍କ ଉପସ୍ଥିତିରେ ପାଳିତ ହୋଇଥିଲା। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ କୁଇଜ ପ୍ରତିଯୋଗିତା ହେବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଶିକ୍ଷୟିତ୍ରୀ ଶୈବାଳୀକା ମଲ୍ଲିକ ଧନ୍ୟବାଦ ଦେଇଥିଲେ।

## ରାଷ୍ଟ୍ର ନିର୍ମାଣରେ ଯୁବପିଢ଼ିଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଖୋର୍ଦ୍ଧା,୧୨।୧(ପ୍ରଭାତ ପାଣିଗ୍ରାହୀ)

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଖୋର୍ଦ୍ଧା ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ଶାଖା ପକ୍ଷରୁ ରାଷ୍ଟ୍ରୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଉତ୍ସବ ପାଳିତ ହୋଇଯାଇଛି। ଅତିଥିଭାବେ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ଏସ୍‌ପି ସିଦ୍ଧାର୍ଥ କଟାରିଆ, ମହାବିଦ୍ୟାଳୟ ଅଧକ୍ଷା ଡ.ଅଜନ୍ତା ଶତପଥୀ ପ୍ରମୁଖ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ରାଷ୍ଟ୍ର ନିର୍ମାଣରେ ବ୍ରତୀ ହେବାକୁ କହିଥିଲେ। ଯୁବପିଢ଼ି ଦେଶର ଭବିଷ୍ୟତ। ଏକ ସମୃଦ୍ଧ ପ୍ରଗତିଶୀଳ ବିକଶିତ ରାଷ୍ଟ୍ର ନିର୍ମାଣରେ ସହଭାଗୀ ହେବାକୁ ଆହ୍ୱାନ ଦେଇଥିଲେ। ଏବିଭିପିର କେନ୍ଦ୍ରୀୟ କାର୍ଯ୍ୟସମିତି ସଦସ୍ୟ ଦୀପ୍ତିମୟୀ ପ୍ରତିହାରୀ, ଜିଲା ସହ ସଂଯୋଜକ ଶୋଭନ ରାଉତରାୟ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟା ପ୍ରୀତି ପଲ୍ଲବୀ ମହାପାତ୍ର, ମହାବିଦ୍ୟାଳୟ ଯୁକ୍ତ୨ ଶାଖା ସଭାପତି ଦଧିବାମନ ଦାସ, ଯୁକ୍ତ ୩ ଶାଖା ସମ୍ପାଦକ ରାଜେନ୍ଦ୍ର ପ୍ରଧାନ, ଶାଖା ଉପସଭାପତି ପ୍ରଗତି ବାରିକ, ସାଗର ଜେନା, ସସ୍ମିତା ବେହେରା, ଓମ୍ ଚିନ୍ମୟ କୁମାର ଶକ୍ତି, ଶୁଭସ୍ମିତା, ଦିପୁ ନାୟକ, ସୌମ୍ୟ ପ୍ରମୁଖ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।



## ଯୁବଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ

ବେଗୁନିଆ,୧୨।୧(ହର ପ୍ରସନ୍ନ ପଣ୍ଡା)

ବେଗୁନିଆ ବ୍ଲକ ବୋତଲମା ପଞ୍ଚାୟତ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ରାଧାମୋହନ ପୀଠ ପରିସରରେ ଶୁକ୍ରବାର ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ସତ୍‌ଶିକ୍ଷା କେନ୍ଦ୍ରର ତୃତୀୟ ବାର୍ଷିକ ଉତ୍ସବ ପାଳନ ଅବସରରେ ଯୁବ ପ୍ରତିଭା ସମ୍ମାନ ସମାରୋହ ଓ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ଡ.ବନବିହାରୀ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥିଭାବେ ଶିକ୍ଷାବିତ୍ ଚକ୍ରଧର ତ୍ରିପାଠୀ ଯୋଗଦେଇଥିଲେ। ଡା.ଅମରେନ୍ଦ୍ର ମହାପାତ୍ର ବିଶିଷ୍ଟ ଅତିଥି, ନଗେନ୍ଦ୍ର ନାଥ ଦତ୍ତ ବକ୍ତା, ପୂର୍ବତନ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ସମ୍ମାନିତ ଅତିଥିଭାବେ ଉପସ୍ଥିତ ଥିଲେ। ଅତିଥିଙ୍କ ଦ୍ୱାରା ପ୍ରଥମେ ବିବେକାନନ୍ଦଙ୍କ ତୈଳଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପଣ୍ଡିତ ଲକ୍ଷ୍ମୀଧର ମହାପାତ୍ର ମଙ୍ଗଳା ଚରଣ ପାଠ କରିଥିବା ବେଳେ କବୟିତ୍ରୀ ଶାନ୍ତିଲତା ମହାପାତ୍ର ଆବାହନୀ ସଙ୍ଗୀତ ଗାନ କରିଥିଲେ। ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଶୁଦ୍ଧ ଚେତନା ସତମାର୍ଗ ଓ ଶୃଙ୍ଖଳିତ ଆଚରଣ ପ୍ରଦର୍ଶନ କରିବା ପାଇଁ ଉପସ୍ଥିତ ସମସ୍ତଙ୍କୁ ଶପଥ ପାଠ କରାଇଥିଲେ। ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିଲେ। ଆଧ୍ୟାତ୍ମିକତା ବିନା ବିଜ୍ଞାନ ଅସମ୍ପୂର୍ଣ୍ଣ, ସଭିଙ୍କ ମନରେ ଆଧ୍ୟାତ୍ମିକ ଚେତନା ପରିପୂର୍ଣ୍ଣ ହେବା ଆବଶ୍ୟକ। ଯୁବଶକ୍ତି ଜାଗ୍ରତ ହେଲେ ରାଷ୍ଟ୍ରର ବିକାଶ ସମ୍ଭବ ହୋଇପାରିବ ବୋଲି ଅତିଥି ତ୍ରିପାଠୀ ମତବ୍ୟକ୍ତ କରିଥିଲେ। ଆୟୋଜକ ସତ୍‌ଶିକ୍ଷା କେନ୍ଦ୍ର ପକ୍ଷରୁ ସମାଜର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ୫ଜଣ ଯୁବ ପ୍ରତିଭା ସମର ସିଂହ ଯାଦବ, ରାଜେଶ କୁମାର ପାଟ୍ଟଶାଣୀ, ପୁରୁଷୋତ୍ତମ ମଙ୍ଗରାଜ, ବିଷ୍ଣୁ ପ୍ରସାଦ ପଣ୍ଡା, ବେଦାଚାର୍ଯ୍ୟ ଅଶୋକ କୁମାର ପଣ୍ଡା, ପ୍ରବଚକ ପ୍ରଫୁଲ୍ଲ କୁମାର ଦାଶ ଏବଂ ଶିକ୍ଷକ ଲକ୍ଷ୍ମୀଧର ମହାପାତ୍ରଙ୍କୁ ସମ୍ମାନିତ କରାଯାଇଥିଲା। ଶେଷରେ ଉପସଭାପତି ହରେକୃଷ୍ଣ ପଣ୍ଡା ଧନ୍ୟବାଦ ଦେଇଥିଲେ।



ଅତିଥିଙ୍କ ଗହଣରେ କୃତୀ ପ୍ରତିଭାଧାରୀ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ପ୍ରତୀସ୍



@ ଆକାଶ



@ ଆର୍ତ୍ତତ୍ରାଣ



@ ସୁଧନ୍ୟ



@ ମାନସ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।


ଶ୍ରୀମନ୍ଦିର ପରିକ୍ରମା ପ୍ରକଳ୍ପ ଲୋକାର୍ପଣ ଉତ୍ସବ ନିମନ୍ତେ ପୁରୀ ରାଜନହରକୁ ଫୁଲରେ ସଜାଯାଇଛି।


ଆଚାର୍ଯ୍ୟ ବରଣ ପରେ ପୁରୀ ଗଜପତି ମହାରାଜା ବ୍ରାହ୍ମଣମାନଙ୍କ ସହିତ ଆଲୋଚନା କରୁଛନ୍ତି ।



ବଡ଼ଦାଣ୍ଡ ଦୁଇପାର୍ଶ୍ୱ କୋଠାକୁ ରଙ୍ଗ ଓ ଆଲୋକରେ ସଜାଯାଇଛି ।

# ଗ୍ଲୋରି କୁଇନ୍ ମୁକୁଟ ପିନ୍ଧିଲେ ଯମୁନା ସୋନୱାଲ

**ପୁରୀ,୧୨।୧(ଅଜିତ୍ ମହାନ୍ତି)**

## ଟିଶା ପ୍ରଥମ, ଅଭିଲିପ୍ସା ଦ୍ୱିତୀୟ ରନର୍ସଅପ୍



ଯୁବ ସାଂସ୍କୃତିକ ଅନୁଷ୍ଠାନ ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ଆନୁକୂଲ୍ୟରେ ଆୟୋଜିତ ତିନିଦିନିଆ ଗ୍ଲୋରି ଫେଷ୍ଟ-୨୦୨୪ ଶୁକ୍ରବାର ପୁରୀ ବେଳାଭୂମିରେ ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଅତିଥି ଭାବେ ଆଇଟିଡିସି ଅଧ୍ୟକ୍ଷ ସମ୍ବିତ ପାତ୍ର, ବିଧାୟକ ଜୟନ୍ତ ଷଡଙ୍ଗୀ, ଶଙ୍କର ପରିଡା ଏବଂ ପ୍ରଭାସ ମହାନ୍ତି ଯୋଗଦେଇଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ଥିଲେ ଇଣ୍ଡିଆନ ଆଇଡଲ ୨୦୧୮ର ଫାଇନାଲିଷ୍ଟ ବିଶ୍ୱଜିତ ମହାପାତ୍ର ଓ ସୋନାମ ଦାସ। ଏମାନଙ୍କ ଗୀତରେ ଦର୍ଶକମାନେ ଝୁମିଥିଲେ। ବେଳାଭୂମିର ଶୀତୁଆ ସନ୍ଧ୍ୟାକୁ ବିଶ୍ୱଜିତଙ୍କ ଗୀତ ଦର୍ଶକଙ୍କୁ ମୋହିତ କରିଥିଲା। କାର୍ଯ୍ୟକ୍ରମକୁ ଆଙ୍କର ପିୟୂଷ ଓ ଦୁର୍ଗା ସଂଯୋଜନା କରିଥିଲେ। ତିରୁପତି ବିଶ୍ୱବିଦ୍ୟାଳୟର ଯମୁନା ସୋନୱାଲ ଚଳିତବର୍ଷ ଗ୍ଲୋରି କୁଇନ୍-୨୦୨୪ ମୁକୁଟ ପିନ୍ଧିଛନ୍ତି। ଗ୍ଲୋରିକୁଇନ୍‌ର ପ୍ରଥମ ରନର୍ସଅପ ପୁରୀ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟର ଛାତ୍ରୀ ଟିଶା ମିଶ୍ର, ଦ୍ୱିତୀୟ ରନର୍ସଅପ ଭୁବନେଶ୍ୱର ହାଇଟେକ କଲେଜର ଛାତ୍ରୀ ଅଭିଲିପ୍ସା ନାୟକ ହୋଇଛନ୍ତି। ରାଉରକେଲା ସରକାରୀ ମହାବିଦ୍ୟାଳୟ ଦଳଗତ ଚମ୍ପିୟନ ଟ୍ରଫି ହାତେଇଥିବାବେଳେ ସଦାଶିବ କେନ୍ଦ୍ରୀୟ ସଂସ୍କୃତ ସଂସ୍ଥାନ, ପୁରୀର ସିଦ୍ଧାର୍ଥ ଶଙ୍କର ସ୍ୱାଇଁଙ୍କୁ ଟ୍ୟାଲେଣ୍ଟ ଅଫ୍ ଦି ଇୟର ଭାବେ ପୁରସ୍କୃତ କରାଯାଇଛି। ସେହିପରି ବାଲେଶ୍ୱର ଫକୀର ମୋହନ ବିଶ୍ୱବିଦ୍ୟାଳୟ ଟିମ୍ ଶୃଙ୍ଖଳିତ ଦଳ ଭାବେ ପୁରସ୍କୃତ ହୋଇଛି। ଏଥିସହ ଅନ୍ୟାନ୍ୟ ୭ଟି ବିଭାଗରେ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଛି। ଏହି ଉତ୍ସବରେ ଢେଙ୍କାନାଳ ସ୍ୱୟଂଶାସିତ ମହାବିଦ୍ୟାଳୟ, କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟ ସଦାଶିବ କ୍ୟାମ୍ପସ, ଏସ୍‌ସିଏସ୍ ସ୍ୱୟଂଶାସିତ ମହାବିଦ୍ୟାଳୟ, ଗୋପବନ୍ଧୁ ଆୟୁର୍ବେଦିକ ମହାବିଦ୍ୟାଳୟ, ଆଞ୍ଚଳିକ ଡିଗ୍ରୀ କଲେଜ ଢେଙ୍କାନାଳ, ହାଇଟେକ୍ କଲେଜ ଅଫ୍ ନର୍ସିଂ ଏବଂ ହାଇଟେକ୍ ସ୍କୁଲ୍ ଅଫ ନର୍ସିଂର ୨୭୫ରୁ ଊର୍ଦ୍ଧ୍ୱ ଛାତ୍ରୀ ଅଂଶଗ୍ରହଣ କରିଥିଲେ। ପୁରୀ ବିଧାୟକ ତଥା ଗ୍ଲୋରି ଫେଷ୍ଟ-୨୦୨୪ର ଅଭ୍ୟର୍ଥନା କମିଟିର ଅଧ୍ୟକ୍ଷ ଜୟନ୍ତ କୁମାର ଷଡଙ୍ଗୀ, ଗୌରହରି ପ୍ରଧାନ, ଅନୁଷ୍ଠାନର ଅଧ୍ୟକ୍ଷ ପ୍ରଫେସର ହରେକୃଷ୍ଣ ଶତପଥୀ, କାର୍ଯ୍ୟକାରୀ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ଉପାଧ୍ୟକ୍ଷ ରାକେଶ ସାମଲ, ଯୁଗ୍ମ-ଉପାଧ୍ୟକ୍ଷ ହରପ୍ରସାଦ ବିଶ୍ୱାଳ, ବିଦ୍ରୋହ କେଶରୀ ସିଂ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ, ସାଧାରଣ ସଂପାଦକ ଦେବେନ୍ଦ୍ର ପ୍ରସାଦ ମହାପାତ୍ର, ସଙ୍ଗଠନ ସମ୍ପାଦକ ସୌମ୍ୟ ରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଜଗମୋହନ ଚୌଧୁରୀ, ସାଂସ୍କୃତିକ ସମ୍ପାଦକ ଦାମୋଦର ଶତପଥୀ, ସମାଜସେବା ସମ୍ପାଦକ ଜିତେନ୍ଦ୍ର ନାଥ କଟିସ, ମୁଖପାତ୍ର ପ୍ରଦ୍ୟୁମ୍ନ ସାଥୁଆ ଓ ସୌମିତ୍ର ହରିଚନ୍ଦନ, ବରିଷ୍ଠ ସଦସ୍ୟ ସଞ୍ଜୀବ କୁମାର ରଥଶର୍ମା, ଶିବଶଙ୍କର ପ୍ରଧାନ, ପ୍ରଦୀପ ପରିଡା, ଆଲୋକ କୁମାର ବିଶୋଇ ପ୍ରମୁଖ ଉପସ୍ଥିତ ଥିଲେ ।

# ଛାତ୍ରଙ୍କୁ ମାଡ଼ ମାରି ଶିକ୍ଷକ ନିଲମ୍ବିତ

**ଗୋପ,୧୨।୧(ଭାରତୀ ଭୂଷଣ ଉପାଧ୍ୟାୟ):**

ବିଦ୍ୟାଳୟରେ ଜଣେ ସପ୍ତମ ଶ୍ରେଣୀ ଛାତ୍ରଙ୍କୁ ମାଡ଼ମାରିବା ଶିକ୍ଷକଙ୍କୁ ମହଙ୍ଗା ପଡ଼ିଛି। ପୁରୀ ଜିଲା ଗୋପ ବ୍ଲକ କୁଆଁପଡା ପଞ୍ଚାୟତ ଅନ୍ତର୍ଗତ ସୁଜାନଗର ଉନ୍ନୀତ ଉଚ୍ଚପ୍ରାଥମିକ ବିଦ୍ୟାଳୟର ଶିକ୍ଷକ ପଦ୍ମଚରଣ ପ୍ରଧାନ ଜଣେ ଛାତ୍ରଙ୍କୁ ମାଡ଼ ମାରିବା ଅଭିଯୋଗରେ ଚାକିରିରୁ ନିଲମ୍ବିତ ହୋଇଛନ୍ତି। ପ୍ରକାଶ ଯେ, ଗତ ୧୦ ତାରିଖରେ ଶିକ୍ଷକ ପ୍ରଧାନ ସପ୍ତମ ଶ୍ରେଣୀର ଛାତ୍ର ସତ୍ୟନାରାୟଣ ଭୋଇଙ୍କୁ କୌଣସି କାରଣକୁ ନେଇ ଏକ କଣ୍ଟାବାଡ଼ିରେ ମାଡ଼ ମାରିଥିଲେ। ଫଳରେ ସତ୍ୟଙ୍କ ହାତ ଖଣ୍ଡିଆ ହୋଇଯାଇଥିଲା। ସରକାରୀ ନିୟମ ଅନୁସାରେ ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କୁ ଶିକ୍ଷୟିତ୍ରୀ ଶିକ୍ଷକ ମାଡ଼ ମାରିବା ବା କୌଣସି ଦଣ୍ଡଦେବାକୁ ମନା ରହିଛି। ତେବେ ଶିକ୍ଷକ ପ୍ରଧାନ ସତ୍ୟଙ୍କୁ ମାଡ଼ ମାରିବା ନେଇ ତାଙ୍କ ମା' ମନ୍ଦାକିନୀ ଭୋଇ ଗୋପ ଥାନାରେ ଅଭିଯୋଗ କରିବା ସହ ଗୋପ ବ୍ଲକ ଶିକ୍ଷା ଅଧିକାରୀ ସୁଶୀଳ କୁମାର ବ୍ରହ୍ମାଙ୍କୁ ଲିଖିତ ଭାବେ ଜଣାଇଥିଲେ। ଶିକ୍ଷା ଅଧିକାରୀ ଏହି ଘଟଣାର ତଦନ୍ତ କରିବା ପରେ ଶିକ୍ଷକ ପ୍ରଧାନଙ୍କୁ ବ୍ଲକ୍ ଶିକ୍ଷା ବିଭାଗ ଚିଠି ନମ୍ବର ୪୦/ତା ୧୧।୧।୨୦୨୪ରେ ନିଲମ୍ବିତ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ସଂପୃକ୍ତ ଶିକ୍ଷକ ପୂର୍ବରୁ ବିଭିନ୍ନ ସମୟରେ ଛାତ୍ରୀଛାତ୍ରଙ୍କୁ ମାଡ ମାରିବା ଭଳି ଅଭିଯୋଗ ରହିଛି। ଏ ସମ୍ପର୍କରେ ଶିକ୍ଷକ ପ୍ରଧାନଙ୍କୁ ପଚାରିବାରେ ଅଭିଯୋଗକୁ ସେ ଅସ୍ୱୀକାର କରିଛନ୍ତି।

# ରାସ୍ତା କାମକୁ ବିରୋଧ କରି ତହସିଲଦାରଙ୍କ ସହ ଯୁକ୍ତିତର୍କ

**ନିମାପଡ଼ା, ୧୨।୧**
**(ରଞ୍ଜନ କୁମାର ପଟ୍ଟନାୟକ):**

ଟ୍ରାଫିକ ସମସ୍ୟା ଦୂର ପାଇଁ ବାରମ୍ବାର ଦାବି ଫଳରେ ନିମାପଡ଼ାର ସୌନ୍ଦର୍ଯ୍ୟକରଣ କାର୍ଯ୍ୟକ୍ରମ ଚାଲିଛି। ପିପିଲି-ନିମାପଡ଼ା ମୁଖ୍ୟରାସ୍ତାର ତଳଅଣ୍ଡିଆଛକଠାରୁ ଦୋଳବେଦି ଛକ ପର୍ଯ୍ୟନ୍ତ ୪କି.ମି. ରାସ୍ତାର ସଂପ୍ରସାରଣ ପ୍ରକ୍ରିୟା ମଧ୍ୟ ଆରମ୍ଭ ହୋଇଛି। ଏହି କ୍ରମରେ ଶୁକ୍ରବାର ମଧ୍ୟାହ୍ନ ସମୟରେ ନିମାପଡ଼ାର ଜୟଶ୍ରୀ ଛକ ନିକଟରେ ତହସିଲଦାର ବିଦ୍ୟାଧର ପତି ରାଜସ୍ୱ ନିରୀକ୍ଷକ ଏବଂ ଅମିନଙ୍କ ସହିତ ସରକାରୀ ଜମି ମାପଚୁପ କରୁଥିଲେ। ଏହି ସମୟରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକ ପହଞ୍ଚି ବିରୋଧ କରିବା ସହ ତହସିଲଦାରଙ୍କ ସହିତ ଯୁକ୍ତିତର୍କ କରି ସରକାରୀ କାର୍ଯ୍ୟରେ ବାଧା ଦେଇଥିଲେ। ତହସିଲଦାର ନିଜେ ଜଣେ ଯୁବକଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ସନ୍ଧ୍ୟାରେ ସମ୍ପୃକ୍ତ ଯୁବକ ତହସିଲଦାରଙ୍କୁ ଭୁଲ ମାଗିବା ସହିତ ଅଣ୍ଡରଟେକିଙ୍ଗ ଦେବାରୁ ଥାନାରୁ ମୁକୁଳିଥିବା ଆଇଆଇସି ବାମଦେବ ସ୍ୱାଇଁ କହିଛନ୍ତି । ଏହି ଘଟଣା ପରେ ପ୍ରଶାସନ କଡା ଆଭିମୁଖ୍ୟ ଗ୍ରହଣ କରିଛି। ଅପରାହ୍ନରେ ଡାକବାଜି ଯନ୍ତ୍ର ଦ୍ୱାରା ୩ ଦିନ ମଧ୍ୟରେ ସରକାରୀ ଜମି ଖାଲି କରିବାକୁ କହିଛି। ନହେଲେ ପ୍ରଶାସନ ବାଧ୍ୟହୋଇ ବିକଳ୍ପ ବ୍ୟବସ୍ଥା ଗ୍ରହଣ କରିବ ବୋଲି ଚେତାବନୀ ଦେଇଛି। ସୂଚନାଯୋଗ୍ୟ, ଟ୍ରାଫିକ ସମସ୍ୟାକୁ ଗୁରୁତ୍ୱ ଦେଇ ସ୍ଥାନୀୟ ପ୍ରଶାସନ ଏବେ ଆକ୍ସନ ମୁଡ଼ରେ ରହିଛି। ରାଜ୍ୟ ସରକାର ରାସ୍ତା ସଂପ୍ରସାରଣ ପାଇଁ ମୋଟ ୧୭ କୋଟି ଟଙ୍କାର ଅନୁଦାନ ଯୋଗାଇଦେଇଛନ୍ତି। ପୂର୍ତ୍ତବିଭାଗ, ରାଜସ୍ୱ ବିଭାଗ ଏବଂ ନିମାପଡ଼ା ଏନ୍‌ଏସିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟ ଚାଲିଛି।

# ୬୨ ପରିବାରକୁ ମିଳିବ ପିଇବା ପାଣି

**ଗୋପ,୧୨।୧(ଭାରତୀ ଭୂଷଣ ଉପାଧ୍ୟାୟ):**

ବିଶୁଦ୍ଧ ଜଳଯୋଗାଣ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଖୁବ୍‌ଶୀଘ୍ର ୬୨ ପରିବାରକୁ ପିଇବା ପାଣି ଯୋଗାଇଦିଆଯିବ ବୋଲି ଶୁକ୍ରବାର ଗୋପ ବ୍ଲକ ଅନ୍ତର୍ଗତ ରାହାଙ୍ଗୋରଡା ପଞ୍ଚାୟତର ରଙ୍ଗୋଇ ଗ୍ରାମରେ ୫୪ ଲକ୍ଷ ୬୮ ହଜାର ଟଙ୍କାର ଏକ ପାନୀୟଜଳ ପ୍ରକଳ୍ପର ଭିତ୍ତିପ୍ରସ୍ତର ଅବସରରେ ନିମାପଡ଼ା ବିଧାୟକ ସମୀର ରଞ୍ଜନ ଦାଶ କହିଛନ୍ତି। ଦୀର୍ଘଦିନ ଧରି ଏହି ଗ୍ରାମରେ ପିଇବା ପାଣି ସମସ୍ୟା ରହିଥିଲା। ଗତ ନିର୍ବାଚନ ସମୟରେ ବିଧାୟକ ଦାଶ ପିଇବା ପାଣି ସମସ୍ୟାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ୨୦ ହଜାର ଲିଟର ବିଶିଷ୍ଟ ପାନୀୟଜଳ ପ୍ରକଳ୍ପ କାର୍ଯ୍ୟ ଶେଷ ହେଲେ ୬୨ ପରିବାର ଉପକୃତ ହେବେ। ଭିତ୍ତିପ୍ରସ୍ତର କାର୍ଯ୍ୟକ୍ରମରେ ପଞ୍ଚାୟତ ସଭାପତି ହେମନ୍ତ ଛୋଟରାୟ, ପ୍ରମୋଦ ମହାପାତ୍ର, ବ୍ଲକ ଜଳ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ଗୋପିବଲ୍ଲଭ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ।

# ଥାନା ଅଧିକାରୀଙ୍କୁ ଚାରିଛକ ଗୌରବ ସମ୍ମାନ

**ଚାରିଛକ,୧୨।୧(ଶିଶିର ସ୍ୱାଇଁ):**

ଚାରିଛକ ଥାନାର ଏକ ବର୍ଷ ପୂର୍ତ୍ତି ଉପଲକ୍ଷେ ଚାରିଛକ ପ୍ରେସ୍ କ୍ଲବ ସଭାପତି ଶିଶିର ସ୍ୱାଇଁଙ୍କ ନେତୃତ୍ୱରେ ବୁଧବାର ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଚାରିଛକ ଥାନା ଅଧିକାରୀ ମମତା ବିଶ୍ୱାଳଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଦେଇ ଚାରିଛକ ଗୌରବରେ ସମ୍ମାନିତ କରାଯାଇଛି। ପ୍ରକାଶ ଯେ, ଥାନା ଅଧିକାରୀ ବିଶ୍ୱାଳ ଚାରିଛକ ଅଞ୍ଚଳରେ ଆଇନଶୃଙ୍ଖଳା, ଟ୍ରାଫିକ୍ ସମସ୍ୟା ଆଦି ଅନେକ ସମସ୍ୟାର ସମାଧାନ କରିପାରିଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ପ୍ରେସ୍ କ୍ଲବ ସମ୍ପାଦକ ଡ. କେଦାରନାଥ ସାହୁ, ଉପଦେଷ୍ଟା ଆଇଆର୍‌ଏସ୍ ଚନ୍ଦ୍ରକାନ୍ତ ଦଳାଇ, ସାମାଜିକ କର୍ମୀ ସନାତନ ପାତ୍ର, ସହସମ୍ପାଦକ ସନ୍ତୋଷ ଦାସ, ପ୍ରତାପ ମଲ୍ଲିକ, ଶଶୀକାନ୍ତ ତ୍ରିପାଠୀ, ବସନ୍ତ ମଲ୍ଲ, ବିନୋଦ ପ୍ରଧାନ, ମୃତ୍ୟୁଞ୍ଜୟ ମହାପାତ୍ର, ଉମାକାନ୍ତ ଭୋଇ ପ୍ରମୁଖ ଯୋଗଦେଇଥିଲେ।

# ଅଯୋଧ୍ୟା ଯିବ ସୁଦର୍ଶନଙ୍କ ପିତ୍ତଳ ଧନୁ, ତୀର

**ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ)**

ରାମଲାଲାଙ୍କୁ ସମର୍ପିତ ହେବ ମୟୂର କଣ୍ଠିଆ ପିତ୍ତଳ ଧନୁ ଓ ତୀର। ଅଯୋଧ୍ୟାର ଶ୍ରୀରାମ ମନ୍ଦିର ଉଦ୍ଦେଶ୍ୟରେ ଭୁବନେଶ୍ୱରସ୍ଥିତ ଗୋପୀନାଥ କଂସା ପିତ୍ତଳ ସଂଗ୍ରହାଳୟର ମୁଖ୍ୟ ସଂଗ୍ରାହକ ସୁଦର୍ଶନ ସାହୁ ଏହାକୁ ସ୍ୱତନ୍ତ୍ର ଭାବେ ପ୍ରସ୍ତୁତ କରିଛନ୍ତି। ଶ୍ରୀରାମ ଜନ୍ମଭୂମି ତୀର୍ଥକ୍ଷେତ୍ର ଟ୍ରଷ୍ଟର ଜେନେରାଲ ସେକ୍ରେଟାରି ଚମ୍ପତ୍ତି ରାୟ ଏନେଇ ଅନୁମତି ପ୍ରଦାନ କରିଛନ୍ତି। ଗୁରୁବାର ସାହୁଙ୍କ ପରିବାର ପୁରୀର ପାପୁଡ଼ିଆ ମଠାଧୀଶ ରାମକୃଷ୍ଣ ଦାସ ମହାରାଜ ଓ କଟକୀ ମଠାଧୀଶ ଡ. ବିଜୟ ରାମାନୁଜଙ୍କୁ ଭେଟି ଉକ୍ତ ଧନୁ ଓ ତୀରଟିକୁ ଅର୍ପଣ କରିଛନ୍ତି। ଏ ସମ୍ପର୍କରେ ସାହୁ କହିଛନ୍ତି, ଏହାର ଉଭୟ ଭାଗ ମୟୂର ଆକୃତିର। ଖୁସିର କଥା ଆସନ୍ତା ୨୨ ତାରିଖରେ ହେବାକୁ ଥିବା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଏହା ଲାଗିବ।



# ନିମାପଡ଼ା କପ୍ କ୍ରିକେଟ: ଫାଇନାଲରେ ବିଶ୍ୱଭାରତୀ

**ନିମାପଡ଼ା,୧୨।୧**
**(ରଞ୍ଜନ ପଟ୍ଟନାୟକ/ବିଚିତ୍ରାନନ୍ଦ ସାହୁ):**

ସ୍ଥାନୀୟ ବାରବାଟୀ ଗ୍ରାଉଣ୍ଡରେ ନିମାପଡ଼ା ଆଥ୍‌ଲେଟିକ ଆସୋସିଏଶନ ଦ୍ୱାରା ଆୟୋଜିତ '୧୨ତମ କିଶୋର ପଣ୍ଡା ମେମୋରିଆଲ ତଥା ୨୮ତମ ନିମାପଡ଼ା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ'ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଶୁକ୍ରବାର ବାଲେଶ୍ୱରର 'ୟୁ ଆଣ୍ଡ୍ ମି' ଏବଂ କଟକର ବିଶ୍ୱଭାରତୀ କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ୟୁ ଆଣ୍ଡ ମି' ବାଲେଶ୍ୱରରକୁ ୬୪ ରନରେ ହରାଇ ବିଶ୍ୱଭାରତୀ କ୍ଲବ କଟକ ଫାଇନାଲରେ ପ୍ରବେଶ କରିଛି। ପ୍ରଥମେ ଟସ୍ ଜିତି ବିଶ୍ୱଭାରତୀ ବ୍ୟାଟିଂ କରି ନିର୍ଦ୍ଧାରିତ ୩୦ ଓଭରରେ ସମସ୍ତ ଉଇକେଟ ହରାଇ ୧୯୬ ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସତ୍ୟନ ଚିରଞ୍ଜିବୀ ମହାନ୍ତି ୫୨, ଅଙ୍କିତ ଯାଦବ ୪୪ ଓ ସମ୍ବିତ ସାହୁ ୪୪ ରନ ସଂଗ୍ରହ କରିଥିଲେ। ପ୍ରତିପକ୍ଷ ୟୁ ଆଣ୍ଡ ମି'ର ଅନିଲ ନାୟକ ୩, ସଲମାନ ଅହମ୍ମଦ ଓ ମୁକେଶ କୁମାର ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ୟୁ ଆଣ୍ଡ ମି ୨୪.୧ ଓଭର ଖେଳି ସମସ୍ତ ଉଇକେଟ ହରାଇ ୧୩୨ ରନ୍ କରିପାରିଥିଲା। ଦଳ ପକ୍ଷରୁ ମୁକେଶ କୁମାର ୫୨ ଓ ଶେଖର ମାଝି ୩୨ ରନ କରିଥିଲେ। ବିଶ୍ୱଭାରତୀ ଦଳର ବିନାୟକ ପ୍ରସାଦ ୪ ଏବଂ ଅଙ୍କିତ ଯାଦବ ୨ଟି ଉଇକେଟ ନେଇଥିଲେ। ବିଶ୍ୱଭାରତୀ ଦଳର ବିନାୟକ ପ୍ରସାଦ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଅତିଥି ଭାବେ ନିମାପଡ଼ା ୱାଟ୍‌କୋ ଜେନେରାଲ ମ୍ୟାନେଜର ଶଶିଭୂଷଣ ମହାନ୍ତି, କାଉନସିଲର ରାଜକିଶୋର ସାହୁ, ସାମାଜିକ କର୍ମୀ ସମୀର ରଞ୍ଜନ ନାୟକ, ଆସୋସିଏଶନର ଯୁଗ୍ମ ସମ୍ପାଦକ ସତ୍ୟେନ୍ଦ୍ର ମୋହନ ମହାନ୍ତି ଏବଂ କ୍ରିକେଟ ସମ୍ପାଦକ ଅକ୍ଷୟ ବେହେରା ଯୋଗଦେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରିଥିଲେ। ଅଭିନନ୍ଦନ ପାତ୍ର ଓ ସତ୍ୟେନ୍ଦ୍ର ମୋହନ ମହାନ୍ତି ମ୍ୟାଚ ପରିଚାଳନା କରିଥିଲେ। ବିଶ୍ୱଜିତ ଘଡ଼େଇ ଓ ରୋଶନଜିତ ରାୟ ସ୍କୋରର ଦାୟିତ୍ୱରେ ରହିଥିଲେ। ଆସନ୍ତା ୧୭ ତାରିଖରେ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହେବ ।


ମ୍ୟାନ ଅଫ ଦି ମ୍ୟାଚ ଖେଳାଳିଙ୍କୁ ଅତିଥି ପୁରସ୍କାର ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ବିଶ୍ୱାସ କଲେଜରେ ଓରିଏଣ୍ଟେଶନ୍ ପ୍ରୋଗ୍ରାମ

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)–ଛତାବରସ୍ଥିତ ବିଶ୍ୱାସ କଲେଜରେ ନବାଗତ ଛାତ୍ରୀଛାତ୍ରଙ୍କ ଓରିଏଣ୍ଟଶନ୍ ପ୍ରୋଗ୍ରାମ୍ ଅନୁଷ୍ଠିତ ହୋଇଯାଇଛି। ତିନିଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମକୁ ବିଶ୍ୱାସ ଗ୍ରୁପ୍ ଅଧ୍ୟକ୍ଷ ଡ. ପ୍ରଜ୍ଞାନ ରଞ୍ଜନ ଘଡ଼େଇ ଉଦ୍‌ଘାଟନ କରିବା ସହ ନର୍ସିଂ ଶିକ୍ଷା ଉପରେ ଆଲୋଚନା କରିଥିଲେ। ସମ୍ପାଦିକା ନନ୍ଦିନୀ ଘଡ଼େଇ ପିଲାମାନଙ୍କୁ ଶୃଙ୍ଖଳିତ ଓ ଚରିତ୍ରବାନ ହେବାକୁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଅଧ୍ୟକ୍ଷା ସତ୍ୟଭାମା ମିଶ୍ର ପିଲାମାନଙ୍କୁ ପାଠ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ପାରାମେଡିକାଲ ଅଧ୍ୟକ୍ଷ ଡ. ଅଭୟ କୁମାର ବାହିନୀପତି ନୈତିକ ଶିକ୍ଷା ଉପରେ ଗୁରୁତ୍ୱାରୋପ କରିଥିଲେ।

### ଆମ ଯୁବଶକ୍ତି ହିଁ ଆମର ସମ୍ପତ୍ତି

ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ) – ଯୁବ ରେଡ୍‌କ୍ରସ୍ ପକ୍ଷରୁ ଶୁକ୍ରବାର ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ ରାଷ୍ଟ୍ରୀୟ ଯୁବ ଦିବସ ରେଡକ୍ରସ ଭବନ ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଆଦୃତ୍ତ ଶିଶୁଯତ୍ନ ଗୃହର ପ୍ରତିଷ୍ଠାତା ପ୍ରଫେସର ଆଦିତ୍ୟ କୁମାର ମହାନ୍ତି ଯୋଗଦେଇ କହିଲେ, ଆମ ଭାରତୀୟ ସଭ୍ୟତାର ପରିଚୟ ହିଁ ଅନ୍ୟର ସେବାରେ ନିଜକୁ ଉତ୍ସର୍ଗ କରିଦେବା। ଭାରତୀୟ ରେଡ୍‌କ୍ରସ୍‌ର ଅବୈତନିକ ସଚିବ ବିଭୂତି ଭୂଷଣ ପଟ୍ଟନାୟକ କହିଲେ, ଆମ ଯୁବଶକ୍ତି ହିଁ ଆମର ସମ୍ପତ୍ତି। ସେମାନେ ନିଜର ଶକ୍ତି ଓ ସାମର୍ଥ୍ୟକୁ ଠିକ୍ ଦିଗରେ ବ୍ୟବହାର କରିପାରିଲେ ଆମ ଦେଶ ଅଗ୍ରଣୀ ହୋଇପାରିବ। ବିଜେବି କଲେଜ ପ୍ରିନ୍ସିପାଲ ଇତିଶ୍ରୀ ପାଢ଼ୀ ଛାତ୍ରୀଛାତ୍ରଙ୍କୁ ବହୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାରେ ପ୍ରାୟ ୧୩୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଭାଷଣ ଓ ଲକ୍ଷ୍ମଣ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

### ଯୌନଶୋଷଣ, ନିରାକରଣ ନେଇ ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇକ୍ୟୁଏସିର ପୋଷକତାରେ ଇଣ୍ଟରନାଲ କମ୍ପ୍ଲେନ କମିଟି ବିଭାଗ ତରଫରୁ 'ମହିଳା ଯୌନଶୋଷଣର ନିରାକରଣ ଏବଂ ପ୍ରତିକାର ପ୍ରତିବିଧାନ' ଉପରେ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହାକୁ ଉଦଘାଟନ କରିଥିଲେ। ମୁଖ୍ୟ ଅତିଥି ଭାବେ ପୋଲିସ ନିଯୁକ୍ତି ବୋର୍ଡ଼ର ଅଧ୍ୟକ୍ଷା ବି. ରାଧିକା, ମୁଖ୍ୟବକ୍ତା ଭାବେ ଓପିଏସଡବ୍ଲୁଏର ପୂର୍ବତନ ସଭାପତି ସ୍ନେହା ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡିଶା ହାଇକୋର୍ଟର ଓକିଲ ଦୀପାଳି ମହାପାତ୍ର, ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ଓ କୁଳସଚିବ ଶ୍ୟାମଳୀ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ତଥା ଆଇସିସିର ଅଧ୍ୟକ୍ଷା ପ୍ରଫେସର ଚନ୍ଦ୍ରଶ୍ରୀ ଲେଙ୍କା ସ୍ୱାଗତ ଭାଷଣ ଓ ମା' ରମାଦେବୀ ଚେୟାରର ପ୍ରଫେସର ତଥା ଆଇସିସିର ସଦସ୍ୟା ପ୍ରଫେସର ସୁଚେତା ପ୍ରିୟବାଦିନୀ ଅତିଥିଙ୍କ ପରିଚୟ ଦେଇଥିଲେ। ଡ. କଲ୍ୟାଣୀ ଷଡ଼ଙ୍ଗୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଫକୀରମୋହନ ମୂକ ମଣିଷର ସକ୍ରିୟ ପ୍ରତିନିଧି

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

## ଜନ୍ମବାର୍ଷିକୀରେ ଜାତୀୟ ଆଲୋଚନାଚକ୍ର

ଫକୀରମୋହନ ଫାଉଣ୍ଡେଶନ ନୂଆଦିଲ୍ଲୀର ଓଡ଼ିଶା ଶାଖା ଏବଂ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଓଡ଼ିଆ ବିଭାଗ ପକ୍ଷରୁ ଫକୀରମୋହନ ସେନାପତିଙ୍କ ୧୮୦ତମ ଜନ୍ମବାର୍ଷିକୀ ଅବସରରେ ଯୁବସ୍ପନ୍ଦନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ 'ଫକୀରମୋହନଙ୍କ ସାହିତ୍ୟରେ ନାରୀ' ଶୀର୍ଷକ ଏକ ଜାତୀୟ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହାକୁ ଉଦ୍‌ଘାଟନ କରି ନାରୀ ସମସ୍ୟା ଦୂରୀକରଣ ସମ୍ପର୍କରେ ମତବ୍ୟକ୍ତ କରିଥିଲେ। ଫାଉଣ୍ଡେଶନର ମ୍ୟାନେଜିଂ ଟ୍ରଷ୍ଟି ଡ. ମନିକା ଦାସ ମୁଖ୍ୟଅତିଥି ଭାବେ ଯୋଗଦେଇ ଯୁବପିଢ଼ି ଏବଂ ନାରୀ ସମାଜର ଉନ୍ନତି ଦିଗରେ ଫାଉଣ୍ଡେଶନର କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋକପାତ କରିଥିଲେ। ବିଶିଷ୍ଟ ଅତିଥି ଭାବେ ପ୍ରଫେସର ଚଣ୍ଡୀ ଚରଣ ରଥ ଯୋଗଦେଇ ଫକୀରମୋହନଙ୍କୁ ମୂକମଣିଷର ସକ୍ରିୟ ପ୍ରତିନିଧି ବୋଲି କହିବା ସହ ତାଙ୍କ ସାହିତ୍ୟରେ ସାମାଜିକ ବାସ୍ତବତା ଉପରେ କହିଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ପ୍ରଫେସର ଦାଶ ବେନହୁର ଯୋଗଦେଇ ଫକୀରମୋହନଙ୍କ ସାହିତ୍ୟରେ ଥିବା ନାରୀ ସଂପୃକ୍ତି ଏବଂ ଅସ୍ମିତା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର କୃଷ୍ଣଚନ୍ଦ୍ର ପ୍ରଧାନ ଯୋଗଦେଇ ଫକୀରମୋହନଙ୍କ ଆତ୍ମଜୀବନୀର ନାମ 'ମୋ ଜୀବନୀ' ବୋଲି କହି ପୂର୍ବରୁ ପ୍ରକାଶିତ ହେଇ ଆସୁଥିବା ଆତ୍ମଜୀବନୀରେ କିଭଳି ତ୍ରୁଟି ରହିଛି ତାହା ସୂଚାଇଥିଲେ। ସମ୍ମାନିତ ବକ୍ତା ଡ. ରବୀନ୍ଦ୍ର କୁମାର ଦାସ ଫକୀରମୋହନ ସେନାପତିଙ୍କ ସାହିତ୍ୟରେ ନାରୀସ୍ୱରର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ସଂପୃକ୍ତି ସମ୍ପର୍କରେ ଆଲୋଚନା କରିଥିଲେ। ଫାଉଣ୍ଡେଶନର ସାଂସ୍କୃତିକ ସଂଯୋଜିକା ଅନିନ୍ଦିତା ଦାସ ଫକୀରମୋହନଙ୍କ ରଚିତ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଭାଗ ମୁଖ୍ୟ ଡ. ସଂଘମିତ୍ରା ଭଞ୍ଜ ସଭାପତିତ୍ୱ କରିଥିବାବେଳେ ଡ ପୁଷ୍ପିତା ଶୁକ୍ଳା ସଂଯୋଜନା କରିଥିଲେ। ପାଠଚକ୍ରରେ ମାମି ମାଝୀ ଓ ରୁକ୍ମଣୀ ସମର୍ଥା ପ୍ରବନ୍ଧ ଉପସ୍ଥାପନ କରିଥିଲେ।

# କଟକ ରେଳ ଷ୍ଟେଶନରେ ମାଣିଆବନ୍ଧ ହ୍ୟାଣ୍ଡଲୁମ୍ ଷ୍ଟଲ୍




ରେଳ ଷ୍ଟେଶନର ମାଣିଆବନ୍ଧ ହସ୍ତତନ୍ତ ସାମଗ୍ରୀ ଷ୍ଟଲ୍‌କୁ ଉଦ୍‌ଘାଟନ କରାଯାଉଛି।

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

## କଥା ରଖିଲେ ରେଳମନ୍ତ୍ରୀ

କଟକ ରେଳ ଷ୍ଟେଶନସ୍ଥିତ 'ଗୋଟିଏ ଷ୍ଟେଶନ– ଗୋଟିଏ ଉତ୍ପାଦ (ଓଏସଓପି)' ଷ୍ଟଲ୍‌ରେ ପ୍ରସିଦ୍ଧ ମାଣିଆବାନ୍ଧ ହସ୍ତତନ୍ତ ଉତ୍ପାଦ ଉପଲବ୍ଧ ହୋଇଛି। କଟକ ଜିଲାର ବଡମ୍ବା ତହସିଲ ଅନ୍ତର୍ଗତ ମାଣିଆବନ୍ଧ ଗ୍ରାମର ବୁଣାକାରମାନେ ଏସବୁ ସାମଗ୍ରୀ ତିଆରି କରିଛନ୍ତି। ଯାତ୍ରୀମାନେ ଏବେ ଏଠାରୁ ମାଣିଆବନ୍ଧ ହ୍ୟାଣ୍ଡଲୁମ୍ ଉତ୍ପାଦ କିଣିପାରିବେ। ନିକଟରେ ବଡମ୍ବା ଗସ୍ତ ସମୟରେ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ବୁଣାକାରଙ୍କୁ ରେଳ ଷ୍ଟେଶନରେ ମାଣିଆବନ୍ଧ ହସ୍ତତନ୍ତ ଉତ୍ପାଦ ବିକ୍ରୟର ସୁଯୋଗ ଦେବାକୁ ଆଶ୍ୱାସନା ଦେଇଥିଲେ।

ସୂଚନା ଥାଉ କି, 'ଗୋଟିଏ ଷ୍ଟେଶନ– ଗୋଟିଏ ଉତ୍ପାଦ(ଓଏସ୍‌ଏପି)' ସ୍ଥାନୀୟ କାରିଗର, କୁମ୍ଭକାର, ବୁଣାକାର ଆଦିବାସୀଙ୍କ ଜୀବିକା ବୃଦ୍ଧି ତଥା କଲ୍ୟାଣ ଉଦ୍ଦେଶ୍ୟରେ କେନ୍ଦ୍ର ସରକାରଙ୍କ ଦ୍ୱାରା ଘୋଷଣା କରାଯାଇଥିବା ଏକ ଯୋଜନା। ଏହି ପଦକ୍ଷେପର ଏକ ଅଂଶ ଭାବରେ ୫ହଜାରରୁ ଅଧିକ ବୁଣାକାରଙ୍କୁ ନେଇ ଗଠିତ ମାଣିଆବନ୍ଧ ହ୍ୟାଣ୍ଡଲୁମ୍ କ୍ଲଷ୍ଟର କନ୍‌ସୋର୍ଟିୟମ କଟକ ରେଳ ଷ୍ଟେଶନକୁ ଯାଉଥିବା ଯାତ୍ରୀଙ୍କୁ ହସ୍ତତନ୍ତ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ କରିବାର ସୁଯୋଗ ପାଇଛି। ବର୍ତ୍ତମାନ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ୧୨ଟି ରେଳ ଷ୍ଟେଶନ ଭୁବନେଶ୍ୱର, ପୁରୀ, ଖୋର୍ଦ୍ଧା ରୋଡ୍, ବାଲୁଗାଁ, ଛତ୍ରପୁର, ବ୍ରହ୍ମପୁର, ପଳାସା, କଟକ, ଯାଜପୁର କେନ୍ଦୁଝର ରୋଡ୍, ଭଦ୍ରକ, ଅନୁଗୋଳ ଏବଂ ଢେଙ୍କାନାଳରେ ଓଏସ୍‌ଓପି ଷ୍ଟଲ୍ ରହିଛି।



ଏକାମ୍ର ଅର୍ବାନ ହାଟରେ ଶୁକ୍ରବାର ଚିତ୍ର ଓ ଚଳଚ୍ଚିତ୍ର ଉତ୍ସବ 'ଚିତ୍ରାଞ୍ଜଳୀ'ର ଉଦ୍‌ଘାଟନ ଅବସରରେ ଅତିଥିଙ୍କ ସହ ଶିଳ୍ପୀମାନେ।

# ମୁକ୍ତାକାଶ ତଳେ 'ଚିତ୍ରାଞ୍ଜଳୀ' ଉତ୍ସବ

ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ )

## ସନ୍ଧ୍ୟାରେ ପ୍ରଦର୍ଶିତ ହେଉଛି ପ୍ରାମାଣିକ ଚଳଚ୍ଚିତ୍ର

ଆର୍ଟିଷ୍ଟ ଆସୋସିଏସନ୍ ଅଫ୍ ଓଡ଼ିଶା(ଆଓ) ପକ୍ଷରୁ ଶୁକ୍ରବାର ଏକାମ୍ର ହାଟରେ ଚିତ୍ର ଓ ଚଳଚ୍ଚିତ୍ର ଉତ୍ସବ 'ଚିତ୍ରାଞ୍ଜଳୀ ୨୦୨୩' ଉଦ୍‌ଘାଟିତ ହୋଇଯାଇଛି। ଅତିଥି ଭାବେ ବରିଷ୍ଠ ଶିଳ୍ପି ଅଲେଖ ଚରଣ ସାହୁ, ଚିତ୍ରଶିଳ୍ପି ଡ. ରତ୍ନମଞ୍ଜୁଳା ଘଡ଼େଇ, ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ, ଆଓର ସଭାପତି ଜନପ୍ରିୟ ଦେବତା ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାରେ କଳାତ୍ମକ ସେତୁ ସୃଷ୍ଟି କରିବା ସହ କଳା ପରମ୍ପରା ଓ ଆଧୁନିକ ଚିତ୍ରକଳାରେ ନୂତନ ଫର୍ଦ୍ଦ ଯୋଡ଼ିବାକୁ ଅନୁଷ୍ଠାନ ପକ୍ଷରୁ ଏହି ପ୍ରୟାସ କରାଯାଉଥିବା ମତପ୍ରକାଶ ପାଇଥିଲା। ୨୫ଜଣ ଯୁବଶିଳ୍ପୀ ବସେନ ଟୁଡୁ, ପ୍ରଶାନ୍ତି ମିଶ୍ର, ଜସ୍ମିନ ମହାପାତ୍ର, ନରେନ୍ଦ୍ର କୁମାର ମାଝି, ସ୍ୱୟଂପ୍ରଭା ଦାସ, ଗୋବିନ୍ଦ ତ୍ରିପାଠୀ, ପୂଜା ଦାସ, ସୁଶାନ୍ତି ସାହୁ, ଶୁଭଶ୍ରୀ ପ୍ରିୟଦର୍ଶିନୀ ସାହୁ, ସସ୍ମିତା ମାଝୀ, ଅସିତ୍ ସାମନ୍ତରାୟ, ଅଜିତ ରାଉତଙ୍କୁ ନେଇ ଏକ କଳା ଶିବିର ଆରମ୍ଭ ହୋଇଛି। ଏହାର ବିଷୟବସ୍ତୁ 'ମର୍ଯ୍ୟାଦା ପୁରୁଷୋତ୍ତମ' ରଖାଯାଇଛି। ଶିବିରରେ ୩ଦିନ ଧରି ସମସ୍ତ ଶିବିରାର୍ଥୀ କାର୍ଯ୍ୟ କରିବେ। ୧୪ ତାରିଖରେ ସେମାନଙ୍କ ଚିତ୍ରକଳା ମୁକ୍ତାକାଶ ପ୍ରଦର୍ଶନୀରେ ସ୍ଥାନିତ ହେବ। ପ୍ରତି ସନ୍ଧ୍ୟାରେ ପ୍ରାମାଣିକ ଚଳଚ୍ଚିତ୍ର ପ୍ରଦର୍ଶନ କରାଯିବ। ଆଓର ଉପସଭାପତି ଚିନ୍ତାମଣି ବିଶ୍ୱାଳ, ସହ ସମ୍ପାଦକ ସନ୍ତୋଷ କୁମାର ସାହୁ, ସଞ୍ଜୟ ପଟ୍ଟନାୟକ, ବିବେକ ଦାସ, ଶୁଭଶ୍ରୀ ମିଶ୍ର, ଜ୍ୟୋତିଷ ଦେବତା, ଅଳକା ପ୍ରିୟଦର୍ଶିନୀ ତଥା ଅନ୍ୟ ବରିଷ୍ଠ ଶିଳ୍ପୀ ଉପସ୍ଥିତ ଥିଲେ। ଚିନ୍ତାମଣି ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ।

# ଯୁବପିଢ଼ି ରାଜନୀତିକୁ ବୁଝିବା ଆବଶ୍ୟକ

## କ୍ରାନ୍ତିକାରୀ ଫାଉଣ୍ଡେଶନ ପକ୍ଷରୁ ଯୁବ ଦିବସ

ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ଯୁବ ସମୟ ଥରେ ଚାଲିଗଲେ କେବେ ଆସିବନି। ସେଥିପାଇଁ ଯୁବ ସମୟକୁ କେହି ନଷ୍ଟ କରିବା ଉଚିତ ନୁହେଁ। ରାଜ୍ୟରେ ଯୁବଶକ୍ତି ଏବେ ଉପେକ୍ଷିତ ଅବସ୍ଥାରେ ଅଛନ୍ତି। ଯୁବଶକ୍ତିର ସଦୁପଯୋଗ ହୋଇପାରୁନି। ସାମାଜିକ, ରାଜନୈତିକ ଓ ବୌଦ୍ଧିକ କ୍ଷେତ୍ରରେ ଯୁବପିଢ଼ୀ ପ୍ରତିଶ୍ରୁତିବଦ୍ଧ ହେଉନାହାନ୍ତି। ଆମର ଅସ୍ମିତାକୁ ଭୁଲିଯାଉଛନ୍ତି। ସାମ୍ପ୍ରତିକ ସ୍ଥିତିରେ ଯୁବପିଢ଼ୀ ରାଜନୀତିକୁ ବୁଝିବା ଆବଶ୍ୟକ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଶୁକ୍ରବାର ସୂଚନା ଭବନଠାରେ କ୍ରାନ୍ତିକାରୀ ଫାଉଣ୍ଡେଶନ ପକ୍ଷରୁ ଜାତୀୟ ଯୁବ ଦିବସ ପାଳନ ଅବସରରେ 'ଆଜିର ଓଡ଼ିଶା ଓ ଯୁବସମାଜ' ଶୀର୍ଷକ ଆଲୋଚନାଚକ୍ରରେ ଅତିଥିମାନେ ଏଭଳି ମତବ୍ୟକ୍ତ କରିବା ସହ ଯୁବପିଢ଼ୀ ସାମାଜିକ କର୍ତ୍ତବ୍ୟ ଜାଣିବା ଦରକାର ବୋଲି କହିଛନ୍ତି। କାର୍ଯ୍ୟକ୍ରମରେ କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା, ଧାମନଗର ବିଧାୟକ ସୂର୍ଯ୍ୟବଂଶୀ ସୂରଜ, ବରିଷ୍ଠ ସାମ୍ବାଦିକ ସତ୍ୟପ୍ରକାଶ ନାୟକ, ଏମ୍‌ସ ଅର୍ଥୋପେଡ଼ିକ ବିଭାଗର ମୁଖ୍ୟ ଡା. ବିଷ୍ଣୁପ୍ରସାଦ ପାତ୍ରୋ, ଯୁବ ଉଦ୍ୟୋଗୀ ଡ. ନଳିନୀକାନ୍ତ ମିଶ୍ର ଓ ସମାଜସେବୀ ଲିଲି ଜେନାମଣି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେଶନର ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷା, ରାଜନୈତିକ ସଚେତନତା ଦିଗରେ ଯୁବ ସମାଜ କାମ କରିବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବ୍ୟକ୍ତିବିଶେଷ ଓ ସାମାଜିକ ସଂଗଠନଗୁଡ଼ିକୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଶିଷ କୁମାର ରାଉତ ମଞ୍ଚ ପରିଚାଳନା କରିଥିଲେ।

# ୨୯ ନଂ. ୱାର୍ଡ କର୍ପୋରେଟର ଗିରଫ

## ରାସ୍ତା କାମରେ ବାଧା, ମହିଳା ଏଏସ୍‌ଆଇଙ୍କୁ ଧକ୍‌କା

ଭୁବନେଶ୍ୱର,୧୨।୧(ସତ୍ୟଜିତ୍ ରାଉତ)



ଅପରୂପ ନାରାୟଣ ରାଉତ

ରାସ୍ତା କାମରେ ବାଧା ଦେବା ସହ ମହିଳା ଏଏସ୍‌ଆଇଙ୍କୁ ଧକ୍‌କା ମାରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଭୁବନେଶ୍ୱର ମହାନଗର ନିଗମ ଅଧିନ ୨୯ ନଂ. ୱାର୍ଡର କର୍ପୋରେଟରଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ–୯ ଭୋଇନଗରର ଅପରୂପ ନାରାୟଣ ରାଉତ ଓରଫ ଜୀବନ (୨୯)। ତାଙ୍କଠାରୁ ପୋଲିସ ଏକ କାର୍ ଜବତ କରିଛି। ଅଭିଯୁକ୍ତ ଜୀବନଙ୍କୁ କୋର୍ଟଚାଲାଣ ପରେ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ମହିଳା ଏଏସ୍‌ଆଇ ଅଞ୍ଜନା ବରାଳଙ୍କ ଏତଲା ଆଧାରରେ ଥାନା ପକ୍ଷରୁ ମାମଲା (ନଂ.୯/୨୦୨୪) ରୁଜୁ ସହ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ରାତିରେ ହାଇଟେକ୍ ଛକ ନିକଟ ୧୬ ନଂ. ଜାତୀୟ ରାଜପଥର ମରାମତି କାମ ଚାଲୁଥିଲା। ଅଭିଯୁକ୍ତ ଜୀବନ ସହଯୋଗୀ ରାସ୍ତା କାମରେ ବାଧା ଦେଇଥିବା ଥାନାକୁ ଖବର ମିଳିଥିଲା। ପେଟ୍ରୋଲିଂ ଟିମ୍ ସହ ଏଏସ୍‌ଆଇ ଅଞ୍ଜନା ଘଟଣାସ୍ଥଳକୁ ଯାଇଥିଲେ। ଜୀବନ ସେଠାରେ ଇଞ୍ଜିନିୟର, କଣ୍ଟ୍ରାକ୍ଟର ଓ ଶ୍ରମିକଙ୍କ ସମେତ ଏନ୍‌ଏଚ୍ ଅଧିକାରୀଙ୍କୁ ଗାଳିଗୁଲଜ କରୁଥିବା ଦେଖିବାକୁ ପାଇଥିଲେ। ଅଞ୍ଜନା ରାସ୍ତା କାମ ପୁନଃ ଚାଲୁରଖିବାକୁ ଚେଷ୍ଟା କରୁଥିବାବେଳେ ଜୀବନ ତାଙ୍କୁ ଗାଳିଗୁଲଜ କରବା ସହ ଧକ୍କା ଦେଇ ସର୍ବସାଧାରଣରେ ଅସମ୍ମାନ କରିଥିଲେ। ସେଠାରେ ଜୀବନଙ୍କୁ ପୋଲିସ ଟିମ୍ କାବୁ କରି ଥାନାକୁ ଆଣିଥିଲା।

# ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ



ବାଲିଅନ୍ତା,୧୨।୧(ନୀଳମାଧବ ସାହୁ): ନହରକଣ୍ଟାସ୍ଥିତ ସରସ୍ୱତୀ ଶିକ୍ଷାମନ୍ଦିରର ୧୯ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୪ଶହରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ୧୪୫ ଛାତ୍ରୀଛାତ୍ରଙ୍କୁ ମାନପତ୍ର ସହ ମେଡାଲ ପ୍ରଦାନ କରାଯାଇଛି। ଉଦ୍‌ଯାପନୀ ଉତ୍ସବ ବିଦ୍ୟାଳୟ ପ୍ରତିଷ୍ଠାତା ସମ୍ପାଦକ ସୁରେନ୍ଦ୍ର କୁମାର ଖୁଣ୍ଟିଆଙ୍କ ଅଧ୍ୟକ୍ଷତାରେ ହୋଇଥିଲା। ମୁଖ୍ୟ ଅତିଥିଭାବେ ଜୟଦେବ କଲେଜ ଅଧ୍ୟକ୍ଷ ଡ. ସନ୍ତୋଷ କୁମାର ସେଠୀ, ମୁଖ୍ୟବକ୍ତା କର୍ପୋରେଟର ସୁକୁମାର ସାହୁ, ସମ୍ମାନିତ ଅତିଥି ଉତ୍କଳ ଶିକ୍ଷା ବିକାଶ ପରିଷଦ ସଭାପତି ମଙ୍ଗୁଳି ଚରଣ ମହାନ୍ତି ଓ ବିଦ୍ୟାଳୟର ବରିଷ୍ଠ ସଦସ୍ୟ ଡମ୍ବରୁଧର ଜେନା ଯୋଗଦେଇ ବକ୍ତବ୍ୟ ରଖିଥିଲେ। ପ୍ରଧାନ ଆଚାର୍ଯ୍ୟା ଜୟଶ୍ରୀ ମହାପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଗୁରୁମା' ପ୍ରଭାସିନୀ ମହାନ୍ତି, ଅନ୍ନପୂର୍ଣ୍ଣା ଜେନା, ରଶ୍ମିତା ସାହୁ, ନମିତା ବେହେରା ପରିଚାଳନା କରିଥିବାବେଳେ ମମତା କୁମାରୀ ସାମଲ ଧନ୍ୟବାଦ ଦେଇଥିଲେ।

# ଯୁବ ଦିବସ ପାଳିଲେ ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ, କର୍ମଚାରୀ

ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା) – ରାଜ୍ୟ ସ୍ୱତନ୍ତ୍ର ବିଦ୍ୟାଳୟ ଶିକ୍ଷକ ଓ କର୍ମଚାରୀ ସଂଘ ପକ୍ଷରୁ ଜାତୀୟ ଯୁବ ଦିବସ ପାଳିତ ହୋଇଯାଇଛି। ଗାନ୍ଧୀମାର୍ଗରେ ସଂଘର ସଭାପତି ପ୍ରଫେସର ଯୁଧିଷ୍ଠିର ଖଟୁଆଙ୍କ ପୌରାହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ବିଏସ୍‌ଏନ୍‌ଏଲ୍‌ର ପୂର୍ବତନ ଅଧିକାରୀ ଗୋପାଳ ଚନ୍ଦ୍ର ବେହେରା, ମୁଖ୍ୟବକ୍ତା ଭାବେ ସମାଜସେବୀ ଅଶୋକ ନନ୍ଦ ଓ ସମ୍ମାନିତ ଅତିଥି ଭାବେ ବିଜୟ କୁମାର ପରିଡା ଯୋଗଦେଇଥିଲେ। ସ୍ୱାମୀ ବିବେକାନନ୍ଦଙ୍କ ଦର୍ଶନ 'ଜୀବନ ଗୋଟିଏ ସଂଘର୍ଷ, ଆହ୍ୱାନ, କର୍ତ୍ତବ୍ୟ ଯାତ୍ରା' ସମ୍ପର୍କରେ ଅତିଥିମାନେ କହିଥିଲେ। ଶିକ୍ଷାବିତ ଦାମୋଦର ଦାଶ, ମହେଶ୍ୱର ରାଉତ, ବଟକୃଷ୍ଣ ବାରିକ, ଶରତ ଚନ୍ଦ୍ର ମଲ୍ଲିକ, ସୀତାରାମ ଡାକୁଆ, ଦେବାନନ୍ଦ ସାହୁ, ସ୍ମୃତିରେଖା ମିଶ୍ର ପ୍ରମୁଖ ଯୋଗଦେଇଥିଲେ।

# କୁନି ଶିଳ୍ପୀଙ୍କ ନୃତ୍ୟ ପରିବେଷଣ ମନମୋହିଲା

ଭୁବନେଶ୍ୱର,୧୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)

'ନୃତ୍ୟାୟନା ଟ୍ରଷ୍ଟ'ର ଷଷ୍ଠତମ ବାର୍ଷିକ ଉତ୍ସବ ଶୁକ୍ରବାର ଭଞ୍ଜକଳା ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ଉତ୍ସବକୁ ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଗୁରୁ ଇଲିଆନା ଚିତାରିଷ୍ଟି ଉଦ୍‌ଘାଟନ କରିଥିଲେ। ଅତିଥି ଭାବେ ଏମ୍‌ପି ସୁଲତା ଦେଓ, ନୃତ୍ୟଗୁରୁ ଚପଳା ମିଶ୍ର, ବିଧାୟକ ଅନନ୍ତ ନାରାୟଣ ଜେନା, ସମାଜସେବୀ ତଥା କବୟିତ୍ରୀ ଡ. ବନ୍ଦନା ହରିଚନ୍ଦନ, ନୃତ୍ୟଗୁରୁ ଗୌରୀଶଙ୍କର ଦାଶ, ସାରଦା ପ୍ରସାଦ ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। ନୃତ୍ୟଗୁରୁ ସୁନିତା ମହାରଣାଙ୍କ ଶିକ୍ଷାଦାନରେ ୭୦ରୁ ଊର୍ଦ୍ଧ୍ୱ ପିଲା ଓଡ଼ିଶୀ, ମାହାରୀ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ କରି ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲେ। ଏହି ଅବସରରେ ଓଡ଼ିଶୀ ନୃତ୍ୟ ପାଇଁ ଗୋକୁଳଶ୍ରୀ ଦାସ ଏବଂ ଶିଖା ପଟ୍ଟନାୟକଙ୍କୁ, ସାମ୍ବାଦିକତା ପାଇଁ ସୁମିତ୍ରା ସାହୁ, କବିତା ସ୍ୱାଇଁ ଓ ସରୋଜ ରଞ୍ଜନ ବେହେରାଙ୍କୁ 'ନୃତ୍ୟାୟନା ସମ୍ମାନ' ଦିଆଯାଇଥିଲା। ଟ୍ରଷ୍ଟ ଅଧ୍ୟକ୍ଷା ନୃତ୍ୟଗୁରୁ ସୁନିତା ମହାରଣା କାର୍ଯ୍ୟକ୍ରମ ପରିଚାଳନା, ଜ୍ଞାନାନନ୍ଦ ସାଗର କୁମାର ସଂଯୋଜନା ଓ ସନ୍ଦୀପ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ପକ୍ଷରୁ ନୃତ୍ୟ ପ୍ରଦର୍ଶିତ

ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଅଧୀନସ୍ଥ ଓର୍‌ମାସ୍ ପକ୍ଷରୁ ବରମୁଣ୍ଡା ଖେଳପଡ଼ିଆରେ ଜାତୀୟସ୍ତରୀୟ ହସ୍ତତନ୍ତ, ହସ୍ତଶିଳ୍ପ ଓ ଖାଦ୍ୟ ମସଲାର ମେଳା 'ଶିଶିର ସରସ' ଚାଲିଛି। ଏଥିରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ର ପକ୍ଷରୁ ଶିଶୁମାନେ ଚିତ୍ତାକର୍ଷକ ନୃତ୍ୟ ପ୍ରଦର୍ଶନ କରିଥିଲେ। ସର୍ବପ୍ରଥମେ ଡି.ଏନ୍. ୱିଜ୍‌ଡମ୍ ଗ୍ଲୋବାଲ ସ୍କୁଲ ତରଫରୁ ପିଲାମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ପରେ ମାହାରୀ ବେଶରେ ଜଗନ୍ନାଥ ଓ ଶ୍ରୀକୃଷ୍ଣ ଭଜନରେ ନୃତ୍ୟ, ଓଡ଼ିଶୀ ନୃତ୍ୟ ସହିତ ସମ୍ବଲପୁରୀ ତଥା କୋରାପୁଟିଆ ଆଦିବାସୀ ନୃତ୍ୟ ମନଛୁଆଁ ଥିଲା। ଅନୁଷ୍ଠାନର କୁନି କଳାକାର ଅଦିତ୍ୟା ବାନାର୍ଜୀଙ୍କ ସମ୍ବଲପୁରୀ ନୃତ୍ୟ ଦର୍ଶକଙ୍କୁ ମୁଗ୍ଧ କରିଥିଲା। କଳାକେନ୍ଦ୍ରର ନୃତ୍ୟଗୁରୁ ଜ୍ୟୋତିର୍ମୟୀ ଦାସଙ୍କ ନିର୍ଦ୍ଦେଶନାରେ ପରିବେଷିତ ସମସ୍ତ ନୃତ୍ୟ ଉଚ୍ଚକୋଟୀର ଥିଲା। ଅନୁଷ୍ଠାନର ପ୍ରତିଷ୍ଠାତା ସୂର୍ଯ୍ୟକାନ୍ତ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



ଶିଶିର ସରସ ମେଳା ମଞ୍ଚରେ ସୂର୍ଯ୍ୟଜ୍ୟୋତି କଳାକେନ୍ଦ୍ରର ଶିଶୁଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଦିବ୍ୟାଙ୍ଗଙ୍କ ପାଇଁ 'ଭିନ୍ନ ପ୍ରୟାସ'

ଭୁବନେଶ୍ୱର,୧୨।୧
(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟ ଉପାସନା ପୀଠ ପକ୍ଷରୁ ଶୁକ୍ରବାର ଉତ୍କଳ ରଙ୍ଗମଞ୍ଚଠାରେ ଦିବ୍ୟାଙ୍ଗଙ୍କ ପାଇଁ 'ଭିନ୍ନ ପ୍ରୟାସ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମ ଆରମ୍ଭରେ ଫ୍ୟାଶନ ଶୋ'ରୁ ଦିବ୍ୟାଙ୍ଗଙ୍କ ଯାଦୁ ଦେଖିବାକୁ ମିଳିଥିଲା। ଏହାପରେ ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଦଶବତାର ନୃତ୍ୟ, ଯୋଗ, ବାଦ୍ୟଯନ୍ତ୍ରରେ ବନ୍ଦେ ମାତରମ୍ ଆଦି ଉପସ୍ଥିତ ଦର୍ଶକଙ୍କୁ ମନ୍ତ୍ରମୁଗ୍ଧ କରିଥିଲା। ଓଡ଼ିଶୀ, ଗରବା, ପଞ୍ଜାବୀ ନୃତ୍ୟ ଓ ଶେଷରେ ରାମାୟଣରେ ଅଭିନୟ କରି ସମସ୍ତଙ୍କୁ ମୁଗ୍ଧ କରିଦେଇଥିଲେ ସେମାନେ। ସମ୍ପାଦିକା ଗୁରୁ ସୋନାଲି ମହାପାତ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ପରିଚାଳନା ହୋଇଥିଲା। ଅତିଥି ଭାବେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗର ଅତିରିକ୍ତ ଶାସନ ସଚିବ ଦୀପକ ରାଉତରାଏ, ଓଡ଼ିଶୀ ଗବେଷଣା କେନ୍ଦ୍ରର ମୁଖ୍ୟ କାର୍ଯ୍ୟନିର୍ବାହୀ ଗୁରୁ ସିକତା ଦାସ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ସୋସିଆଲ ଡେଭଲପ୍‌ମେଣ୍ଟର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ, ଗାଳ୍ପିକ ଜଗଦିଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏସିଡ୍ ପୀଡ଼ିତା ପ୍ରମୋଦିନୀ ରାଉଳଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ଅଭିରାମ ନନ୍ଦ ଓ ଅନୁଷ୍ଠାନର ପ୍ରତିଷ୍ଠାତା ନିର୍ମଳ କୁମାର ମହାପାତ୍ର ଉପସ୍ଥିତ ଥିଲେ।




'ଭିନ୍ନ ପ୍ରୟାସ' କାର୍ଯ୍ୟକ୍ରମରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

## ସଂକ୍ଷେପରେ

### ଧାନମଣ୍ଡି ଉଦ୍‌ଘାଟିତ

କଟକ ସଦର, ୧୨।୧ (ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ କିଶୋର ନଗରଠାରେ ଧାନମଣ୍ଡି ଶୁକ୍ରବାର ଉଦ୍‌ଘାଟିତ ହୋଇଯାଇଛି। ସଭାପତି ବିରଞ୍ଚି କୁମାର ପଣ୍ଡା ଏହାକୁ ଉଦ୍‌ଘାଟନ କରିଥିଲେ। ଏଠାରେ ୫୦୦ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଚନ୍ଦ୍ରଶେଖର ରାଉତ, ସୁରେଶ ବିଷୋୟୀ, ଧ୍ରୁବଚରଣ ବେହେରା, ଦୀପକ ବେହେରା, ଅନିଲ ମଣ୍ଡଳ, ସୁବୋଧ କୁମାର ସାମଲ, ରମେଶ ଚନ୍ଦ୍ର ରାଉତ, ଅନନ୍ତ ଚରଣ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

### ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ

ଚୌଦ୍ୱାର, ୧୨।୧ (ଆଶୁତୋଷ ଦାସ)

ମଙ୍ଗରାଜପୁର ପଞ୍ଚାୟତ ଅଧୀନ ରାମଚନ୍ଦ୍ରପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ କ୍ରୀଡ଼ା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ସନାତନ କଳାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କୌଶଲ୍ୟା ଦେହୁରୀ, ମାନା ଦେଓଗାମ୍, ହରି ବାଦରା, ମାଧବ ଦେହୁରୀ, କରୁଣାକର ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଶିକ୍ଷୟିତ୍ରୀ କଳ୍ପନା ପ୍ରଧାନ ଧନ୍ୟବାଦ ଦେଇଥିଲେ।

### ଶିବିରରୁ ୧୦୦ ୟୁନିଟ୍ ରକ୍ତ ସଂଗ୍ରହ

କଟକ, ୧୨।୧ (ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ କାର୍ଯ୍ୟରେ ନିୟୋଜିତ ହୋଇଥିବା ଏଲ୍ଆଣ୍ଡଟି କମ୍ପାନୀ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ରୀୟ ରେଡ୍‌କ୍ରସ ରକ୍ତଭଣ୍ଡାର ପକ୍ଷରୁ ଆୟୋଜିତ ଏହି ଶିବିରରୁ ୧୦୦ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। ଏସ୍‌ସିବି ପ୍ରକଳ୍ପର ଟାସ୍କ ଫୋର୍ସ ଅଧିକାରୀ ଏମ୍. ଅରୁଣଗିରି, ଡି. ପି. ମିଶ୍ର, ବି. ବି. ରାୟ, ଏମ୍.ଆର୍ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏସ୍‌ସିବି ସମ୍ପ୍ରସାରଣ ପ୍ରକଳ୍ପ ଶେଷ ହେବା ପର୍ଯ୍ୟନ୍ତ ଏଭଳି ସେବା କାର୍ଯ୍ୟ ଜାରି ରହିବ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି।

### ଲୋକଙ୍କ ସମସ୍ୟା ଶୁଣିଲେ ବିଧାୟକ

କଟକ, ୧୨।୧ (ଶିଳ୍ପା ପ୍ରିୟଦର୍ଶିନୀ)

ବିଧାୟକ ମହମ୍ମଦ ମୋକିମ କଟକ ମହାନଗର ନିଗମ(ସିଏମ୍‌ସି) ଅଧୀନ ୧୫ନଂ. ୱାର୍ଡ ପରିଦର୍ଶନ କରି ରାସ୍ତାଘାଟ, ପରିମଳ ସମସ୍ୟା ସମ୍ପର୍କରେ ଅଞ୍ଚଳବାସୀଙ୍କ ସହ ଆଲୋଚନା କରିଛନ୍ତି। ଏଥିସହ ୱାର୍ଡ ଅଞ୍ଚଳରେ କଂଗ୍ରେସ କର୍ମୀମାନେ ନିୟମିତ ଜନସାଧାରଣଙ୍କ ସଂସ୍ପର୍ଶରେ ଆସି ମୌଳିକ ସେବା ଯୋଗାଇ ଦେବାରେ ସହଯୋଗ କରିବାକୁ ବିଧାୟକ ପରାମର୍ଶ ଦେଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ କର୍ପୋରେଟର ଲିଜାରାଣୀ ରାଉତ, ସେକ୍ ଅସ୍‌ଲମ୍, ଫାୟାଜ ରାଜିବ, ସେକ୍ ବାନୋ, ରହିଲା ବିବି, ମେମୁଦା ବିବି, ସେକ୍ ଅଫ୍‌ସାକ୍, ମାନସ ନାଥ୍, ଇଶରତ୍ ଜାହାନ ପ୍ରମୁଖ ଉପସ୍ଥିତ ରହିଥିଲେ।

# ୬ ବସ୍ତିରେ ସ୍ମାର୍ଟ ଲାଇବ୍ରେରି ଉଦ୍‌ଘାଟିତ

କଟକ, ୧୨।୧ (କାର୍ତ୍ତିକ ସାହୁ)


କୃଷକ ବଜାର ପାଠାଗାର ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସିଏମ୍‌ସି ମେୟର, ଡେପୁଟି ମେୟର ଓ କମିଶନରଙ୍କ ସହ ଅନ୍ୟମାନେ।

ଜାତୀୟ ଯୁବ ଦିବସ ଅବସରରେ କଟକ ମହାନଗର ନିଗମ (ସିଏମ୍‌ସି) ପକ୍ଷରୁ ବସ୍ତିର ଯୁବଗୋଷ୍ଠୀଙ୍କ ପାଇଁ ୬ଟି ସ୍ମାର୍ଟ ଲାଇବ୍ରେରି ଶୁକ୍ରବାର ଉଦ୍‌ଘାଟିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ପ୍ରତ୍ୟେକ ପାଠାଗାରରେ ୧ ହଜାରରୁ ଊର୍ଦ୍ଧ୍ୱ ପୁସ୍ତକ ସ୍ଥାନ ପାଇଥିଲାବେଳେ ପାଠକଙ୍କ ଆବଶ୍ୟକତା ଅନୁଯାୟୀ ଆହୁରି ୪ ହଜାର ପୁସ୍ତକ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସିଏମ୍‌ସି ପକ୍ଷରୁ କୁହାଯାଇଛି। ୱାର୍ଡ ନଂ. ୧୧ର କୃଷକବଜାର ପାଠାଗାର, ୱାର୍ଡ ନଂ. ୩ ତିଲକାନଗର ପାଠାଗାର ଓ ଧବଳେଶ୍ୱର ଗଡ଼ା ପାଠାଗାର, ୱାର୍ଡ ନଂ. ୪୮ରେ ନିମପୁର ପାଠାଗାର ଓ ଲକ୍ଷ୍ମଣପୁର ପାଠାଗାର ଏବଂ ୪୯ ନଂ. ୱାର୍ଡରେ ତରୋଳ ଆଦିବାସୀ ସାହି ପାଠାଗାର ଏକ ସମୟରେ କାର୍ଯ୍ୟକ୍ଷମ ହୋଇଛି। ବିଭିନ୍ନ ବସ୍ତିରେ ଥିବା ଏହି ସ୍ମାର୍ଟ ଲାଇବ୍ରେରିଗୁଡ଼ିକରେ ୨୦ ଜଣ ବସି ପଢ଼ିବା ପାଇଁ ସୁବିଧା ରହିଛି। ଛୋଟ ପିଲାଙ୍କ ପାଇଁ ଅନେକ ପ୍ରକାର କାହାଣୀ ପୁସ୍ତକ, ମହିଳାଙ୍କ ନିମନ୍ତେ ଦକ୍ଷତାବୃଦ୍ଧି ସମ୍ପର୍କିତ ବହି ଓ ଛାତ୍ରୀଛାତ୍ରଙ୍କ ପାଇଁ ବିଭିନ୍ନ ପ୍ରତିଯୋଗିତାମୂଳକ ପୁସ୍ତକ ଏହି ପାଠାଗାରରେ ରହିଛି। ବିଶେଷକରି ଭାଷା ଓ ସାହିତ୍ୟକୁ ଅଧିକ ଦୃଢ଼ୀଭୂତ କରିବା ଲାଗି ପୂର୍ଣ୍ଣଚନ୍ଦ୍ର ଓଡ଼ିଆ ଭାଷାକୋଷ ସହ ବିଶିଷ୍ଟ ସାହିତ୍ୟିକମାନଙ୍କ ଦ୍ୱାରା ଲିଖିତ ପ୍ରବନ୍ଧ ଓ ଉପନ୍ୟାସ ସ୍ଥାନ ପାଇଛି। ପାଠାଗାରଗୁଡ଼ିକରେ ସୋଲାର ଲାଇଟ୍ ବ୍ୟବସ୍ଥା କରାଯାଇଛି। ଏଗୁଡ଼ିକର ରକ୍ଷଣାବେକ୍ଷଣ ନିମନ୍ତେ ସ୍ୱୟଂ ସହାୟକ ଗୋଷ୍ଠୀଗୁଡ଼ିକୁ ନିୟୋଜିତ କରାଯାଇଛି। ସିଏମ୍‌ସି ମେୟର ସୁବାସ ସିଂ, ଡେପୁଟି ମେୟର ଦମୟନ୍ତୀ ମାଝି, ବିଧାୟକ ସୌଭିକ୍ ବିଶ୍ୱାଳ, ସିଏମ୍‌ସି କମିଶନର ନିଖିଲ ପଓନ କଲ୍ୟାଣ ପ୍ରମୁଖ ଉଦ୍‌ଘାଟନ ଉତ୍ସବରେ ଯୋଗଦେଇଥିଲେ। ପ୍ରଥମଥର ପାଇଁ କଟକ ସହରର ବସ୍ତି ଅଞ୍ଚଳରେ ଏଭଳି ପଦକ୍ଷେପ ନିଆଯାଇଛି। ବିଶେଷକରି ଉକ୍ତ ଅଞ୍ଚଳର ଲୋକମାନଙ୍କ ଜ୍ଞାନର ବିକାଶ ପାଇଁ ଏହା ଯଥେଷ୍ଟ ସହାୟକ ହେବ ବୋଲି ମେୟର କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ କମିଶନର ସୋନା ଟୁଡୁ, ଡେପୁଟି କମିଶନର ଶ୍ୱେତପଦ୍ମା ଡି. ଶତପଥୀ, ଡେପୁଟି କମିଶନର ସୁକାନ୍ତ କୁମାର ବେଉରା, ଷ୍ଟାଣ୍ଡିଂ କମିଟି ଅଧ୍ୟକ୍ଷା ମୋନାଲିସା ଦାସ, କର୍ପୋରେଟର ରୀତାଞ୍ଜଳି ବେହେରା, ନଳିନୀ ବେହେରା, ସହକାରୀ ଯନ୍ତ୍ରୀ ଧିରେନ୍ଦ୍ର ପ୍ରଧାନ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟ, ସିଏମ୍‌ସି ଦ୍ୱାରା ବସ୍ତିଗୁଡ଼ିକର ଉନ୍ନତିକରଣ କରାଯାଇ ବିଜୁ ଆଦର୍ଶ କଲୋନୀରେ ପରିଣତ କରାଯାଇଛି। ବସ୍ତିବାସିନ୍ଦାଙ୍କ ଶିକ୍ଷା ଓ ଦକ୍ଷତା ବୃଦ୍ଧି ପାଇଁ ବସ୍ତିରେ ସ୍ମାର୍ଟ ପାଠାଗାର ନିର୍ମାଣ କରିବାକୁ ନିଷ୍ପତ୍ତି ନିଆଯାଇଥିଲା। ପ୍ରଥମ ପର୍ଯ୍ୟାୟରେ ୮ଟି ପାଠାଗାରର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଏବେ ୬ଟି ପାଠାଗାରକୁ ଉଦ୍‌ଘାଟନ ହେବାପରେ ମୋଟ ୧୪ଟି ପାଠାଗାର ବସ୍ତିବାସିନ୍ଦାଙ୍କ ନିମନ୍ତେ ଉତ୍ସର୍ଗ କରାଯାଇଛି। ପାଠାଗାର ପ୍ରତି ୭୩ ଲକ୍ଷ ଟଙ୍କା ଖର୍ଚ୍ଚ କରାଯାଇଥିବା ସିଟି ଇଞ୍ଜିନିୟର ଅତନୁ ସାମନ୍ତ ସୂଚନା ଦେଇଛନ୍ତି।

# ବଡ଼ଠାକୁରଙ୍କ ପାଇଁ ଶ୍ରଦ୍ଧାର ନୈବେଦ୍ୟ ଅର୍ପଣ

## ପଞ୍ଚମ ଦିନରେ ଅର୍ପଣ ରଥ ପରିକ୍ରମା

କଟକ/ଆଠଗଡ଼/ନିଶ୍ଚିନ୍ତକୋଇଲି, ୧୨।୧ (କାର୍ତ୍ତିକ ସାହୁ/ ସତ୍ୟ ପ୍ରସାଦ ରଥ/ ଅଶୋକ କୁମାର ମହାପାତ୍ର)

କଟକ ଜିଲାରେ ଜୟ ଜଗନ୍ନାଥ ଅର୍ପଣ ରଥ ପରିକ୍ରମାର ଶୁକ୍ରବାର ପଞ୍ଚମ ଦିନରେ ଶ୍ରଦ୍ଧାଳୁଙ୍କ ମଧ୍ୟରେ ବେଶ୍ ଉତ୍ସୁକତା ଦେଖାଦେଇଛି। ଭାବ ଭକ୍ତିର ପରିବେଶ ମଧ୍ୟରେ ବଡ଼ଠାକୁରଙ୍କ ପାଇଁ ଶ୍ରଦ୍ଧାର ନୈବେଦ୍ୟ ଅର୍ପଣ ପୂର୍ବକ ରଥକୁ ହୁଳହୁଳି ଓ ଶଙ୍ଖଧ୍ୱନି ସହ ଭବ୍ୟ ସ୍ୱାଗତ କରାଯାଉଛି। ଘରକୁ ଘର ବୁଲି ଗୁଆ ଓ ଚାଉଳ ସଂଗ୍ରହ କରାଯାଉଛି। ଝୋଟି, ଚିତା ଓ ପୂର୍ଣ୍ଣକୁମ୍ଭ ବସାଇ ଗ୍ରାମବାସୀ ଗାଁଦାଣ୍ଡକୁ ସୁସଜ୍ଜିତ କରିଛନ୍ତି। କଟକ ମହାନଗର ନିଗମର ବିଭିନ୍ନ ୱାର୍ଡରେ ରଥ ପରିକ୍ରମାବେଳେ ଅତ୍ୟନ୍ତ ଆନନ୍ଦ ଉଲ୍ଲାସ ପରିଲକ୍ଷିତ ହୋଇଛି। ପୂର୍ବତନ ବିଧାୟକ ଦେବାଶିଷ ସାମନ୍ତରାୟଙ୍କ ନେତୃତ୍ୱରେ ସାଆନ୍ତସାହି, ହରିପୁର ଅଞ୍ଚଳରେ ରଥ ପରିକ୍ରମା କରିଛି। ମହିଳାମାନେ ମଥାରେ ଜୟ ଜଗନ୍ନାଥ ପଟି ଲଗାଇ ଶୋଭାଯାତ୍ରାରେ ସାମିଲ ହୋଇଛନ୍ତି। ଆଠଗଡ଼ ବ୍ଲକର କଣ୍ଡରେଇ, ଘଣ୍ଟିଖାଲ, ମହାକାଳବସ୍ତ, କୁଲାଇଲୋ, ଦୋରଡ଼ ଆଦି ପଞ୍ଚାୟତରେ ଶୁକ୍ରବାର ରଥ ପରିକ୍ରମା କରିଛି। କଣ୍ଡରେଇଠାରେ ସରପଞ୍ଚ ଜ୍ଞାନରଞ୍ଜନ ଦାଶ, ଜିଲା ପରିଷଦ ସଭ୍ୟା ମିନତୀ ଗାଗରାଇ ପ୍ରମୁଖ ଯୋଗଦାନ କରିଥିଲେ। ନିଶ୍ଚିନ୍ତକୋଇଲି ବ୍ଲକ ନତକାଇ ପଞ୍ଚାୟତର ଶକ୍ତିଶ୍ୱର ପୀଠ ନିକଟରୁ ଅର୍ପଣ ରଥ ବାହାରିଥିଲା। ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଅଶୋକ ଓଝା, ସରପଞ୍ଚ ଜୟଦେବ ରାଉତ, ସନ୍ତୋଷ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।


ବଡ଼ମ୍ବାସ୍ଥିତ ଶଙ୍ଖାମେରୀ ପଞ୍ଚାୟତରେ ଶ୍ରୀଜଗନ୍ନାଥ ଅର୍ପଣ ରଥକୁ ସଂକୀର୍ତ୍ତନ ଜରିଆରେ ସ୍ୱାଗତ କରାଯାଉଛି।

# ଟି-ବ୍ରିଜ୍‌ରେ ୨ ଦିନ ଗାଡ଼ି ଚଳାଚଳ ବନ୍ଦ

## ମକର ମେଳା ପାଇଁ ପ୍ରଶାସନର କଟକଣା

ବଡ଼ମ୍ବା, ୧୨।୧ (ମାୟାଧର ମଲ୍ଲିକ)



କଟକ ଜିଲା ବଡ଼ମ୍ବା ସିଂହନାଥ ପୀଠରେ ମକର ମେଳାପାଇଁ ପ୍ରଶାସନ ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ପ୍ରଭୁ ସିଂହନାଥ ଦେବଙ୍କ ମକର ମେଳା ଆସନ୍ତା ୧୫,୧୬ ଓ ୧୭ ତିନି ବ୍ୟାପି ଅନୁଷ୍ଠିତ ହେବ। ଏହି ମେଳା ପାଇଁ ଅନେକ ଶ୍ରଦ୍ଧାଳୁ ପୀଠକୁ ଚାଲିଚାଲି ଆସିଥାନ୍ତି। ବିଶେଷ କରି ଶ୍ରଦ୍ଧାଳୁମାନେ ଟି-ବ୍ରିଜରେ ଚାଲିଚାଲି ଆସିଥାଆନ୍ତି। ଚଳିତ ବର୍ଷ ଉକ୍ତ ଯାତ୍ରାରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ଼ ହେବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରୁ ପ୍ରଶାସନ ତରଫରୁ କଟକଣା ଜାରି କରାଯାଇଛି। ଏନେଇ ପ୍ରଶାସନ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଅନୁଯାୟୀ ୨ ଦିନ ପାଇଁ ଅର୍ଥାତ ଆସନ୍ତା ୧୫ ସକାଳ ୬ଟାରୁ ୧୭ ତାରିଖ ସକାଳ ୬ଟା ପର୍ଯ୍ୟନ୍ତ ବଡ଼ମ୍ବା ଟି-ବ୍ରିଜରେ ଗାଡ଼ି ଚଳାଚଳ ବନ୍ଦ କରାଯାଇଛି। ସୂଚନାଯୋଗ୍ୟ, ଗତ ମକର ମେଳାରେ ଟି - ବ୍ରିଜରେ ପ୍ରବଳ ଜନ ଗହଳି ଯୋଗୁଁ ଦଳାଚକଟା ହୋଇଥିଲା। ଏଥିରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଥିବାବେଳେ ୧୦ ଜଣ ଆହତ ହୋଇଥିଲେ।

### ଧାନ ମଣ୍ଡି ଶୁଭାରମ୍ଭ

ଟିଗିରିଆ, ୧୨।୧ (ଜାଫର ଖାଁ)

ଟିଗିରିଆ ବ୍ଲକ ଅନ୍ତର୍ଗତ ଗଦାଧରପୁରସ୍ଥିତ ଗଦାଧରପୁର ସେବା ସମବାୟ ସମିତିରେ ଚାଷୀଙ୍କ ଠାରୁ ଧାନ କ୍ରୟ ପାଇଁ ମଣ୍ଡି ଶୁଭାରମ୍ଭ ହୋଇଛି। ମୁଖ୍ୟ ଅତିଥିଭାବେ ସମିତି ସଭାନେତ୍ରୀ ଉଷାରାଣି ସ୍ୱାଇଁ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ପ୍ରଥମ ଦିନରେ ୧୬ ଜଣ ଚାଷୀଙ୍କଠାରୁ ମିଲର ୩୮୪ କୁଇଣ୍ଟାଲ ଧାନ କ୍ରୟ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ଶାନ୍ତନୁ ଖଟୁଆ,ରବୀନ୍ଦ୍ର ରାଉତ, ଓପେଲଫେଡ଼ ରାଜ୍ୟ ସଭାପତି ଭୋଳେଶ୍ୱର ସଓ୍ୱାଇଁ, ବୈକୁଣ୍ଠ ବିହାରୀ ସ୍ୱାଇଁ, ବିପିନ ଖଟୁଆ,ଭ୍ରମରବର ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

### ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟ, ଫାଇନାଲରେ ନୂଆପାଟଣା

ମାଣିଆବନ୍ଧ, ୧୨।୧ (ଅଖିଳ କୁମାର ସାହୁ)

ବଡ଼ମ୍ବା ବ୍ଲକ ଅନ୍ତର୍ଗତ ମାଣିଆବନ୍ଧ କ୍ଲବ ଅଫ ଗେମ୍ସ ଆଣ୍ଡ ସ୍ପୋର୍ଟ୍ସ ଆନୁକୂଲ୍ୟରେ ଚାଲିଥିବା ଗ୍ରାମାଞ୍ଚଳ କ୍ରିକେଟ ଟୁର୍ନାମେଣ୍ଟର ଦ୍ୱିତୀୟ ସେମି ଫାଇନାଲ ମ୍ୟାଚ ଶୁକ୍ରବାର ଡମଣଗାଡ଼ିଆ ଓ ନୂଆପାଟଣା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଡମଣଗାଡ଼ିଆ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୨୫୦ ରନ ସଂଗ୍ରହ କରିଥିଲେ। ଜବାବରେ ନୂଆପାଟଣା ୧୯.୫ ଓଭରରେ ୭ ଉଇକେଟ ହରାଇ ବିଜୟୀ ହୋଇଥିଲେ। ବିଜେତା ଦଳ ତରଫରୁ କାକୁନ ବାରିକ ୯୮ ରନ କରି ଶ୍ରେଷ୍ଠ ଖେଳାଳି ଭାବେ ବିବେଚିତ ହୋଇଥିଲେ। ବିବେକ ପରିଡା ଓ ସୁବ୍ରତ ଚୌଧୁରୀ ମ୍ୟାଚ ପରିଚାଳନା କରିଥିଲେ। ଅନୁଷ୍ଠାନ ସମ୍ପାଦକ ଶିବ ନାରାୟଣ ମିଶ୍ର, କୋଷାଧ୍ୟକ୍ଷ ପ୍ରବିତ୍ର ପ୍ରଧାନ ଓ ସମସ୍ତ କର୍ମକର୍ତ୍ତା ଏଥିରେ ସହଯୋଗ କରିଥିଲେ।

# ନନ୍ଦନକାନନରେ କୁଜି ହରିଣ ମୃତ

ବାରଙ୍ଗ, ୧୨।୧ (ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୯ନଂ. ଏନ୍‌କ୍ଲୋଜରରେ ରହୁଥିବା ୫ ବର୍ଷର ଏକ ଅଣ୍ଡିରା କୁଜି ହରିଣର ଶୁକ୍ରବାର ମୃତ୍ୟୁ ଘଟିଛି। ଏନ୍‌କ୍ଲୋଜରରେ ଏହି ହରିଣଟି ବିଚରଣ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଏହାପରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଡାକ୍ତରଙ୍କୁ ଅବଗତ କରାଇଥିଲେ। ଖବରପାଇ ଡାକ୍ତରମାନେ ପହଞ୍ଚି କୁଜି ହରିଣର ଚିକିତ୍ସା କରିଥିଲେ। ତେବେ ସାଲାଇନ୍ ଲଗାଇବାର କିଛି ସମୟ ପରେ ହରିଣଟିର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

# ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକୋତ୍ସବ


ଅତିଥିମାନେ ଦୁଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରୁଛନ୍ତି।

ଟିଗିରିଆ, ୧୨।୧ (ଜାଫର ଖାଁ)

ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅନ୍ତର୍ଗତ ପୋପରା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ବ୍ଲକ ଶିକ୍ଷା ଅଧିକାରୀ ପ୍ରିୟରଞ୍ଜନ ହୋତା ସଭାପତିତ୍ୱ କରିଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶୋକ କୁମାର ସ୍ୱାଇଁ ସ୍ୱାଗତ ଭାଷଣ ଦେବା ସହ ବାର୍ଷିକ ବିବରଣୀ ପାଠ କରିଥିଲେ। ମୁଖ୍ୟଅତିଥିଭାବେ ଟିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଯୋଗଦେଇ ରାଜ୍ୟ ସରକାର ରାଜ୍ୟରେ ଥିବା ଅନୁସୂଚିତ ଜନଜାତି, ଓ ଜାତିର ଛାତ୍ରୀ, ଛାତ୍ରଙ୍କ ପାଠପଢ଼ା ସହିତ ରହିବା ଖାଇବାର ବ୍ୟବସ୍ଥା ଉପରେ ବକ୍ତବ୍ୟ ରଖିଥିଲେ। ମୁଖ୍ୟ ବକ୍ତାଭାବେ ଜିଲାପରିଷଦ ସଭ୍ୟ ସଞ୍ଜୟ ମଲ୍ଲିକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥିଭାବେ ସାଧନ କେନ୍ଦ୍ର ସଂଯୋଜକ ଚନ୍ଦ୍ରକାନ୍ତ ମିଶ୍ର, ସାମାଜିକ କର୍ମୀ ରଘୁନାଥ ଦାଶ,ପାଞ୍ଚଗାଁ ସରପଞ୍ଚ ନିରଞ୍ଜନ ଦଳେଇ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଜ୍ଞାନରଞ୍ଜନ ବଡ଼ଜେନା, ଟିଗିରିଆ ବ୍ଲକ ସହକାରୀ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଯାଜ୍ଞସେନି ଗୋଚ୍ଛାୟତ, ସହକାରୀ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ହେମନ୍ତ କୁମାର ଜେନା ଓ ଜିଲା ପରିଷଦ ସଭ୍ୟା ସସ୍ମିତା ରାଉତ ପ୍ରମୁଖ ଯୋଗଦେଇ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ପରେ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ତପସ୍ୱିନୀ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଫାଇନାଲରେ ଡମଣଗାଡ଼ିଆ କ୍ରିକେଟ ଟିମ୍



ବଡ଼ମ୍ବା, ୧୨।୧ (ମାୟାଧର ମଲ୍ଲିକ)

**କ୍ରିକେଟ ଟୁର୍ନାମେଣ୍ଟ**

ବ୍ରାହ୍ମଣିଦେଇ କ୍ରିକେଟ କ୍ଲବ ଜାନିସାହି ଦ୍ୱାରା ଆୟୋଜିତ ରାଜ୍ୟସ୍ତରୀୟ ସୁଲୋଚନା ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟର ଶୁକ୍ରବାର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବଡ଼ମ୍ବା ଡମଣଗାଡ଼ିଆ କ୍ରିକେଟ ଟିମ୍ ଓ ବେଲିଆପାଳ କ୍ରିକେଟ ଟିମ୍ ମଧ୍ୟରେ ମ୍ୟାଚ ହୋଇଥିଲା। ଟସ୍ ଜିତି ଡମଣଗାଡ଼ିଆ କ୍ରିକେଟ ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୫ ଉଇକେଟ୍ ହରାଇ ୨୫୪ ରନ ସଂଗ୍ରହ କରିଥିଲା। ଜବାବରେ ବେଲିଆପାଳ କ୍ରିକେଟ ଟିମ ୧୬ ଓଭର ୨ବଲ ରେ ସମସ୍ତ ଉଇକେଟ୍ ହରାଇ ୧୩୮ ରନ ସଂଗ୍ରହ କରିଛି । ଫଳରେ ଡମଣଗାଡ଼ିଆ କ୍ରିକେଟ ଟିମ୍ ୧୧୬ ରନରେ ବିଜୟୀ ହୋଇ ଫାଇନାଲରେ ପ୍ରବେଶ କରିଛି। ବିଜେତା ଟିମ୍‌ର ଅଭିଶେକ ପଟ୍ଟନାୟକ ୯୧ ରନ କରି ମ୍ୟାନ ଅଫ୍ ଦି ମ୍ୟାଚ ହୋଇଥିଲେ। କରଡ଼ିବନ୍ଧ ଗ୍ରାମ ପଞ୍ଚାୟତର ସରପଞ୍ଚଙ୍କ ପ୍ରତିନିଧି ତଥା ବଡ଼ମ୍ବା ଯୁବ ବିଜେଡି ଉପସଭାପତି ସନ୍ତୋଷ କୁମାର ମହାନ୍ତି ମୁଖ୍ୟ ଅତିଥି ଭାବେଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅମ୍ପାୟର ଶ୍ରୀକାନ୍ତ ପଣ୍ଡା ଓ ସାଗର ଗୋଛି ଖେଳ ପରିଚାଳନା କରିଥିଲେ।

# ଦୁର୍ନୀତି ଅଭିଯୋଗରେ ବ୍ଲକ କାର୍ଯ୍ୟାଳୟ ଘେରାଉ

ବଡ଼ମ୍ବା, ୧୨।୧ (ମାୟାଧର ମଲ୍ଲିକ)

ରାଜ୍ୟରେ ବିଭିନ୍ନ ଦୁର୍ନୀତି ହେଉଥିବା ଅଭିଯୋଗ କରି ଭାରତୀୟ ଜନତା ପାର୍ଟି ତରଫରୁ ଶନିବାର ବ୍ଲକ କାର୍ଯ୍ୟାଳୟ ଘେରାଓ କରାଯାଇଥିଲା। ଭାଜପା ନେତା ସମ୍ବିତ ତ୍ରିପାଠୀ ଏହାର ନେତୃତ୍ୱ ନେଇଥିଲେ। ଏହି ଅବସରରେ ବଡ଼ମ୍ବା ଗାନ୍ଧୀଛକସ୍ଥିତ ଟେନିସ ପଡ଼ିଆରୁ ଏକ ଶୋଭାଯାତ୍ରା ବାହାରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଉକ୍ତ ଶୋଭାଯାତ୍ରାରେ ରାଜ୍ୟ ସରକାର ତଥା ବ୍ଲକ ପ୍ରଶାସନର ବିଭିନ୍ନ ଦୁର୍ନୀତି ତଥା ସମସ୍ୟା ବିରୋଧରେ ସ୍ଲୋଗାନ ଦିଆଯାଇ ଥିଲା। ବିଶେଷ କରି ବୃହତ ପାନୀୟ ଜଳ ପ୍ରକଳ୍ପର ବିଫଳତା, ଖାଦ୍ୟ ସୁରକ୍ଷା ଯୋଜନାରେ ଦୁର୍ନୀତି, ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ଅଭାବ, ପ୍ରଧାନ ମନ୍ତ୍ରୀ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ପକ୍ଷପାତିତା ହେଉଥିବା ନେଇ ଅଭିଯୋଗ କରାଯାଇଥିଲା। ଏହି ଶୋଭାଯାତ୍ରା ତଥା ବ୍ଲକ ଘେରାଓ କାର୍ଯ୍ୟକ୍ରମରେ ବରିଷ୍ଠ ନେତା ସୂର୍ଯ୍ୟ କିଶୋର ମହାନ୍ତି, ସରୋଜ ରଣା, ଚିତ୍ତ ରଞ୍ଜନ ମିଶ୍ର, ନିରଞ୍ଜନ ଶତପଥୀ, ଆନନ୍ଦ ଜେଠୀ , ଦିଲୀପ ପଣ୍ଡା, ସୁବାସ ସାମଲ, ସସ୍ମିତା ସାମଲଙ୍କ ସମେତ ବହୁ ଦଳୀୟ କର୍ମୀ ସାମିଲ ହୋଇଥିଲେ। ଶେଷରେ ସମ୍ବିତ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ବିଡିଓ ରମେଶ କୁମାର ଜେନାଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ।


ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ପାଇଁ ଭାଜପା କର୍ମୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।

# ବିବେକାନନ୍ଦଙ୍କ ଆଦର୍ଶରେ ଯୁବପିଢ଼ି ଅନୁପ୍ରାଣିତ ହୁଅନ୍ତୁ

ବାଙ୍କୀ/ ନରସିଂହପୁର, ୧୨।୧ (ଜ୍ଞାନେନ୍ଦ୍ର ମୋହନ ମିଶ୍ର/ ନିରଞ୍ଜନ ଦେବକୁମାର)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଯୁବରେଡ୍‌କ୍ରସ ସଂସ୍ଥା ଆନୁକୂଲ୍ୟରେ ଜାତୀୟ ଯୁବଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଯୁବରେଡ୍‌କ୍ରସ ସଂସ୍ଥାର କାଉନସିଲର ଅଧାପିକା ସରସ୍ୱତୀ ଦେଉରୀ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ କଲେଜ ପରିଚାଳନା କମିଟି ସଦସ୍ୟ ସମରେନ୍ଦ୍ର ମହାପାତ୍ର ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶ ଓ ଧର୍ମ ନୀତି ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଯୋଗଦେଇ ବିବେକାନନ୍ଦ ଚିକାଗୋ ଧର୍ମ ସମ୍ମିଳନୀରେ ଭାରତର ସନାତନ ଧର୍ମ ଉପରେ ବହୁ ମୂଲ୍ୟବାନ ତଥ୍ୟ ଉପସ୍ଥାପନ କରିଥିଲେ। ଏହା ସାରା ବିଶ୍ୱରେ ଶାନ୍ତି ପ୍ରତିଷ୍ଠାରେ ସହାୟକ ହୋଇପାରିବ ବୋଲି କହିଥିଲେ। ଏନେଇ ତାଙ୍କ ଆଦର୍ଶରେ ଯୁବପିଢ଼ୀ ଅନୁପ୍ରାଣିତ ହୁଅନ୍ତୁ ବୋଲି କହିଥିଲେ। ଏହି ଅବସରରେ ଅତିଥିମାନଙ୍କୁ



ବାଙ୍କୀ ବିବେକାନନ୍ଦ ପବ୍ଲିକ ସ୍କୁଲ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

ରେଡ୍‌କ୍ରସ ସଂସ୍ଥା ତରଫରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯ ସେହିପରି ସ୍ୱାମୀ ବିବେକାନନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ନରସିଂହପୁର ସରଧାପୁର ଗ୍ରାମସ୍ଥିତ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଷଷ୍ଠତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବରିଷ୍ଠ ସାମାଜିକ କର୍ମୀ ପ୍ରଭାକର ମିଶ୍ର ସ୍ୱତନ୍ତ୍ର ଅତିଥିଭାବେ ଯୋଗ ଦେଇ ସାମ୍ପ୍ରତିକ ଶିକ୍ଷା ବିଭାଗର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ମୁଖ୍ୟ ଅତିଥି ଭାବେ ଭାଜପା ରାଜ୍ୟକାରିଣୀ ସଭ୍ୟ ବିଜୟ କୁମାର ଦଳବେହେରା ଯୋଗଦେଇ ସ୍ୱାମୀ ବିବେକାନନ୍ଦଙ୍କ ନୀତି ଆଦର୍ଶ ଉପରେ ଆଲୋଚନା କରିଥିଲେ। ଅନ୍ୟତମ ଅତିଥି ଭାବେ କଟକ ଶ୍ରୀରାମ ଚନ୍ଦ୍ର ମେଡିକାଲର ସ୍ନାୟୁ ବିଭାଗ ଅତିରିକ୍ତ ପ୍ରଫେସର ଡାକ୍ତର ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସରଧାପୁର ପଞ୍ଚାୟତର ପୂର୍ବତନ ସରପଞ୍ଚ ବିରଞ୍ଚି ନାରାୟଣ ସାହୁ, ବିଦ୍ୟାଳୟର ପ୍ରତିଷ୍ଠାତା ମୁରଲୀଧର ବାରିକ ଯୋଗଦେଇ ପ୍ରାରମ୍ଭିକ ସୂଚନା ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଗୁରୁମା ପୂଜା ବାରିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ମାର୍ଗଦର୍ଶନ କରାଇଥିଲେ । ଏହି ଅବସରରେ ବିଦ୍ୟାଳୟର ପ୍ରତିଷ୍ଠାତା ଗୁରୁଜୀ ଗୁରୁମା ମାନଙ୍କୁ ସମ୍ବର୍ଦ୍ଧିତ କରାଯିବା ସହ ବିଭିନ୍ନ ବିଭାଗରେ ସଫଳତା ପାଇଥିବା କୃତି ଛାତ୍ରୀଛାତ୍ରମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହପରି ନରସିଂହପୁର ଯୁବ ସଂଗଠନ ତରଫରୁ ଏକ ମିନି ମାରାଥନ ଆୟୋଜିତ ହୋଇଯାଇଛି କମାଳାଦେଇପୁରସ୍ଥିତ ଜଗନ୍ନାଥ ମନ୍ଦିରରୁ ଏହା ଆରମ୍ଭ ହୋଇ ନରସିଂହପୁର କ୍ଲବ ପଡ଼ିଆ ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଅତିଥିଭାବେ ନରସିଂହପୁର ପଞ୍ଚାୟତ ସମିତି ଅଧ୍ୟକ୍ଷା ସସ୍ମିତା ଜେନା ଯୋଗ ଦେଇଥିବା ବେଳେ ସାମାଜିକ କର୍ମୀ ନିର୍ମଳ କୁମାର ଜେନା, ସରପଞ୍ଚ ଗୟାଧର ସାହୁ, ସାମାଜିକ କର୍ମୀ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ କୃତୀ ଯୁବତୀ ଯୁବକମାନଙ୍କୁ ପୁରସ୍କୃତ କରିଥିଲେ। ।ଇଥିଲା। ଯୁବ ରେଡ୍‌କ୍ରସ୍ କାଉନସିଲର ଅଧାପକ ନିରଞ୍ଜନ ଉପାଧ୍ୟାୟ ସ୍ୱାଗତ ଭାଷଣ ସହ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ବାଙ୍କୀ ବିବେକାନନ୍ଦ ପବ୍ଲିକ ସ୍କୁଲର ଛାତ୍ରୀଛାତ୍ରମାନେ ଏକ ଶୋଭାଯାତ୍ରରେ ବାଙ୍କୀ ଟାଉନ୍ ପରିକ୍ରମା କରି ବିବେକାନନ୍ଦଙ୍କ ବାଣୀ ସଂପର୍କରେ ଜନସାଧାରଣଙ୍କୁ ସଚେତନ କରାଇଥିଲେ।

## ସଂକ୍ଷେପରେ

### ଦକ୍ଷତା ବିକାଶ କାର୍ଯ୍ୟକ୍ରମ

ବୋଲଗଡ଼,୧୨।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଧଳାପଥର ପଞ୍ଚାୟତ ଅଧୀନ ଠଣାପଲ୍ଲୀ ଗ୍ରାମରେ ଜିଲା ହସ୍ତଶିଳ୍ପ ବିଭାଗ ଆନୁକୂଲ୍ୟରେ ଚାନ୍ଦୁଆ ହସ୍ତଶିଳ୍ପ କାରିଗର ପ୍ରଶିକ୍ଷଣ ଆରମ୍ଭ ହୋଇଛି। ଏଥିରେ ଗ୍ରାମର ୧୫ଜଣ ମହିଳା ଏହି ତାଲିମ ନେବା ପାଇଁ ମନୋନୀତ ହୋଇଛନ୍ତି। ଏଥିନିମନ୍ତେ ଆୟୋଜିତ ସଭାରେ ଠଣାପଲ୍ଲୀ ମିଳିତ ଯୁବକ ସଂଘର ସମ୍ପାଦକ ଭାଗୀରଥି ଦାଶଙ୍କ ସଭାପତିତ୍ୱରେ ହସ୍ତଶିଳ୍ପ ବିଭାଗର ଉପ ନିର୍ଦ୍ଦେଶକ ପ୍ରବୀଣା ନାୟକ ଅତିଥିଭାବେ ଯୋଗଦେଇଥିଲେ। ହସ୍ତଶିଳ୍ପ ବିଭାଗର କ୍ଷେତ୍ରୀୟ ଅଧିକାରୀ ରାଜ କିଶୋର ପରିଡ଼ା କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂର୍ଯ୍ୟକାନ୍ତ ପ୍ରଧାନ, ପୂର୍ଣ୍ଣଚନ୍ଦ୍ର ମୁଦୁଲି, ନବ ମହାପାତ୍ର, ପ୍ରଭାତ ମହାପାତ୍ର ପ୍ରମୁଖ ସହଯୋଗ କରିଥିଲେ। ଶେଷରେ ଲିପିକା ମହାପାତ୍ର ଧନ୍ୟବାଦ ଦେଇଥିଲେ।

### ମକରମେଳା ମହୋତ୍ସବ ପାଇଁ ପ୍ରସ୍ତୁତି

କୃଷ୍ଣପ୍ରସାଦ,୧୨।୧(କୈଳାସ ଚନ୍ଦ୍ର ପଟ୍ଟନାୟକ)

ଚିଲିକାର ଅଧିଷ୍ଠାତ୍ରୀ ତଥା ପାରିକୁଦର ଇଷ୍ଟଦେବୀ ମା'କାଳିଜାଈଙ୍କ ପୀଠରେ ଆସନ୍ତା ୧୫ ତାରିଖରେ ମକର ମେଳା ମହୋତ୍ସବ ଅନୁଷ୍ଠିତ ହେବ। ଏନେଇ ଏକ ବୈଠକ ପାରିକୁଦ ରାଜା ସାହେବ ସନ୍ତୋଷ ଚନ୍ଦ୍ର ଦେଓଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ବିଶେଷକରି ଶ୍ରଦ୍ଧାଳୁଙ୍କ ଶୃଙ୍ଖଳିତ ଦର୍ଶନ ଦିଗରେ ଆଲୋଚନା ହୋଇଥିଲା। ମା'ଙ୍କ ପୀଠରେ ଥିବା ଯୋଗେଶ୍ୱର ମହାଦେବ ମନ୍ଦିରର ପଞ୍ଚମ ବାର୍ଷିକ ଉତ୍ସବ ୧୩ତାରିଖରୁ ଦୁଇଦିନ ବ୍ୟାପୀ ପାଳନ ହେବା ନେଇ ନିଷ୍ପତ୍ତି ହୋଇଛି। ବୈଠକରେ କୃଷ୍ଣପ୍ରସାଦ ଥାନା ଆଇଆଇସି ବସନ୍ତ କୁମାର ସାହୁ, ପୂର୍ବତନ ଅଧ୍ୟକ୍ଷ ନୀଳକଣ୍ଠ ତ୍ରିପାଠୀ, ପୂର୍ବତନ ସରପଞ୍ଚ ରମେଶ ଚନ୍ଦ୍ର ସିଂହସାମନ୍ତ, ବିଜୟ କୁମାର ଜେନା, ପ୍ରଶାନ୍ତ କୁମାର ଜେନା, ବରିଷ୍ଠ କ୍ରୀଡ଼ା ଶିକ୍ଷକ ଦୁର୍ଯ୍ୟୋଧନ ନାୟକ, ସାମ୍ବାଦିକ ଦୁର୍ଗା ଚରଣ ସ୍ୱାଇଁ, ଶରତ ପଲେଇ ପ୍ରମୁଖ ଯୋଗଦେଇଥିଲେ। ପର୍ଯ୍ୟଟନ ଋତୁ ଚାଲିଥିବାରୁ ମା'ଙ୍କ ପୀଠରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି ବୋଲି ଆଇଆଇସି ସାହୁ କହିଛନ୍ତି।

### କ୍ରିକେଟ: ଚମ୍ପାଗଡ଼ କ୍ଲବ ବିଜୟୀ

ଟାଙ୍ଗୀ,୧୨।୧(ରଘୁନାଥ ସାହୁ)

ମଙ୍ଗଳାଯୋଡ଼ି ଯୁବକ ସଂଘ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟର ପ୍ରଥମ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଚମ୍ପାଗଡ଼ କ୍ରିକେଟ କ୍ଲବ ଓ ଭୋବରା କ୍ଲବ ମଧ୍ୟରେ ହୋଇଥିଲା। ଟସ୍ ଜିତି ଚମ୍ପାଗଡ଼ କ୍ଲବ ନିର୍ଦ୍ଧାରିତ ୧୦ ଓଭରରେ ୮ ଉଇକେଟ ବିନିମୟରେ ୭୦ ରନ୍ ସଂଗ୍ରହ କରିଥିଲା। ଜବାବରେ ଭୋବରା କ୍ଲବ ସମସ୍ତ ଉଇକେଟ ହରାଇ ୪୬ ରନ୍ ସଂଗ୍ରହ କରିଥିଲା। ଫଳରେ ଚମ୍ପାଗଡ଼ କ୍ଲବ ବିଜୟୀ ହେବା ସହିତ ଫାଇନାଲରେ ପ୍ରବେଶ କରିଛି। ଅତିଥିଭାବେ ରଶ୍ମିରଞ୍ଜନ ମହାପାତ୍ର, ପ୍ରଭାତ ଦାଶ, ଶିବ ମାଝି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚମ୍ପାଗଡ଼ କ୍ଲବର ଶିବୁନା ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆୟୋଜକ ଯୁବକ ସଂଘର ସଦସ୍ୟମାନେ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

# ୨୯ ନଂ. ୱାର୍ଡ କର୍ପୋରେଟର ଗିରଫ

ଭୁବନେଶ୍ୱର,୧୨।୧(ସତ୍ୟଜିତ୍ ରାଉତ)

ରାସ୍ତା କାମରେ ବାଧା ଦେବା ସହ ମହିଳା ଏଏସ୍ଆଇଙ୍କୁ ଧକ୍କା ମାରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ଭୁବନେଶ୍ୱର ମହାନଗର ନିଗମ ଅଧିନ ୨୯ ନଂ. ୱାର୍ଡର କର୍ପୋରେଟରଙ୍କୁ ଶୁକ୍ରବାର ଗିରଫ କରିଛି। ସେ ହେଲେ ଶହୀଦନଗର ଥାନା ଅନ୍ତର୍ଗତ ୟୁନିଟ-୯ ଭୋଇନଗରର ଅପରୂପ ନାରାୟଣ ରାଉତ ଓରଫ ଜୀବନ (୨୯)। ତାଙ୍କଠାରୁ ପୋଲିସ ଏକ କାର୍ ଜବତ କରିଛି। ଅଭିଯୁକ୍ତ ଜୀବନଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ମହିଳା ଏଏସ୍ଆଇ ଅଞ୍ଜନା ବରାଳଙ୍କ ଏତଲା ଆଧାରରେ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଗୁରୁବାର ରାତିରେ ହାଇଟେକ୍ ଛକ ନିକଟ ୧୬ ନଂ. ଜାତୀୟ

**ରାସ୍ତା କାମରେ ବାଧା, ମହିଳା ଏଏସ୍ଆଇଙ୍କୁ ଧକ୍କା ଘଟଣା**


ଅପରୂପ ନାରାୟଣ ରାଉତ

ରାଜପଥର ମରାମତି କାମ ଚାଲୁଥିଲା। ଏହି ସମୟରେ ଅଭିଯୁକ୍ତ ଜୀବନ ସହଯୋଗୀଙ୍କ ସହ ସେଠାରେ ପହଞ୍ଚି ଶ୍ରମିକମାନଙ୍କୁ ଗାଳିଗୁଲଜ କରବା ସହ ରାସ୍ତା କାମରେ ବାଧା ଦେଇଥିବା ଥାନାକୁ ଖବର ମିଳିଥିଲା। ପେଟ୍ରୋଲିଂ ଟିମ୍ ସହ ଏଏସ୍ଆଇ ଅଞ୍ଜନା ଘଟଣାସ୍ଥଳକୁ ଯାଇଥିଲେ। ଜୀବନ ସେଠାରେ ଇଞ୍ଜିନିୟର, କଣ୍ଟ୍ରାକ୍ଟର ଓ ଶ୍ରମିକଙ୍କ ସମେତ ଏନ୍ଏଚ୍ ଅଧିକାରୀଙ୍କୁ ଗାଳିଗୁଲଜ କରୁଥିବା ଏଏସ୍ଆଇ ଅଞ୍ଜନା ଦେଖିବାକୁ ପାଇଥିଲେ। ଏହି ସମୟରେ ଅଞ୍ଜନା ତାଙ୍କ କର୍ତ୍ତବ୍ୟ ସମ୍ପାଦନା କରି ରାସ୍ତା କାମ ପୁନଃ ଚାଲୁରଖିବାକୁ ଚେଷ୍ଟା କରୁଥିବାବେଳେ ଜୀବନ ତାଙ୍କୁ ଗାଳିଗୁଲଜ କରିଥିଲେ। ଏଥିସହ ଅଞ୍ଜନାଙ୍କୁ ଧକ୍କା ଦେଇ ସର୍ବସାଧାରଣରେ ଅସମ୍ମାନ କରିଥିଲେ। ସେଠାରେ ଜୀବନଙ୍କୁ ପୋଲିସ ଟିମ୍ କାବୁ କରି ଥାନାକୁ ଆଣିଥିଲା। ଅଞ୍ଜନାଙ୍କ ଏତଲା ଆଧାରରେ ଥାନା ପକ୍ଷରୁ ଏନେଇ ଏକ ମାମଲା (ନଂ.୯/୨୦୨୪) ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

### ନନ୍ଦନକାନନରେ କୁଜି ହରିଣ ମୃତ

ବାରଙ୍ଗ,୧୨।୧(ଲିଙ୍ଗରାଜ ରାଉତ)

ପ୍ରାଣୀ ଉଦ୍ୟାନ ନନ୍ଦନକାନନର ୬୯ନଂ. ଏନ୍‌କ୍ଲୋଜରରେ ରହୁଥିବା ୫ ବର୍ଷର ଏକ ଅଣ୍ଡିରା କୁଜି ହରିଣର ଶୁକ୍ରବାର ମୃତ୍ୟୁ ଘଟିଛି। ଏନ୍‌କ୍ଲୋଜରରେ ଏହି ହରିଣଟି ବିଚରଣ କରୁଥିବାବେଳେ ହଠାତ୍ ଅସୁସ୍ଥ ହୋଇପଡ଼ିଥିଲା। ଏହାପରେ ଦାୟିତ୍ୱରେ ଥିବା କର୍ମଚାରୀମାନେ ଡାକ୍ତରଙ୍କୁ ଅବଗତ କରାଇଥିଲେ। ଖବରପାଇ ଡାକ୍ତରମାନେ ପହଞ୍ଚି କୁଜି ହରିଣର ଚିକିତ୍ସା କରିଥିଲେ। ତେବେ ସାଲାଇନ୍ ଲଗାଇବାର କିଛି ସମୟ ପରେ ହରିଣଟିର ମୃତ୍ୟୁ ହୋଇଥିଲା। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁହାଯାଇଛି।

## ବ୍ଲକସ୍ତରୀୟ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର



କାର୍ଯ୍ୟକ୍ରମରେ ଉପସ୍ଥିତ ଅଧିକାରୀ ଏବଂ ଅନ୍ୟମାନେ।

ଖୋର୍ଦ୍ଧା(ପ୍ରଭାତ ପାଣିଗ୍ରାହୀ),୧୨।୧

ଖୋର୍ଦ୍ଧା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ କଳା ସଂସ୍କୃତି ସଂଘ ପକ୍ଷରୁ ସଂସାଧନ ସଭ୍ୟଙ୍କ ଏକଦିବସୀୟ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ବ୍ଲକର ୫୨ଟି ଲୋକକଳା ଦଳର ପ୍ରମୁଖ କଳାକାର ଅଂଶଗ୍ରହଣ କରିଥିଲେ। ସୂଚନା, ଶିକ୍ଷା ଓ ଯୋଗାଯୋଗ ଉପକ୍ରମରେ ଲୋକକଳାର ପ୍ରୟୋଗ ଉପରେ ଆଲୋଚନା କରାଯାଇଥିଲା। ଏହି ଅବସରରେ ବ୍ଲକରେ ଥିବା ସମସ୍ତ କଳାକାରଙ୍କ ସୁବିଧା, ଅସୁବିଧା ଓ ସରକାରଙ୍କ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାକୁ କିଭଳି ଲୋକକଳା ମାଧ୍ୟମରେ ପ୍ରଚାର କରାଯିବ, ତାହା ଉପରେ ଆଲୋଚନା କରାଯାଇଥିଲା। ଏହି ଶିବିରରେ ଖୋର୍ଦ୍ଧା ବ୍ଲକ ତଥା ଖୋର୍ଦ୍ଧା ଜିଲା ଲୋକ କଳା ସଂସ୍କୃତି ସଙ୍ଘର ଉପସଭାପତି କବିରାଜ ପ୍ରଧାନ, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଜ୍ୟୋତ୍ସ୍ନାମୟୀ ଆଚାର୍ଯ୍ୟ, ସଂସ୍କୃତି ଅଧିକାରୀ ଚୌଧୁରୀ ଅରବିନ୍ଦ ଦାସ, ଖୋର୍ଦ୍ଧା ବ୍ଲକ କଳାସଙ୍ଘ ସମ୍ପାଦକ ତଥା ସାମାଜିକ ସୁରକ୍ଷା ଅଧିକାରୀ ସନ୍ଦୀପ କୁମାର ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।



ଭୁବନେଶ୍ୱର ଉତ୍କଳ ରଙ୍ଗମଞ୍ଚଠାରେ ଶୁକ୍ରବାର ଆୟୋଜିତ କାର୍ଯ୍ୟକ୍ରମରେ କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟ।

### ଯୌନଶୋଷଣ, ନିରାକରଣ ନେଇ ଆଲୋଚନାଚକ୍ର

ଭୁବନେଶ୍ୱର,୧୨।୧(ଶର୍ମିଷ୍ଠା ପାଣିଗ୍ରାହୀ)

ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଆଇଡିପିର ପୋଷକତାରେ ଇଣ୍ଟରନାଲ କମ୍ପ୍ଲେନ କମିଟି ବିଭାଗ ତରଫରୁ 'ମହିଳା ଯୌନଶୋଷଣର ନିରାକରଣ ଏବଂ ପ୍ରତିକାର ପ୍ରତିବିଧାନ' ଉପରେ ଶୁକ୍ରବାର ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହାକୁ ଉଦଘାଟନ କରି ଯୌନଶୋଷଣ ଏବଂ ନିରାକରଣ ଉପରେ କହିଥିଲେ। ମୁଖ୍ୟ ଅତିଥି ଭାବେ ପୋଲିସ ନିଯୁକ୍ତି ବୋର୍ଡ଼ର ଅଧ୍ୟକ୍ଷା ବି. ରାଧିକା, ମୁଖ୍ୟବକ୍ତା ଭାବେ ଓପିଏସଡବ୍ଲ୍ୟୁଏର ପୂର୍ବତନ ସଭାପତି ସ୍ନେହା ମିଶ୍ର, ସମ୍ମାନିତ ଅତିଥି ଭାବେ ଓଡିଶା ହାଇକୋର୍ଟର ଓକିଲ ଦୀପାଳି ମହାପାତ୍ର, ଅନ୍ୟତମ ଅତିଥି ଭାବେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର ଚଣ୍ଡୀଚରଣ ରଥ ଓ କୁଳସଚିବ ଶ୍ୟାମଳୀ ମହାପାତ୍ର ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ଆବାହକ ପ୍ରଫେସର ଚନ୍ଦ୍ରଶ୍ରୀ ଲେଙ୍କା ସ୍ୱାଗତ ଭାଷଣ ଓ କଲ୍ୟାଣୀ ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ

ଟାଙ୍ଗୀ,୧୨।୧(ରଘୁନାଥ ସାହୁ)

ଚାନ୍ଦପୁର ଗୋପବନ୍ଧୁ ନଗରଠାରେ ଶୁକ୍ରବାର ସ୍ୱାମୀ ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ଅନାବରଣ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ରଣପୁର ବିଧାୟକ ସତ୍ୟ ନାରାୟଣ ପ୍ରଧାନ ଯୋଗଦେଇ ଦେଶର ବିକାଶରେ ଯୁବବର୍ଗଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଅତିଥିଭାବେ ନୟାଗଡ଼ ଜିଲା ପରିଷଦ ଅଧ୍ୟକ୍ଷ ଦେବାଶିଷ ପଟ୍ଟନାୟକ, ସ୍ଥାନୀୟ ସରପଞ୍ଚ ରଞ୍ଜିତା ସେନାପତି, ପୂର୍ବତନ ସରପଞ୍ଚ ଅଶୋକ ସାହୁ, ସମିତି ସଭ୍ୟା ଦୀପ୍ତିମୟୀ ବେହେରା, ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ଦଳବେହେରା ଯୋଗଦେଇଥିଲେ। ସରପଞ୍ଚଙ୍କ ଉଦ୍ୟମରେ ଶ୍ମଶାନ ସମ୍ମୁଖରେ



ବିବେକାନନ୍ଦଙ୍କ ପ୍ରତିମୂର୍ତ୍ତି ସ୍ଥାପିତ ହୋଇଥିବାରୁ ସମସ୍ତ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏହି କାର୍ଯ୍ୟକ୍ରମକୁ ଦୀପକ ସେନାପତି, ପ୍ରଦୀପ କୁମାର ସାହୁ ପରିଚାଳନା କରିଥିଲେ।

## ଶ୍ରୀଲିଙ୍ଗରାଜ ମନ୍ଦିର ଗର୍ଭଗୃହ ଚାନ୍ଦୁଆ ଜଳିଗଲା

ପୁରୁଣା ଭୁବନେଶ୍ୱର,୧୨।୧(ସୁବାସ ଚନ୍ଦ୍ର ପ୍ରଧାନ)

ଏକାମ୍ର କ୍ଷେତ୍ରର ଆରାଧ୍ୟ ପ୍ରଭୁ ଶ୍ରୀଲିଙ୍ଗରାଜଙ୍କ ମନ୍ଦିରରେ ଶୁକ୍ରବାର ଏକ ଅଘଟଣ ଘଟିଛି। ପୂର୍ବାହ୍ନ ୧୦ଟାରେ ଠାକୁରଙ୍କ ନୀତିକାନ୍ତି ଚାଲୁଥିବା ବେଳେ ଗର୍ଭଗୃହ ଶକ୍ତି ଉପରେ ଥିବା ଚାନ୍ଦୁଆରେ ନିଆଁ ଲାଗିଯାଇଥିଲା। ଏହାପରେ ସେଠାରେ ଉପସ୍ଥିତ କେତେଜଣ ସେବାୟତ ବଡ଼ ଅଘଟଣ ଘଟିବା ପୂର୍ବରୁ ନିଆଁକୁ ଲିଭାଇ ଦେଇଥିଲେ। ତେବେ ଚାନ୍ଦୁଆଟି ପୋଡ଼ିଯାଇଥିବା ସୂଚନା ମିଳିଛି। ତେବେ ଚାନ୍ଦୁଆରେ କିପରି ନିଆଁ ଲାଗିଲା ସିସିଟିଭି ଯାଞ୍ଚ କରାଗଲେ ସତ୍ୟତା ଜଣାପଡ଼ିବ ବୋଲି ଜଣେ ସେବାୟତ ନାମ ଗୋପନ ରଖି କହିଛନ୍ତି।

## ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟ: ଫାଇନାଲରେ ରଘୁନାଥ ସ୍ପୋର୍ଟ୍ସ କ୍ଲବ

ଟାଙ୍ଗୀ,୧୨।୧(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଛଣଗିରି ମା' ଭଗବତୀ ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ଭଗବତୀ ଫୁଟ୍‌ବଲ ଟୁର୍ନାମେଣ୍ଟର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍ ଶୁକ୍ରବାର ଟାଙ୍ଗୀ ରଘୁନାଥ ସ୍ପୋର୍ଟ୍ସ କ୍ଲବ ଓ ଯଦୁମଣି ସ୍ପୋର୍ଟ୍ସ କ୍ଲବ ଇଟାମାଟି ମଧ୍ୟରେ ହୋଇଥିଲା। ରଘୁନାଥ ସ୍ପୋର୍ଟ୍ସ କ୍ଲବ ଗୋଟିଏ ଗୋଲ ଦେଇଥିବା ବେଳେ ନିର୍ଦ୍ଧାରିତ ସମୟ ସୁଦ୍ଧା ଯଦୁମଣି ସ୍ପୋର୍ଟ୍ସ କ୍ଲବ କୌଣସି ଗୋଲ ଦେଇପାରି ନ ଥିଲା। ଫଳରେ ୧-୦ ଗୋଲରେ ଟାଙ୍ଗୀ ରଘୁନାଥ ସ୍ପୋର୍ଟ୍ସ କ୍ଲବ ବିଜୟୀ ହେବା ସହ ଫାଇନାଲରେ ପ୍ରବେଶ କରିଛି। ଶରତ କୁମାର ଛୋଟରାୟ, ସୁକାନ୍ତ କୁମାର ପ୍ରଧାନ, ଚିତ୍ତରଞ୍ଜନ ପରିଡ଼ା ଏବଂ ନୃସିଂହ ଚରଣ ମହାନ୍ତି ମ୍ୟାଚ୍ ପରିଚାଳନା କରିଥିଲେ। ଅତିଥିଭାବେ ସାମାଜିକ କର୍ମୀ ତଥା ବିଶିଷ୍ଟ ବ୍ୟବସାୟୀ ପୁଷ୍ପରଞ୍ଜନ ସାହୁ, ଶିକ୍ଷକ ନେତା ରମାକାନ୍ତ ମହାପାତ୍ର, ପୋଷ୍ଟମାଷ୍ଟର ଭାସ୍କର ବେହେରା, କ୍ଲବ ସଭାପତି ମାନସ ଦାସ, ସମ୍ପାଦକ ସୁଶାନ୍ତ ଗଜେନ୍ଦ୍ର, କୋଷାଧ୍ୟକ୍ଷ ଶେଖ୍ ଇସ୍ରାଏଲ, ବୀରେନ ମହାପାତ୍ର, ପତିତ ପାବନ ଜେନା, ରମେଶ ନାୟକ, ସୁକେଶ ପରିଡ଼ା, ପପି ପାଇକରାୟ, କାଳିଆ ମାଝି ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଅକ୍ଷୟ ଚୌହାନ, ଅଭିରାମ ପାତ୍ର, ଆନନ୍ଦ ଜେନା, ସଞ୍ଜୟ ବେହେରା, ଶେଖ୍ ଗୋଲାମ ରସୁଲ, ରମାକାନ୍ତ ପଟ୍ଟନାୟକ, କେଲୁ ଚରଣ ସେଠୀ, ପ୍ରଭାତ ପ୍ରହରାଜ, ସେକ୍ ଶକୁନ, ଟିମା ବେହେରା, ସତ୍ୟଜିତ୍ ଦାସ, ରବୀନ୍ଦ୍ର ସାହୁ, ବିଶ୍ୱନାଥ ପ୍ରଧାନ, ଯୋଗେନ୍ଦ୍ର ସାହୁ, ଭାସ୍କର ଭୋଇ ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଆସନ୍ତା ରବିବାର ଏହି ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍ ଭୁବନେଶ୍ୱର ସାନ୍ କ୍ଲବ ଓ ଟାଙ୍ଗୀ ରଘୁନାଥ ସ୍ପୋର୍ଟ୍ସ କ୍ଲବ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ଦିଆଯାଇଛି।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## 'ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହୁଅ'

ନିରାକାରପୁର/ ଗମ୍ଭାରୀମୁଣ୍ଡା,୧୨।୧
(ମାନସ ଚନ୍ଦ୍ର ପଟ୍ଟନାୟକ/ ଦିଲୀପ ସ୍ୱାଇଁ)

ଟାଙ୍ଗୀ ବ୍ଲକରେ ଥିବା ଆର୍ କେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଓ ଯୁବ ଦିବସ ପାଳିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଭୀମସେନ ପ୍ରଧାନ, ମୁଖ୍ୟ ବକ୍ତା ଖବରଦାତା ରାମ ନାରାୟଣ ଦାଶ, ସମ୍ମାନିତ ଅତିଥି ସାମାଜିକ କର୍ମୀ ଗୋଦାବରୀଶ ସାହୁ ପ୍ରମୁଖ ଯୋଗଦେଇ ଯୁବ ଦିବସର ତତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଶେଷରେ ଅଧ୍ୟାପକ ଶ୍ୟାମ ସୁନ୍ଦର ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ। କଲେଜର ସମସ୍ତ ଅଧ୍ୟାପିକା ଅଧ୍ୟାପକ, କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

ଗୋଦାବରୀଶ ମହାବିଦ୍ୟାଳୟରେ ଜାତୀୟ ଯୁବ ଦିବସ ଓ ସ୍ୱାମୀ ବିବେକାନନ୍ଦଙ୍କ ଜୟନ୍ତୀ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ।

ମହାବିଦ୍ୟାଳୟର ଅଧ୍ୟକ୍ଷ ବିନାୟକ ହୋତା ସଭାପତିତ୍ୱ କରିଥିବା ବେଳେ ହିଞ୍ଜିଳିକାଟୁ ବିଜ୍ଞାନ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ପାଣିଗ୍ରାହୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବିବେକାନନ୍ଦଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଯୁକ୍ତ ୨ର ଭାରପ୍ରାପ୍ତ ଅଧ୍ୟକ୍ଷ ଲକ୍ଷ୍ମୀ ପ୍ରସାଦ ମିଶ୍ର, ପ୍ରଶାସନ ଅଧିକାରୀ ଡ.ସୂର ପ୍ରତାପ ନରେନ୍ଦ୍ରସିଂ ବର୍ମା, ସହ ପ୍ରଶାସନିକ ଅଧିକାରୀ ଡ.ସୁଜାତା ମିଶ୍ର ଯୋଗଦେଇଥିଲେ। ଦର୍ଶନ ବିଭାଗର ଅଧ୍ୟାପିକା ଅନିତା ଦଳେଇ ସ୍ୱାଗତ ଭାଷଣ ଦେଇଥିବାବେଳେ ବିଭାଗୀୟ ମୁଖ୍ୟ ରାଧାକାନ୍ତ ରାଉତ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ହିଟଲର ବେହେରା ଧନ୍ୟବାଦ ଦେଇଥିଲେ। ସଭାରେ ମହାବିଦ୍ୟାଳୟର ବହୁ କର୍ମଚାରୀ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ବୈରାଗୀ ଚରଣ ବଳ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

## ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ: ବାଇଗୁଣିଆ ଚାମ୍ପିୟନ

ବୋଲଗଡ଼,୧୨।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ସଂପୁର ଗ୍ରାମର ଟାଙ୍ଗୀ ପଡ଼ିଆରେ ବାଲଙ୍କେଶ୍ୱର ଦେବ ଭଲିବଲ ପରିବାର କ୍ଲବ ଆନୁକୂଲ୍ୟରେ ଏକଦିବସୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାରୁ ୮ଟି ଭାଲିବଲ ଦଳ ଅଂଶଗ୍ରହଣ କରିଥିବା ବେଳେ ଫାଇନାଲ ମ୍ୟାଚରେ ବୋରୁଗାଁ ଟିମକୁ ୨/୧ ସେଟରେ ହରାଇ ବାଇଗୁଣିଆ ଟିମ୍ ଚାମ୍ପିୟନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥିଭାବେ ଗଣିଆ ଅଧିକାର କଲେଜର ଅଧ୍ୟକ୍ଷ ଇଂ.କର୍ପୁର ସାହୁ ଯୋଗଦେଇ ଚାମ୍ପିୟନ ଓ ରନର୍ସଅପ୍ ଟିମକୁ ଟ୍ରଫି ସହ ଅର୍ଥରାଶି ପ୍ରଦାନ କରିଥଲେ। ସମ୍ମାନିତ ଅତିଥିଭାବେ ସାମାଜିକ କର୍ମୀ ନିରଞ୍ଜନ ନାୟକ ଓ ରବୀନ୍ଦ୍ର କୁମାର ସଥୁଆ ଉପସ୍ଥିତ ଥିଲେ। ସୂର୍ଯ୍ୟକାନ୍ତ ବେହେରା, ବିବେକ ରଞ୍ଜନ ମହାନ୍ତି, ଦେବାଶିଷ ମାନସିଂହ, ସୋମନାଥ ମଙ୍ଗରାଜ, ଦୀପକ କୁମାର ସାହୁ, ବିଭୂତି ଭୂଷଣ ଲେଙ୍କା, ମୁନା ପରିଡ଼ା, ସୌମ୍ୟରଞ୍ଜନ ବେହେରା, ସୌମ୍ୟରଞ୍ଜନ ମାର୍ଥା, ଅଜୟ ସ୍ୱାଇଁଙ୍କ ସମେତ ବାଲୁଙ୍କେଶ୍ୱର ଦେବ ଭଲିବଲ ପରିବାରର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।


ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି ଏବଂ ଅନ୍ୟମାନେ।

## ବଜରଙ୍ଗୀ କ୍ଲବ ଘାଟିକିଆ ଚାମ୍ପିୟନ

ବୋଲଗଡ଼,୧୨।୧(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ଅନ୍ତର୍ଗତ ହାଟବସ୍ତ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ମା'ଯୋଗମାୟା ଫୁଟ୍‌ବଲ ଆସୋସିଏଶନ ଆନୁକୂଲ୍ୟରେରେ ଚାଲିଥିବା କାଳିଆ ମେମୋରିଆଲ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଘାଟିକିଆର ବଜରଙ୍ଗୀ କ୍ଲବ ଚାମ୍ପିୟନ ହୋଇଛି। ଶୁକ୍ରବାର ଫାଇନାଲ ମ୍ୟାଚ୍ ଭୁବନେଶ୍ୱରର ଏମ୍ଏଫ୍ସି ଫୁଟବଲ ଟିମ୍ ଓ ଘାଟିକିଆର ବଜରଙ୍ଗୀ କ୍ଲବ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ଏମ୍ଏଫ୍ସି ଟିମ୍ ଗୋଟିଏ ଗୋଲ ହୋଇଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ବଜାରଙ୍ଗୀ ଟିମ୍ ମଧ୍ୟ ଗୋଟିଏ ଗୋଲ ଦେଇଥିଲା। ତେବେ ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଟିମ୍ କେହି କହାରିକୁ ଆଉ ଗୋଲ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ୫-୪ ଗୋଲରେ


ଅତିଥିଙ୍କଠାରୁ ଖେଳାଳି ଟ୍ରଫି ଗ୍ରହଣ କରୁଛନ୍ତି।

ବଜରଙ୍ଗୀ କ୍ଲବ ଚାମ୍ପିୟନ ହୋଇଛି। ରବିନାରାୟଣ ରଣା ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲକ୍ଷ୍ମୀଧର ଚୌଧୁରୀ ଓ ଏମ୍.ଏସ୍.ବେଗ ଲାଇନ୍ସରେ ସହାୟତା କରିଥିଲେ। ଅତିଥିଭାବେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ, ଭାପୁର ବ୍ଲକ ପୂର୍ବତନ ଅଧ୍ୟକ୍ଷ ଗୟାଧର ପରିଡା, ଶିକ୍ଷାବିତ୍ କାଳିଚରଣ ଜୟସିଂହ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଟିମକୁ ଟ୍ରଫି ସହ ୫ହଜାର ଟଙ୍କା ଏବଂ ରନର୍ସଅପ୍ ଟିମକୁ ଟ୍ରଫି ଓ ୩ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ଆସୋସିଏଶନର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଫୁଟ୍‌ବଲ: ହାଟବରଡ଼ିହ ବିଜୟୀ

ଗମ୍ଭାରୀମୁଣ୍ଡା,୧୨।୧(ଦିଲୀପ ସ୍ୱାଇଁ)

କ୍ରୀଡ଼ାବିତ୍ ସ୍ୱର୍ଗତ ପ୍ରଶାନ୍ତ କୁମାର ସାହୁଙ୍କ ସ୍ମୃତିରେ ନାରୁଣୀର ୟଙ୍ଗଷ୍ଟାର କ୍ଲବ ପକ୍ଷରୁ ଗୋଦାବରୀଶ ସରକାରୀ ହାଇସ୍କୁଲ ଖେଳପଡିଆରେ ଚାଲିଥିବା ଫୁଟ୍‌ବଲ ଟୁର୍ନମେଣ୍ଟର ଦ୍ୱିତୀୟ ଲିଗ୍ ମ୍ୟାଚ୍ ଶୁକ୍ରବାର ହାଟବରଡ଼ିହ ଓ ନଇରୀ ଟିମ୍ ମଧ୍ୟରେ ହୋଇଥିଲା। ମ୍ୟାଚର ପ୍ରଥମାର୍ଦ୍ଧରେ ନଇରୀ ଟିମ୍ ଗୋଟିଏ ଗୋଲ ଦେଇଥିବା ବେଳେ ହାଟବରଡିହ ଟିମ୍ ମଧ୍ୟ ଗୋଟିଏ ଗୋଲ ଦେଇଥିଲା। ଦ୍ୱିତୀୟାର୍ଦ୍ଧରେ ହାଟବରଡିହ ଟିମ୍ ଆଉ ଏକ ଗୋଲ ଦେଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ନଇରୀ ଟିମ୍ ଆଉ ଗୋଲ ଦେଇ ନ ପାରି ପରାଜିତ ହୋଇଥିଲା। ଫଳରେ ୨-୧ ଗୋଲରେ ହାଟବରଡ଼ିହ ଟିମ୍ ବିଜୟୀ ହୋଇଥିଲା। ନନ୍ଦ କିଶୋର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିବା ବେଳେ ଲାଇନ୍ସରେ ବିପିନ ସାମନ୍ତରାୟ ଓ ଅନିଲ ସାମନ୍ତରାୟ ସହଯୋଗ କରିଥିଲେ। ଧ୍ରୁବ ଚରଣ ଘଡ଼େଇ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ। ଅତିଥିଭାବେ ଜୟନ୍ତ କୁମାର ସାହୁ ଓ ସୀମାଞ୍ଚଳ ଷଡ଼ଙ୍ଗୀ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।



## ସଂକ୍ଷେପରେ

### ସେନା ଗାଡ଼ି ଉପରେ ଆତଙ୍କବାଦୀ ଆକ୍ରମଣ

**ଶ୍ରୀନଗର,୧୨।୧:** ଜମ୍ମୁ-କଶ୍ମୀରର ପୁଞ୍ଚ୍ ଜିଲାରେ ଶୁକ୍ରବାର ସନ୍ଧ୍ୟାରେ ସେନା ଗାଡ଼ି ଉପରେ ଆତଙ୍କବାଦୀମାନେ ଆକ୍ରମଣ କରିଛନ୍ତି। ଯବାନମାନେ ଏହାର ପାଲଟା ଜବାବ ଦେଇଥିବାବେଳେ କେହି ମୃତାହତ ହୋଇଥିବାର ଖବର ମିଳିନାହିଁ। ପ୍ରଥମ ଗୁଳିବିନିମୟ ପରେ ଆତଙ୍କବାଦୀମାନେ ଖସି ପଳାଇଯାଇଥିବା ବିଶ୍ୱାସ କରାଯାଉଛି। ସେନାର ଗାଡ଼ିସମୂହକୁ ଟାର୍ଗେଟ କରି ନିକଟସ୍ଥ ପାହାଡ଼ରୁ ଆତଙ୍କବାଦୀ ଗୁଳି ଚଳାଇଥିଲେ। ଉକ୍ତ ଗାଡ଼ିରେ ନର୍ଦ୍ଦନ କମାଣ୍ଡର ମୁଖ୍ୟ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଉପେନ୍ଦ୍ର ଦ୍ୱିବେଦୀଙ୍କ ସମେତ ଉଚ୍ଚ ପଦାଧିକାରୀମାନେ ଥିଲେ। ଗତ କିଛି ସପ୍ତାହ ମଧ୍ୟରେ ପୁଞ୍ଚ୍ ଅଞ୍ଚଳରେ ସେନା ଉପରେ ଏହା ଦ୍ୱିତୀୟ ଆତଙ୍କବାଦୀ ଆକ୍ରମଣ। ପୂର୍ବରୁ ପୁଞ୍ଚ୍‌ର ଡେରା କି ଗଲିରେ ଆତଙ୍କବାଦୀଙ୍କ ଆକ୍ରମଣରେ ୪ ଯବାନ ଶହୀଦ ହେବା ସହ ଜଣେ ଆହତ ହୋଇଥିଲେ। ଶୁକ୍ରବାର ସନ୍ଧ୍ୟାରେ ଉକ୍ତ ସ୍ଥାନଠାରୁ ୪୦ କି.ମି. ଦୂର କ୍ରିଷ୍ଣାଗତି ସେକ୍ଟରରେ ସେନା ଗାଡ଼ି ଉପରେ ଆକ୍ରମଣ ହୋଇଛି।

### ପାକ୍ ଆତଙ୍କବାଦୀ ହରବିନ୍ଦରଙ୍କ ମୁଖ୍ୟ ସହଯୋଗୀ ଗିରଫ

**ଚଣ୍ଡିଗଡ଼,୧୨।୧:** ପଞ୍ଜାବରୁ ପାକିସ୍ତାନୀ ଆତଙ୍କବାଦୀ ହରବିନ୍ଦର ରିଣ୍ଡାଙ୍କ ମୁଖ୍ୟ ସହଯୋଗୀ କୈଳାସ ଖିଚନଙ୍କୁ ଗିରଫ କରାଯାଇଛି। ସମ୍ବେଦନଶୀଳ ଅପରାଧ ପାଇଁ ସେ ଆତଙ୍କବାଦୀ ସଂଗଠନଗୁଡ଼ିକୁ ଅସ୍ତ୍ର ଯୋଗାଉଥିଲେ ବୋଲି ପଞ୍ଜାବ ପୋଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ କହିଛନ୍ତି। କୈଳାସଙ୍କ ନିକଟରୁ ଚାଇନା ନିର୍ମିତ ପିସ୍ତଲ ଏବଂ ୮ଟି ଜୀବନ୍ତ ଗୁଳି ଜବତ ହୋଇଛି। ପଞ୍ଜାବର ଗ୍ୟାଙ୍ଗଷ୍ଟର ନିରୋଧୀ ଟାସ୍କଫୋର୍ସ (ଏଜିଟିଏଫ୍) ଏବଂ କେନ୍ଦ୍ରୀୟ ସଂସ୍ଥାଗୁଡ଼ିକର ମିଳିତ ଅଭିଯାନ ବେଳେ କୈଳାସଙ୍କୁ ଧରାଯାଇଛି। ସେ ଆତଙ୍କବାଦୀ ସଂଗଠନ ବାବର ଖାଲସା ଇଣ୍ଟରନ୍ୟାଶନାଲକୁ ଅସ୍ତ୍ର ଯୋଗାଉଥିବା ଜେରା ବେଳେ ସ୍ୱୀକାର କରିଛନ୍ତି।

### ୬ ମହିଳା ବିଚାରପତିଙ୍କୁ ବହିଷ୍କାର

**ସୁପ୍ରିମକୋର୍ଟ ନିଜଆଡ଼ୁ ମାମଲା ବିଚାରକୁ ନେଲେ**

**ନୂଆଦିଲ୍ଲୀ,୧୨।୧(ପି.ଟି.):** ମଧ୍ୟପ୍ରଦେଶ ସରକାର ୩ ମହିଳା ବିଚାରପତିଙ୍କ ପ୍ରଦର୍ଶନ ସନ୍ତୋଷଜନକ ନୁହେଁ ଦର୍ଶାଇ ସେମାନଙ୍କୁ ବହିଷ୍କାର କରିଥିବାବେଳେ ସୁପ୍ରିମକୋର୍ଟ ନିଜଆଡ଼ୁ ଉକ୍ତ ମାମଲାକୁ ବିଚାର ପାଇଁ ଗ୍ରହଣ କରିଛନ୍ତି। ୬ ବିଚାରପତିଙ୍କ ମଧ୍ୟରୁ ୩ ଜଣ ସୁପ୍ରିମକୋର୍ଟକୁ ପଠାଇଥିବା ଆବେଦନପତ୍ରକୁ ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ସଞ୍ଜୟ କାରୋଲଙ୍କ ଖଣ୍ଡପୀଠ ଏକ ରିଟ୍ ପିଟିଶନ ଭାବେ ନେଇଛନ୍ତି। ଉକ୍ତ ମାମଲାରେ ସହାୟତା ପାଇଁ ଆଇନଜୀବୀ ଗୌରବ ଅଗ୍ରୱାଲଙ୍କୁ ଆମିକସ୍ କ୍ୟୁରି ନିଯୁକ୍ତ କରାଯାଇଛି। ଆବେଦନ କରିଥିବା ବିଚାରପତିମାନେ ମଧ୍ୟପ୍ରଦେଶ ରାଜ୍ୟ ନ୍ୟାୟିକ ସେବାର ପୂର୍ବତନ ସିଭିଲ୍ ଜଜ୍, ଦ୍ୱିତୀୟ ଶ୍ରେଣୀ(କନିଷ୍ଠ ବିଭାଗ)ର। କୋଭିଡ୍ ମହାମାରୀ ସମୟରେ ସେମାନଙ୍କ କାର୍ଯ୍ୟର ପରିମାଣାତ୍ମକ ଆକଳନ କରାଯାଇପାରି ନ ଥିବା ସତ୍ତ୍ୱେ ସେମାନଙ୍କୁ ଚାକିରିରୁ ବହିଷ୍କାର କରାଯାଇଥିବା ବିଚାରପତିମାନେ ଆବେଦନପତ୍ରରେ ଦର୍ଶାଇଥିଲେ।

# ବିଲ୍‌କିସ୍ ବଳାତ୍କାରୀ ଫେରାର

ଅହମଦାବାଦ,୧୨।୧

**ସୁପ୍ରିମକୋର୍ଟଙ୍କ ରାୟ ପରେ ୧୧ ଦୋଷୀଙ୍କ ମଧ୍ୟରୁ ୯ ଜଣଙ୍କ ପତ୍ତା ମିଳୁନାହିଁ**



ବିଲ୍‌କିସ୍ ବାନୋ ଗଣବଳାତ୍କାର ମାମଲାରେ ୧୧ ଅପରାଧୀଙ୍କୁ ଦିଆଯାଇଥିବା କ୍ଷମାକୁ ସୁପ୍ରିମକୋର୍ଟ ଗତ ସୋମବାର ଖାରଜ କରିଦେଇ ସେମାନଙ୍କୁ ଜେଲ୍‌କୁ ଫେରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେମାନେ ଏପର୍ଯ୍ୟନ୍ତ ଆତ୍ମସମର୍ପଣ କରିନାହାନ୍ତି। ୧୧ ଅପରାଧୀଙ୍କ ମଧ୍ୟରୁ ୯ ଜଣଙ୍କ ଖୋଜଖବର ମିଳୁନାହିଁ। ସେମାନଙ୍କ ସମ୍ପର୍କରେ ଗୁଜରାଟର ଦାହୋଡ୍ ଥାନାକୁ କୌଣସି ସୂଚନା ମିଳି ନ ଥିବା ସ୍ଥାନୀୟ ଏସ୍‌ପି ବଳରାମ ମୀନା କହିଛନ୍ତି। ଶାନ୍ତିରକ୍ଷା ଲାଗି ଅପରାଧୀମାନେ ରହୁଥିବା ସିଙ୍ଗଭାଦ ତାଲୁକାରେ ସୋମବାରଠାରୁ ପୋଲିସ୍ ଫୋର୍ସ ମୁତୟନ କରାଯାଇଛି। ଅପରାଧୀ ଗୋବିନ୍ଦ ନାଇଙ୍କ ବାପା ଚତୁର୍ଭାଇ ରାଭାଲ(୮୭) କୋର୍ଟ ରାୟକୁ କଂଗ୍ରେସର ରାଜନୈତିକ ଷଡ଼ଯନ୍ତ୍ର ବୋଲି କହିଛନ୍ତି। ସପ୍ତାହେ ପୂର୍ବରୁ ଗୋବିନ୍ଦ ଘର ଛାଡ଼ିଦେଇଥିବା ସେ ସୂଚନା ଦେଇଛନ୍ତି। ଅନ୍ୟତମ ଅପରାଧୀ ରାଧେଶ୍ୟାମ ଶାହ ୧୫ ମାସ ହେଲା ଘରେ ନାହାନ୍ତି। ସେ କେଉଁଠି ଅଛନ୍ତି, ଜଣା ନ ଥିବା ତାଙ୍କ ବାପା କହିଛନ୍ତି। ତେବେ ଗତ ରବିବାର ପର୍ଯ୍ୟନ୍ତ ରାଧେଶ୍ୟାମଙ୍କ ସମେତ ପ୍ରାୟ ସମସ୍ତ ଦୋଷୀ ଦେଖିବାକୁ ମିଳୁଥିଲେ ବୋଲି ସ୍ଥାନୀୟ ଦୋକାନୀ ଓ ପଡୋଶୀ ସୂଚନା ଦେଇଛନ୍ତି। ରାୟ ପ୍ରକାଶ ପାଇବା ପରେ ସେମାନେ ଘରେ ତାଲା ପକାଇ କୁଆଡେ ପଳାଇଛନ୍ତି।

୨୦୦୨ ଗୋଧ୍ରା ଦଙ୍ଗା ବେଳେ ବିଲ୍‌କିସ୍ ବାନୋଙ୍କୁ ଗଣବଳାତ୍କାର ଓ ତାଙ୍କ ପରିବାରର ୭ ଜଣଙ୍କୁ ହତ୍ୟା କରାଯାଇଥିଲା। ସେତେବେଳେ ବିଲ୍‌କିସ୍ ରାନ୍ଧିକପୁରାରେ ରହୁଥିବାବେଳେ ଅପରାଧୀମାନେ ସେହି ଗାଁ ଓ ପଡୋଶୀ ସିଙ୍ଗଭାଦର ବାସିନ୍ଦା। ୨୦୦୮ ଜାନୁୟାରୀ ୨୧ରେ ସିବିଆଇ ସ୍ୱତନ୍ତ୍ର ଅଦାଲତ ସେମାନଙ୍କୁ ଦୋଷୀସାବ୍ୟସ୍ତ କରି ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ଗୁଜରାଟ ସରକାର ସେମାନଙ୍କ କ୍ଷମା ଆବେଦନକୁ ମଞ୍ଜୁର କରି ଗତବର୍ଷ ଅଗଷ୍ଟ ୧୫ରେ ସମସ୍ତଙ୍କୁ ଜେଲରୁ ମୁକ୍ତ କରିଦେଇଥିଲେ। ଜଘନ୍ୟ ଅପରାଧ ମାମଲାରେ ଜେଲଦଣ୍ଡ ଭୋଗୁଥିବା ୧୧ ଅପରାଧୀଙ୍କୁ ଅବଧି ପୂର୍ବରୁ ମୁକ୍ତ କରିଦେବା ଘଟଣାକୁ ସେତେବେଳେ ଦେଶବ୍ୟାପୀ ନିନ୍ଦା କରାଯାଇଥିଲା। ଏହା ନ୍ୟାୟର ଦୁରୁପଯୋଗ ବୋଲି କହି ସାମାଜିକ କର୍ମୀ, ଆଇନଜୀବୀ ଓ ସିଭିଲ୍ ସୋସାଇଟି ସମାଲୋଚନା କରିଥିଲେ। ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଚ୍ୟାଲେଞ୍ଜ କରି ସର୍ବୋଚ୍ଚ ଅଦାଲତରେ ଏକାଧିକ ପିଟିଶନ ଦାଏର ହୋଇଥିଲା। ଅପରାଧୀମାନଙ୍କୁ ମୁକ୍ତ କରିବା କ୍ଷମତା ଗୁଜରାଟ ସରକାରଙ୍କର ନାହିଁ ବୋଲି ଜଷ୍ଟିସ୍ ବି.ଭି. ନାଗରତ୍ନା ଏବଂ ଉଜ୍ଜଳ ଭୂୟାଁଙ୍କ ଖଣ୍ଡପୀଠ ସୋମବାର କହିଥିଲେ। କୋର୍ଟଙ୍କ ରାୟ ଆଳରେ ଅସାଧୁ ଉପାୟ ଅବଲମ୍ବନ କରାଯାଇ ଅପରାଧୀଙ୍କୁ ମୁକ୍ତ କରାଯାଇଥିବା ଦର୍ଶାଇ ଖଣ୍ଡପୀଠ ଗୁଜରାଟ ସରକାରଙ୍କ ନିଷ୍ପତ୍ତିକୁ ଖାରଜ କରିଦେଇଥିଲେ।

# ପାର୍ଟନରଙ୍କୁ ଓଲିଭରଙ୍କୁ ବାହାହେଲେ ଅଲ୍ଟମ୍ୟାନ୍



ସାମ୍ ଅଲ୍ଟମ୍ୟାନ୍ | ଓଲିଭର ମୁଲ୍‌ହେରିନ୍

ୱାଶିଂଟନ୍,୧୨।୧

ଓପନ୍‌ଏଆଇ ସିଇଓ ସାମ୍ ଅଲ୍ଟମ୍ୟାନ୍ ନିଜ ଲାଇଫ୍‌ଟାଇମ୍ ପାର୍ଟନର ଓଲିଭର ମୁଲ୍‌ହେରିନ୍‌ଙ୍କୁ ବିବାହ କରିଛନ୍ତି। ଆମେରିକାର ହୱାଇରେ ଆୟୋଜିତ ଏକ ନିରାଡ଼ମ୍ବର ଉତ୍ସବରେ ଏହି ଯୋଡ଼ି ପରସ୍ପରର ହାତ ଧରିଛନ୍ତି। ବାହା ବେଳର ଫଟୋ ସାମାଜିକ ଗଣମାଧ୍ୟମରେ ଭାଇରାଲ ହେବା ପରେ ଏକ ଆମେରିକୀୟ ଗଣମାଧ୍ୟମକୁ ଅଲ୍ଟମ୍ୟାନ୍ ଟେକ୍ସ ମେସେଜ୍ ଦେଇ ନିଜ ବିବାହ ସମ୍ପର୍କରେ ସୂଚନା ଦେଇଛନ୍ତି। ଅଲ୍ଟମ୍ୟାନ୍ ଏବଂ ଓଲିଭର ପରସ୍ପର ସହ ବିବାହ ପ୍ରତିଜ୍ଞା ବିନିମୟ କରୁଥିବା ଫଟୋରେ ଦେଖିବାକୁ ମିଳିଛି। ବିବାହରେ ନବଦମ୍ପତିଙ୍କ ପରିବାର ଓ ବନ୍ଧୁବର୍ଗ ସାମିଲ ହୋଇଥିଲେ।

ସାମ୍ ଅଲ୍ଟମ୍ୟାନ୍ କୃତ୍ରିମ ବୁଦ୍ଧିମତ୍ତା (ଏଆଇ) କମ୍ପାନୀ ଓପନ୍‌ଏଆଇର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ (ସିଇଓ) ଥିବାବେଳେ ତାଙ୍କ ଜୀବନସାଥୀ ପାଲଟିଥିବା ଓଲିଭର ମୁଲ୍‌ହେରିନ୍ ଜଣେ ଅଷ୍ଟ୍ରେଲୀୟ ସଫ୍ଟୱେର ଇଞ୍ଜିନିୟର। ଉଭୟେ ଶୀଘ୍ର ପିଲାଛୁଆ କରିବାକୁ ଯାଉଥିବା ଗତ ସେପ୍ଟେମ୍ବରରେ ଅଲ୍ଟମ୍ୟାନ୍ ନ୍ୟୁୟର୍କ ମାଗାଜିନ୍‌କୁ ସାକ୍ଷାତ୍କାର ଦେବାବେଳେ କହିଥିଲେ। ଗତବର୍ଷ ଏକ ନାଟକୀୟ ଘଟଣାକ୍ରମରେ ଏଆଇ ଷ୍ଟାର୍ଟଅପ୍ ତାଙ୍କୁ ଓପନ୍‌ଏଆଇ ସିଇଓ ପଦରୁ ହଟାଇଦେଇଥିଲା। ଏହାର ୫ ଦିନ ପରେ ତାଙ୍କୁ ଚାଟ୍‌ଜିପିଟି ପାଇଁ ପୁଣି ନେଇଥିଲା।



ତାଇୱାନ୍‌ରେ ଆଗାମୀ ରାଷ୍ଟ୍ରପତି ଓ ସଂସଦୀୟ ନିର୍ବାଚନ ପୂର୍ବରୁ ତାଇପେଇରେ ଶାସକ ଡେମୋକ୍ରାଟିକ୍ ପ୍ରୋଗ୍ରେସିଭ୍ ପାର୍ଟି (ଡିପିପି)ର ଏକ ପ୍ରଚାର ରାଲିରେ ସମର୍ଥକମାନେ।

# ଭକ୍ତ କୌଣସି ଦିନ ଅଯୋଧ୍ୟା ଯାଇପାରିବେ: ଖାର୍ଗେ

ନୂଆଦିଲ୍ଲୀ,୧୨।୧

ଜାନୁଆରୀ ୨୨ରେ ହେବାକୁ ଥିବା ଅଯୋଧ୍ୟା ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ କଂଗ୍ରେସ ମନା କରିବା ପରେ ଭାଜପା ନେତାମାନେ ବିରୋଧୀ ଦଳକୁ ସମାଲୋଚନା କରୁଛନ୍ତି। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଶୁକ୍ରବାର କହିଛନ୍ତି, ଭଗବାନ ରାମଙ୍କ ଉପରେ ଆସ୍ଥା ରଖିଥିବା କୌଣସି ଭକ୍ତ ଯେକୌଣସି ଦିନ ଅଯୋଧ୍ୟା ଯାଇ ମନ୍ଦିରରେ ଦର୍ଶନ କରିପାରିବେ। ଭାଜପା ଏକ ଷଡ଼ଯନ୍ତ୍ରର ଅଂଶବିଶେଷ ସ୍ୱରୂପ କଂଗ୍ରେସକୁ ଟାର୍ଗେଟ କରୁଛି। କଂଗ୍ରେସ କୌଣସି ଧର୍ମକୁ କି ଧର୍ମଗୁରୁଙ୍କୁ ଅପମାନିତ କରିନାହିଁ। କିନ୍ତୁ ଭାଜପାର ଧ୍ୟାନ ହଟାଇବା କୌଶଳରେ ଦଳ ପଡ଼ିବ ନାହିଁ। ମୁଦ୍ରାସ୍ଫୀତି ଓ ବେରୋଜଗାରି ଭଳି ପ୍ରସଙ୍ଗକୁ କଂଗ୍ରେସ ଉଠାଇ ଚାଲିଥିବ। ପ୍ରକାଶ ଯେ, ପ୍ରାଣପ୍ରତିଷ୍ଠା ଉତ୍ସବରେ ଯୋଗଦେବା ପାଇଁ ଖାର୍ଗେ, କଂଗ୍ରେସ ସଂସଦୀୟ ଦଳ ନେତ୍ରୀ ସୋନିଆ ଗାନ୍ଧୀ ଓ ଲୋକ ସଭାରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। କିନ୍ତୁ ସେମାନେ ଏହାକୁ ନିର୍ବାଚନୀ ଲାଭ ପାଇଁ ଭାଜପାର ଏକ ରାଜନୈତିକ ପ୍ରକଳ୍ପ ଭାବେ ଅଭିହିତ କରି ଯୋଗଦେବେ ନାହିଁ ବୋଲି କହିଛନ୍ତି।

# ଗଣହତ୍ୟା ପାଇଁ ହମାସ୍‌କୁ ଦାୟୀ କଲା ଇସ୍ରାଏଲ୍

ହେଗ୍,୧୨।୧

**ଆଇସିଜେରେ ନିଜ ମୁଣ୍ଡରୁ ଦୋଷ ଖସାଇଲା**

ଗାଜାରେ ଆକ୍ରମଣ ପାଇଁ ଇସ୍ରାଏଲ୍ ବିରୋଧରେ ଜାତିସଂଘର ସର୍ବୋଚ୍ଚ ଅଦାଲତ ଆଇସିଜେରେ ଗଣହତ୍ୟା ଅଭିଯୋଗରେ ମାମଲା ଦାଏର ହୋଇଥିବାବେଳେ ଜେରୁଜେଲମ୍ ଅଭିଯୋଗକୁ ଖଣ୍ଡନ କରିଛି। ଇସ୍ରାଏଲ୍ ଏହାର ଲୋକମାନଙ୍କ ସୁରକ୍ଷା ପାଇଁ ଯୁଦ୍ଧ କରୁଛି। ଅନ୍ୟପକ୍ଷରେ ପାଲେଷ୍ଟିନୀୟଙ୍କ ଗଣହତ୍ୟା ପାଇଁ ହମାସ୍ ଦାୟୀ ବୋଲି ଆଇସିଜେରେ ଇସ୍ରାଏଲ୍ କହିଛି। ଦକ୍ଷିଣ ଆଫ୍ରିକା ଆଣିଥିବା ଅଭିଯୋଗ ମିଥ୍ୟା ଆଧାରିତ। ଅକ୍ଟୋବର ୭ରେ ହମାସ୍ ଆକ୍ରମଣ କରି ୧,୨୦୦ ଇସ୍ରାଏଲୀ ନାଗରିକଙ୍କୁ ହତ୍ୟା କରିବା ସହ ୨୪୦ ଜଣଙ୍କୁ ପଣବନ୍ଦୀ କରି ନେଇଯିବାରୁ ଗାଜା ଉପରେ ଆକ୍ରମଣ ପାଇଁ ଜେରୁଜେଲମ୍ ନିଷ୍ପତ୍ତି ନେଇଥିଲା। ତେବେ ଯୁଦ୍ଧ ଇସ୍ରାଏଲ୍ ଆରମ୍ଭ କରି ନ ଥିଲା କି ଚାହୁଁ ନ ଥିଲା ବୋଲି ଇସ୍ରାଏଲ୍‌ର ଲିଗାଲ ଆଡଭାଇଜର ଟାଲ ବେକର ହେଗ୍‌ସ୍ଥିତ ଅନ୍ତର୍ଜାତୀୟ ଅଦାଲତରେ କହିଛନ୍ତି।

# ୭ ଜଣଙ୍କ ବିରୋଧରେ ଗଣବଳାତ୍କାର ମାମଲା

ହାଭେରି,୧୨।୧

**ଆନ୍ତଃଧର୍ମ ଦମ୍ପତିଙ୍କୁ ମାଡ଼ ଘଟଣା**

କର୍ନାଟକର ହାଭେରି ଜିଲାରେ ଏକ ହୋଟେଲ ମଧ୍ୟରେ ଜବରଦସ୍ତ ପ୍ରବେଶ କରି ଆନ୍ତଃଧର୍ମ ଦମ୍ପତିଙ୍କୁ ମାଡ଼ ମାରିଥିବା ୭ ଅଭିଯୁକ୍ତଙ୍କ ବିରୋଧରେ ଗଣବଳାତ୍କାର ମାମଲା ରୁଜୁ ହୋଇଛି। ତାଙ୍କୁ ଗଣବଳାତ୍କାର କରାଯାଇଥିବା ପୀଡ଼ିତା ମାଜିଷ୍ଟ୍ରେଟ୍‌ଙ୍କ ନିକଟରେ ବୟାନ ରେକର୍ଡ କରାଇବା ପରେ ପୋଲିସ ଏତଲାରେ ଆଇପିସିର ଦଫା ୩୭୬(ଡି) ଲଗାଇଛି। ଗତ ୮ ତାରିଖରେ ଘଟିଥିବା ଏହି ଆକ୍ରମଣ ଘଟଣାରେ ସଂଖ୍ୟାଲଘୁ ସମ୍ପ୍ରଦାୟର ୩ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଜଣେ ଅଭିଯୁକ୍ତ ଦୁର୍ଘଟଣାଗ୍ରସ୍ତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ହସ୍ପିଟାଲରୁ ମୁକୁଳିବା ପରେ ତାଙ୍କୁ ହାଜତକୁ ନିଆଯିବ। ଅନ୍ୟ ୩ ଜଣଙ୍କ ପରିଚୟ ମିଳିଥିବାବେଳେ ପୋଲିସ ସେମାନଙ୍କୁ ଖୋଜୁଛି। ଆକ୍ରମଣକାରୀ ୬ ଜଣ ଥିଲେ ବୋଲି ପୀଡ଼ିତା ପ୍ରଥମେ କହିଥିଲେ। ପରେ ସେ ଅନ୍ୟ ଜଣେ ସମ୍ପୃକ୍ତ ଥିବା ପୋଲିସକୁ ଜଣାଇଥିଲେ।

# ସିଇସି, ଇସି ନିଯୁକ୍ତି ପାଇଁ ନୂଆ ଆଇନ: ରହିତାଦେଶକୁ ସୁପ୍ରିମକୋର୍ଟଙ୍କ ନା

ନୂଆଦିଲ୍ଲୀ,୧୨।୧

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଏବଂ ନିର୍ବାଚନ କମିଶନର(ଇସି) ନିଯୁକ୍ତି ପାଇଁ ସରକାର ନୂଆ ଆଇନ ଆଣିଛନ୍ତି। ଏଥିପାଇଁ ଗଠିତ ହେବାକୁ ଥିବା ଚୟନ କମିଟିରେ ଭାରତର ପ୍ରଧାନ ବିଚାରପତି (ସିଜେଆଇ)ଙ୍କୁ ରଖାଯାଇ ନ ଥିବାରୁ ଉକ୍ତ ଆଇନର କାର୍ଯ୍ୟକାରିତା ଉପରେ ରହିତାଦେଶ ଲଗାଇବା ପାଇଁ ସୁପ୍ରିମକୋର୍ଟ ଶୁକ୍ରବାର ମନା କରିଦେଇଛନ୍ତି। ମଧ୍ୟପ୍ରଦେଶର ବରିଷ୍ଠ କଂଗ୍ରେସ ନେତା ଜୟ ଠାକୁର ନୂଆ ଆଇନକୁ ଚ୍ୟାଲେଞ୍ଜ କରି ଏହାର କାର୍ଯ୍ୟକାରିତା ଉପରେ ରହିତାଦେଶ ଲଗାଇବାକୁ ସର୍ବୋଚ୍ଚ ଅଦାଲତରେ ପିଟିଶନ ଦାଏର କରିଥିଲେ। ଜଷ୍ଟିସ୍ ସଞ୍ଜୀବ ଖାନ୍ନା ଏବଂ ଦୀପଙ୍କର ଦତ୍ତଙ୍କ ଖଣ୍ଡପୀଠ କେନ୍ଦ୍ର ସରକାର ଏବଂ ନିର୍ବାଚନ କମିଶନଙ୍କୁ ନୋଟିସ୍ ଜାରି କରି ଉକ୍ତ ଆବେଦନ ଉପରେ ସେମାନଙ୍କୁ ଜବାବ ମାଗିଛନ୍ତି।

# ଘରୋଇ ଜାଗାରୁ ଆରମ୍ଭ ହେବ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା

ନୂଆଦିଲ୍ଲୀ,୧୨।୧

କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କ ଭାରତ ଯୋଡ଼ୋ ନ୍ୟାୟ ଯାତ୍ରା ଆସନ୍ତା ରବିବାର ମଣିପୁରର ଥୌବାଲ ଜିଲାର ଏକ ଘରୋଇ ଜାଗାରୁ ଆରମ୍ଭ ହେବାକୁ ଯାଉଛି। ରାଜଧାନୀ ଇମ୍ଫାଲର ହାପଟା କଙ୍ଗଜେଇବୁଙ୍ଗ ମଇଦାନରୁ ନ୍ୟାୟଯାତ୍ରା ଆରମ୍ଭ ହେବ ବୋଲି ପୂର୍ବରୁ ଯୋଜନା ହୋଇଥିଲା ଓ ଏଥିପାଇଁ ପ୍ରଶାସନର ଅନୁମତି ଲୋଡ଼ାଯାଇଥିଲା। ତେବେ ରାଜ୍ୟ ସରକାର କେତେକ ସର୍ତ୍ତ ରଖିବାରୁ ଶେଷ ମୁହୂର୍ତ୍ତରେ ସ୍ଥାନ ବଦଳାଯାଇ ୩୪ କିଲୋମିଟର ଦୂର ଥୌବାଲରୁ ଏହାର ଆରମ୍ଭ କରିବାକୁ ନିଷ୍ପତ୍ତି ହୋଇଥିବା ରାଜ୍ୟ କଂଗ୍ରେସ ସଭାପତି କୈଶମ ମେଘାଚନ୍ଦ୍ର କହିଛନ୍ତି। ହାପଟା କଙ୍ଗଜେଇବୁଙ୍ଗ ମଇଦାନରୁ ନ୍ୟାୟଯାତ୍ରା ଆରମ୍ଭ ପାଇଁ ରାଜ୍ୟ ସରକାର ଅନୁମତି ଦେଇଥିଲେ ମଧ୍ୟ ପଦଯାତ୍ରାରେ ଅଂଶଗ୍ରହଣକାରୀଙ୍କ ସଂଖ୍ୟା ୧,୦୦୦ରୁ ଅଧିକ ହେବ ନାହିଁ ବୋଲି ସର୍ତ୍ତ ରଖିଥିଲେ, ଯାହା ଗ୍ରହଣ କରିବା ସମ୍ଭବ ନ ଥିଲା। ଗୁରୁବାର ରାତିରେ ଥୌବାଲ ଉପ କମିଶନର ଖୋଙ୍ଗଜୋମ୍‌ର ଏକ ଘରୋଇ ସ୍ଥାନରୁ ଯାତ୍ରା ଆରମ୍ଭ କରିବାକୁ ଅନୁମତି ଦେଇଥିଲେ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେ ଉକ୍ତ ନ୍ୟାୟ ଯାତ୍ରାକୁ ଉଦ୍‌ଘାଟନ କରିବେ।

# ୧୧ଦିନିଆ ସ୍ୱତନ୍ତ୍ର ଧର୍ମୀୟ କାର୍ଯ୍ୟକ୍ରମ ଆରମ୍ଭ କଲେ ମୋଦି

ନୂଆଦିଲ୍ଲୀ,୧୨।୧

**ରାମମନ୍ଦିର ପ୍ରାଣପ୍ରତିଷ୍ଠା**

ଆସନ୍ତା ୨୨ ତାରିଖରେ ଅଯୋଧ୍ୟାର ଭବ୍ୟ ରାମମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବାକୁ ଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାରଠାରୁ ୧୧ ଦିନିଆ ସ୍ୱତନ୍ତ୍ର ଧର୍ମୀୟ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ସେ ଏଭଳି ଅନୁଭବ କରୁଛନ୍ତି, ଯାହା ଜୀବନରେ ପୂର୍ବରୁ କେବେ ଅନୁଭବ କରି ନ ଥିଲେ ବୋଲି କହିଛନ୍ତି। ବହୁ ପିଢ଼ି ସେମାନଙ୍କ ହୃଦୟରେ ଯେଉଁ ସ୍ୱପ୍ନ ରଖିଆସିଥିଲେ, ତାହାର ସମାଧାନକୁ ସେ ପ୍ରତ୍ୟକ୍ଷ କରିବାକୁ ଯାଉଥିବା ଅନୁଭବ କରୁଛନ୍ତି। ତାଙ୍କ ଅନ୍ତର ଭିତରେ ହେଉଥିବା ଉଦ୍‌ବେଳନକୁ ସେ କେବଳ ଅନୁଭବ କରୁଛନ୍ତି, କିନ୍ତୁ ପ୍ରକାଶ କରିପାରୁ ନାହାନ୍ତି ବୋଲି ମୋଦି କହିଥିଲେ। ଆସନ୍ତା ୨୨ ତାରିଖରେ ଭଗବାନ ରାମଙ୍କ ପ୍ରତିମୂର୍ତ୍ତି ତାଙ୍କ ଜନ୍ମସ୍ଥାନରେ ନିର୍ମିତ ମନ୍ଦିରରେ ସ୍ଥାପନ କରାଯିବ। ଏହି ଐତିହାସିକ ମୁହୂର୍ତ୍ତକୁ ସମସ୍ତ ଭାରତୀୟ,ରାମ ଭକ୍ତ ଓ ଅନ୍ୟମାନେ ପ୍ରତୀକ୍ଷା କରି ରହିଛନ୍ତି। ପ୍ରାଣପ୍ରତିଷ୍ଠା ଉତ୍ସବରେ ସମସ୍ତ ଭାରତୀୟଙ୍କ ତରଫରୁ ତାଙ୍କୁ ଏକ ଯନ୍ତ୍ର ଭାବେ ପ୍ରତିନିଧିତ୍ୱ ପାଇଁ ଭଗବାନ ବାଛିଛନ୍ତି। ଏହାକୁ ମନରେ ରଖି ସେ ୧୧ ଦିନିଆ ସ୍ୱତନ୍ତ୍ର ଧର୍ମୀୟ କାର୍ଯ୍ୟକ୍ରମ ନାଶିକ୍‌ର ପଞ୍ଚବଟୀ ଧାମରୁ ଆରମ୍ଭ କରିଛନ୍ତି। ଭଗବାନ ରାମ ପଞ୍ଚବଟୀରେ ଦୀର୍ଘ ସମୟ ରହୁଥିଲେ ବୋଲି ବିଶ୍ୱାସ ରହିଛି।

# ଦେଶର ଦୀର୍ଘତମ ସାମୁଦ୍ରିକ ବ୍ରିଜ୍

ମୁମ୍ବାଇ,୧୨।୧



**ଅଟଳ ସେତୁ: ମୁମ୍ବାଇରୁ ନଭି ମୁମ୍ବାଇ ୨୦ ମିନିଟ୍**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ମୁମ୍ବାଇ ଟ୍ରାନ୍ସ ହାର୍ବର ଲିଙ୍କ୍ (ଏମ୍‌ଟିଏଚ୍‌ଏଲ୍)ର ଉଦ୍‌ଘାଟନ କରିଛନ୍ତି। ଦେଶର ଭିତ୍ତିଭୂମି କ୍ଷେତ୍ରରେ ନୂଆ ମାଇଲଖୁଣ୍ଟ କୁହାଯାଉଥିବା ଏହି ବ୍ରିଜ୍‌ର ନାମକରଣ ପୂର୍ବତନ ପ୍ରଧାନମନ୍ତ୍ରୀ ସ୍ୱର୍ଗତ ଅଟଳ ବିହାରୀ ବାଜପେୟୀଙ୍କ ନାମାନୁସାରେ 'ଅଟଳ ସେତୁ' କରାଯାଇଛି। ଏହା ହେଉଛି ଭାରତର ଦୀର୍ଘତମ ସାମୁଦ୍ରିକ ବ୍ରିଜ୍। ମୁମ୍ବାଇରୁ ନଭି ମୁମ୍ବାଇକୁ ଯିବା ପାଇଁ ପୂର୍ବରୁ ଦେଢ଼ଘଣ୍ଟା ଲାଗୁଥିବାବେଳେ ବର୍ତ୍ତମାନ ଏହି ଲିଙ୍କ୍ ଯୋଗୁ ମାତ୍ର ୨୦ ମିନିଟ୍‌ରେ ଅତିକ୍ରମ କରିହେବ। ୧୭,୮୪୦ କୋଟି ଟଙ୍କାରେ ନିର୍ମିତ ତଥା ୬ ଲେନ୍ ବିଶିଷ୍ଟ ଏମ୍‌ଟିଏଚ୍‌ଏଲ୍‌ର ଲମ୍ବ ୨୧.୮ କି.ମି. ରହିଛି। ସମୁଦ୍ର ଉପରେ ବ୍ରିଜ୍‌ର ଲମ୍ବ ୧୬.୫ କି.ମି.। ଅଟଳ ସେତୁ ମୁମ୍ବାଇ ଓ ନଭି ମୁମ୍ବାଇକୁ ନିକଟତର କରିବା ସହ ଟ୍ରାଫିକ୍ ନିୟନ୍ତ୍ରଣ ଓ ପରିବହନକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ। ମହାରାଷ୍ଟ୍ରର ଆର୍ଥିକ ବିକାଶକୁ ମଧ୍ୟ ଏହା ଗତିଶୀଳ କରିବ ବୋଲି କୁହାଯାଉଛି। ମୁମ୍ବାଇ ଅନ୍ତର୍ଜାତୀୟ ବିମାନବନ୍ଦର ଓ ନଭି ମୁମ୍ବାଇ ଇଣ୍ଟରନ୍ୟାଶନାଲ ଏୟାରପୋର୍ଟ ମଧ୍ୟରେ ଦ୍ରୁତ ଯୋଗସୂତ୍ରର ସେତୁ ପାଲଟିଥିବା ଏମ୍‌ଟିଏଚ୍‌ଏଲ୍ ଯୋଗୁ ମୁମ୍ବାଇରୁ ପୁଣେ, ଗୋଆ ଓ ଦକ୍ଷିଣ ଭାରତକୁ ଯାତ୍ରା ପାଇଁ ସମୟ ହ୍ରାସ ହେବ। ମୁମ୍ବାଇ ବନ୍ଦର ଓ ଜବାହରଲାଲ ନେହେରୁ ପୋର୍ଟ ମଧ୍ୟରେ ଯୋଗାଯୋଗକୁ ମଧ୍ୟ ତ୍ୱରାନ୍ୱିତ କରିବ। ଏହି ସେତୁ ଦେଇ ଘଣ୍ଟା ପ୍ରତି ୧୦୦ କି.ମି. ବେଗରେ ଯାନବାହନଗୁଡ଼ିକ ଯାତାୟାତ କରିପାରିବ। ଆଇଆଇଟି ବମ୍ବେକୁ ୨୦୧୮ରେ ଏହାର ନିର୍ମାଣ ବେଳେ ଭୂକମ୍ପ ନିରୋଧୀ କରିବା ପାଇଁ ଦାୟିତ୍ୱ ଦିଆଯାଇଥିଲା।

**ବିଷ୍ଣୁ ଗୌଡ଼ ହତ୍ୟା ମାମଲା**

# ଡାକ୍ତରଙ୍କୁ ଆଜୀବନ ଜେଲ

ବ୍ରହ୍ମପୁର,୧୨।୧(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା ଖଲ୍ଲିକୋଟ ଅଞ୍ଚଳର ବିଷ୍ଣୁ ଗୌଡ଼ ହତ୍ୟା ମାମଲାର ରାୟ ପ୍ରକାଶ ପାଇଛି। ଶୁକ୍ରବାର ବ୍ରହ୍ମପୁର ଅତିରିକ୍ତ ଜିଲା ଦୌରାଜଜ୍ (ଏଡିଜେ)୩ ରାଜ କୁମାର ଦାଶ ମାମଲାର ମୁଖ୍ୟ ଅଭିଯୁକ୍ତ ଡାକ୍ତର ହୃଷୀକେଶ ତ୍ରିପାଠୀ, ସହଯୋଗୀ ବିଧାନ ସେଠୀ ଓ ଗଙ୍ଗା ବେହେରାଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ଡାକ୍ତର ହୃଷୀକେଶଙ୍କୁ ଏଡିଜେ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅନ୍ୟ ୨ ଦୋଷୀ ବିଧାନ ଓ ଗଙ୍ଗାଙ୍କୁ ୨ ବର୍ଷ ଜେଲଦଣ୍ଡ ଓ ଉଭୟ ୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ମୃତକଙ୍କ ସ୍ତ୍ରୀଙ୍କୁ ନିୟମ ଅନୁସାରେ ସମସ୍ତ ଆର୍ଥିକ ସହାୟତା ପ୍ରଦାନ କରିବା ପାଇଁ ଜିଲା ଆଇନ ସେବା ପ୍ରାଧିକରଣ ସଚିବଙ୍କୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।


ଡା. ହୃଷୀକେଶ ତ୍ରିପାଠୀ

୨୦୧୮ ଅଗଷ୍ଟ ୧୯ ତାରିଖରେ ଖଲ୍ଲିକୋଟ ଅଞ୍ଚଳର ବିଷ୍ଣୁ ନିଖୋଜ ହୋଇଥିବା ନେଇ ତାଙ୍କ ସ୍ତ୍ରୀ ନର୍ମଦା ଗୌଡ଼ ବ୍ରହ୍ମପୁର ବୈଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ। ଡାକ୍ତର ହୃଷୀକେଶଙ୍କ କ୍ଲିନିକକୁ ଯାଇ ବିଷ୍ଣୁ ଆଉ ଫେରି ନ ଥିବା ପରିବାର ଲୋକେ ପୋଲିସ ନିକଟରେ କହିଥିଲେ। ପୋଲିସ ଉକ୍ତ ଘଟଣାକୁ ପ୍ରଥମେ ହାଲକା ଭାବେ ନେଇଥିବାରୁ ତଦନ୍ତରେ ବିଳମ୍ବ ହୋଇଥିଲା। ଘଟଣାର ୨୦ଦିନ ପରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣାପଡିଥିଲା। ବୈଦ୍ୟନାଥପୁର ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରିବାରେ ତ୍ରିକୋଣୀୟ ପ୍ରେମକୁ ନେଇ ହତ୍ୟାକାଣ୍ଡ ଘଟିଥିବା ଜଣାପଡିଥିଲା। ବିଷ୍ଣୁଙ୍କୁ ଡାକ୍ତର ହୃଷୀକେଶ ନିଜ କ୍ଲିନିକ୍‌କୁ ଡାକି ସେଠାରେ ନିଶା ଦେଇ ହତ୍ୟା କରିବା ପରେ ମରଶରୀରକୁ କ୍ଲିନିକାଲ ବ୍ଲେଡ଼ରେ ଖଣ୍ଡ ଖଣ୍ଡ କରି କାଟି ଦେଇଥିଲେ। ଘରକୁ କାମ କରିବାକୁ ଆସୁଥିବା ଗଙ୍ଗା ଓ ବିଧାନଙ୍କ ସହାୟତାରେ ସେସବୁକୁ ଏକ ବସ୍ତାରେ ପୂରାଇ ସହର ଉପକଣ୍ଠ ପଲିଗୁମୁଲାରେ ଥିବା କ୍ଲିନିକର ଆବର୍ଜନା ପକାଉଥିବା ସ୍ଥାନକୁ ନେଇଥିଲେ। ସେଠାରେ ବସ୍ତା ଖୋଲି ବିଷ୍ଣୁଙ୍କ ଖଣ୍ଡ ବିଖଣ୍ଡିତ ଶରୀରକୁ ଏକ ଗାତ ଭିତରେ ପକାଇ ପୋତି ଦେଇଥିଲେ। ପୋଲିସ ସେଠାରୁ ମୃତଦେହ ଜବତ କରିବା ସହ ମୁଖ୍ୟ ଅଭିଯୁକ୍ତ ଡାକ୍ତର ହୃଷୀକେଶ ଓ ୨ ସହଯୋଗୀଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଥିଲା। ସହଯୋଗୀଦ୍ୱୟ ଜାମିନରେ ମୁକୁଳିଥିବା ବେଳେ ଗିରଫ ପରଠୁ ହୃଷୀକେଶ ଜେଲରେ ଅଛନ୍ତି। ମାମଲାର ବିଚାର ବେଳେ ୨୩ଜଣଙ୍କ ସାକ୍ଷ୍ୟ ଗ୍ରହଣ କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳି ଥିବାରୁ ବିଚାରପତି ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ଅତିରିକ୍ତ ପିପି ବିକ୍ରମ କୁଣ୍ଡୁ ମାମଲା ପରିଚାଳନା କରିଥିଲେ। ରାୟ ପ୍ରକାଶ ପରେ ବିଷ୍ଣୁଙ୍କ ସ୍ତ୍ରୀ କହିଛନ୍ତି, ଡାକ୍ତର ମୋ ସ୍ୱାମୀଙ୍କୁ ଯେମିତି ଛଟପଟ କରି ମାରିଛନ୍ତି ତାଙ୍କୁ ଫାଶୀ ଦେବା ଦରକାର। ନ ହେଲେ ମୋତେ ଶାନ୍ତି ମିଳିବନି ବୋଲି ସେ କହିଛନ୍ତି।

# ଭଣ୍ଡ ଜ୍ୟୋତିଷ ନୀଳାମ୍ବର ପାଣି ଗିରଫ

ଭୁବନେଶ୍ୱର,୧୨।୧
(ସୂର୍ଯ୍ୟକାନ୍ତ ବେହେରା)

**ସଂସାର ସଜାଡ଼ିବା ଆଳରେ ମହିଳାଙ୍କୁ ଯୌନ ନିର୍ଯାତନା**

ବ୍ରାହ୍ମଣ ଜ୍ୟୋତିଷଙ୍କ ସହ ଦିନଟିଏ ବାହାହୋଇ ରାତି ବିତାଇଲେ ଗ୍ରହ ଶାନ୍ତି ହେବ। ଜ୍ୟୋତିଷଙ୍କ ପାଟିରୁ ଓଠ ଲଗାଇ ଲବଙ୍ଗ ନେଲେ ସହଜରେ ବାସ୍ତୁଦୋଷ କଟିଯିବ। ଏଭଳି ମିଛ ପ୍ରତିଶ୍ରୁତି ଦେଇ ସଂସାର ସଜାଡିଦେବା ନାଁରେ ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ସହ ୮୩ ହଜାରରୁ ଅଧିକ ଟଙ୍କା ଠକିବା ଅଭିଯୋଗରେ ନୟାପଲ୍ଲୀ ଥାନା ପୋଲିସ ଜଣେ ଭଣ୍ଡ ଜ୍ୟୋତିଷଙ୍କୁ ଭଦ୍ରକରୁ ଗିରଫ କରିଛି। ସେ ହେଲେ ଭଦ୍ରକ ଜିଲା ପୀରହାଟ ଥାନା ଅନ୍ତର୍ଗତ ସିନ୍ଦୋଳର ନୀଳାମ୍ବର ପାଣି। ଏନେଇ ଅତିରିକ୍ତ ଡିସିପି ତରୁଣ କୁମାର ଦାସ ଶୁକ୍ରବାର ଖବରଦାତା ସମ୍ମିଳନୀରେ ସୂଚନା ଦେଇ କହିଛନ୍ତି, ଅଭିଯୁକ୍ତଙ୍କଠାରୁ କୌଣସି ଠକେଇ ଟଙ୍କା ଜବତ ହୋଇନାହିଁ। ସେ ସୋସିଆଲ ମିଡିଆରେ ଏକ ଭିଡିଓ ଶେୟାର କରିଥିବା ପୋଲିସ ତଦନ୍ତବେଳେ ଜାଣିବାକୁ ପାଇଛି। ତେବେ ଏନେଇ ପୋଲିସ ଏକ ମାମଲା (ନଂ.୧୦/୨୦୨୪) ରୁଜୁ କରି ଅଭିଯୁକ୍ତ ନିଳାମ୍ବରଙ୍କୁ ଶୁକ୍ରବାର କୋର୍ଟ ଚାଲାଣ କରିଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ଅପରପକ୍ଷେ ଠକେଇ ଟଙ୍କାରେ ଭୁବନେଶ୍ୱରରେ ସେ ଏକାଧିକ ଫ୍ଲାଟ୍ କିଣିଥିବା ପୋଲିସ ଜାଣିବା ପରେ ଅଧିକ ଖୋଳତାଡ କରାଯାଉଛି। ଏହାସହ ଏଭଳି ଏକାଧିକ ମହିଳାଙ୍କୁ ଠକିଥିବା ସନ୍ଦେହ କରାଯାଉଛି। ତେଣୁ ଯେଉଁମାନେ ଠକାମିର ଶିକାର ହୋଇଛନ୍ତି, ଥାନାକୁ ଆସି ଅଭିଯୋଗ କରିବାକୁ କମିଶନରେଟ ପୋଲିସ ଅପିଲ କରୁଛି ବୋଲି ଡିସିପି କହିଛନ୍ତି।


ନୀଳାମ୍ବର ପାଣି

ନୟାପଲ୍ଲୀ ଥାନା ଅଞ୍ଚଳରେ ଜଣେ ମହିଳା ଦାମ୍ପତ୍ୟ ସମସ୍ୟାର ସମାଧାନ ପାଇଁ ନୀଳାମ୍ବରଙ୍କ ପାଖକୁ ଯାଇଥିଲେ। ଏହି ସମୟରେ ନୀଳାମ୍ବର ତାଙ୍କୁ ବଳାତ୍କାର ଉଦ୍ୟମ କରିଥିଲେ। ମହିଳା ଜଣକ ଅଭିଯୁକ୍ତଙ୍କ କବଳରୁ ଖସି ଆସି ଭୁବନେଶ୍ୱର ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ। ଏପରିକି ବଳାତ୍କାର ଉଦ୍ୟମର ଭିଡିଓ ଭାଇରାଲ କରିବାର ଧମକ ଦେଇ ନୀଳାମ୍ବର ୨ ଲକ୍ଷ ଟଙ୍କା ମାଗିଥିବା ଅଭିଯୋଗରେ ଉଲ୍ଲେଖ ରହିଛି।

## ମୁଣ୍ଡରେ ବନ୍ଧୁକ ଲଗାଇ ଲୁଟିନେଲେ ସୁନାଗହଣା

ନୀଳଗିରି, ୧୨।୧(ପ୍ରଶାନ୍ତ ବିଶ୍ୱାଳ)

ବାଲେଶ୍ୱର ଜିଲା ନୀଳଗିରି ଦେଇଯାଇଥିବା ୧୯ ନଂ. ରାଜ୍ୟ ରାଜପଥରେ ଦିନକୁ ଦିନ ବଢ଼ି ଚାଲିଛି ଲୁଟେରାଙ୍କ ଆତଙ୍କ। ଶୁକ୍ରବାର ମଧ୍ୟାହ୍ନରେ ତିନିକୋଶିଆ ସଂରକ୍ଷିତ ଜଙ୍ଗଲରେ ସୁନାଗହଣା ଲୁଟ୍ ହୋଇଥିବା ନେଇ ଅଭିଯୋଗ ହୋଇଛି। ୧୯ ନଂ. ରାଜ୍ୟ ରାଜପଥ ଶେରଗଡ଼-ନୀଳଗିରି-ଝରଣାଘାଟି ରାସ୍ତାର ସଜନାଗଡ଼ ପଞ୍ଚାୟତ ତିନିକୋଶିଆ ଜଙ୍ଗଲ ମଝିରେ ଅପରାହ୍ନ ପ୍ରାୟ ୨ଟା ବେଳେ ବରହମପୁର ଥାନା ଅଧୀନ ସୁମିତ୍ରା ଚୌଧୁରୀ, ତାଙ୍କ ପୁତୁରା ବିବେକ ଚୌଧୁରୀ ଓ ନାବାଳକ ଶିଶୁପୁତ୍ରକୁ ଧରି ନୀଳଗିରିରୁ ନିଜ ଘର ବରହମ୍ପୁରକୁ ଫେରୁଥିଲେ। ସଜନାଗଡ଼ ନିକଟ ତିନିକୋଶିଆ ସଂରକ୍ଷିତ ଜଙ୍ଗଲ ମଝିରେ ୩ ଜଣ ଦୁର୍ବୃତ୍ତ ନାଲି ରଙ୍ଗର ବାଇକ୍‌ରେ ଆସି ବିବେକଙ୍କ ଗାଡ଼ିକୁ ଅଟାକାଇବା ସହିତ ଛୋଟ ଶିଶୁର ମୁଣ୍ଡରେ ବନ୍ଧୁକ ଲଗାଇ ସୁନା କାନଫୁଲ, ପଲା ଓ ଅନ୍ୟ ଅଳଙ୍କାର ଲୁଟି ନେବା ପରେ ନୀଳଗିରି ଅଭିମୁଖେ ପଳାଇଯାଇଥିଲେ। ଯିବାବେଳେ ପଞ୍ଚଲିଙ୍ଗେଶ୍ୱର ରାସ୍ତାରେ ଏକ ଛିନତାଇ କରିଥିବାର ସୂଚନା ମିଳିଛି। ନୀଳଗିରି ପୋଲିସ ଖବର ପାଇବା ପରେ ନିକଟସ୍ଥ ଦୋକାନ ଗୁଡ଼ିକରୁ ସିସିଟିଭି ଯାଞ୍ଚ କରିବା ସହ ତଦନ୍ତକୁ ଜୋରଦାର୍ କରିଛି।

# ଆସିଲେନି ପ୍ରଶାସନିକ ଅଧିକାରୀ


ବିଡିଓଙ୍କ ମୃତଦେହ ନିକଟରେ ଶୋକାକୁଳ ଆତ୍ମୀୟ ସ୍ୱଜନ।

ବାରିପଦା,୧୨।୧
(ନୀଳାଦ୍ରି ବିହାରୀ ଦଣ୍ଡପାଟ)

- ସିମୁଳିଆ ବିଡିଓଙ୍କ ଶେଷକୃତ୍ୟ
- ହତ୍ୟା କରାଯାଇଥିବା କହିଲେ ସ୍ତ୍ରୀ

ବାଲେଶ୍ୱର ଜିଲା ସିମୁଳିଆ ବିଡିଓ ବିଶ୍ୱରଞ୍ଜନ ମହାନ୍ତିଙ୍କ ମୃତ୍ୟୁକୁ ନେଇ କଳ୍ପନା ଜଳ୍ପନା ଲାଗିରହିଛି। ପରିବାର ଲୋକେ ତାଙ୍କ ମୃତ୍ୟୁକୁ ସହଜରେ ଗ୍ରହଣ କରିପାରୁ ନ ଥିବା ବେଳେ ପ୍ରଶାସନିକ କାର୍ଯ୍ୟକଳାପ ସେମାନଙ୍କୁ ବ୍ୟଥିତ କରିଛି। ମୃତଦେହ ସତ୍କାର ସମୟରେ କୌଣସି ପ୍ରଶାସନିକ ଅଧିକାରୀ ନ ପହଞ୍ଚିବା ଘଟଣାକୁ ନେଇ ପରିବାର ଲୋକେ ଅସନ୍ତୋଷ ପ୍ରକାଶ କରିଛନ୍ତି। କାର୍ଯ୍ୟର ଅତ୍ୟଧିକ ଚାପ ଓ ଜିଲା ପ୍ରଶାସନର ତାଗିଦା କାରଣରୁ ସେ ଆତ୍ମହତ୍ୟା କରିଥିବା କଥା ଉଠିଥିବା ବେଳେ ପରିବାର ଲୋକେ ତାହାକୁ ବିଶ୍ୱାସ କରିପାରୁନାହାନ୍ତି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସ୍ତ୍ରୀ ନିବେଦିତା ରାଉତ ଗଣମାଧ୍ୟମକୁ କହିଛନ୍ତି।

ଗୁରୁବାର ଅପରାହ୍ନରେ ବିଡିଓ ମହାନ୍ତିଙ୍କ ମୃତ୍ୟୁ ଖବର ମିଳିବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ଶୁକ୍ରବାର ମୃତଦେହ ବାରିପଦାସ୍ଥିତ ବାସଭବନକୁ ଆସିବା ପରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଆତ୍ମୀୟସ୍ୱଜନ ଶେଷଦର୍ଶନ କରିଥିଲେ। ପରେ ବାରୁଣୀଘାଟ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମାତ୍ର ମୟୂରଭଞ୍ଜ କିମ୍ବା ବାଲେଶ୍ୱର ଜିଲାର କୌଣସି ପ୍ରଶାସନିକ ଅଧିକାରୀ ଆସି ନ ଥିଲେ। ଏପରିକି ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀ(ଓଏଏସ୍) ସଂଘର କୌଣସି କାର୍ଯ୍ୟକର୍ତ୍ତାଙ୍କୁ ଦେଖିବାକୁ ମିଳି ନ ଥିଲା। ଏନେଇ ସ୍ତ୍ରୀ ନିବେଦିତା କ୍ଷୋଭ ପ୍ରକାଶ କରିଛନ୍ତି। ବିଡିଓଙ୍କ ମୃତ୍ୟୁକୁ ନେଇ ତାଙ୍କ ପରିବାର ଲୋକେ ସନ୍ଦେହ ପ୍ରକାଶ କରୁଥିବାରୁ ଏହାର ତଦନ୍ତଭାର ସିବିଆଇକୁ ପ୍ରଦାନ କରାଯାଉ ବୋଲି ବାରିପଦା ବିଧାୟକ ପ୍ରକାଶ ସୋରେନ ଦାବି କରିଛନ୍ତି। ବିଶ୍ୱରଞ୍ଜନ ପୂର୍ବରୁ ମୟୂରଭଞ୍ଜ ଜିଲା ଉଦଳା ସବ୍‌ରେଜିଷ୍ଟ୍ରାର ଏବଂ ଗୋପବନ୍ଧୁନଗର ବ୍ଲକରେ ତହସିଲଦାର ଥିଲେ। ପରେ ତାଙ୍କୁ ବାଲେଶ୍ୱର ଜିଲା ସିମୁଳିଆ ବିଡିଓ ଭାବେ ବଦଳି କରାଯାଇଥିଲା। ଜଣେ ସରଳ, କର୍ମଠ, ଦାୟିତ୍ୱବାନ ଓ ପରୋପକାରୀ ଅଧିକାରୀ ଭାବେ ସେ ବେଶ୍ ଜଣାଶୁଣା ଥିଲେ। କାର୍ଯ୍ୟଦକ୍ଷତା ପାଇଁ ସେ ମୟୂରଭଞ୍ଜ ଜିଲାପାଳଙ୍କଠାରୁ ପୁରସ୍କୃତ ମଧ୍ୟ ହୋଇଥିଲେ।

## ଅଶ୍ଳୀଳ ଫଟୋ, ଭିଡିଓ ଭାଇରାଲ୍

ସୁନାବେଡ଼ା, ୧୨।୧(କୃତ୍ତିବାସ ପ୍ରଧାନ)

ସାମାଜିକ ଗଣମାଧ୍ୟମରେ ଫଟୋ ପୋଷ୍ଟକୁ ନେଇ ସ୍ଥାନୀୟ ଲୋକେ ଥାନାରେ ଅଭିଯୋଗ କରିଛନ୍ତି। ସୁନାବେଡ଼ା ଗଞ୍ଜାମ କଲୋନିରେ ରହୁଥିବା ଜଣେ ଯୁବକ ନିଜ ସ୍ତ୍ରୀଙ୍କ ସହ ମିଶି କିଛି ଅଶ୍ଳୀଳ ଫଟୋ ଓ ଭିଡିଓ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ। ଏହା ଦେଖି ସ୍ଥାନୀୟ ଅଞ୍ଚଳର କେତେ ଜଣ ବ୍ୟକ୍ତି ଥାନାର ଦ୍ୱାରସ୍ଥ ହୋଇ ଏପରି ପୋଷ୍ଟକୁ ହଟାଇବା ପାଇଁ ପଦକ୍ଷେପ ନେବାକୁ ପୋଲିସକୁ ଅନୁରୋଧ କରିଥିଲେ। ଥାନା ଅଧିକାରୀ ଏହାକୁ ଗୁରୁତ୍ୱ ଦେଇ ସମ୍ପୃକ୍ତ ଯୁବକଙ୍କୁ ସାମାଜିକ ଗଣମାଧ୍ୟମରୁ ଶୀଘ୍ର ସେହି ପୋଷ୍ଟଗୁଡିକୁ ଡିଲିଟ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଥାନା ଅଧିକାରୀ କହିଛନ୍ତି, ଏହା ଏକ ବିକୃତ ମାନସିକତା। ସମ୍ପୃକ୍ତ ବ୍ୟକ୍ତି ଯଦି ପୋଷ୍ଟଗୁଡିକୁ ଡିଲିଟ ନ କରନ୍ତି ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅଟୋକୁ ଧକ୍କା ଦେଲା ଟ୍ରକ୍: ୨ ମୃତ, ୪ ଗୁରୁତର


ଦୁର୍ଘଟଣାଗ୍ରସ୍ତ ଅଟୋ।

ଜଳେଶ୍ୱର,୧୨।୧(ନବୀନ ସାହୁ)

ବାଲେଶ୍ୱର ଜିଲା ଜଳେଶ୍ୱର ଥାନା ଲକ୍ଷ୍ମଣନାଥ ଟୋଲପ୍ଲାଜା ନିକଟରେ ସଡ଼କ ଦୁର୍ଘଟଣା ଘଟି ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୪ଜଣ ଗୁରୁତର ହୋଇଛନ୍ତି।

ଭୋଗରାଇ ବ୍ଲକ ମନ୍ଦାରସାହିପାଟଣା ଗ୍ରାମର ୫ଜଣ ବ୍ୟକ୍ତି ଅଟୋ ଯୋଗେ ଜଳେଶ୍ୱର ଥାନା ୬୦ନଂ ଜାତୀୟ ରାଜପଥ ନୂଆ କୋର୍ଟକୁ ଯାଉଥିଲେ। ଶୁକ୍ରବାର ପୂର୍ବାହ୍ନ ପ୍ରାୟ ୧୦ଟା ବେଳେ ରାଜପଥରୁ କୋର୍ଟକୁ ଯିବା ସମୟରେ ଏକ ୧୨ଚକିଆ ଟ୍ରକ୍ ଉକ୍ତ ଅଟୋକୁ ଧକ୍କା ଦେଇଥିଲା। ଏଥିରେ ଡ୍ରାଇଭରଙ୍କ ସମେତ ଅଟୋରେ ଥିବା ସମସ୍ତ ଯାତ୍ରୀ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକଙ୍କ ଦ୍ୱାରା ଗୁରୁତରମାନଙ୍କୁ ଉଦ୍ଧାର କରାଯାଇ ଜଳେଶ୍ୱର ଜିକେଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ତେବେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଡାକ୍ତର ୨ ଜଣଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଅନ୍ୟ ୪ ଗୁରୁତରଙ୍କ ମଧ୍ୟରୁ ୨ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ମୃତକଦ୍ୱୟ ହେଲେ ଭୋଗରାଇ ବ୍ଲକ ମନ୍ଦାରସାହି ପାଟଣା ଗ୍ରାମର ନାରାୟଣ ଚନ୍ଦ୍ର ଦାସ (୫୫) ଓ ଲକ୍ଷ୍ମୀକାନ୍ତ ଦାସ (୪୫)। ସେହିପରି ଗୁରୁତରମାନେ ହେଲେ ଉକ୍ତ ଗ୍ରାମର ଶଙ୍କର ପାତ୍ର, ରବୀନ୍ଦ୍ର ପାତ୍ର, ପରେଶ ଗିରି ଓ ହେମନ୍ତ ପାତ୍ର।

## ଷଣ୍ଢ ଦେହରେ ନିଆଁ ଲଗାଇଲେ ଦୁର୍ବୃତ୍ତ

ବାଲିଆପାଳ, ୧୨।୧
(ଅମୂଲ୍ୟ କୁମାର ଦାସ)

ବାଲେଶ୍ୱର ଜିଲା ସିଂଲା ଥାନା ଅଧୀନ ଡିଗ୍ରିପାହୀ ଗ୍ରାମରେ ଏକ ଷଣ୍ଢକୁ କେହି ଅଜଣା ଦୁର୍ବୃତ୍ତ ନିଆଁ ଲଗାଇ ଦେଇଛନ୍ତି। ଗୁରୁତର ଅବସ୍ଥାରେ ଷଣ୍ଢକୁ ଉଦ୍ଧାର କରି ସ୍ଥାନୀୟ ଲୋକେ ପ୍ରାଣୀ ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ଷଣ୍ଢ ପିଠିର ଅନେକ ସ୍ଥାନରେ ଗଭୀର କ୍ଷତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଷଣ୍ଢଟି ଚିତ୍କାର କରି ଦୌଡୁଥିବାବେଳେ ସାହୁ ଛକ ନିକଟରେ ସ୍ଥାନୀୟ ଲୋକେ କାବୁ କରି ଚିକିତ୍ସା କରାଇବା ସହ ଖାଇବାକୁ ଦେଇଛନ୍ତି। ତେବେ କିଏ ଏବଂ କଣ ପାଇଁ ଏମିତି ନୃଶଂସ କାର୍ଯ୍ୟ କରିଛି ତାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ସୃଷ୍ଟି ହୋଇଛି। ଏନେଇ ଗ୍ରାମବାସୀଙ୍କ ପକ୍ଷରୁ ସିଂଲା ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ପହଞ୍ଚି ତଦନ୍ତ କରୁଛି।

## ମିଲିସିଆ ସେକ୍ସନ କମାଣ୍ଡର ଶାମେଲଙ୍କ ଆତ୍ମସମର୍ପଣ



ମାଲକାନଗିରି,୧୨।୧
(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ଼ର ବିଜାପୁର ଜିଲାରେ ଶୁକ୍ରବାର ମାଓବାଦୀ ସଙ୍ଗଠନ ମିଲିସିଆ ସେକ୍ସନର କମାଣ୍ଡର ଶାମେଲ ତେଲାମ ଓରଫ ମିଥୁନ ଆତ୍ମସମର୍ପଣ କରିଛନ୍ତି। ଛତିଶଗଡ଼ ପୋଲିସ ପକ୍ଷରୁ ମାଓବାଦୀ ଦମନ ସମୟରେ ସେ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ଜଣାପଡିଛି। ୨୦୧୭ରୁ ମିଥୁନ ମାଓବାଦୀ ସଙ୍ଗଠନ ସହ ଜଡିତ ଥିଲେ। ମାଓବାଦୀଙ୍କ ପକ୍ଷରୁ ହେଉଥିବା ବିଭିନ୍ନ ହିଂସାକାଣ୍ଡରେ ସକ୍ରିୟ ସାମିଲ ହେଉଥିଲେ। ତେବେ ମାଓବାଦୀମାନେ ନିଜର ନୀତି ଆଦର୍ଶରୁ ଓହରି ଯାଉଥିବାରୁ ସେ ସଙ୍ଗଠନ ଛାଡି ସାଧାରଣ ଜୀବନଯାପନ ପାଇଁ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିବା ପ୍ରକାଶ କରିଛନ୍ତି। ଆତ୍ମସମର୍ପଣ ପରେ ତାଙ୍କୁ ୨୫ ହଜାର ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିବା ପୋଲିସ ପକ୍ଷରୁ କୁହାଯାଇଛି।

## କାଉ ମଡ଼କ: ବାର୍ଡ ଫ୍ଲୁ ଆଶଙ୍କା

ପଟ୍ଟାମୁଣ୍ଡାଇ,୧୨।୧ (କଳ୍ପତରୁ ନାୟକ)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ ସଂସାରଫଳ ଗାଁରେ କାଉ ମଡ଼କ ଦେଖାଦେଇଛି। ୫୦ ଊର୍ଦ୍ଧ୍ୱ କାଉ ମରିପଡ଼ିଥିବା ଦେଖିବାକୁ ମିଳିଛି। ୨ଦିନ ଭିତରେ ଏତେ ସଂଖ୍ୟକ କାଉ ମରି ପଡ଼ିବା ଘଟଣା ସ୍ଥାନୀୟ ଲୋକଙ୍କ ମଧ୍ୟରେ ଆତଙ୍କ ସୃଷ୍ଟି କରିଛି। ବାର୍ଡ ଫ୍ଲୁ ଆଶଙ୍କାକୁ ନେଇ ଲୋକେ ଭୟଭୀତ ହେବାରେ ଲାଗିଛନ୍ତି। ସଂସାରଫଳ ଗାଁର ଶିବମନ୍ଦିର ନିକଟ ଏବଂ ଆଖପାଖ ସ୍ଥାନରେ କାଉଗୁଡିକ ମରି ପଡ଼ିଛନ୍ତି।

ଭିତରକନିକା ଜାତୀୟ ଉଦ୍ୟାନରେ ବିଦେଶାଗତ ପକ୍ଷୀଙ୍କ ଭିଡ଼ ଜମିଛି। ଦେଶର ବିଭିନ୍ନ ପ୍ରାନ୍ତରୁ ଓ ବିଦେଶରୁ ହଜାର ହଜାର କି.ମି. ଅତିକ୍ରମକରି ବିଦେଶୀ ପକ୍ଷୀ ଭିତରକନିକାରେ ଭିଡ଼ ଜମାଇଛନ୍ତି। ବିଦେଶାଗତ ପକ୍ଷୀଙ୍କ ଭିଡ଼ ସମୟରେ କାଉମଡ଼କ ଆତଙ୍କର ପରିସ୍ଥିତି ସୃଷ୍ଟି କରିଛି। ସ୍ଥାନୀୟ ଲୋକ ଆଦିକନ୍ଦ ପରିଡ଼ା, ବିଜୟ ଦାସ ପ୍ରମୁଖ ଗ୍ରାମବାସୀ ଏ ସମ୍ପର୍କରେ ସ୍ଥାନୀୟ ବନ ବିଭାଗକୁ ସୂଚନା ଦେଇଥିଲେ। ଏ ନେଇ ପଟ୍ଟାମୁଣ୍ଡାଇ ବିଡିଓ ଡା. ପ୍ରଦୀପ କୁମାର ଜେନାଙ୍କୁ ପଚାରିବାରେ କାଉମାନଙ୍କ ମୃତ୍ୟୁ ଖବର ଜାଣିଛି। ଶନିବାର ଗାଁକୁ ଯାଇ ନମୁନା ସଂଗ୍ରହ କରି ଟେଷ୍ଟ ପାଇଁ ପଠାଯିବ। ସେଠାରୁ ରିପୋର୍ଟ ଆସିବା ପରେ କାଉ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି। ଏ ସମ୍ପର୍କରେ ଡିଏଫ୍‌ଓ ସୁଦର୍ଶନ ଗୋପୀନାଥ ଯାଦବଙ୍କୁ ପଚାରିବାରୁ ମୃତ କାଉମାନଙ୍କର ବ୍ୟବଚ୍ଛେଦ କରାଯିବା ପରେ ପ୍ରକୃତ କାରଣ ଜଣାପଡ଼ିବ ବୋଲି ସେ କହିଛନ୍ତି।



## ହୀରାକୁଦ ଜଳଭଣ୍ଡାର: ୨୦ ନୂତନ ପ୍ରଜାତିର ବିଦେଶାଗତ ପକ୍ଷୀ

ସମ୍ବଲପୁର,୧୨।୧(ପ୍ରମୋଦ ବହିଦାର)

ହୀରାକୁଦ ଜଳ ଭଣ୍ଡାର ଓ ଏହା ସଂଲଗ୍ନ ଛତିଶଗଡ଼ ସୀମା ପର୍ଯ୍ୟନ୍ତ ବିସ୍ତୃତ ଜଳରାଶିରେ ଚଳିତବର୍ଷ ୨୦ଟି ନୂଆ ପ୍ରଜାତିର ବିଦେଶାଗତ ପକ୍ଷୀଙ୍କୁ ଠାବ କରାଯାଇଛି। ହୀରାକୁଦ ବନ୍ୟପ୍ରାଣୀ ବିଭାଗ ବନଖଣ୍ଡ ଅଧିକାରୀ ଅଂଶୁପ୍ରଜ୍ଞା ଦାସ ଶୁକ୍ରବାର ଏ ସମ୍ପର୍କରେ ସୂଚନା ଦେଇଛନ୍ତି। ତାଙ୍କ କହିବା ଅନୁସାରେ ବିଗତ ବର୍ଷ ତୁଳନାରେ ଅଧିକ ବିଦେଶୀ ପକ୍ଷୀଙ୍କ ସମାଗମ ହୋଇଛି। ଚଳିତବର୍ଷ ମୋଟ ୧୧୩ ପ୍ରଜାତିର ୩ ଲକ୍ଷ ୪୨ ହଜାର ୩୪୫ଟି ବିଦେଶୀ ପକ୍ଷୀଙ୍କୁ ହୀରାକୁଦ ଜଳଭଣ୍ଡାର, ଡେବ୍ରିଗଡ଼ ଅଭୟାରଣ୍ୟ ନିକଟ ଓ ପାୱାର କେନାଲରେ ଠାବ କରାଯାଇଛି। ସେଥିମଧ୍ୟରେ ଅଧିକ ସଂଖ୍ୟକ ୫୨,୫୧୨ଟି ଟଫ୍‌ଟେଡ୍ ଡକ୍, ୪୯,୨୫୯ଟି ଲେଜର ହ୍ୱିସ୍ଲିଂ ଡକ୍ ଓ ୩୩,୪୩୪ଟି ରେଡ୍-କେଷ୍ଟେଡ୍ ପୋଚାର୍ଡ ପ୍ରଜାତିର ବିଦେଶୀ ପକ୍ଷୀଙ୍କୁ ଠାବ କରାଯାଇଛି। ଅନ୍ୟାନ୍ୟ ପକ୍ଷୀ ମଧ୍ୟରେ ଗ୍ଲୋସି ଇବ୍‌ସ, ଗ୍ରୀନ ସେଣ୍ଡବାଇପର, ପାମ ସୁଇଫ୍ଟ, କମନ ସ୍ନାଇପ୍, ବାଇଥ୍‌ସ ରିଡ୍ ୱାର୍ବଲର, ସର୍ଟ ଟୋଡ୍ ସ୍ନେକ୍ ଇଗଲ, ରେଡ୍-ରାମ୍ପଡ୍ ସ୍ୱାଲୋ, ୟୁରାସିନ୍ ରିନେକ୍ ଆଦି ପ୍ରଜାତିର ପକ୍ଷୀ ରହିଛନ୍ତି। ପକ୍ଷୀଗୁଡ଼ିକ ସାଇବେରିଆ, ଆମେରିକା, ୟୁରୋପ, ଇଂଲଣ୍ଡ, ଅଷ୍ଟ୍ରେଲିଆ, ରୁଷିଆ ସମେତ ଏସିଆ ମହାଦେଶର ବିଭିନ୍ନ ସ୍ଥାନରୁ ହୀରାକୁଦ ଜଳଭଣ୍ଡାରକୁ ଆସିଥିବା ଜଣାପଡ଼ିଛି।

# ଖରାଦିନେ ଶୁଖିଲା ପଡ଼ିବନି ନଦୀ

## ନିର୍ମାଣ ହେବ ୧୯ ନଦୀଗର୍ଭ ଷ୍ଟୋରେଜ୍ ପ୍ରକଳ୍ପ

**୨୦ରେ ଶିଳାନ୍ୟାସ କରିବେ ମୁଖ୍ୟମନ୍ତ୍ରୀ**

ସୋନପୁର,୧୨।୧
(ମୃତ୍ୟୁଞ୍ଜୟ ଶତପଥୀ)

ଓଡ଼ିଶାରେ ନିର୍ମାଣ ହେବ ୧୯ଟି ନୂତନ ଇନ୍‌ଷ୍ଟ୍ରିମ୍ ଷ୍ଟୋରେଜ୍ ଷ୍ଟ୍ରକ୍‌ଚର (ଆଇଏସ୍‌ଏସ୍)। ଏଥିପାଇଁ ପ୍ରାୟ ୧୦ ହଜାର କୋଟି ଟଙ୍କା ବ୍ୟୟ ହେବ। ଆସନ୍ତା ୨୦ ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭିଡିଓ କନ୍‌ଫରେନ୍ସିଂ ଜରିଆରେ ଏହି ସମସ୍ତ ପ୍ରକଳ୍ପର ଶିଳାନ୍ୟାସ କରିବେ। ସୁବର୍ଣ୍ଣପୁର, ବରଗଡ, ବଲାଙ୍ଗୀର, ବୌଦ୍ଧ, କଳାହାଣ୍ଡି, ସମ୍ବଲପୁର, ଯାଜପୁର, ଭଦ୍ରକ, କେନ୍ଦ୍ରାପଡା, କେନ୍ଦୁଝର, ଖୋର୍ଦ୍ଧା, ପୁରୀ ଓ ସୁନ୍ଦରଗଡ଼ ଆଦି ୧୩ ଜିଲାର ବିଭିନ୍ନ ନଦୀରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଆଇଏସ୍‌ଏସ୍ ଦ୍ୱାରା ବିନା ବିସ୍ଥାପନରେ ମହାନଦୀ ଗର୍ଭରେ ବୃହତ୍ ଜଳାଶୟ ସୃଷ୍ଟି କରାଯିବାର ଯୋଜନା ରହିଛି। ଶିଳାନ୍ୟାସ ସମ୍ପର୍କରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତିଙ୍କ ଚିଠି ମିଳିବା ପରେ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ଗୋଧନେଶ୍ୱର ପ୍ରକଳ୍ପ ଶିଳାନ୍ୟାସ ପାଇଁ ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଜଟେସିଂଘା ହାଇସ୍କୁଲ ପଡିଆରେ କାର୍ଯ୍ୟକ୍ରମ ରଖାଯାଇଛି। ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ଗୋଧନେଶ୍ୱର ଓ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ଖଇରମାଳ ନିକଟରେ ବହୁ ପ୍ରତୀକ୍ଷିତ ମହାନଦୀ ଗର୍ଭରେ ନିର୍ମାଣ ହେବାକୁ ଥିବା ଏହି ପ୍ରକଳ୍ପ ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାବାସୀଙ୍କ ପାଇଁ ଅପାର ସମ୍ଭାବନା ସୃଷ୍ଟି କରିବ।

ଉପରମୁଣ୍ଡରେ ଛତିଶଗଡ ସରକାର ଏକାଧିକ ବ୍ୟାରେଜ୍ ନିର୍ମାଣ କରିବା ପରେ ଓଡ଼ିଶାର ଜୀବନରେଖା ମହାନଦୀରେ ଅଣମୌସୁମୀ ସମୟରେ ଜଳପ୍ରବାହ ଯଥେଷ୍ଟ ହ୍ରାସ ପାଇଥିଲା। ତେଣୁ ମହାନଦୀ ଓ ଶାଖା ନଦୀଗୁଡିକରେ ଜଳ ଉପଯୋଗ ଯୋଜନାକୁ ନେଇ ଓଡ଼ିଶା ସରକାର ମାଷ୍ଟର ପ୍ଲାନ ପ୍ରସ୍ତୁତ କରିଛନ୍ତି।

ଖରାଦିନେ ନଦୀ ଶୁଖିଲା ପଡୁଥିଲା। ତେଣୁ ପ୍ରକଳ୍ପ ନିର୍ମାଣ ସମ୍ପୂର୍ଣ୍ଣ ହେଲେ ସ୍ଥାନୀୟ ଅଞ୍ଚଳରେ ଭୂତଳ ଜଳ ସ୍ତର ବୃଦ୍ଧି ପାଇବା ସହ, ଜଳ ସଂରକ୍ଷଣ, ପାନୀୟ ଜଳ, ମତ୍ସ୍ୟ ଚାଷ ସହ ଜଳ ପର୍ଯ୍ୟଟନ, ଶିଳ୍ପାନୁଷ୍ଠାନକୁ ଜଳ ଯୋଗାଣ ଓ ହୋଟେଲ ଶିଳ୍ପର ସମ୍ଭାବନା ସୃଷ୍ଟି ହେବ।

# ଧାନମଣ୍ଡି ଜଗିଛି ସିସିଟିଭି, ଚାଷୀଙ୍କ ଖଳାରେ ବେପାରୀ

ଭଦ୍ରକ, ୧୨।୧(ସନାତନ ରାଉତ)

- କିଣାହୋଇଛି ୨ଲକ୍ଷ ୭୫୩୩ କୁଇଣ୍ଟାଲ ୮୦କେଜି ଧାନ
- କେତେକ ମଣ୍ଡିରେ ଆରମ୍ଭ ହୋଇନି ଧାନକିଣା ପ୍ରକ୍ରିୟା

ଭଦ୍ରକ ଜିଲାରେ ଗତ ଡିସେମ୍ବର ୨୯ରୁ ସରକାରୀ ଦରରେ ଧାନ କିଣିବା ପାଇଁ ସମବାୟ ସମିତି ଓ ସ୍ୱୟଂସହାୟକ ଗୋଷ୍ଠୀ ଦ୍ୱାରା ମଣ୍ଡି ଖୋଲାଯାଇଛି। ପ୍ରଶାସନର ନିର୍ଦ୍ଦେଶ ଅନୁସାରେ ଧାନକିଣାରେ ସ୍ୱଚ୍ଛତା ପାଇଁ ସରକାରୀ ମଣ୍ଡିରେ ସମସ୍ତ ସୁବିଧା ସହ ସିସିଟିଭି କ୍ୟାମେରା ଲଗାଯାଇଛି। ସିସିଟିଭି ମଣ୍ଡିକୁ ଜଗିଥିବା ବେଳେ ଅପରପକ୍ଷେ ଚାଷୀଙ୍କ ଧାନଖଳାକୁ ଜଗି ରହିଛନ୍ତି ବେପାରୀ। ମଣ୍ଡି ଖୋଲିବା ଏବଂ ଧାନ କ୍ରୟ ପ୍ରକ୍ରିୟା ବିଳମ୍ବ ହେବା ସୁଯୋଗରେ ବେପାରୀମାନେ କମ୍ ଦରରେ ଚାଷୀଙ୍କ ଖଳାରୁ ଧାନ କିଣି ବାହାର ରାଜ୍ୟକୁ ଚାଲାଣ କରୁଛନ୍ତି। ମଣ୍ଡି ଖୋଲିବା ପରେ ମଧ୍ୟ ଜିଲାର ବିଭିନ୍ନ ଅଞ୍ଚଳରୁ ପ୍ରତ୍ୟେକ ଦିନ ଟ୍ରକ୍ ଟ୍ରକ୍ ଧାନ ଆନ୍ଧ୍ର ଓ ପଶ୍ଚିମବଙ୍ଗକୁ ଚାଲାଣ ହେଉଥିବା ଦେଖିବାକୁ ମିଳୁଛି।


ବାହାର ରାଜ୍ୟକୁ ଯିବା ପାଇଁ ଥିବା ଧାନ ବୋଝେଇ ଟ୍ରକ୍।

ଜିଲା ଯୋଗାଣ ବିଭାଗ ସୂଚନା ଅନୁଯାୟୀ, ଗୁରୁବାର ସୁଦ୍ଧା ଜିଲାରେ ୪,୭୨୪ଜଣ ଚାଷୀଙ୍କଠାରୁ ୨ ଲକ୍ଷ ୭ ହଜାର ୫୩୩ କୁଇଣ୍ଟାଲ ୮୦ କେଜି ଧାନ ସରକାରୀ ମଣ୍ଡିରେ କ୍ରୟ କରାଯାଇଛି। ଜିଲାରେ ୨୩ ଲକ୍ଷ ୫୨ ହଜାର ୩୫୨ କୁଇଣ୍ଟାଲ ୯୪ କେଜି ଧାନ କ୍ରୟ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସରକାରୀ ମଣ୍ଡିରେ ଧାନ ବିକିବା ପାଇଁ ଜିଲାରେ ମୋଟ ୮୩ ହଜାର ୮୭୬ ଚାଷୀ ନାମ ପଞ୍ଜୀକୃତ କରିଛନ୍ତି। ସରକାରୀ ଦରରେ ଧାନ କିଣିବା ଲାଗି ୧୦୧ ସମବାୟ ସମିତି ଓ ୫୪ ସ୍ୱୟଂସହାୟକ ଗୋଷ୍ଠୀ ମଣ୍ଡି ଖୋଲିଥିବା ବେଳେ ୩୮ଜଣ ମିଲରଙ୍କୁ ଧାନକିଣାରେ ନିୟୋଜିତ କରାଯାଇଛି। କେତେକ ମଣ୍ଡିରେ ମଧ୍ୟ ଏପର୍ଯ୍ୟନ୍ତ ଧାନକିଣା ପ୍ରକ୍ରିୟା ଆରମ୍ଭ ହୋଇନାହିଁ। ଏହି କାରଣରୁ ଚାଷୀମାନେ ଧାନ ରଖିବାର ସୁବିଧା ନ ଥିବା ଏବଂ ଋଣ ଶୁଝିବା ପାଇଁ ବାହାର ବେପାରୀଙ୍କୁ ୧୬୦୦ରୁ୧୭୦୦ ଟଙ୍କାରେ ଧାନ ବିକିବାକୁ ବାଧ ହେଉଛନ୍ତି। ଚାଷୀ ଖଳାରୁ ଧାନ ସରି ଆସୁଥିବା ବେଳେ ସରକାରଙ୍କ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ଜିଲା ଯୋଗାଣ ଅଧିକାରୀ ଲିଙ୍ଗରାଜ ବେହେରା କହିଛନ୍ତି, ଯେଉଁ ଚାଷୀମାନେ ନାମ ପଞ୍ଜୀକରଣ କରିଛନ୍ତି, ଧାନ ବିକିବା ପାଇଁ ସେମାନେ ଅପେକ୍ଷାରେ ରହିଛନ୍ତି। ଜିଲାର ଧାନ କିଣା ପାଇଁ ଧାର୍ଯ୍ୟ ଲକ୍ଷ୍ୟ ପୂରଣ ହେବ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


### ବେଗୁସରାଇରେ ଦ୍ୱିତୀୟ ଅଯୋଧ୍ୟା

# ପୂଜା ପାଉଛନ୍ତି ଶ୍ରୀରାମଙ୍କ ବଂଶଧର



**ବେଗୁସରାଇ**

ୟୁପିର ଅଯୋଧ୍ୟାରେ ଜାନୁଆରୀ ୨୨ରେ ରାମମନ୍ଦିର ପ୍ରାଣ ପ୍ରତିଷ୍ଠା ହେବାକୁ ଯାଉଛି। ଏଥିପାଇଁ ଦେଶରୁ ଏବଂ ଦେଶ ବାହାରୁ ଅଯୋଧ୍ୟାରେ ଲକ୍ଷଲକ୍ଷ ଲୋକଙ୍କ ସାମଗମ ଦେଖିବାକୁ ମିଳିବ। କିନ୍ତୁ ଦେଶରେ ଆଉ ଏକ ଅଯୋଧ୍ୟା ବିଷୟରେ ଜାଣିଛନ୍ତି କି? ଉତ୍ତର ପ୍ରଦେଶର ସରଯୂ ନଦୀ ତଟରେ ଥିବା ଅଯୋଧ୍ୟା ଭଗବାନ ରାମଙ୍କ ଜନ୍ମସ୍ଥାନ ଭାବେ ଖ୍ୟାତି ଅର୍ଜନ କରିଥିବାବେଳେ ବିହାରର ବେଗୁସରାଇରେ ଦ୍ୱିତୀୟ ଅଯୋଧ୍ୟା ରହିଛି। ସେଠାରେ ରାମଙ୍କ ବଂଶଧର ପୂଜା ପାଉଛନ୍ତି। ଏହା ମଧ୍ୟ ଏକ ତୀର୍ଥକ୍ଷେତ୍ର ଭାବେ ଜଣାଶୁଣା, ଯାହା ଏବେ ଲୁକ୍କାୟିତ ଅବସ୍ଥାରେ ଅଛି। ବେଗୁସରାଇର ଗଙ୍ଗା ନଦୀକୂଳରେ ଦେଶର ଦ୍ୱିତୀୟ ଅଯୋଧ୍ୟା ରହିଛି। ଏହି ଅଯୋଧ୍ୟା ଗାଁର ମହତ୍ତ୍ୱ କେଉଁ ଐତିହାସିକ ଓ ଧାର୍ମିକ ମହତ୍ତ୍ୱ ଠାରୁ କମ ନୁହେଁ। ଅଯୋଧ୍ୟାରେ ରାମ ମନ୍ଦିର ପ୍ରାଣପ୍ରତିଷ୍ଠା ଉତ୍ସବ ପାଇଁ ପ୍ରସ୍ତୁତି ଚାଲିଥିବାବେଳେ ଏହି ଛୋଟ ଗାଁର ଲୋକ ମଧ୍ୟ ଏନେଇ ଜୋରସୋରରେ ଉତ୍ସବ ପାଳନରେ ଲାଗି ପଡିଛନ୍ତି। ତେବେ ଗାଁର ନାମକରଣକୁ ନେଇ ଲୋକଙ୍କର ଭିନ୍ନ ମତ ରହିଛି। ଗାଁର ଗୁରୁଜନମାନେ କହିଛନ୍ତି ଯେ, ଗଙ୍ଗା ନଦୀ କୂଳରେ ଏହି ଗାଁ ଥିବାରୁ ବହୁ ସାଧୁସନ୍ଥ ଜଳମାର୍ଗ ଦେଇ ଯାତାୟତ କରୁଥିଲେ । ମୋଗଲ ଶାସନ ସମୟରେ ମିର୍ଜା ଓ ପେଗାମ୍ବର ନାମକ ଦୁଇ ଭାଇଙ୍କ ମଧ୍ୟରେ ବଚସା ଯୋଗୁଁ ଗାଁ ଭାଗଭାଗ ହୋଇଯାଇଥିଲା। ପରେ ଏହାର ନାଁ ଅଧା ରଖାଯାଇଥିଲା। ପୁଣି ପରେ ନାମ ପରିବର୍ତ୍ତନ ହୋଇ ଅଜ ନାଁ ନାମିତ ହେଲା। ଭଗବାନ ଶ୍ରୀରାମଙ୍କ ପିତାମହ ଅଜଙ୍କ ନାମାନୁସାରେ ଗାଁକୁ ଅଜଧା କୁହାଯାଉଥିଲା। ଏଠାରେ ଅଜଙ୍କୁ ଇଷ୍ଟ ଦେବତା ଭାବେ ପୂଜାର୍ଚ୍ଚନା କରାଯାଏ, ଯାହା ଏବେ ଯାଏଁ ପ୍ରଚଳିତ। ଇଂରେଜ ଶାସନ ସମୟରେ ଅଯୋଧ୍ୟାରୁ ଫେରୁଥିବା ସାଧୁ-ସନ୍ଥଙ୍କ ଗୋଷ୍ଠୀ ଆସି ଏହି ଗାଁରେ ରହିଥିଲେ। ଯେତେବେଳେ ସେମାନେ ଗାଁର ନାଁ ଅଜଧା ବୋଲି ଗାଁ ଲୋକଙ୍କ ଠାରୁ ଶୁଣିବାକୁ ପାଇଲେ, ସେମାନେ ନାମ ପରିବର୍ତ୍ତନ କରି ଏହାକୁ ଅଯୋଧ୍ୟା କରିଦେଇଥିଲେ। ସନ୍ଥଙ୍କ କହିବା ଅନୁସାରେ, ୟୁପିର ସରଯୂ ନଦୀ କୂଳରେ ଥିବା ରାମଲାଲାଙ୍କ ଅଯୋଧ୍ୟା ପରି ବିହାରର ଗଙ୍ଗା କୂଳରେ ଥିବା ଏହି ଗାଁର ନାଁ ମଧ୍ୟ ଅଯୋଧ୍ୟା ରହିବା ଉଚିତ, ଯେଉଁଠି ଖୋଦ ଶ୍ରୀରାମଙ୍କ ବଂଶଧର ପୂଜା ପାଉଛନ୍ତି।



## ଅଜୟ୍ ଦେବଗନଙ୍କ ସହ ସ୍କ୍ରିନ ଶେୟାର କଲେ ବାଣୀ କପୁର

**ମୁମ୍ବାଇ:** ବଲିଉଡ ଅଭିନେତ୍ରୀ ବାଣୀ କପୁର ପ୍ରଥମଥର ପାଇଁ ନାୟକ ଅଜୟ ଦେବଗନଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି। ଅପକମିଂ ଡ୍ରାମା ମୁଭି 'ରେଡ ୨'ରେ ସେ ଅଜୟଙ୍କ ସହ ସ୍କ୍ରିନ ଶେୟାର କରିଛନ୍ତି। ଦ ମଚ୍ ଆୱେଟେଡ ସିକ୍ୱେଲ ମୁଭି 'ରେଡ ୨' ଜାନୁଆରୀ ୬ରେ ଫ୍ଲୋରକୁ ଆସିଛି। ନିଜର ଉତ୍ସାହକୁ ଶେୟାର କରି ବାଣୀ ଲେଖିଛନ୍ତି, ସବୁବେଳେ ଅନେକ ଲୋକ ଅପେକ୍ଷା କରି ରହିଥାଆନ୍ତି ଏହି ଅଭିନେତାଙ୍କ ସହ ଅଭିନୟ କରିବାକୁ। ମୁଁ ହେଉଛି ଅଜୟଙ୍କ ଜଣେ ବଡ଼ ଫ୍ୟାନ୍। ସେ ସବୁବେଳେ ଯେମିତି ଢଙ୍ଗରେ କ୍ୟାମେରାକୁ ଫେସ୍ କରନ୍ତି ମୁଁ ତା'ର ଜଣେ ବଡ ଦିୱାନା। ଆଉ ଏହି ନାୟକଙ୍କ ସହ କାମ କରିବା ବା ସ୍କ୍ରିନ ଶେୟାର କରିବା ମୋ ପାଇଁ କୌଣସି ସମ୍ମାନଠାରୁ କମ୍ ନୁହେଁ ବୋଲି କହିଛନ୍ତି ଅଭିନେତ୍ରୀ। ବଲିଉଡ ମୁଭି 'ରେଡ ୨'ର ନିର୍ଦ୍ଦେଶନା ଦେଇଛନ୍ତି ରାଜ କୁମାର ଗୁପ୍ତା।


## ମନେ ପଡ଼ନ୍ତି

### ସ୍ମୃତି ତର୍ପଣ



**ସ୍ୱ ଦୈତ୍ୟାରୀ ବେହେରା**
ପ୍ଲଟ୍ ନଂ.୨୧୨୦, ସବରସାହି ଲେନ୍, କଛନା ଏରିଆ, ଭୁବନେଶ୍ୱର

ଆଜି ଆପଣଙ୍କ ପବିତ୍ର ୨୯ତମ ଶ୍ରାଦ୍ଧ ବାର୍ଷିକୀରେ ଆମ୍ଭମାନଙ୍କର ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

ବନ୍ଧୁ ଓ ପରିବାରବର୍ଗ

ଧ-୨୨୫୩


## ପାକିସ୍ତାନରେ ଲିଭ-ଇନ୍‌ରେ ରହିପାରିବେନି ପ୍ରେମୀଯୁଗଳ

**ଇସ୍‌ଲାମାବାଦ୍**

ଦୁନିଆରେ ଅନେକ ଦେଶ ଅଛି, ଯେଉଁଠି ବିଭିନ୍ନ ଆଇନ କାନୁନ ରହିଛି। କେଉଁଠି କେଶ କାଟିବାକୁ ଅନୁମତି ନିଆଯାଏ ତ ଆଉ କେଉଁଠି ଟିଭି ଚଳାଇବାକୁ ନିଆଯାଏ ଅନୁମତି। ମାତ୍ର ଏମିତି ଏକ ଦେଶ ଅଛି, ଯେଉଁଠି ଲିଭ-ଇନ୍‌ରେ ରହିବା ମଧ୍ୟ ମନା ଥାଏ। ଭାରତ ବିରୋଧରେ ଆତଙ୍କବାଦୀ ଷଡ଼ଯନ୍ତ୍ର ହେତୁ ପଡ଼ୋଶୀ ଦେଶ ପାକିସ୍ତାନ ପ୍ରାୟତଃ ଚର୍ଚ୍ଚାରେ ରହିଥାଏ। ଏଠାରେ ଖାଦ୍ୟ ସାମଗ୍ରୀର ମୂଲ୍ୟ ବହୁତ ବୃଦ୍ଧି ପାଇଛି। ଲୋକଙ୍କ ଆର୍ଥିକ ଅବସ୍ଥା ଖରାପରୁ ଖରାପ ହେବାକୁ ଯାଉଛି। ଏସବୁ ମଧ୍ୟରେ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଆମ ଦେଶ ଭାରତରେ ବୟସ୍କା ଯୁବତୀ ଓ ଯୁବକଙ୍କୁ ଲିଭ-ଇନ୍‌ରେ ରହିବାକୁ ଅନୁମତି ରହିଛି। ଅନେକ ଦେଶରେ ବି ଏହାକୁ ଅନୁମତି ଦିଆଯାଇଛି। କିନ୍ତୁ ପାକିସ୍ତାନ ଏପରି ଏକ ଦେଶ, ଯେଉଁଠାରେ ପ୍ରେମିକା/ପ୍ରେମିକ ଏକାଠି ରହିବାକୁ ଅନୁମତି ନାହିଁ। ପ୍ରେମ କରିପାରିବେ, ମାତ୍ର ବିବାହ ପରେ ଏକାଠି ରହିବେ। ଏହାର ପୂର୍ବରୁ ପ୍ରେମୀଯୁଗଳ ଲିଭ-ଇନ୍‌ରେ ରହିପାରିବେ ନାହିଁ ବୋଲି କଡ଼ା ନିର୍ଦ୍ଦେଶ ରହିଛି। ଖାଲି ଏତିକି ନୁହେଁ, ପାକିସ୍ତାନରେ ବିନା ଅନୁମତିରେ କେହି କାହାର ଫୋନ ଛୁଇଁବା ବେଆଇନ ବୋଲି ବିବେଚନା କରାଯାଏ। ଯଦି ଆପଣ ଭୁଲ୍‌ରେ ମଧ୍ୟ ଅନ୍ୟର ଫୋନକୁ ସ୍ପର୍ଶ କରନ୍ତି, ତେବେ ଦଣ୍ଡର ବ୍ୟବସ୍ଥା ଅଛି। ଏପରି କରୁଥିବା ଅଭିଯୁକ୍ତଙ୍କୁ ୬ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ ହୋଇପାରିବ।

## ବୟଫ୍ରେଣ୍ଡଙ୍କ ସହ ରୋମାଣ୍ଟିକ ଡିନର ଡେଟ୍‌ରେ ଗଲେ ସୋନାକ୍ଷୀ



**ମୁମ୍ବାଇ:** ସୋନାକ୍ଷୀ ସିହ୍ନା ହୁଏତ ଜହିର ଇକବାଲଙ୍କ ସହ ତାଙ୍କ ସମ୍ପର୍କ ବିଷୟରେ ଖୋଲାଖୋଲି ଭାବରେ କହି ନଥିବେ, କିନ୍ତୁ ସେମାନଙ୍କର ସୁନ୍ଦର ଫଟୋ ଏବଂ ପରସ୍ପରର ପୋଷ୍ଟରେ ସ୍ନେହପୂର୍ଣ୍ଣ ମନ୍ତବ୍ୟ ପ୍ରମାଣ କରେ ଯେ ସେମାନେ ପରସ୍ପରକୁ ପାଗଳ ଭାବରେ ପ୍ରେମ କରୁଛନ୍ତି। କିଛି ସମୟ ପୂର୍ବରୁ ଏହି ଯୋଡି ମୁମ୍ବାଇରେ ଏକ ରୋମାଣ୍ଟିକ ଡିନର ଉପଭୋଗ କରୁଥିବା ଦେଖିବାକୁ ମିଳିଥିଲା। ସେହି ସମୟର କିଛି ଫଟୋ ଏବଂ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେଉଛି। ସୋନାକ୍ଷୀ ଏବଂ ଜହିରଙ୍କ ସମ୍ପର୍କକୁ ନେଇ ବହୁ ପୂର୍ବରୁ ଆଲୋଚନା ହେଉଛି। ହେଲେ ଏମାନେ ଚୁପଚାପ ଏକାଠି ସମୟକୁ ଉପଭୋଗ କରୁଛନ୍ତି। ଏହି ଯୋଡି ମୁମ୍ବାଇର ଏକ ରେଷ୍ଟୁରାଣ୍ଟରୁ ବାହାରକୁ ଯାଉଥିବାର ନଜର ଆସିଥିବାବେଳେ ପାପାରାଜିଙ୍କୁ ପୋଜ୍ ଦେଇଥିଲେ। ଏହି କ୍ଲିପରେ ଅଭିନେତ୍ରୀଙ୍କ ପଛରେ ଜହିର ଥିଲେ ଯିଏ ସୋନାକ୍ଷୀଙ୍କ ସହ ସମାନ କାରରେ ବସି ସେଠାରୁ ଚାଲି ଯାଇଥିଲେ।


DADLS-76



ଓଡ଼ିଶା ସରକାର

**ଓଡ଼ିଶାର ବରପୁତ୍ର**
**ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ**
**ରାଜ୍ୟସ୍ତରୀୟ ଜୟନ୍ତୀ**
**ତା.୧୩.୦୧.୨୦୨୪**

ସକାଳ - ଘ.୮.୩୦ ମିନିଟ ସମୟରେ ଏଜି ଛକ,ଭୁବନେଶ୍ୱରସ୍ଥିତ ଓଡ଼ିଶାର ବରପୁତ୍ର ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ପ୍ରତିମୂର୍ତ୍ତିରେ ବିଶିଷ୍ଟ ଅତିଥିମାନଙ୍କ ଦ୍ୱାରା ମାଲ୍ୟାର୍ପଣ ।

**ଜୟଦେବ ଭବନ — ଅପରାହ୍ଣ - ୩ ଘଟିକା**

ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେଓଙ୍କ ଜୀବନୀ ଓ ଅବଦାନ ସମ୍ପର୍କିତ ଆଲୋଚନାଚକ୍ର
(ଆୟୋଜକ :ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର)

**ସନ୍ଧ୍ୟା ଘ. ୫.୩୦ ମିନିଟ — ସାଧାରଣ ସଭା**

ମୁଖ୍ୟ ଅତିଥି - **ଶ୍ରୀଯୁକ୍ତ ପ୍ରଦିପ କୁମାର ଅମାତ**, ମାନ୍ୟବର ମନ୍ତ୍ରୀ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ପଞ୍ଚାୟତିରାଜ ଓ ପାନୀୟ ଜଳ ଏବଂ ସୂଚନା ଓ ଲୋକସମ୍ପର୍କ
ବିଶିଷ୍ଟ ଅତିଥି - **ଶ୍ରୀଯୁକ୍ତ ବିକ୍ରମ କେଶରୀ ଆରୁଖ**, ମାନ୍ୟବର ମନ୍ତ୍ରୀ, ଅର୍ଥ
ସମ୍ମାନନୀୟ ଅତିଥି - **ଶ୍ରୀଯୁକ୍ତ ଚନ୍ଦ୍ରଶେଖର ସାହୁ**, ମାନ୍ୟବର ସାଂସଦ, ବ୍ରହ୍ମପୁର,
**ଶ୍ରୀମତୀ ପ୍ରମିଳା ବିଷୋୟୀ**, ମାନ୍ୟବର ସାଂସଦ, ଆସିକା,
**ଶ୍ରୀଯୁକ୍ତ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ**, ମାନ୍ୟବର ବିଧାୟକ, ସୋରଡ଼ା
**ଶ୍ରୀମତୀ ମଞ୍ଜୁଳା ସ୍ୱାଇଁ**, ମାନ୍ୟବର ବିଧାୟିକା, ଆସିକା
**ଶ୍ରୀମତୀ ଲତିକା ପ୍ରଧାନ**, ମାନ୍ୟବର ବିଧାୟିକା, କବିସୂର୍ଯ୍ୟନଗର
**ଶ୍ରୀଯୁକ୍ତ ବିକ୍ରମ କୁମାର ପଣ୍ଡା**, ମାନ୍ୟବର ବିଧାୟକ, ବ୍ରହ୍ମପୁର
**ଶ୍ରୀଯୁକ୍ତ ସୁବାଷ ଚନ୍ଦ୍ର ବେହେରା**, ମାନ୍ୟବର ବିଧାୟକ, ଛତ୍ରପୁର
**ଶ୍ରୀମତୀ ସୂର୍ଯ୍ୟମଣି ବୈଦ୍ୟ**, ମାନ୍ୟବର ବିଧାୟିକା, ଖଲ୍ଲିକୋଟ
ଧନ୍ୟବାଦ ଅର୍ପଣ - **ଶ୍ରୀଯୁକ୍ତ ମହେଶ୍ୱର ବରାଡ଼**, ସମ୍ପାଦକ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର

ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱର ଦ୍ୱାରା ଗଂଜାମର ପ୍ରସିଦ୍ଧ ପ୍ରାଚୀନ ଲୋକନୃତ୍ୟ ଭାରତ ଲୀଳା ଏବଂ ସଖୀନାଟ ପରିବେଷଣ ।

**ସୂଚନା ଓ ଲୋକସମ୍ପର୍କ ବିଭାଗ ଏବଂ ପୂଜ୍ୟପୂଜା ସାହିତ୍ୟ ସଂସଦ, ଭୁବନେଶ୍ୱରର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ସଭାରେ ଯୋଗ ଦେବାକୁ ବିନମ୍ର ଅନୁରୋଧ ।**

ନିର୍ଦ୍ଦେଶକ
ସୂଚନା ଓ ଲୋକସମ୍ପର୍କ ବିଭାଗ

OIPR-15001/13/0249/2324



# Classified Everyday
**0674-2580101, 2549949**




**SALE**

3900sqrft. land with 5000sqft. construction 3 Storeyed building for sale near AMRI Hospital, Bhubaneswar. Price- 3Crore. no mediator please. Contact No.- 7377777979. D-2255

**2600sqft. Gharabari yellow zone plot sale at Uttara Chhak, Infront of CIFA, Price 2300/- per sqft. Bank Finance available. 9438220432/ 8144658008. D-2249**

4800sqft. ଘରବାରି କୁରୁମପଡ଼ା ତାପଙ୍ଗ ରେଳ ଷ୍ଟେସନରୁ 3K.M. Rs.-270/-, 9437282937, 8260968367. D-2244

Duplex sale at Bhubaneswar @ 57 lakhs only. Contact: 9777433701. D-75294

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1200sqft. 3,60,000/-, ଛତାବର- 1200sqft.- 6,00,000/-. 9348232008. D-75289

**Ready to move luxurious flat for sale at Acharya Vihar. Contact- 9437307086, 7978209277. D-2190**

2BHK and 3BHK flat on prime location at Chakeisihani @75 and 85lakhs. 7008711445, 6372801963. D-2250




Two Rooms, Drawing, Dining, Kitchen in between Bypass- GGP Road. Contact- 8249484647. D-2195

**Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:-**
classifieddharitri@gmail.com




Newly open health benefits SPA special offer @ 999 Bapujinagar. 8018429809. D-75189

Spa Kerala body Massage best Therapist @699/- Bhubaneswar. kajal-9337672475. D-2252

Newly open SPA positively health benefits with expert therapist. 9938843929. D-75184

Mesmerizing, energetic body, mind qualitative relaxing massage experienced therapists. 7325907905. D-67127

Refreshments Rejuvenation body massage therapy with experience therapists, Ashirvad Panchakarma Herbal Spa, Keshari Mall, Bhubaneswar, 8926173473. D-2235

Newly open SPA positively health benefits (expert therapist). Contact: 9124527170. D-75188

Newly health benefited SPA expert therapist at Mastercanteen. Contact: 7749034655. D-75185

Newly open health benefits SPA special offer @ 799 Bapuji Nagar. 8018429809. D-75183

Newly open Jyoti SPA positively health benefits (expert therapist). 8458067955. D-75182

**Relax, Refresh your Body, Mind at Saikrupa Spa with best therapies. 8984068077. D-2209**

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

**AFFIDAVIT**

I Rinabala Mishra, W/o Rajanikanta Mishra of Charchika, Banki, Cuttack, declare by this affidavit that before marriage I was known as Rinabala Mohapatra, D/o Bhagaban Mohapatra and after marriage I known as Rinabala Mishra W/o Rajanikanta Mishra. It is for all purpose. D-2256

I, Pinky Sinha, D/o- Shree Krishna Prasad, resident of C/103, Hemkund Tower, Rudrapur, Bhubaneswar P.O/P.S- Balianta, Dist.- Khorda, PIN-752101, Odisha declare by this affidavit No. 68AA637762 that now onwards I shall be known as PINKI SINHA for all future purposes. D-2251

**ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।**

By virtue of an affidavit sworn before the Notary Public, BBSR, dated 07.12.2023, 1, Barsharani Das, D/o- Ajaya Kumar Das, Vill- Dalagan, P.O.- Kabatabandha, Dist.- Jajpur, Odisha, declare that, I have changed my name from Ruchismita Das to Barsharani Das, Henceforth, I shall be known as Barsharani Das for all purpose.
Sd./- Barsharani Das
D-2248

ଧରିତ୍ରୀ DHARITRI
**Scan & Pay**
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ ।
BHIM | UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ
classifieddharitri@gmail.com
ରେ ଇମେଲ୍ କରନ୍ତୁ ।


### କୃତିତ୍ୱ



ଓଜେଏସ୍ ପରୀକ୍ଷା: ୨୭ତମ ସ୍ଥାନରେ ଋତୁପର୍ଣ୍ଣା ଦାଶ

ଭୁବନେଶ୍ୱର: ଓଡ଼ିଶା ଲୋକସେବା ଆୟୋଗ ଦ୍ୱାରା ପରିଚାଳିତ ଓଡ଼ିଶା ନ୍ୟାୟିକ ସେବା ୨୦୨୩ ମସିହା ଫଳ ଗତ ୨୭ ଡିସେମ୍ବର ୨୦୨୩ରେ ପ୍ରକାଶିତ ହୋଇଛି। ପ୍ରକାଶିତ ପରୀକ୍ଷାରେ ମହାବୀର ନଗର, ଝାରପଡ଼ା, ଭୁବନେଶ୍ୱର ବାସିନ୍ଦା ଋତୁପର୍ଣ୍ଣା ଦାଶ ୨୭ ର୍‍ୟାଙ୍କରେ ରହି କୃତକାର୍ଯ୍ୟ ହୋଇଛନ୍ତି। ସେ ଡିଏଭି ବିଦ୍ୟାଳୟ ଚନ୍ଦ୍ରଶେଖରପୁରରୁ ସ୍କୁଲ ଶିକ୍ଷା, କିଟ୍ ସ୍କୁଲ୍ ଅଫ୍ 'ଲ'ରୁ ଏଲ୍‌ଏଲ୍‌ବି ଓ ଜିନ୍ଦଲ ଗ୍ଲୋବାଲ ସ୍କୁଲରୁ ଏଲ୍‌ଏଲ୍‌ଏମ୍ ଡିଗ୍ରୀ ହାସଲ କରିଥିଲେ। ବାପା ଲଲାଟେନ୍ଦୁ ଦାଶ, ମାଆ ଦେବଶ୍ରୀ ଦାଶ, ଜେଜେମା, କକା, ଖୁଡୀ, ମାମୁ, ମାଇଁ ଓ ଭଉଣୀଙ୍କର ଆଶୀର୍ବାଦ ଓ ପ୍ରୋତ୍ସାହନ ପାଇଁ ତାଙ୍କର ଏହି ସଫଳତା ସମ୍ଭବ ହୋଇଛି ବୋଲି ଋତୁପର୍ଣ୍ଣା କହିଛନ୍ତି। ଏହି ସଫଳତା ତାଙ୍କ ପରିବାରର ସମସ୍ତଙ୍କ ସହଯୋଗ ଯୋଗୁ ସମ୍ଭବ ହୋଇଛି ବୋଲି ସେ ଜଣାଇଛନ୍ତି। ୫୫ଜଣଙ୍କ ମଧ୍ୟରେ ୨୭ ସ୍ଥାନରେ ରହିଥିବା ଋତୁପର୍ଣ୍ଣା ତାଙ୍କର କଠିନ ପରିଶ୍ରମ ଓ ସମୟାନୁବର୍ତ୍ତିତା ସଫଳତାର ଚାବିକାଠି ବୋଲି ପ୍ରକାଶ କରିଛନ୍ତି। ମାଇଁ ଅପ୍‌ଟିକ୍ସ୍ ନାମରେ ତାଙ୍କ ବାପାଙ୍କର ରିଟେଲ୍ ଚେନ୍ ଅପ୍‌ଟିକାଲ୍ ବ୍ୟବସାୟ ଭୁବନେଶ୍ୱରରେ ଅଛି। ଲ' ପାଠ ପ୍ରସ୍ତୁତି ପାଇଁ ସେ ତାଙ୍କର ଗୁରୁ ଜଷ୍ଟିସ୍ ୟୁ.ସି.ମିଶ୍ର, ଆଡ୍‌ଭୋକେଟ୍ ଆଶୁତୋଷ ମିଶ୍ର ଏବଂ ଇଂରାଜୀ ପାଇଁ ଗୁରୁ ଆଦିତ୍ୟ ଜେନାଙ୍କୁ ଶ୍ରେୟ ଦେଇଛନ୍ତି। ଋତୁପର୍ଣ୍ଣାଙ୍କ ସଫଳତାରେ ତାଙ୍କ ପରିବାରରେ ସମସ୍ତେ ଖୁସିବ୍ୟକ୍ତ କରିଛନ୍ତି।

ଧ-୨୨୫୪

# ଆଡାସ୍ ଫିଚର ସହ କିଆର ଅତ୍ୟାଧୁନିକ କମ୍ପାକ୍ଟ ଏସ୍‌ୟୁଭି

## ୭.୯୯ ଲକ୍ଷ ଟଙ୍କାରୁ ନ୍ୟୁ ସୋନେଟ୍ ଉପଲବ୍ଧ

ନୂଆଦିଲ୍ଲୀ,୧୨।୧ (ଅଭୟ ଦାଶ)

କିଆ ଇଣ୍ଡିଆର ବହୁ ପ୍ରତୀକ୍ଷିତ ତଥା ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ନ୍ୟୁ ସୋନେଟ୍‌ର ବିକ୍ରୟ ଶୁଭାରମ୍ଭ ସହ ମୂଲ୍ୟ ଘୋଷଣା କରାଯାଇଛି। ଏପରିକି ସାରା ଦେଶରେ ନ୍ୟୁ ସୋନେଟ୍‌ର ମୂଲ୍ୟ (ଏକ୍ସ ଶୋ'ରୁମ୍) ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ କରି ଏକ ବିଶେଷ ବିକ୍ରୟ ଶୁଭାରମ୍ଭ ମୂଲ୍ୟରେ ସର୍ବୋତ୍ତମ ପ୍ରିମିୟମ୍ କମ୍ପାକ୍ଟ ଏସ୍‌ୟୁଭି ନୂଆ କିଆ ସୋନେଟ୍ ଅଫର କରୁଛି। ସେହିଭଳି ନ୍ୟୁ ସୋନେଟ୍ ୧୯ଟି ଭାରିଆଣ୍ଟ ଉପଲବ୍ଧ ସହ ଭିନ୍ନ ଭିନ୍ନ ପ୍ରକାର ଡ୍ରାଇଭିଂ ଅଭିଜ୍ଞତା ସହିତ ୯.୭୯ଲକ୍ଷ ଟଙ୍କାରୁ ଆରମ୍ଭ ହୋଇଥିବା ୫ ଡିଜେଲ ମାନୁଆଲ ମଧ୍ୟ ସେଥିରେ ସାମିଲ ରହିଛି। ସେହି ପ୍ରକାରରେ-ସର୍ବୋତ୍ତମ ଆଡାସ୍ ଲେଭେଲ୍-୧ ସହ ୧୦ଟିସ୍ୱୟଂଚାଳିତକାର୍ଯ୍ୟ ସାଙ୍ଗକୁ ଉଭୟ ଡିଜେଲ ଏବଂ ପେଟ୍ରୋଲ ଇଞ୍ଜିନରେ ଟପ୍-ଅଫ୍-ଲାଇନ୍‌ରେ ଏହା ମଧ୍ୟ ଉପଲବ୍ଧ। ଅପରପକ୍ଷରେ ପେଟ୍ରୋଲଚାଳିତ ଜିଟି ଲାଇନ ଏବଂ ଏକ୍ସ ଲାଇନର ମୂଲ୍ୟ ଯଥାକ୍ରମେ ୧୪.୫୦ରୁ ୧୪.୬୯ ଲକ୍ଷ ଟଙ୍କା ରହିଥିବାବେଳେ ଡିଜେଲଚାଳିତ ମୂଲ୍ୟ ଯଥାକ୍ରମେ ୧୫.୫୦ରୁ ୧୫.୬୯ ଲକ୍ଷ ଟଙ୍କା ରହିଛି।

ଏ ସମ୍ପର୍କରେ କିଆର ଇଣ୍ଡିଆର ଚିଫ୍ ସେଲ୍ସ ଏବଂ ବିଜ୍‌ନେସ୍ ଷ୍ଟ୍ରାଟେଜି ଅଫିସର ମି.ମାୟଙ୍ଗ-ସିକ୍ ସୋନ୍ କହିଛନ୍ତି, ଆମେ ନ୍ୟୁ ସୋନେଟ୍‌ର ବିକ୍ରୟ ଶୁଭାରମ୍ଭକରି ବେଶ୍ ଉତ୍ସାହିତ ଅଛୁ। ଏପରିକି କମ୍ପାକ୍ଟ ଏସ୍‌ୟୁଭିରେ ପ୍ରିମିୟମ ଆଉ ଥରେ ବଜାୟ ରଖିପାରିଛୁ। ପୂର୍ବର ସୋନେଟ ତା'ର ବିଶେଷ ଡିଜାଇନ୍ ଏବଂ ଟେକ୍ନୋଲୋଜିଗତ ଉନ୍ନତତା ଯୋଗୁ ଗ୍ରାହକଙ୍କ ନିକଟରେ ସ୍ୱତନ୍ତ୍ର ସ୍ଥାନ ପାଇଥିଲାବେଳେ ନୂଆ ସୋନେଟ୍ ସେହି ବିଜୟପଥକୁ ଆହୁରି ଆଗକୁ ନେଉଛି। ସ୍ୱଳ୍ପ ଖର୍ଚ୍ଚ ଏବଂ ଏକ ଉଚ୍ଚସ୍ତରୀୟ ସୁରକ୍ଷା ଓ ଅତିରିକ୍ତ ଉନ୍ନତ ଆଡାସ୍ ଟେକ୍ନୋଲୋଜି ସହିତ ଆମେ କ୍ରୟ ମୂଲ୍ୟର ଯଥାର୍ଥତା ପ୍ରତିପାଦନ କରୁଛୁ। ସେହିଭଳି ଗର୍ବର ସହିତ ଏହି ସେଗ୍‌ମେଣ୍ଟରେ ସବୁଠାରୁ କନେକ୍ଟେଡ୍ କାର୍ ଏହାକୁ ସ୍ଥାପିତ କରିପାରିଛି। ଏଥିରେ ଆନନ୍ଦଦାୟକ ହିଙ୍ଗଲିସ୍ କମାଣ୍ଡ ଏବଂ ସରାଉଣ୍ଡ ଭ୍ୟୁ ମିରର ଭଳି ଫ୍ୟୁଚରିଷ୍ଟିକ୍ ବୈଶିଷ୍ଟ ଉକ୍ତ ମଡେଲରେ ସାମିଲ ରହିଛି, ଯାହା ଯୋଗୁ ଉଭୟ ଛୋଟ ଏବଂ ଦୀର୍ଘ ଯାତ୍ରା ପାଇଁ ଏହା ସର୍ବୋତ୍ତମ କମ୍ପାକ୍ଟ ଏସ୍‌ୟୁଭି ଡ୍ରାଇଭିଂ ଅଭିଜ୍ଞତା ପ୍ରଦାନ କରିବ। ଉଲ୍ଲେଖଯୋଗ୍ୟ, ୨୦୨୩ ଡିସେମ୍ବରରେ ନ୍ୟୁ ସୋନେଟ୍‌ର ଉନ୍ମୋଚନ ସହ କିଆର ଏହି ଅଦ୍ୱିତୀୟ ସର୍ବଶ୍ରେଷ୍ଠ ବିକ୍ରୟ ଉଭାବନରେ୨୫ଟି ସୁରକ୍ଷା ବୈଶିଷ୍ଟ୍ୟ ସାମିଲ ରହିଛି, ଯେପରିକି ଦକ୍ଷତାପୂର୍ଣ୍ଣ ଆଡାସ୍ ସହିତ ୧୦ଟି ସ୍ୱୟଂଚାଳିତ ବୈଶିଷ୍ଟ୍ୟ ଏବଂ ଦୃଢ ୧୫ ଉଚ୍ଚ-ସୁରକ୍ଷା ବୈଶିଷ୍ଟ୍ୟତା ଅନ୍ତର୍ଭୁକ୍ତ ରହିଛି। ଉକ୍ତ ମଡେଲରେ ୭୦ରୁ ଅଧିକ ସଂଯୋଜିତ ବିଶେଷତା ରହିଛି,ଯେଉଁଥିରେ 'ଫାଇଣ୍ଡ ମାଇଁ କାର ଉଇଥ ଏସ୍‌ଭିଏମ୍' ଅନ୍ତର୍ଭୁକ୍ତ, ଯାହା କାରର ଆଖପାଖର ଦୃଶ୍ୟ ଏବଂ ହିଙ୍ଗଲିସ୍ କମାଣ୍ଡ ସମ୍ଭବ ଥିବାରୁ ସୋନେଟ୍ ସବୁଠାରୁ ଆରାମଦାୟକ ଡ୍ରାଇଭ୍ ଅଫର କରିଥାଏ।

## ତୃପ୍ତି କିଆରେ ସୋନେଟ୍‌ର ନୂଆ ମଡେଲ ଉନ୍ମୋଚିତ




ଭୁବନେଶ୍ୱର,୧୨।୧(ଅନୁରାଧା ମହାରଣା)

ପାତ୍ରପଡ଼ାସ୍ଥିତ ତୃପ୍ତି କିଆରେ ନୂଆ ସୋନେଟ୍‌ର ଫେସ୍‌ଲିଫ୍ଟ ମଡେଲର ଉନ୍ମୋଚନ ହୋଇଛି। ଆର୍‌ଟିଓ-୨ର ଅଧିକାରୀ ସନତ କୁମାର ଜେନା ଏବଂ ତୃପ୍ତି କିଆର ଏମ୍‌ଡି ବଦ୍ରିନାରାୟଣ ସାମନ୍ତରାୟ ଏହି ନୂଆ ମଡେଲର ଉନ୍ମୋଚନ କରିଛନ୍ତି।

ନୂଆ ସୋନେଟ୍‌ରେ ପେଟ୍ରୋଲ ଏବଂ ଡିଜେଲର ୨ଟି ଭାରିଆଣ୍ଟ ରହିଛି। ତେବେ ଏହି ମଡେଲ ୭ଟି ରଙ୍ଗରେ ଉପଲବ୍ଧ ହେଉଛି। ନୂଆ ଟେକ୍ନୋଲୋଜିରେ ପ୍ରସ୍ତୁତ ଏହି ମଡେଲର ଏକ୍ସ ଶୋ'ରୁମ୍ ମୂଲ୍ୟ ୭.୯୯ ଲକ୍ଷରୁ ଆରମ୍ଭ । ତେବେ ଉନ୍ମୋଚନର ପ୍ରଥମ ଦିନରେ ୧୫ଟି ବୁକିଂ ଗ୍ରହଣ କରାଯାଇଛି।

## ଏମ୍‌ଏସ୍‌ଆଇ ବ୍ରାଣ୍ଡ ଷ୍ଟୋର ଉଦ୍‌ଘାଟିତ




ଭୁବନେଶ୍ୱର,୧୨।୧

ଶହୀଦନଗରଠାରେ ରାଜ୍ୟର ପ୍ରଥମ ଏମ୍‌ଏସ୍‌ଆଇ ବ୍ରାଣ୍ଡ ଷ୍ଟୋର ଉଦ୍‌ଘାଟିତ ହୋଇଯାଇଛି। ନ୍ୟାଶନାଲ ସେଲ୍‌ସ ମ୍ୟାନେଜର ଲିଓନ୍ ଚାଙ୍ଗ୍‌ଙ୍କ ସୂଚନାନୁସାରେ ଏହି ଷ୍ଟୋରରେ ୩ ବର୍ଗର ଲାପ୍‌ଟପ୍ ଉପଲବ୍ଧ ରହିବ। ଗେମିଂ ସିରିଜରେ ଉପଲବ୍ଧ ଲାପ୍‌ଟପ୍‌ର ମୂଲ୍ୟ ୫୦ ହଜାର ଟଙ୍କାରୁ ଆରମ୍ଭ ହୋଇ ୬ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। ବିଜ୍‌ନେସ୍ ପ୍ରଡକ୍ଟିଭିଟି ସିରିଜ୍‌ର ଉତ୍ପାଦଗୁଡ଼ିକର ମୂଲ୍ୟ ୩୦ ହଜାରରୁ ଆରମ୍ଭକରି ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ରହିଛି। କଣ୍ଟେଣ୍ଟ କ୍ରିଏସନ ସିରିଜରେ ଉପଲବ୍ଧ ଲାପ୍‌ଟପ୍‌ର ମୂଲ୍ୟ ରହିଛି। ଶୁକ୍ରବାର ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବିଧାୟକ ଅନନ୍ତ ନାରାୟଣ ଜେନା, ସ୍ଥାନୀୟ କର୍ପୋରେଟର ରାଜକିଶୋର ଦାସ ଅତିଥିଭାବେ ଯୋଗ ଦେଇଥିବାବେଳେ ଆର୍‌ଏସ୍‌ଏମ୍ ରୂପନାରାୟଣ ଏବଂ ଓଡ଼ିଶା ବିଜ୍‌ନେସ୍ ଡେଭେଲପ୍‌ମେଣ୍ଟ ମ୍ୟାନେଜର ମଧୁସୂଦନ ଗୁପ୍ତା ଉପସ୍ଥିତ ରହି ଷ୍ଟୋରରେ ଉପଲବ୍ଧ ଉତ୍ପାଦ ଓ ସେବା ସମ୍ପର୍କରେ ସୂଚନା ଦେଇଥିଲେ। ଗ୍ରାହକଙ୍କୁ ସୁଲଭ ମୂଲ୍ୟରେ ଉତ୍ପାଦ ଯୋଗାଇଦେବା ସହ ଅନ୍‌ସାଇଟ୍ ସର୍ଭିସ୍‌ର ମଧ ସେବା ପ୍ରଦାନ କରାଯିବ। ସେହିପରି ଫାଇନାନ୍ସ ଜରିଆରେ ଉତ୍ପାଦ କ୍ରୟ କରିବାର ବନ୍ଦୋବସ୍ତ ରହିଥିବା ସୂଚନା ଦିଆଯାଇଛି। ଆଲିଶାନ କମ୍ପ୍ୟୁଟରର ସହଭାଗିତାରେ ଖୋଲାଯାଇଥିବା ଏହି ବ୍ରାଣ୍ଡ ଷ୍ଟୋର ଖୋଲାଯାଇଛି।

## ଇଣ୍ଡସ୍ ଫୁଡ୍ ଏକ୍ସପୋରେ ରୁଚିର ଆକର୍ଷଣୀୟ ଷ୍ଟଲ୍




ଭୁବନେଶ୍ୱର,୧୨।୧

ଦକ୍ଷିଣ ପୂର୍ବ ଏସିଆର ବୃହତ୍ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ ପ୍ରଦର୍ଶନୀ ଇଣ୍ଡସ୍ ଫୁଡ୍ ଏକ୍ସପୋ-୨୦୨୪ରେ ରୁଚି ଫୁଡ୍‌ଲାଇନ୍‌ର ଆକର୍ଷଣୀୟ ଷ୍ଟଲ ସହ ଆନ୍ତର୍ଜାତିକ ବଜାରରେ କମ୍ପାନୀ ତା'ର ବାଣିଜ୍ୟିକ ଉପସ୍ଥିତି ଜାହିର କରିଛି। ଏପରିକି ଗ୍ରେଟର ନଏଡାର ଇଣ୍ଡିଆ ଏକ୍ସପୋଜିସନ୍ ମାର୍ଟଠାରେ ଆୟୋଜିତ ଉକ୍ତ ଆନ୍ତର୍ଜାତିକ ଖାଦ୍ୟ ପ୍ରଦର୍ଶନୀରେ ୮୦ଟି ଦେଶରୁ ଆସିଥିବା ୬୦୦ରୁ ଅଧିକ ବିଭିନ୍ନ ବର୍ଗର ଉଦ୍ୟୋଗୀ ସେମାନଙ୍କର ବିକଶିତ ଜ୍ଞାନକୌଶଳରେ ସମୃଦ୍ଧ ଉଦ୍ୟୋଗ ଏବଂ ଉତ୍ପାଦିତ ସାମଗ୍ରୀର ପ୍ରଦର୍ଶନ କରିଛନ୍ତି। ଅପରପକ୍ଷରେ ରୁଚି ଶିଳ୍ପୋଦ୍ୟୋଗ ମସଲା, ପିସ୍ତା, ସିମାଇଜାତ ପଦାର୍ଥ ସହ ଫାର୍ମ-ବି ଦ୍ୱାରା ଉତ୍ପାଦିତ ସ୍ୱାସ୍ଥ୍ୟପ୍ରଦ ସାମଗ୍ରୀ ଯଥା କର୍ନଫ୍ଲେକ୍ସ, ମୁସେଲି, ଓଟସ୍ ସହିତ ନୂତନ ଭାବେ ଉତ୍ପାଦିତ ମସଲା ଓଟସ୍ ଓ ଅନ୍ୟାନ୍ୟ ପାସ୍ତା ସାମଗ୍ରୀ ଇତ୍ୟାଦି ଉକ୍ତ ପ୍ରଦର୍ଶନୀରେ ପ୍ରଦର୍ଶିତ (ସ୍ଥାନିତ) ହୋଇଛି। ସେହିଭଳି ଉକ୍ତ ପ୍ରଦର୍ଶନୀରେ କମ୍ପାନୀର ସ୍ୱାସ୍ଥ୍ୟକର ମଣ୍ଡିଆଜାତ ବିଭିନ୍ନ ସାମଗ୍ରୀ ସ୍ଥାନ ପାଇବା ସହ ଆନ୍ତର୍ଜାତିକ ଉଦ୍ୟୋଗୀମାନଙ୍କ ଦୃଷ୍ଟି ଆକର୍ଷଣ କରିଛି ବୋଲି ରୁଚିର ନିର୍ଦ୍ଦେଶିକା ରଶ୍ମି ସାହୁ ଇଣ୍ଡସ୍ ଫୁଡ୍‌ରେ ଯୋଗଦେଇ ଏଭଳି କହିଛନ୍ତି। ଉଲ୍ଲେଖଯୋଗ୍ୟ, ୨୬,୦୦୦ ବର୍ଗମିଟର ଅଞ୍ଚଳରେ ଆୟୋଜିତ ଏହି ବିଶାଳ ଖାଦ୍ୟ ପ୍ରଦର୍ଶନୀରେ ବିଭିନ୍ନ ଔଦ୍ୟୋଗିକ ଆଲୋଚନାଚକ୍ରରେ ଅଂଶଗ୍ରହଣକରି ରଶ୍ମି ରୁଚି ସାମଗ୍ରୀର ସ୍ୱାସ୍ଥ୍ୟପ୍ରଦ ଉପକାରିତା, ଉନ୍ନତ ଜ୍ଞାନକୌଶଳଯୁକ୍ତ ପ୍ୟାକେଜିଂ ଓ ଦ୍ରବ୍ୟ ଗୁଣବତ୍ତା ସମ୍ପର୍କରେ ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ସେହିପରି ରୁଚି ହଳଦୀ କ୍ୟାପ୍‌ସୁଲର ଆୟୁର୍ବେଦୀୟ ସ୍ୱାସ୍ଥ୍ୟପ୍ରଦ ଉପଯୋଗିତା ଏବଂ ଗୁଣବତ୍ତା ପାଇଁ ଏହା ବିଭିନ୍ନ ଗ୍ରାହକଙ୍କ ଦ୍ୱାରା ବିଶେଷ ଆଦୃତି ହୋଇପାରିଛି।

## ପାରାଦୀପ ବନ୍ଦର ପକ୍ଷରୁ ଦିନିକିଆ କର୍ମଶାଳା

ଭୁବନେଶ୍ୱର,୧୨।୧

ବନ୍ଦର, ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟର ଫ୍ଲାଗ୍‌ଶିପ କାର୍ଯ୍ୟକ୍ରମର ଏକ ଅଂଶ ଭାବରେ ପାରାଦୀପ ବନ୍ଦର, ଭୁବନେଶ୍ୱରରେ 'ନାଭିଗେଟିଂ ଦ ଫ୍ୟୁଚର- ମେଗା ପୋର୍ଟସ ଫର୍ ବଲ୍କ କାର୍ଗୋ ହ୍ୟାଣ୍ଡଲିଂ' ଶୀର୍ଷକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ସାଗରମାଳାର ୯ବର୍ଷ ପୂର୍ତ୍ତି ଅବସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦରର ଡେପୁଟି ଚେୟାରମ୍ୟାନ ନୀଳାଭ୍ର ଦାସଗୁପ୍ତା ଗତ ୯ ବର୍ଷ ମଧ୍ୟରେ ସାଗରମାଳା ଉଦ୍ୟମର ସଫଳତା ଉପରେ ଆଲୋଚନା କରିଥିଲେ। ପୂର୍ବତଟ ରେଳପଥର ମହାପ୍ରବନ୍ଧକ ମନୋଜ ଶର୍ମା ମୁଖ୍ୟ ଅତିଥି ଭାବେ ଯୋଗଦେଇ ପୂର୍ବତଟ ରେଳପଥରେ ଚାଲିଥିବା ରେଳ ପ୍ରକଳ୍ପ ବିଷୟରେ ସୂଚନା ଦେଇଥିଲେ। ପାରାଦୀପ ବନ୍ଦରର ପୂର୍ବତନ ଚେୟାରମ୍ୟାନ ରିଙ୍କେଶ ରୟ ପାରାଦୀପ କିପରି ଭାରତର ପ୍ରଥମ ମେଗା ବନ୍ଦର ଭାବରେ ଦ୍ରୁତ ଗତିରେ ବିକଶିତ ହେଉଛି ସେ ସମ୍ବନ୍ଧରେ ଗୁରୁତ୍ୱାରୋପ କରିଥିଲେ। ବନ୍ଦର, ପରିବହନ ଏବଂ ଜଳପଥ ମନ୍ତ୍ରଣାଳୟର ନିର୍ଦ୍ଦେଶକ ବିନୟ ପ୍ରଜାପତି ସାଗରମାଳା କାର୍ଯ୍ୟକ୍ରମର ସଫଳତା ବିଷୟରେ ସୂଚନା ପ୍ରଦାନ କରିଥିଲେ। ପାରାଦୀପ ପରି ଏକ ମେଗା ବନ୍ଦରର ବିବର୍ତ୍ତନରେ ସହଯୋଗକରି ଦ୍ରୁତ ମାଲ ପରିବହନକୁ ସୁଗମ କରିବା ପାଇଁ କଷ୍ଟମ ବିଭାଗର ପ୍ରତିବଦ୍ଧ ଥିବା କମିଶନର ମାଧବ ଚନ୍ଦ୍ର ମିଶ୍ର ପ୍ରକାଶ କରିଥିଲେ। ପାରାଦୀପ ବନ୍ଦରର ଟ୍ରାଫିକ ମ୍ୟାନେଜର ଜି. ଏଡିସନ ଶେଷରେ ଧନ୍ୟବାଦ ଦେଇଥିଲେ।

## ନୂଆ ନିଯୁକ୍ତିକୁ ଗୁରୁତ୍ୱ



ଭୁବନେଶ୍ୱର,୧୨।୧

ରାଜ୍ୟର ପ୍ରମୁଖ ଘରୋଇ ସଂସ୍ଥା ତଥା ଆଇଡାକ୍ସ କନ୍‌ସଲ୍‌ଟିଂ ଆଣ୍ଡ ରିସର୍ଚ୍ଚ ପ୍ରାଇଭେଟ୍ ଲିମିଟେଡ୍‌ର ନୂତନ କାର୍ଯ୍ୟାଳୟ ଭୁବନେଶ୍ୱର ପଟିଆସ୍ଥିତ ଚନ୍ଦକା ଶିଳ୍ପାଞ୍ଚଳ ଅନ୍ତର୍ଗତ ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ନିକଟରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ମନ୍ତ୍ରୀ ତୁଷାରକାନ୍ତି ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ଉତ୍ତର ବିଧାୟକ ସୁଶାନ୍ତ କୁମାର ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷା ଶ୍ରୀମୟୀ ମିଶ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲାବେଳେ ଆଇଡାକ୍ସର ନିର୍ଦ୍ଦେଶକ ଈଶ୍ୱରମା ପଣ୍ଡା, ପ୍ରକଳ୍ପ ନିର୍ଦ୍ଦେଶକ ଚନ୍ଦନ ପଣ୍ଡାଙ୍କ ସମେତ କମ୍ପାନୀର ବରିଷ୍ଠ ଅଧିକାରୀ ଅକ୍ଷୟ କୁମାର ରାଜ, ସରିତା ମିଶ୍ର, କମଳାକାନ୍ତ ମଲ୍ଲିକ, ଜଗନ୍ନାଥ ରଣା, ସୁଶାନ୍ତ ବାରିକ ଏବଂ ଆଶା କୁମାରୀ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏ ସମ୍ପର୍କରେ ଆଇଡାକ୍ସର ପ୍ରତିଷ୍ଠାତା ତଥା ପରିଚାଳନା ନିର୍ଦ୍ଦେଶକ ଦୀପକ କୁମାର ମଲ୍ଲିକ କହିଥିଲେ, ଆମେ ନୂତନ ନିଯୁକ୍ତିକୁ ଗୁରୁତ୍ୱ ଦେଉଥିବା ବେଳେ ଓଡ଼ିଶାର ୧୦୦ ଜଣ ଉତ୍ସାହୀ ଯୁବକଙ୍କୁ ସିଧାସଳଖ ବିଭିନ୍ନ କ୍ଷେତ୍ରରେ ନିଯୁକ୍ତି ଦେବା ସହ ଭେଣ୍ଡରମାନଙ୍କ ଜରିଆରେ ୫୦୦ରୁ ଉର୍ଦ୍ଧ୍ୱ ଯୁବକଯୁବତୀ ନିଯୁକ୍ତି ପାଇଛନ୍ତି। ସେହିପରି ଆଗାମୀ ଦିନରେ ଆମେମାନେ ୧୦୦୦ ଜଣଙ୍କୁ (ଯୁବଗୋଷ୍ଠୀ) ସିଧାସଳଖ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖିଛୁ। ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ବେହେରା କହିଥିଲେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବର୍ତ୍ତମାନ ଶିଳ୍ପାୟନ ଓ ନିଯୁକ୍ତି କ୍ଷେତ୍ରରେ ଓଡ଼ିଶାର ପ୍ରଗତି ରଥ ଆଗେଇ ଚାଲିଛି। ଏପରିକି ଓଡ଼ିଶା ସରକାରଙ୍କ ପକ୍ଷରୁ ଯୁବପିଢ଼ିଙ୍କ ପାଇଁ ଷ୍ଟାର୍ଟଅପ୍ କମ୍ପାନୀ ନିର୍ମାଣ ଓ ଶିଳ୍ପାୟନ ଦିଗରେ ପର୍ଯ୍ୟାପ୍ତ ସୁବିଧା ସୁଯୋଗ ଯୋଗାଇ ଦିଆଯାଉଛି। ବିଶେଷକରି ଏହାର ସଦୁପଯୋଗ କରି ଯୁବଗୋଷ୍ଠୀ ନିଜେ ପ୍ରତିଷ୍ଠା ଲାଭ କରିବା ସହିତ ଅନ୍ୟମାନଙ୍କ ପାଇଁ ମଧ୍ୟ ନିଯୁକ୍ତି ସୁଯୋଗ ସୃଷ୍ଟି କରିପାରିବେ। ସେହିଭଳି ଆଇଡାକ୍ସ ଭଳି ଏକ ଅଗ୍ରଣୀ ଘରୋଇ ସଂସ୍ଥା ଯୁବବର୍ଗଙ୍କୁ ନିଯୁକ୍ତି ପ୍ରଦାନ କରିବା ସହ ପ୍ରେରଣାର ଉତ୍ସ ପାଲଟିବ ବୋଲି ମନ୍ତ୍ରୀ ବିସ୍ତୃତ ଭାବେ ମତପ୍ରକାଶ କରିଥିଲେ।

## ବଜାରରେ ଏମ୍‌ଜିର ଦି ଏଷ୍ଟର-୨୦୨୪

ଭୁବନେଶ୍ୱର,୧୨।୧




ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ମୋରିସ୍ ଗ୍ୟାରେଜ୍ସ (ଏମ୍‌ଜି)ର ଭାରତ ୟୁନିଟ୍ ଏମ୍‌ଜି ମୋଟର ଇଣ୍ଡିଆ ପକ୍ଷରୁ ଘରୋଇ ବଜାରର ସବୁଠୁ ଉନ୍ନତ ଏସ୍‌ୟୁଭି ଏମ୍‌ଜିର ଦି ଏଷ୍ଟର-୨୦୨୪କୁ ଆନୁଷ୍ଠାନିକ ଭାବେ ବଜାର ପ୍ରବେଶ କରାଯାଇଛି। ଏପରିକି ଅତିରିକ୍ତ ସୁରକ୍ଷା ଏବଂ ସୁବିଧା ପାଇଁ ଅଲ୍ ନ୍ୟୁ ଦି ଏଷ୍ଟର ୨୦୨୪ରେ ଅନେକ ଆକର୍ଷଣୀୟ ବୈଶିଷ୍ଟ୍ୟ ସାମିଲ ରହିଛି। ବିଶେଷକରି ଗାଡ଼ିର ଆଗ ଧାଡ଼ିରେ ଭେଣ୍ଟିଲେଟେଡ୍ ସିଟ୍, ଓ୍ୟାରଲେସ୍ ଚାର୍ଜର, ଓ୍ୟାରଲେସ୍ ଆଣ୍ଡ୍ରଏଡ୍ ଅଟୋ ଏବଂ ଆପଲ୍ କାର୍ ପ୍ଲେ ଏବଂ ଅତିରିକ୍ତ ନିରାପତ୍ତା ପାଇଁ ଅଟୋ-ଡିମିଂ ଆଇଆରଭିଏମ୍ ଏବଂ ସାମଗ୍ରିକ ଡ୍ରାଇଭିଂ ଅଭିଜ୍ଞତା ପାଇଁ ଉନ୍ନତ ଉପଭୋକ୍ତା ଇଣ୍ଟରଫେସ୍ ସହିତ ଏକ ଅପଡେଟ୍ ଆଇ-ସ୍ମାର୍ଟ ୨.୦ ଇତ୍ୟାଦି ସାମିଲ ରହିଛି। ସେହିଭଳି ଏଆଇ ସୁବିଧା ଥିବା ଭାରତର ପ୍ରଥମ ଏସ୍‌ୟୁଭି ନୂଆ ଭାରିଆଣ୍ଟ ସ୍ପ୍ରିଣ୍ଟ, ସାଇନ୍, ସିଲେକ୍ଟ, ସାର୍ପ ପ୍ରୋ ଏବଂ ସାଭି ପ୍ରୋ ମଡେଲ (ଭାରିଆଣ୍ଟ)ରେ ଉପଲବ୍ଧ ହେବ। ଏହାର ପ୍ରାରମ୍ଭିକ ମୂଲ୍ୟ ୯,୯୮,୦୦୦ ଟଙ୍କା ରହିଛି।

ଏ ସମ୍ପର୍କରେ ଏମ୍‌ଜି ମୋଟର ଇଣ୍ଡିଆର ଉପ ପରିଚାଳନା ନିର୍ଦ୍ଦେଶକ ଗୌରବ ଗୁପ୍ତା କହିଛନ୍ତି, ଆମେ ଅଟୋ ମୋବାଇଲ ଟେକ୍ନୋଲୋଜି କ୍ଷେତ୍ରରେ ନୂତନତ୍ୱକୁ ପ୍ରଦର୍ଶିତ କରୁଥିବା ଉତ୍ପାଦ ସହିତ ଗ୍ରାହକଙ୍କ ଅଭିଳାଷ ପୂରଣ କରିବା ପାଇଁ ପ୍ରତିବଦ୍ଧ ରହିଛୁ।ଏହି ପ୍ରତିଶ୍ରୁତି ପାଳନକରି ଏବଂ ଏକ ବ୍ରାଣ୍ଡ ଭାବେ ୧୦୦ ବର୍ଷର ଉତ୍ସବକୁ ଚଳିତ ବର୍ଷ ପାଳନ କରିବା ସହ ଦି ଏଷ୍ଟର-୨୦୨୪ ଶୃଙ୍ଖଳ ବୈଶିଷ୍ଟ୍ୟ, ଡିଜାଇନ ଏବଂ ଉନ୍ନତ ମୂଲ୍ୟ ପ୍ରସ୍ତାବ ପ୍ରଦାନ କରିଛି। ଉଲ୍ଲେଖଯୋଗ୍ୟ,୧୦୦ ବର୍ଷର ପୁରୁଣା ପରମ୍ପରା ଥିବା ବ୍ରିଟିଶ ଅଟୋମୋବାଇଲ ବ୍ରାଣ୍ଡ ମୋରିସ୍ ଗ୍ୟାରେଜ୍ସ (ଏମ୍‌ଜି) ଆଜି ନିଜ ଶ୍ରେଣୀରେ ଭାରତର ସବୁଠୁ ଉନ୍ନତ ଏସ୍‌ୟୁଭି ଏମ୍‌ଜି ଏଷ୍ଟର-୨୦୨୪ର ଶୁଭାରମ୍ଭ କରିଛି।

## ଶେୟାର ବଜାରରେ ଉତ୍ସାହ

ନୂଆଦିଲ୍ଲୀ,୧୨।୧: କ୍ରମାଗତ ୪ର୍ଥ ଦିନ ଲାଗି ଘରୋଇ ଶେୟାର ବଜାର କାରବାରରେ ବୃଦ୍ଧି ଘଟିଛି। ଏପରିକି ଚଳିତ ସପ୍ତାହର ଶେଷ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ବଢ଼ାଇଛନ୍ତି। ବିଶେଷ କରି ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ (ବିଏସ୍‌ଇ)ର ସେନ୍‌ସେକ୍ସ ୮୪୭ (୮୪୭.୨୭) ପଏଣ୍ଟ ବଢି ୭୨,୫୬୮ (୭୨,୫୬୮.୪୫) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନ୍‌ଏସ୍‌ଇ)ର ନିଫ୍ଟି-୫୦ରେ ମଧ ୨୪୭ (୨୪୭.୩୫) ପଏଣ୍ଟ ବୃଦ୍ଧି ଘଟି ୨୧,୮୯୫(୨୧,୮୯୪.୫୫) ଅଙ୍କରେ କାରବାର ବନ୍ଦ କରିଥିଲା।

## ରାଉରକେଲାରେ ଭୋଲ୍‌ଟାସର ପ୍ରଥମ ବ୍ରାଣ୍ଡ ଶପ୍



ଭୁବନେଶ୍ୱର,୧୨।୧

ଦେଶର ଅଗ୍ରଣୀ ଘରୋଇ ସଂସ୍ଥା ତଥା ଟାଟା ଗ୍ରୁପ୍‌ର ପ୍ରମୁଖ କମ୍ପାନୀ ଭୋଲ୍‌ଟାସ ଲିମିଟେଡ୍‌ର ନ୍ୟୁ ବ୍ରାଣ୍ଡ ଶପ୍ ରାଉରକେଲାଠରେ ଉଦ୍‌ଘାଟିତ ହୋଇଯାଇଛି।କମ୍ପାନୀର ସ୍ୱୀକୃତିପ୍ରାପ୍ତ ବି.କେ. ରିଟେଲ୍ସ ଆନୁକୂଲ୍ୟରେ ବୁଧବାର ରାଉରକେଲାର ଫର୍ଟିଲାଇଜର ଟାଉନଶିପ ଇ ବ୍ଲକ୍ ମାର୍କେଟଠାରେ ଆନୁଷ୍ଠାନିକ ଭାବେ ଉକ୍ତ ଶପର ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଭୋଲ୍‌ଟାସ୍‌ର ଆଞ୍ଚଳିକ ମୁଖ୍ୟ ଇଷ୍ଟ-୨ ମାନସ କୁମାର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କମ୍ପାନୀର ଅଧିକାରୀ, ଆଉଟ୍‌ଲେଟର ସ୍ୱତ୍ୱାଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ରାଜ୍ୟରେ ଭୋଲ୍‌ଟାସ୍‌ର ଏହା ୧୮ତମ ବ୍ରାଣ୍ଡ ଶପ୍ ହୋଇଥିବା ବେଳେ ସମଗ୍ର ଦେଶରେ ଭୋଲ୍ଟାସ୍‌ର ୩୦୦ରୁ ଅଧିକ ଆଉଟ୍‌ଲେଟ୍ ରହିଛି ବୋଲି କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି। ଏଠାରେ ଭୋଲ୍ଟାସ୍ ଏବଂ ଭୋଲ୍ଟାସ୍ ବେକୋରର ସମସ୍ତ ଉତ୍ପାଦ ଉପଲବ୍ଧ।

ଭୋଲ୍ଟାସ୍‌ର ଏମ୍‌ଡି ତଥା ସିଇଓ ପ୍ରଦୀପ ବକ୍ସି କହିଛନ୍ତି, ଏହି ଶପ ଜରିଆରେ ଗ୍ରାହକଙ୍କୁ ସେମାନଙ୍କ ଚାହିଁଦା ଅନୁଯାୟୀ ବ୍ରାଣ୍ଡର ସମସ୍ତ ଉପକରଣ ଯୋଗାଇଦେବ।

**OFFICE OF THE EXECUTIVE ENGINEER** No.O-2202
**RURAL WORKS DIVISION, BARGARH**
Email: rd_bgh@yahoo.co.in, Gmail: rwd.bgh@gmail.com
**e-Procurement Notice No. ONLINE-BGH- 18 OF 2023-24**

| | | | |
|---|---|---|---|
| 1 | Name of the Work | : | Building & Culvert works during 2023-24 in the district of Bargarh. |
| 2 | EMD | : | @ 1% of the estimated cost put to tender |
| 3 | Other details | : | As per DTCN |

| Procurement Officer | Bid Identification No. | Availability of Tender online for bidding | | Last Date & Time of Seeking tender clarification | Date & Time of opening of tender |
|---|---|---|---|---|---|
| | | From | To | | |
| 1 | 2 | 3 | 4 | 5 | 6 |
| Executive Engineer, Rural Works Division, Bargarh | ONLINE-BGH-18 OF 2023-24 | 19.01.2024 at 11.00 A.M. | 29.01.2024 upto 5.00 P.M. | 29.01.2024 up to 4.00 PM | 30.01.2024 at 11.00 A.M. |

Further details can be seen from the website www.tendersorissa.gov.in.
OIPR-25062/11/0019/2324 Sd./- Executive Engineer, R.W. Division, Bargarh

**ODISHA CONSTRUCTION CORPORATION LIMITED**
(A Govt. of Odisha Undertaking)
Unit - VIII, Bhubaneswar, e-mail: theoccltd@odishaconstruction.com, GSTIN - 21AAACO2571K2ZM
No.CAD-3689: **CORRIGENDUM**
**e-Procurement Notice No. 53/OCCL/2023-24 (Online)**
Name of the Work : Execution of Micro Irrigation System of Lower Indra Irrigation Project under the Scheme CAD & WM, (Electrical Component)
1. The amount put to tender may be read as Rs.1086.82 lakhs in place of Rs.903.96 lakhs.
2. The Bid Security amount may be read as Rs.10.87 Lakhs in place of Rs.9.04 Lakhs.
3. The availability of tender (Online) & Submission of Tender (Online) may be read as from 16.01.2024 to 30.01.2024 in place of from 13.01.2024 to 29.01.2024.

Procurement Officer: Managing Director, OCC Ltd., Bhubaneswar
Date of Opening of the Technical Bid: 31.01.2024, 12.00 Noon
Further detail can be seen from the Govt. website (www.tendersodisha.gov.in).
OIPR-34120/11/0068/2324 Sd./- Managing Director

**Government of Odisha** No.O-2218:
**e-Procurement Notice**
Bid Identification No.Online Tender/18/SERW BALLIGUDA/2023-24
NATIONAL COMPETITIVE BIDDING THROUGH e-Procurement
E.Mail- rw_balliguda@yahoo.com
Name of the Work : CD Work- 1 No.
1. Estimated Cost : Rs.58.08 Lakhs (Approximately)
2. Period of Completion : 2 (Two) Calendar Months
3. Date & Time of availability of Bid documents in the Portal : From 19.01.2024, 10.00 A.M. to 25.01.2024, 5.00 PM.
4. Last Date/Time for receipt of bids in the Portal : 25.01.2024,upto 5.00 PM
5. Last Date/Time for seeking of Tender clarification : 24.01.2024, upto 5.00 PM
6. Date & Time of opening of Technical Bid : 29.01.2024 at 11.00 AM
7. Date & Time of Opening of Financial Bid : 31.01.2024 at 11.00 AM
8. Name & Address of the Officer Inviting Bid : Superintending Engineer, R.W.Division, Balliguda

Further details, corrigendum(s) etc. can be seen from the e-procurement portal "https://www.tendersorissa.gov.in."
Sd./- Superintending Engineer
OIPR-25164/11/0020/2324 Rural Works Division, Balliguda

**OFFICE OF THE GENERAL MANAGER, WATCO PROJECT DIVISION**
Email: gmprojectsbp@gmail.com, Tel.No.0663-2411911
No.C-2353: **e-Procurement Notice**
Bid Identification No.27/Project/WATCO/SBP/2023-24, Dated.08.01.2024
1. Name of the Work : Civil Sewerage Work
2. Estimated Cost : Varies approximately from Rs.6.12 lakhs to Rs.36.69 Lakhs for 7 (Seven) nos. of works
3. Period of Completion : Referred to DTCN
4. No. of Works : 7 (Seven) Nos.
5. Tender Paper Cost : Referred to DTCN
6. Class of Contractor : B, C & D Class
7. Date & Time of availability of bid document in the portal : 11.00 Hrs. of 16.01.2024 to 17.00 Hrs. of 23.01.2024.
8. Date of Opening of Bid : 12.30 Hrs. on dtd.24.01.2024
9. Name and Address of the O.I.T. : General Manager, WATCO Project Division, Sambalpur, At-40 MLD STP Campus, Bhatra, Dhanupalli, Sambalpur, 768005.

Further details can be seen from the e-Procurement portal "https://www.tendersorissa.gov.in."
General Manager
OIPR-13236/11/0014/2324 WATCO Project Division, Sambalpur

**OFFICE OF THE SUPERINTENDING ENGINEER RURAL WORKS DIVISION, BALLIGUDA**
No.O-2217: rw_balliguda@yahoo.com
**Government of Odisha, e-Procurement Notice**
Bid Identification No.Online Tender/17/SERWD BLG/2023-24
Letter No.283// RWDBLG Date:12.01.2024

| | | | |
|---|---|---|---|
| 1 | Name of the Work | : | Road Works |
| 2 | Estimated Cost | : | Rs.32.00 Lakh |
| 3 | Period of Completion | : | 2 (Two) Calendar Months as per Annexure |
| 4 | Date & Time of availability of Bid documents in the Portal | : | From 19.01.2024 at 10.00 AM to 25.01.2024 upto 5.00 P.M. |
| 5 | Last Date/Time for receipt of Bids in the Portal | : | 25.01.2024 upto 5.00 PM |
| 6 | Name and Address of the Officer Inviting Bid | : | Superintending Engineer, Rural Works Division, Balliguda |

Further details can be seen from the e-Procurement portal website https://www.tendersodisha.gov.in.
Sd./- Superintending Engineer
OIPR-25164/11/0019/2324 Rural Works Division, Balliguda

## ଇଂଲଣ୍ଡ ବିପକ୍ଷ ଟେଷ୍ଟ ପାଇଁ ଭାରତୀୟ ଦଳ ଘୋଷିତ

**ନୂଆଦିଲ୍ଲୀ, ୧୨।୧ (ପି.ଟି.):** ଭ୍ରମଣକାରୀ ଇଂଲଣ୍ଡ ବିପକ୍ଷରେ ଖେଳାଯିବାକୁଥିବା ୫ ମ୍ୟାଚ ବିଶିଷ୍ଟ ଟେଷ୍ଟ ସିରିଜ ଅନ୍ତର୍ଗତ ପ୍ରଥମ ଦୁଇଟି ମ୍ୟାଚ ପାଇଁ ଶୁକ୍ରବାର ୧୬ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ରୋହିତ ଶର୍ମାଙ୍କୁ ଦଳର ଅଧିନାୟକ କରାଯାଇଥିବା ବେଳେ ଯଶପ୍ରୀତ ବୁମ୍ରାଙ୍କୁ ତାଙ୍କ ଡେପୁଟି ଭାବେ ମନୋନୀତ କରାଯାଇଛି। ଦଳରେ ୨୨ ବର୍ଷୀୟ ଧ୍ରୁବ ଜୋରେଲ ଏକମାତ୍ର ନୂଆ ଖେଳାଳି ଭାବେ ସ୍ଥାନ ପାଇଛନ୍ତି। ଇଞ୍ଜୁରୀ ମୁକ୍ତ ହୋଇ ନ ଥିବାରୁ ସିନିୟର ପେସ୍ ବୋଲର ମହମ୍ମଦ ଶାମିଙ୍କୁ ଦଳରେ ସ୍ଥାନ ମିଳିନି। ଗତବର୍ଷ ଅନ୍ତର୍ଜାତୀୟ ଦିନିକିଆ ବିଶ୍ୱକପ୍ ବେଳେ ଶାମି ଆଘାତପ୍ରାପ୍ତ ହୋଇଥିଲେ। ପ୍ରଥମ ଟେଷ୍ଟ ମ୍ୟାଚ ଜାନୁଆରୀ ୨୫ରୁ ହାଇଦ୍ରାବାଦରେ ଖେଳାଯିବାକୁ ଥିବା ବେଳେ ଦ୍ୱିତୀୟ ମ୍ୟାଚ ଫେବୃୟାରୀ ୨ରୁ ବିଶାଖାପାଟଣାଠାରେ ଖେଳାଯିବ। ଅବଶିଷ୍ଟ ୩ଟି ମ୍ୟାଚ ଯଥାକ୍ରମେ ରାଜକୋଟ (ଫେବୃଆରୀ ୧୫ରୁ ୧୯), ରାଞ୍ଚି (ଫେବୃୟାରୀ ୨୩ରୁ ୨୭) ଏବଂ ଧର୍ମଶାଳା (ମାର୍ଚ୍ଚ ୭ରୁ ୧୧)ଠାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। **ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଶୁଭମନ ଗିଲ୍, ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ଶ୍ରେୟସ ଆୟର, କେ.ଏଲ୍. ରାହୁଲ, କେ.ଏସ୍. ଭରତ, ଧ୍ରୁବ ଜୁରେଲ, ରବିଚନ୍ଦ୍ରନ ଅଶ୍ୱିନ, ରବୀନ୍ଦ୍ର ଜାଡେଜା, ଅକ୍ଷର ପଟେଲ, କୁଲଦୀପ ଯାଦବ, ମହମ୍ମଦ ସିରାଜ, ମୁକେଶ କୁମାର, ଯଶପ୍ରୀତ ବୁମ୍ରା (ଉପଅଧିନାୟକ) ଓ ଆଭେଶ ଖାନ୍।

## ଚେନ୍ନାଇ-ଗୁଜରାଟ ଫାଇନାଲ ଆଜି



### ଅଲ୍‌ଟିମେଟ ଖୋ ଖୋ
### ତୃତୀୟ ସ୍ଥାନ ପାଇଁ ଜଗରନଟ୍ସ-ଯୋଦ୍ଧାସ୍ ମୁକାବିଲା

ଭୁବନେଶ୍ୱର, ୧୨।୧
(ତପନ ସ୍ୱାଇଁ)

କଟକର ଜବାହରଲାଲ ନେହେରୁ ଷ୍ଟାଡିୟମରେ ଚାଲିଥିବା ଅଲ୍‌ଟିମେଟ ଖୋ ଖୋ ସିଜନ-୨ର ଫାଇନାଲ ଶନିବାର ଚେନ୍ନାଇ କୁଇକ୍ ଗନ୍ସ ଓ ଗୁଜରାଟ ଜାଏଣ୍ଟ୍ସ ମଧ୍ୟରେ ଅନୁଷ୍ଠିତ ହେବ। ସେହିପରି ତୃତୀୟ ସ୍ଥାନ ପାଇଁ ପ୍ଲେ-ଅଫ୍‌ରେ ପରସ୍ପରକୁ ଭେଟିବେ ଗତଥରର ଚାମ୍ପିୟନ ଓଡ଼ିଶା ଜଗରନଟ୍ସ ଓ ତେଲୁଗୁ ଯୋଦ୍ଧାସ। ଚଳିତ ସିଜନର ପୂରା ଟୁର୍ନାମେଣ୍ଟରେ ଚେନ୍ନାଇ ଦଳ ଚମତ୍କାର ପ୍ରଦର୍ଶନ କରିଛି। ତେଣୁ ଫାଇନାଲ ପାଇଁ ହଟ୍ ଫେଭରାଇଟ ବିବେଚିତ ହେଉଛି। ଆଟାକିଂ ହେଉ କିମ୍ବା ଡିଫେଣ୍ଡିଂ ଏହି ଦଳ ସବୁ ବିଭାଗରେ ସର୍ବାଧିକ ପଏଣ୍ଟ ହାସଲରେ ସକ୍ଷମ ହୋଇଛି। ଏହି ଦଳରେ ସିଜନର ଶ୍ରେଷ୍ଠ ଖେଳାଳି ରାମଜି କାଶ୍ୟପ ରହିଛନ୍ତି। ସେ ଲିଗ୍‌ର ଶ୍ରେଷ୍ଠ ଡିଫେଣ୍ଡର ଓ ଷ୍ଟ୍ରାଇକର ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ସେମିଫାଇନାଲରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଜଗରନଟ୍ସକୁ ହରାଇଥିବାରୁ ଗୁଜରାଟ ଜାଏଣ୍ଟ୍ସ ଖେଳାଳିଙ୍କ ମନୋବଳ ମଧ୍ୟ ବହୁ ଉପରେ ରହିଛି। ସେମିଫାଇନାଲରେ ଫର୍ମରେ ନଜରକୁ ଆସିଥିବା ସୁୟାଶ ଗର୍ଗାଟେ ଓ ସଙ୍କେତ କଦମଙ୍କ ଉପରେ ନଜର ରହିବ। ତୃତୀୟ ସ୍ଥାନ ପାଇଁ ଓଡ଼ିଶା ଜଗରନଟ୍ସ - ତେଲୁଗୁ ଯୋଦ୍ଧାସ ମ୍ୟାଚ ସନ୍ଧ୍ୟା ୭ଟାରେ ଆରମ୍ଭ ହେବ। ୮ଟା ୩୦ରୁ ଫାଇନାଲ ଖେଳାଯିବ।

# ଓଡ଼ିଶା ଏଫ୍‌ସିର ବିଜୟ ଅଭିଯାନ

### କଳିଙ୍ଗ ସୁପର କପ୍

ଭୁବନେଶ୍ୱର, ୧୨।୧
(ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା କଳିଙ୍ଗ ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିୟନ ଓଡ଼ିଶା ଏଫ୍‌ସି ବିଜୟ ସହ ଅଭିଯାନ ଆରମ୍ଭ କରିଛି। ଶୁକ୍ରବାର ଅନୁଷ୍ଠିତ ତୀବ୍ର ସଂଘର୍ଷପୂର୍ଣ୍ଣ ମ୍ୟାଚରେ ଓଡ଼ିଶା ଦଳ ୧-୦ ଗୋଲରେ ବେଙ୍ଗାଲୁରୁ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚର ୨୧ତମ ମିନିଟରେ ଅହମଦ ଜାହୋ ସ୍କୋର କରିଥିବା ଗୋଲଟି ଶେଷରେ ନିର୍ଣ୍ଣାୟକ ହୋଇଥିଲା। ଫଳରେ ତାଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ମ୍ୟାଚରୁ ଓଡ଼ିଶା ଏଫ୍‌ସି ପୂରା ୩ ପଏଣ୍ଟ ପାଇଛି। ପ୍ରଥମାର୍ଦ୍ଧର ଅନ୍ତିମ କ୍ଷଣରେ ବେଙ୍ଗାଲୁରୁ ଏଫ୍‌ସିର ର୍‌ୟାନ ୱାଲେ ୱିଲିୟମ୍ସ ରେଡ୍‌କାର୍ଡ ପାଇବା ମ୍ୟାଚର ଅନ୍ୟତମ ଚର୍ଚ୍ଚିତ ଘଟଣା ଥିଲା। ମ୍ୟାଚଟି ବେଶ୍ ଉତ୍ତେଜନାପୂର୍ଣ୍ଣ ରହିଥିଲା। ବିପଜ୍ଜନକ ଖେଳ ପାଇଁ ବେଙ୍ଗାଲୁରୁ ଏଫ୍‌ସିର ୫ ଓ ଓଡ଼ିଶା ଏଫ୍‌ସିର ୩ ଖେଳାଳି ୟେଲୋ କାର୍ଡ ପାଇଥିଲେ।

### ସଂଘର୍ଷ କରି ହାରିଲା ଇଣ୍ଟର କାଶି

ଦିବସର ପ୍ରଥମ ମ୍ୟାଚରେ କଡ଼ା ସଂଘର୍ଷ କରି ଶକ୍ତିଶାଳୀ ଏଫ୍‌ସି ଗୋଆ ନିକଟରୁ ପରାସ୍ତ ହୋଇଥିଲା ନବାଗତ ଇଣ୍ଟର କାଶି। ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୧୬ ଦଳ ମଧ୍ୟରୁ ଇଣ୍ଡିଆନ ସୁପର ଲିଗ୍‌ର ୧୨ ଏବଂ ଆଇ-ଲିଗ୍‌ର ୩ ଦଳ ସିଧାସଳଖ ଯୋଗ୍ୟତା ପାଇଥିଲେ। ଇଣ୍ଟର କାଶି ଯୋଗ୍ୟତା ପର୍ଯ୍ୟାୟରେ ରାଜସ୍ଥାନ ୟୁନାଇଟେଡକୁ ୫-୦ ଗୋଲରେ ହରାଇ ଅବଶିଷ୍ଟ ଗୋଟିଏ ସ୍ଥାନ ପୂରଣ କରିଥିଲା। ମାତ୍ର ମୁଖ୍ୟ ଟୁର୍ନାମେଣ୍ଟରେ ନିଜର ପ୍ରଥମ ମ୍ୟାଚରେ ଏହି ଦଳ ୧-୨ ଗୋଲରେ ପରାଜିତ ହୋଇଥିଲେ ହେଁ ଗୋଆ ପରି ଏକ ଦଳକୁ ଟକ୍କର ଦେଇଥିବାରୁ ପ୍ରଶଂସାର ହକ୍‌ଦାର ହୋଇଛି। ଗ୍ରୁପ୍ 'ଡି'ର ଏହି ମ୍ୟାଚ ଜିତି ଏଫ୍‌ସି ଗୋଆ ପୂରା ୩ ପଏଣ୍ଟ ପାଇଛି। ଉତ୍ତମ ପ୍ରଦର୍ଶନ ପାଇଁ ଏହି ଦଳର ନୋଆ ୱେଲ ସାଦାଉଲି ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଛନ୍ତି।

ମ୍ୟାଚଟି ଆରମ୍ଭରୁ ବେଶ୍ ସଂଘର୍ଷପୂର୍ଣ୍ଣ ହୋଇଥିଲା। ବିପଜ୍ଜନକ ଖେଳ ପାଇଁ ଗୋଆର ବୋରିସ ସିଂ ଥାଙ୍ଗଜାମଙ୍କୁ ୩୮ ଓ କାର୍ଲୋସ ମାର୍ଟିନେଜ ରୋଡ୍ରିଗ୍ୱେଜଙ୍କୁ ୪୧ତମ ମିନିଟରେ ରେଫରି ୟେଲୋ କାର୍ଡ ଦେଇଥିଲେ। ଏହି ଦଳ ପକ୍ଷରୁ ଏକାଧିକ ଉଦ୍ୟମ ହୋଇଥିଲେ ହେଁ ଇଣ୍ଟର କାଶି ରକ୍ଷଣଭାଗ ଦକ୍ଷତାର ସହ ତାହାକୁ ପ୍ରତିହତ କରିଥିଲେ। ଫଳରେ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିଲା। ଦ୍ୱିତୀୟାର୍ଦ୍ଧରେ ଅଗ୍ରଣୀ ନେବାପାଇଁ ସ୍ୱାଭାବିକଭାବେ ମୁକାବିଲା ଜୋରଦାର ହୋଇଥିଲା। ୫୮ତମ ମିନିଟରେ ପ୍ରତୀକ୍ଷାର ଅନ୍ତ ଘଟାଇଥିଲେ ଗୋଆର ନୋଆ ୱେଲ ସାଡାଉଲି। ତାଙ୍କ ଗୋଲରେ ଗୋଆ ୧-୦ରେ ଅଗ୍ରଣୀଲାଭ କରିଥିଲା। ଏହାର ୮ ମିନିଟ ପରେ ଅର୍ଥାତ୍ ୬୬ତମ ମିନିଟରେ ଗୋଆର ଅଗ୍ରଣୀ ବ୍ୟବଧାନକୁ ୨-୦ରେ ପରିଣତ କରିଥିଲେ କାର୍ଲୋସ ମାର୍ଟିନେଜ ରୋଡ୍ରିଗ୍ୱେଜ। ଚାପ ସ୍ଥିତି ସତ୍ତ୍ୱେ ଗୋଲ ପରିଶୋଧ ପାଇଁ ଇଣ୍ଟର କାଶି ଶେଷ ପର୍ଯ୍ୟନ୍ତ ଉଦ୍ୟମ ବଳବତ୍ତର ରଖିଥିଲା। ୬୩ତମ ମିନିଟରେ ବଦଳ ଖେଳାଳିଭାବେ ପଡ଼ିଆରେ ପ୍ରବେଶ କରିଥିବା ଏହି ଦଳର ଝାମାର ନିକୁମ ୭୮ତମ ମିନିଟରେ ଗୋଟିଏ ଗୋଲ ପରିଶୋଧ କରି ମ୍ୟାଚରେ ରୋମାଞ୍ଚ ଭରିଥିଲେ। ମାତ୍ର ଶେଷ ପର୍ଯ୍ୟାୟରେ ଗୋଆ ନିଜ ରକ୍ଷଣଭାଗକୁ ଦୃଢ଼ କରିବାରୁ ଆଉ ଗୋଲ ହୋଇପାରି ନ ଥିଲା। ଫଳରେ ଗୋଆ ୨-୧ରେ ବିଜୟ ସହ ଅଭିଯାନ ଆରମ୍ଭ କରିଥିଲା।



ଗୋଲ ଦେବାପରେ ଅହମଦ ଜାହୋଙ୍କୁ ସାଥୀ ଖେଳାଳିଙ୍କ ବଧେଇ। (ଫଟୋ: ବିକାଶ ନାୟକ)

## କିଟ୍-କିସ୍‌ର ସଫଳତା

**ଭୁବନେଶ୍ୱର, ୧୨।୧ (ବିଜୟ ରଣା):** କ୍ରୀଡ଼ା ଓ ଯୁବ ବ୍ୟାପାର ମନ୍ତ୍ରଣାଳୟ, ସ୍ପୋର୍ଟ୍ସ ଅଥରିଟି ଅଫ୍ ଇଣ୍ଡିଆ (ସାଇ) ଏବଂ ରଗ୍‌ବୀ ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ପୁରୀରେ ଖେଲୋ ଇଣ୍ଡିଆ ଓମେନ୍ସ ଲିଗ୍ ପ୍ରାରମ୍ଭିକ ସଂସ୍କରଣର ୭ମ ପର୍ଯ୍ୟାୟ ପୁରୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କିଟ୍ ଓ କିସ୍ ଉଲ୍ଲେଖନୀୟ ସଫଳତା ହାସଲ କରିପାରିଛି। ପୁରୀ ଜିଲା ସ୍କୁଲରେ ଅନୁଷ୍ଠିତ ଏହି ଇଭେଣ୍ଟରେ ୪୦ଟି ଦଳ ଏବଂ ୫୦୦ ମହିଳା ଖେଳାଳି ଅଂଶଗ୍ରହଣ କରିଥିଲେ। ଖେଲୋ ଇଣ୍ଡିଆ ରଗ୍‌ବୀ ଓମେନ୍ସ ରଗ୍‌ବୀ ଲିଗ୍‌ର ସିନିୟର ମହିଳା ଫାଇନାଲରେ କିଟ୍ ଫ୍ୟୁଚର ଷ୍ଟାର ସ୍ପୋର୍ଟ୍ସ ଏକାଡେମୀକୁ ପରାସ୍ତ କରିଥିଲା। ସେହିପରି ଇଭେଣ୍ଟ ଆରମ୍ଭରେ କିସ୍ ଉଭୟ ୟୁ/୧୮ ଓ ୟୁ/୧୪ ବର୍ଗରେ ବିଜୟ ଲାଭ କରିଥିଲା। ଏହି ଲିଗ୍‌ରେ ଇଣ୍ଡିଆନ ରଗ୍‌ବୀ ଓମେନ୍ସ ଟିମ୍‌ର ଷ୍ଟାର ଖେଳାଳିଙ୍କ ସମେତ ଓଡ଼ିଶାର ନୂଆ ପ୍ରତିଭା ହୁପି ମାଝି, ଡୁମିନି ମାର୍ଣ୍ଡି, ମାମା ନାୟକ, ତରୁଲତା ନାୟକ, ନିର୍ମାଲ୍ୟ ରାଉତ ଓ ରିତୁ ମାଝି ପ୍ରମୁଖ ଭାଗ ନେଇଥିଲେ।

# ଉତ୍କଳ ଓପନ ଟେନିସ୍ ଉଦ୍‌ଘାଟିତ



ଉତ୍କଳ ଓପନ ଅଲ୍ ଓଡ଼ିଶା ଟେନିସ ଟୁର୍ନାମେଣ୍ଟ ଉଦ୍‌ଘାଟନ ଅବସରରେ ଅତିଥିଙ୍କ ଗହଣରେ ଭେଟେରାନ ବର୍ଗର ଖେଳାଳିମାନେ।

ଭୁବନେଶ୍ୱର, ୧୨।୧
(ତପନ ସ୍ୱାଇଁ)

ଏସିଇ ଟେନିସ କ୍ଲବ ଆନୁକୂଲ୍ୟରେ ଉତ୍କଳ ଓପନ ଟେନିସ ଟୁର୍ନାମେଣ୍ଟ ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ୩ ଦିନ ବିଶିଷ୍ଟ ଏହି ପ୍ରତିଯୋଗିତାରେ ରାଜ୍ୟର ୨୫୦ ଖେଳାଳି ଅଂଶଗ୍ରହଣ କରିଛନ୍ତି। ୮ ବର୍ଗରେ ପ୍ରତିଯୋଗିତା ପାଇଁ ୩.୨୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ରଖାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ମୁଖ୍ୟ ଉପଦେଷ୍ଟା ସୁରେଶ ଚନ୍ଦ୍ର ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରେଲୱେ ଆଣ୍ଡ କୋଷ୍ଟାଲ ସିକ୍ୟୁରିଟି ଏଡିଜିପି ଦୟାଲ ଗଙ୍ଗୱାର, ହିତେଶ ରାୟ, ଟୁର୍ନାମେଣ୍ଟ କମିଟି ଅଧ୍ୟକ୍ଷ ବିଶ୍ୱଜିତ ମିଶ୍ର, ଏସିଇ ଟେନିସ କ୍ଲବ ସଭାପତି ପ୍ରକାଶ ଚନ୍ଦ୍ର ଭୁରା, ସମ୍ପାଦକ ନଭରତନ ବୋଥ୍ରା, ଯୁଗ୍ମ ସମ୍ପାଦକ ଗୌରବ ଦାସ, ମୁଖ୍ୟ ପୃଷ୍ଠପୋଷକ ସୁବାସ ଚନ୍ଦ୍ର ମୁଖାର୍ଜୀ, କାର୍ଯ୍ୟକାରିଣୀ ସଦସ୍ୟ ପରେଶ କୁମାର ସିଂ, ବି.ଏନ୍. ପଟ୍ଟନାୟକ, ଜ୍ଞାନ ରଞ୍ଜନ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। "ମୁଁ ପ୍ରତିବର୍ଷ ଉଦ୍‌ଘାଟନୀ ସମାରୋହରେ ଉପସ୍ଥିତ ରହିଆସୁଛି। ଅଂଶଗ୍ରହଣକାରୀଙ୍କ ସଂଖ୍ୟା ବର୍ଷକୁ ବର୍ଷ ବୃଦ୍ଧି ପାଉଥିବାରୁ ଟେନିସ ପ୍ରତି ଲୋକପ୍ରିୟତାକୁ ସୂଚିତ କରୁଛି। ଅନେକ ଯୁବ ଖେଳାଳି ଟେନିସକୁ ଆସିଛନ୍ତି" ବୋଲି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିବା ଅବସରରେ ସୁରେଶ ମହାପାତ୍ର ପ୍ରକାଶ କରିଛନ୍ତି।

# କୁନିଲତାଙ୍କୁ ରୌପ୍ୟ, ପଙ୍କଜଙ୍କ ଡବଲ

### ଜାତୀୟ ପାରା ଅଥ୍‌ଲେଟିକ୍ସ

ଭୁବନେଶ୍ୱର, ୧୨।୧
(ତପନ ସ୍ୱାଇଁ)

ଗୋଆର ପଣଜୀରେ ଚାଲିଥିବା ୨୨ତମ ଜାତୀୟ ପାରା ଅଥଲେଟିକ ଚାମ୍ପିୟନଶିପ୍‌ର ଦ୍ୱିତୀୟ ଦିବସରେ ଓଡ଼ିଶାର ପଙ୍କଜ ଭୁଏ ୨ଟି ଓ କୁନିଲତା ବାରିକ ଗୋଟିଏ ରୌପ୍ୟ ପଦକ ହାସଲ କରିଛନ୍ତି। କୁନିଲତା ଟି-୫୩/୫୪ ହୁଇଲଚେୟାର ରନିଂରେ ୨୫.୩୮ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ଅଧିକାର କରିଛନ୍ତି। ତାମିଲନାଡୁର କିରନ ଶ୍ରୀରାମ ମେଟକର ସ୍ୱର୍ଣ୍ଣ ଓ କାଲାଇସେଲ୍‌ଭି ଇ. ବ୍ରୋଞ୍ଜ ପଦକ ପାଇଛନ୍ତି। ପଙ୍କଜ ପୁରୁଷ ୧୦୦ ମିଟର ଓ ଲଙ୍ଗଜମ୍ପ ଇଭେଣ୍ଟରେ ୨ଟି ରୌପ୍ୟ ପଦକ ଜିତିଛନ୍ତି। ସେ ୧୦୦ମି. ଟି-୧୩ ବର୍ଗରେ ୧୧.୯୦ ସେକେଣ୍ଡ ସମୟ ନେଇ ଦ୍ୱିତୀୟ ସ୍ଥାନ ହାସଲ କରିଥିଲେ। ଛତିଶଗଡ଼ର କାଲାରାମ ପଟେଲ ସ୍ୱର୍ଣ୍ଣ ଓ ଉତ୍ତର ପ୍ରଦେଶର ପ୍ରୀୟାଂଶୁ କୌଶିକ ବ୍ରୋଞ୍ଜ ପଦକ ପାଇଛନ୍ତି। ଲଙ୍ଗଜମ୍ପରେ ପଙ୍କଜ ୫.୩୩ ମିଟର କ୍ଲିୟର କରି ରୌପ୍ୟ ପଦକ ହାସଲ କରିଛନ୍ତି। ଆନ୍ଧ୍ର ପ୍ରଦେଶର ବୋଡୁ ଶ୍ରୀହରି ସ୍ୱର୍ଣ୍ଣ ଓ ମହାରାଷ୍ଟ୍ରର ଅକ୍ଷୟ ସଞ୍ଜୟ ସୁତାର ବ୍ରୋଞ୍ଜ ପଦକ ପାଇଛନ୍ତି।





ପଦକ ସହ କୁନିଲତା ବାରିକ ଓ ପଙ୍କଜ ଭୁଏ।

## 'ମିଷ୍ଟର ଓଡ଼ିଶା' ପାଇଁ ଚୟନ ପ୍ରକ୍ରିୟା

**ଭୁବନେଶ୍ୱର, ୧୨।୧ (ତପନ ସ୍ୱାଇଁ):** ଭୁବନେଶ୍ୱର ଜିଲା ସୁନ୍ଦରସ୍ୱାସ୍ଥ୍ୟ ସଂଘ ଆନୁକୂଲ୍ୟରେ ଆସନ୍ତା ୧୪ ତାରିଖରେ ପୁରୁଣା ଭୁବନେଶ୍ୱରସ୍ଥିତ ବଡ଼ଲଗଡ଼ ଜିମ୍ନାସିୟମରେ ଭୁବନେଶ୍ୱରର ସମସ୍ତ ବ୍ୟାୟାମଶାଳା ଓ କ୍ଲବ ମାନଙ୍କର ବଡିବିଲ୍ଡରଙ୍କୁ ନେଇ ଏକ ସୁନ୍ଦରସ୍ୱାସ୍ଥ୍ୟ ଚୟନ ପ୍ରକ୍ରିୟା ଅନୁଷ୍ଠିତ ହେବ। ୫୫କେଜିରୁ ଆରମ୍ଭ କରି ୧୦୦ କେଜିରୁ ଊର୍ଦ୍ଧ୍ୱ ଆଦି ୧୦ଟି ବର୍ଗରେ ଏହା ହେବ। ଏଥିରେ କୃତିତ୍ୱ ଲାଭ କରିବା ପ୍ରତିଯୋଗୀମାନେ ଆସନ୍ତା ଫେବୃୟାରୀ ତୃତୀୟ ସପ୍ତାହରେ ପୁରୁଣା ଭୁବନେଶ୍ୱରରେ ହେବାକୁଥିବା ୨୦ତମ ସିନିୟର ମହିଳା ଓ ପୁରୁଷ ଫିଜିକ୍ ସ୍ପୋର୍ଟ୍ସ ଚାମ୍ପିୟନଶିପ୍ 'ମିଷ୍ଟର ଓଡ଼ିଶା-୨୦୨୪' ରେ ଅଂଶଗ୍ରହଣ କରିବେ ବୋଲି ରାଜ୍ୟ ସୁନ୍ଦରସ୍ୱାସ୍ଥ୍ୟ ସଂଘ ସମ୍ପାଦକ ପ୍ରସନ୍ନ ମହାସୁଆର ପ୍ରକାଶ କରିଛନ୍ତି।

# ପଶ୍ଚିମବଙ୍ଗ ଚାମ୍ପିୟନ, ଓଡ଼ିଶା ରନର ଅପ୍

### ଅଡିଟ ଓ ଆକାଉଣ୍ଟସ ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ

ଭୁବନେଶ୍ୱର, ୧୨।୧
(ତପନ ସ୍ୱାଇଁ)

ସ୍ଥାନୀୟ ମହାଲେଖାକାର ଅଡିଟ-୨ ଆନୁକୂଲ୍ୟରେ ଏବଂ ଏଜି ରିକ୍ରିଏଶନ କ୍ଲବ ସହଯୋଗରେ ଅଡିଟ ଓ ଆକାଉଣ୍ଟସ ପୂର୍ବାଞ୍ଚଳ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଶୁକ୍ରବାର ରେଲୱେ ଇନ୍‌ଡୋର ଷ୍ଟାଡିୟମରେ ଉଦଯାପିତ ହୋଇଛି । ଦଳଗତ ଟୁର୍ନାମେଣ୍ଟରେ ଏଜି ଓଡିଶାକୁ ହରାଇ ପଶ୍ଚିମବଙ୍ଗ ଚାମ୍ପିୟନ ହୋଇଛି। ପୁରୁଷ ସିଙ୍ଗଲ୍ସରେ ପଶ୍ଚିମ ବଙ୍ଗର ଜି. ବାପିନାଡୁ, ମହିଳା ସିଙ୍ଗଲ୍ସରେ ବିହାରର ଦୀପାଳି ଗୁପ୍ତା, ପୁରୁଷ ଡବଲ୍ସରେ ପଶ୍ଚିମବଙ୍ଗର ଈମାନ ସୋନୱାଲା ଓ ବ୍ରିଜେଶ ଯାଦବ, ମିକ୍ସ ଡବଲ୍ସରେ ଝାଡ଼ଖଣ୍ଡର ବିନୟ ସିଂ ଓ ଭୁବନେଶ୍ୱରର ସୁଧା କଲ୍ୟାଣୀ, ମହିଳା ଡବଲ୍ସରେ ବିହାରର ଦୀପାଳି ଗୁପ୍ତା ଓ ଟିମରାନ କାଳିତା ବିଜୟୀ ହୋଇଥିଲେ । ପୂର୍ବତଟ ରେଲୱେ ଅଡିଟର ମହିଳା ଡବଲ୍ସରେ ସୁଧା କଲ୍ୟାଣୀ ଓ ପି. ନିଶିତା ବିହାରଠାରୁ ହାରି ରନରଅପ ହୋଇଥିଲେ ।

ପ୍ରଧାନ ମହାଲେଖାକାର ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ସମାରୋହରେ ପୂର୍ବତଟ ରେଲୱେର ଜେନେରାଲ ମ୍ୟାନେଜର ମନୋଜ ଶର୍ମା, ଅଡିଟର ମହାନିର୍ଦ୍ଦେଶକ କୁଲୱନ୍ତ ସିଂ, ବରିଷ୍ଠ ଉପ ମହାଲେଖାକାର ଦୀପକ ରଘୁ, ଶ୍ରୀରାଜ ଅଶୋକ, ଉପ ମହାଲେଖାକାର ଏକତା ସିଂହ, ସଚିନ କ୍ରିଷ୍ଣା କୌଶିକ ଓ ସ୍ୱାମୀ ଶୁଭମ ବୈଦ୍ୟନାଥ ସମ୍ମାନୀୟ ଅତିଥିଭାବେ ଯୋଗ ଦେଇଥିଲେ। କଲ୍ୟାଣ ଅଧିକାରୀ ଅଶୋକ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।



ପଶ୍ଚିମବଙ୍ଗ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ଟ୍ରଫି ଗ୍ରହଣ କରୁଛନ୍ତି।

### ଦୃଷ୍ଟିବାଧିତ ମହିଳା କ୍ରିକେଟ
## ଓଡ଼ିଶା ଚାମ୍ପିୟନ

**ଭୁବନେଶ୍ୱର, ୧୨।୧ (ବିଜୟ ରଣା):** ଓଡ଼ିଶା ଫାଇନାଲରେ କର୍ଣ୍ଣାଟକକୁ ୬ ଉଇକେଟରେ ପରାସ୍ତ କରି ଜାତୀୟ ଦୃଷ୍ଟିବାଧିତ ମହିଳା ଟି୨୦ କ୍ରିକେଟ ପ୍ରତିଯୋଗିତାରେ ଚାମ୍ପିୟନ ହୋଇଛି। କର୍ଣ୍ଣାଟକ ଜିମ୍‌ଖାନା କ୍ରିକେଟ ଗାଉଣ୍ଡରେ ଖେଳାଯାଇଥିବା ଏହି ମ୍ୟାଚରେ ଦଳ ୯୪ରନର ବିଜୟ ଲକ୍ଷ୍ୟ ପିଛା କରୁଥିବା ବେଳେ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ପରେ ଯମୁନା ରାଣୀ ଟୁଡୁ ଓ ବାସନ୍ତୀ ହାଁସ୍‌ଦା ଯଥାକ୍ରମେ ୨୪ ଓ ୩୪ ରନ କରି ଓଡ଼ିଶାକୁ ବିଜୟୀ କରାଇଥିଲେ। ଏଥିରେ ଝିଲି ବିରୁଆ ପ୍ଲେୟର ଅଫ୍ ଦି ଫାଇନାଲ ବିବେଚିତ ହୋଇଥିବା ବେଳେ ରାଜସ୍ଥାନର ସିମୁ ଦାସ ବି-୧ କାଟେଗୋରି, ଦିଲ୍ଲୀର ମେନକା କୁମାରୀ ବି-୨ କାଟେଗୋରୀ ଏବଂ ଝିଲି ବିରୁଆ ବି-୩ କାଟେଗୋରିରେ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ। ଚାମ୍ପିୟନ ଦଳ ୧,୦୪୦୦୦ ଟଙ୍କା ରନରଅପ୍ ଦଳକୁ ୮୦,୦୦୦ ଟଙ୍କା ସହ ଟ୍ରଫି ପ୍ରଦାନ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କ୍ରିକେଟ ଆସୋସିଏଶନ ଫର୍ ଦି ବ୍ଲାଇଣ୍ଡ ଇନ୍ ଇଣ୍ଡିଆ (କାବି)ର ଚେୟାରମ୍ୟାନ ଡ. ମହନ୍ତେଶ ଜି. କିଭାଦସାନାଭରଙ୍କ ସମେତ ଅନ୍ୟ କେତେକ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଶୁଭ୍ରାଂଶୁ, ଧୂପର ସମ୍ମାନ ରଖିଲେ

### ରଣଜୀ ଟ୍ରଫି
### ହର୍ଷିତ ରାଠୋଡ୍‌ଙ୍କ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ

ଭୁବନେଶ୍ୱର, ୧୨।୧
(ତପନ ସ୍ୱାଇଁ)

ଇନ୍ଦୋରସ୍ଥିତ ଇମରଲାଣ୍ଡ ହାଇଟ୍ସ ଇଣ୍ଟରନ୍ୟାଶନାଲ ସ୍କୁଲ ଗ୍ରାଉଣ୍ଡରେ ଓଡ଼ିଶା ଓ ମଧ୍ୟପ୍ରଦେଶ ମଧ୍ୟରେ ରଣଜୀ ଟ୍ରଫି କ୍ରିକେଟ ମ୍ୟାଚ ଶୁକ୍ରବାର ଆରମ୍ଭ ହୋଇଛି। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ପରେ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର ଶତକୀୟ ଭାଗୀଦାରି ଗଢ଼ି ଦଳର ସମ୍ମାନ ରଖିଛନ୍ତି। ପ୍ରଥମ ଦିବସ ଷ୍ଟମ୍ପ ପ୍ରତ୍ୟାହୃତ ହେବା ବେଳକୁ ଓଡ଼ିଶା ପ୍ରଥମ ଇନିଂସରେ ୮୫.୩ ଓଭର ଖେଳି ୬ ଉଇକେଟରେ ୨୦୮ ରନ କରିଛି। ଓଡ଼ିଶା ପାଇଁ ହର୍ଷିତ ରାଠୋଡ୍ ଏବଂ ମଧ୍ୟପ୍ରଦେଶ ପକ୍ଷରୁ ଆର୍ଯ୍ୟନ ପାଣ୍ଡେ ଓ ଅମରଜିତ ସିଂ ପ୍ରଥମଶ୍ରେଣୀ କ୍ରିକେଟ କ୍ୟାରିୟର ଆରମ୍ଭ କରିଛନ୍ତି।

ବରୋଦା ବିପକ୍ଷ ମ୍ୟାଚ ଖେଳିଥିବା ଓଡ଼ିଶା ଦଳରେ ୪ ପରିବର୍ତ୍ତନ କରାଯାଇଥିଲା। କାର୍ତ୍ତିକ ବିଶ୍ୱାଳ, ଆଶୀର୍ବାଦ ସ୍ୱାଇଁ, ଦେବବ୍ରତ ପ୍ରଧାନ ଓ ରାଜେଶ ମହାନ୍ତିଙ୍କ ସ୍ଥାନରେ ପ୍ରୟାସ ସିଂ, ରାଜେଶ ଧୂପର, ହର୍ଷିତ ରାଠୋଡ ଓ ସୁନୀଲ ରାଉଳଙ୍କୁ ସୁଯୋଗ ଦିଆଯାଇଥିଲା। ଦୁଇଦିନ ତଳେ ଦଳରେ ସାମିଲ ହୋଇଥିବା ହର୍ଷିତ ରାଠୋଡଙ୍କୁ ଓଡ଼ିଶା କ୍ୟାପ୍ ପ୍ରଦାନ କରିଥିଲେ ମୁଖ୍ୟ କୋଚ୍ ଦୀନେଶ ମୋଙ୍ଗିଆ। ଟସ୍ ଜିତି ମଧ୍ୟପ୍ରଦେଶ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲା। ଅଧିନାୟକ ଆଦିତ୍ୟ ଶ୍ରୀବାସ୍ତବଙ୍କ ନିଷ୍ପତ୍ତିକୁ ଉଚିତ ସାବ୍ୟସ୍ତ କରି ମଧ୍ୟପ୍ରଦେଶ ବୋଲରମାନେ ମାତ୍ର ୩୮ ରନ ମଧ୍ୟରେ ୪ ଉଇକେଟ ଅକ୍ତିଆର କରି ଓଡ଼ିଶାର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ। ଅଧିନାୟକ ଶାନ୍ତନୁ ମିଶ୍ର ୨, ଅନୁରାଗ ଷଡ଼ଙ୍ଗୀ ୯, ସନ୍ଦୀପ ପଟ୍ଟନାୟକ ୧୧ ଓ ଗୋବିନ୍ଦ ପୋଦାର ୫ ରନ କରି ଆଉଟ ହୋଇଥିଲେ। ଅଭିଜ୍ଞ ଶୁଭ୍ରାଂଶୁ ସେନାପତି ଓ ଉଇକେଟ କିପର ରାଜେଶ ଧୂପର ସତର୍କତାର ସହ ବ୍ୟାଟିଂ କରି ବ୍ୟକ୍ତିଗତ ଅର୍ଦ୍ଧଶତକ ହାସଲ କରିବା ସହ ୫ମ ଉଇକେଟରେ ୨୪୫ ବଲ୍‌ରୁ ୧୧୮ ରନ ଯୋଗ କରି ଦଳର ସମ୍ମାନ ରଖିଥିଲେ। ୭୨ତମ ଓଭରରେ ଧୂପର ଆଉଟ ହେବା ସହ ଏହି ଯୋଡ଼ି ଭାଙ୍ଗିଥିଲା। ୧୪୧ଟି ବଲ୍‌ର ସମ୍ମୁଖୀନ ହୋଇଥିବା ଧୂପର ୬ ଚୌକା ଓ ୧ ଛକା ସହାୟତାରେ ୫୧ ରନ କରିଥିଲେ। ଶୁଭ୍ରାଂଶୁଙ୍କ ସହ ୬ଷ୍ଠ ଉଇକେଟରେ ମୂଲ୍ୟବାନ ୫୨ ରନର ପାର୍ଟନରଶିପ୍ ଗଢ଼ି ପ୍ରୟାସ ସିଂ ଆଉଟ ହେବା ସହ ଅମ୍ପାୟର ଖେଳକୁ ବନ୍ଦ ରଖିଥିଲେ। ପ୍ରୟାସ ୭୩ ବଲ୍‌ରୁ ୨୭ ରନକରି ପ୍ୟାଭିଲିୟନ ଫେରିଥିବାବେଳେ ଶୁଭ୍ରାଂଶୁ ୮୭ (୨୦୮ ବଲ, ୬ ଚୌକା, ୧ ଛକା) ରନରେ ଅପରାଜିତ ରହିଥିଲେ।

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୦୮/୬ (ଶୁଭ୍ରାଂଶୁ ସେନାପତି-୮୭, ରାଜେଶ ଧୂପର-୫୧, ଆର୍ଯ୍ୟନ ପାଣ୍ଡେ-୨/୩୦, ଭେଙ୍କଟେଶ୍ ଆୟର-୨/୨୫, କୁଲୱନ ଖେଜ୍ରୋଲିୟା-୧/୩୧, ସାରାଂଶ ଜୈନ-୧/୩୯)।





ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର।

# ହାତମୁଠାରେ ସ୍ୱର୍ଗ

ଗଳ୍ପ

ସୁଦର୍ଶନ ମହାପାତ୍ର

ପୁଅର ମେଡିକାଲ ପାଠପଢ଼ା ଶେଷ ହେଲା ପରେ ମା'ବାପା ଆଶ୍ୱସ୍ତ ହେଲେ ସିନା, କିନ୍ତୁ ମା'ବାପାଙ୍କୁ ଦେଖାକରିବାକୁ ଆଉ ସମୟ ମିଳିଲାନି ପୁଅ ବିଭୁଙ୍କୁ। ଡାକ୍ତର ବିଭୁ ପ୍ରସାଦ ମିଶ୍ର, ନ୍ୟୁରୋ ମେଡିସିନ ଡାକ୍ତର ହିସାବରେ ଏବେ ଖୁବ୍ ନାଁ ଡାକ। ଦିଲ୍ଲୀ ଏମ୍ସରେ କାର୍ଯ୍ୟରତ। ପ୍ରଚୁର ପଇସା ରୋଜଗାର। ଘରକୁ ଆସିବାକୁ ଆଉ ଫୁରସତ କାହିଁ! ପ୍ରଥମେ ପ୍ରଥମେ ଫୋନ୍‌ରେ ଟିକେ କଥା ହେଉଥିଲେ ସେ। ହେଲେ ସେସବୁ ବି ଧୀରେ ଧୀରେ ବନ୍ଦ ହୋଇଗଲାଣି। ସେ ଆଉ ଆବଶ୍ୟକ କରୁନାହାନ୍ତି ମା'ର ସ୍ନେହ ମମତାକୁ ଏବଂ ବୁଝିବାକୁ ଚାହୁଁନାହାନ୍ତି ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ବାପା ସୁଧାକର ମିଶ୍ରଙ୍କ ଆବେଗକୁ। ଏମିତିକି ''ମୋ' ପାଖକୁ ନ ହେଲେ ନାହିଁ, ତୋ' ମା' ପାଖକୁ କେତେବେଳେ କେମିତି ଟିକିଏ ଫୋନ୍ କରୁଥିବୁ''ର ଆକୁଳ ମିନତିକୁ ହେୟଜ୍ଞାନ କରି ସାରିଥିଲେ ସ୍ୱନାମଧନ୍ୟ ଡାକ୍ତର ବିଭୁ ପ୍ରସାଦ।

ଆହୁରି ପ୍ରତିଷ୍ଠିତ ଏବଂ ରୋଜଗାର ନିଶାରେ ନିଜ ଦେଶ ଛାଡ଼ି ହଠାତ୍ ଆମେରିକା ଚାଲିଗଲେ ବିଦ୍ୱାନ୍ ଡାକ୍ତର ବିଭୁ ପ୍ରସାଦ। ପଛରେ ରହିଗଲେ ଏକମାତ୍ର ପୁଅକୁ ମଣିଷ କରି ଗଢ଼ିବାକୁ ଦିନେ ସ୍ୱପ୍ନ ଦେଖିଥିବା ସଂକଳ୍ପବଦ୍ଧ ମା'ବାପା। ଅଭାବ ଅନଟନ ଭିତରେ ସେମାନଙ୍କର ସ୍ୱପ୍ନ ତ ସାକାର ହେଲା, ହେଲେ ଏକୋଇରବଳା ବିଶିକେଶନ ହାତ ଛଡ଼ା ହୋଇଗଲା ସେମାନଙ୍କୁ ଅବଜ୍ଞା କରି। କିଛି ଦିନ ପରେ ସେଇଠି ହିଁ ଜଣେ ବିଦେଶିନୀଙ୍କୁ ବିବାହ କରିଛନ୍ତି ବୋଲି ଖବର ପଠାଇଦେଲେ ମା'ବାପାଙ୍କୁ।

ପୁଅ ବିଷୟରେ ଚିନ୍ତା କରି ଆପାତତଃ ଚୁପ୍‌ଚାପ୍ ରହୁଥିବା ସୁନୀତି ଯେ ଧୀରେ ଧୀରେ ଅନ୍ୟମନସ୍କ ହୋଇଯାଉଛନ୍ତି ଅନୁଭବ କଲେ ସୁଧାକର ବାବୁ। କେବଳ ପୁଅ କଥା ଛାଡ଼ି ଆଉ ସବୁ କଥା ଯେମିତି ଭୁଲି ଆସୁଥିଲେ ସୁନୀତି ଦେବୀ। ଅସହାୟ ହୋଇ ପଡୁଥିଲେ ସୁଧାକର ବାବୁ। ଡାକ୍ତରଙ୍କ ପରାମର୍ଶ ପରେ ମା' ବ୍ରେନ୍ ଟ୍ୟୁମରରେ ଆକ୍ରାନ୍ତ ହୋଇଛି ବୋଲି ପୁଅକୁ ଖବର ଜଣାଇଲେ ସୁଧାକର ବାବୁ। ହେଲେ ଆସନ୍ନପ୍ରସବା ପତ୍ନୀଙ୍କୁ ଛାଡ଼ି ଆସିବା ଆଦୌ ସମ୍ଭବ ନୁହେଁ ବୋଲି କୈଫିୟତ ଦେଲେ ବିଭୁ। ଜଣେ ଡାକ୍ତର ବନ୍ଧୁଙ୍କ ଠିକଣା ଦେଇ ପରାମର୍ଶ ନେବାକୁ ବାପାଙ୍କୁ ବୁଝାଇଦେଲେ। ଅବଶ୍ୟ ନିହାତି କର୍ତ୍ତବ୍ୟ ମନେକରି ଟଙ୍କା ପଠାଇବାକୁ ଭୁଲି ନ ଥିଲେ। ହେଲେ ଶ୍ରଦ୍ଧାରହିତ କର୍ତ୍ତବ୍ୟ, ଯାତନା ସଦୃଶ ଅନୁଭବ ହୋଇଥିଲା ମା'ବାପାଙ୍କୁ। ସମର୍ପଣ ନଥିଲେ ଭକ୍ତି ତ ଛଳନାମାତ୍ର। ତେଣୁ ସେଇ ଟଙ୍କାକୁ ସୁଧାକର ବାବୁ ଶେଷ ପର୍ଯ୍ୟନ୍ତ ସୁନୀତିଙ୍କ ଅନୁରୋଧରେ ଖର୍ଚ୍ଚ କରିବାକୁ ଇଚ୍ଛା କରି ନଥିଲେ।

ଏକମାତ୍ର ପୁଅକୁ ଚାହିଁ ଚାହିଁ କ୍ୟାନ୍ସରରେ ପୀଡ଼ିତା ମା' ଶେଷନିଃଶ୍ୱାସ ତ୍ୟାଗ କଲେ ପଛେ ପୁଅକୁ ଶେଷଥର ପାଇଁ ଦେଖିବାର ଅଭୀପ୍ସା ପୂରଣ ହୋଇ ପାରିନଥିଲା। ସୁଧାକର ବାବୁ ଏ ଖବର ପୁଅକୁ ଜଣାଇଥିଲେ ବାଧ୍ୟ ହୋଇ। ସମୟର ସ୍ୱଳ୍ପତା ଦୃଷ୍ଟିରୁ ମାତ୍ର ଚାରି ଦିନ ପାଇଁ ଏକା ଗାଆଁକୁ ଆସି ମା'ର ଶେଷକୃତ୍ୟ ସମ୍ପନ୍ନ କରି ଡାକ୍ତର ବିଭୁ ଫେରି ଯାଇଥିଲେ ନିଜସ୍ୱ ଦୁନିଆକୁ। ଯେମିତି ଯନ୍ତ୍ର ମଣିଷଟିଏ! ନା ଥିଲା କିଛି ଆବେଗ, ନା ଥିଲା ଆଉ ସେ ଆତ୍ମୀୟତାପୂର୍ଣ୍ଣ ଭାବ ବାପାଙ୍କ ସାଙ୍ଗରେ...! ଭିଟାମାଟି ସାଙ୍ଗରେ...!!

ଦିନେ କଡ଼ ଲେଉଟେଇଲା ସମୟ। ବିଭୁ ଘରକୁ ଫେରିବାକୁ ଇଚ୍ଛା ପ୍ରକାଶ କଲେ ବହୁତ ଦିନ ପରେ। ଛାଡ଼ପତ୍ର ଦେଇ ବିଦେଶିନୀ ପତ୍ନୀ ଏକମାତ୍ର ସନ୍ତାନକୁ ନେଇ ଅନ୍ୟତ୍ର ବିବାହ କରିଯିବା ପରେ ସେ ବୋଧହୁଏ ବୁଝିପାରିଲେ ସମ୍ପର୍କର ସଂଜ୍ଞା। ଶାଶ୍ୱତ ପବିତ୍ର ସମ୍ପର୍କ ବ୍ୟତିରେକେ ଜୀବନ କାଟିବା ଯେ ନିରର୍ଥକ ହୃଦୟଙ୍ଗମ କରି ପାରିଲେ ବହୁତ ଡେରିରେ। ଏବେ ପଶ୍ଚାତ୍ତାପରେ ବିଗଳିତ ମନକୁ ଶାନ୍ତ କରିବା ପାଇଁ ଆମେରିକାଠାରୁ ନିଜ ଜନ୍ମସ୍ଥାନକୁ ଶ୍ରେୟସ୍କର ମଣିଲେ ଡାକ୍ତର ବିଭୁ ପ୍ରସାଦ ମିଶ୍ର।

ଏତିକି ବେଳକୁ ମନେପଡ଼ିଲା ବାପାଙ୍କର କେଇ ପଦ କଥା। ''ଧନ ପଛରେ ଧାଇଁ ସାରିବୁନି ଅମୂଲ୍ୟ ସମୟ। ଲୋଭରେ ବିକିବୁନି ସଂସ୍କାର। ସ୍ୱାର୍ଥରେ ଜଳେଇବୁନି ସଂସାର। ମୋହରେ ହଜେଇ ଦେବୁନି ମାନବିକତା। ଲାଳସାରେ ହରେଇବୁନି ସମ୍ପର୍କ।'' ହେଲେ ବାପାଙ୍କର ଏସବୁ ଉପଦେଶ ଅଣଦେଖା କରି ସବୁ ମୂଲ୍ୟବୋଧକୁ ଯେମିତି ତଳିତଳାନ୍ତ କରିସାରିଥିଲେ ବିଭୁ। ଇତିମଧ୍ୟରେ ମାଟିକାନ୍ଥ ଥିବା ଘର ମଧ୍ୟ ଭୁଶୁଡ଼ି ପଡ଼ିଥିଲା ତାଙ୍କର। ବାପା ନ ଥିଲେ ସେଠି। କେହି ଜଣେ ବିଭୁଙ୍କୁ ବତାଇଦେଲେ ପତ୍ନୀଙ୍କ ମୃତ୍ୟୁ ପରେ ପୁଅ କଥା ଭାବି ଭାବି ଦୁଶ୍ଚିନ୍ତାରେ ତାଙ୍କର ମୁଣ୍ଡ ଖରାପ ହୋଇ ଯାଇଥିଲା। କ'ଣ ସବୁ ନିଜେ ନିଜେ ଗପନ୍ତି ସବୁବେଳେ। କେତେଦିନ ଆଗରୁ ସେ ହଠାତ୍ କେଉଁ ଆଡ଼େ ଚାଲି ଯାଇଛନ୍ତି ବୋଲି। ମୁଣ୍ଡରେ ଯେମିତି ଚଡ଼କ ପଡ଼ିଲା ବିଭୁଙ୍କର। ହେଲେ ସେସବୁକୁ ଅଣଦେଖା କରି ଆଗେଇ ଯାଇଥିବା ବିଭୁ ଏବେ ଫେରିଛନ୍ତି ପୁଣି ଈପ୍‌ସିତ ସ୍ୱର୍ଗ ପାଖକୁ। ତାଙ୍କ ପାଦପଦ୍ମ ତଳେ ମଥା ନଇଁବାକୁ...! ହେଲେ ସେ ଯେ ନିରୁଦ୍ଦିଷ୍ଟ!!

ଏତିକି ବେଳକୁ ସାର୍‌ଙ୍କୁ ତାଙ୍କ ଭଙ୍ଗାଘର ଢିଅରେ ଖୋଜିପାଇଛି ବୋଲି ବିଭୁଙ୍କୁ ଫୋନ୍ କରି ଜଣାଇଲା ତା'ର ପିଲାଦିନର ସାଙ୍ଗ ପବିତ୍ର। ବିଭୁ ଏକରକମ ଦୌଡ଼ି ଦୌଡ଼ି ଗଲା ଭଗ୍ନସ୍ତୂପରେ ପରିଣତ ହୋଇ ପଡ଼ିଥିବା ନିଜ ଭିଟାମାଟି ପାଖକୁ। ମୁହଁ ମାଡ଼ି ପଡ଼ିଥିଲେ ବାପା। ପାଦରୁ ଚପଲ ପଟେ ଛିଣ୍ଡି ପଡ଼ିଥିଲା ଟିକିଏ ଦୂରରେ। ଝୁଣ୍ଟି ପଡ଼ିଥିଲେ କି ବାପା! ଆହା କହି ବାପାଙ୍କ ମଥାକୁ ଟେକି ଧରିଲା ତ ଦିଶିଲା ବାପାଙ୍କ ନାକ ଓ ପାଟିରୁ ରକ୍ତଧାର ବୋହି ଶୁଖିଯାଇଛି। ବାପା ଆଉ ଜୀବିତ ନ ଥିଲେ।

ବାପାଙ୍କ କାନ୍ଧରେ ସେମିତି ଥିଲା ତାଙ୍କର ଝୁଲା ବ୍ୟାଗ୍। ଭିତରେ ଅନ୍ୟାନ୍ୟ କାଗଜପତ୍ର ସହିତ ସୁରକ୍ଷିତ ଥିଲା ବିଭୁର ପିଲାଦିନର କେତୋଟି ଫଟୋ। ସେଥିରେ ବି ଥିଲା ବାପାଙ୍କ କାନ୍ଧରେ ହସ ହସ ମୁହଁରେ ବସିଥିବା ବିଭୁର ଫଟୋ। ପିଲାଦିନ କଥା ମନେପଡ଼ିଲା। ସେ ପାଞ୍ଚ ଛଅ ବର୍ଷର ହୋଇଥିବ ସେତେବେଳକୁ। ବହୁ ବ୍ରତ ମାନସିକ କରି ଈଶ୍ୱରଙ୍କ କୃପାରୁ ବିଭୁକୁ ପାଇଥିଲେ ବୋଲି, ତାକୁ ନେଇ ଶିବ ଶଙ୍କରଙ୍କ ଦର୍ଶନ ପାଇଁ ମା'ବାପା କପିଳାସ ଯାଉଥିଲେ। ସେ ପାହାଚ ପରେ ପାହାଚ ଚଢୁଥିଲା। ହେଲେ ଅଳ୍ପ କେଇଟା ପାହାଚ ପରେ ସେ ଝୁଣ୍ଟି ପଡ଼ିଥିଲା ବୋଲି ବାକି ତକ ପାହାଚ ତାକୁ ଆଉ ଚଢ଼ିବାକୁ ଛାଡ଼ି ନଥିଲେ ମା'ବାପା। ତା'ପରଠୁ ସେ କେତେବେଳେ ଥିଲା ମା' କାଖରେ ତ କେତେବେଳେ ବାପାଙ୍କ କାନ୍ଧରେ। ହେଲେ ସେଇ ବାପା ଜୀବନର ଚଲାପଥରେ ଚାଲୁଚାଲୁ ଏମିତି ଝୁଣ୍ଟିପଡ଼ିଲେ ଯେ ଆଉ ଉଠିବାକୁ ତାକତ ପାଇଲେ ନାହିଁ। କେହି ପାଖରେ ନ ଥିଲେ ଆହା କହି ଟେକି ଧରିବାକୁ! ଡାକ୍ତର ବିଭୁ ପ୍ରସାଦ ମିଶ୍ର ନିଜକୁ ଶତ ଧିକ୍କାର କରୁଥିଲେ।

ବିଭୁର ମନେପଡ଼ିଲା ବାପାଙ୍କର ଗୋଟିଏ ଅମୂଲ୍ୟ କଥା। ''ତୋ ହାତମୁଠାରେ ସ୍ୱର୍ଗ, ତୁ ଅନୁଭବ କରିପାରିଲେ ହେଲା।'' ହେଲେ ଆଜି ସେ ଅନୁଭବ କଲାବେଳକୁ ସେଇ ସ୍ୱର୍ଗ ଆଜି ତା' ଠାରୁ ଢେର ଦୂରରେ..!

ମୋ: ୯୪୩୮୧୭୫୫୪୨



## ପୁସ୍ତକ ପରିଚୟ

### ରାଗ ଦରଦ

**କବି: କମଳ କୁମାର ମହାନ୍ତି**
**ପ୍ରକାଶକ: ଟାଇମ୍ ପାସ୍, ବରମୁଣ୍ଡା, ଭୁବନେଶ୍ୱର**
**ପ୍ରଥମ ପ୍ରକାଶ: ୨୦୨୩, ମୂଲ୍ୟ: ଟ.୧୭୫/-**




ମୋଟ ୫୧ଟି କବିତା ମଲାଟ ଦି'ଟି ଭିତରେ ଜୀବନ୍ତ, ବାରି ହେଇ ଯାଉଥାଏ ଅକ୍ଷର ଓ ଶବ୍ଦଙ୍କ ସ୍ପନ୍ଦନ- ଏ ବହିଟି ସେଇ ବହି। କେତୋଟି ଉଦାହରଣ ନେବା-୧. ''ବୋଉ ଏବେ ଆକାଶର ତରା/ ହେଲେ କାଠ ସିନ୍ଦୁକରେ/ ଝଲସୁଛି ତା'ର ଶାଢ଼ିକାନି/ ଆଉ ତା' ଭିତରେ ସେ ଛାଡ଼ି ଯାଇଥିବା/ ମମତାର ପୁଷ୍ପରାଗ ମଣି।'' ('ପଣତକାନି', ପୃ: ୧୫), ୨. ''ନଗର ଗଣିକା ପରି ଜହ୍ନ ହସେ/ ଗଭାରେ ଖେଳାଇ ଟୋଫାମଲ୍ଲି ମହକ/ ଦେହରେ ଆଙ୍କି ଆଉଟା ରୁପାର ରଙ୍ଗ/ ରାତିକୁ ଯାଚେ ଗୋପନ ଅଭିସାର।'' ('ଜହ୍ନରାତିର କବିତା', ପୃ: ୪୨), ୩. ''ବାପାମାନେ କେବଳ/ ଚାଲିଗଲା ପରେ ହିଁ କାହିଁକି/ ଏତେ ମନେପଡ଼ନ୍ତି!'' ('ବାପା', ପୃ:୮୧)। ଏଇସବୁ ଉଦ୍ଧୃତି ଭିତରେ କମଳ ଲୁଚାଇ ରଖନ୍ତି ଆବେଗର ଯେଉଁ ନିଭୃତି, ତାହା କବିତାଗୁଡ଼ିକୁ ପଢ଼ିସାରିବା ପରେ ବି ମନରୁ ପୋଛି ହୋଇ ଯାଏ ନାହିଁ। ଗୁଣୁଗୁଣୁ ହେଉଥାଏ ରହିରହି। ଏ ସବୁ ତ କବିତା, ହେଲେ ତା'ଠୁଁ ଅଧିକ 'ଦରଦର ଅନ୍ତାକ୍ଷରୀ'। ଲକ୍‌ଡାଉନ୍ ସମୟର ଶ୍ମଶାନମୁହାଁ ଲାସ୍‌ମାନଙ୍କୁ ବହିଟି ଉତ୍ସର୍ଗିତ। ପ୍ରଚ୍ଛଦଲିପିରେ କବିଙ୍କ ସମ୍ପର୍କରେ କୁହାଯାଇଛି- ''ସମସ୍ତଙ୍କ ଅଲକ୍ଷ୍ୟରେ ପବନ ଯେମିତି ଚହଲେଇ ଦେଇଯାଏ ତାଳପତ୍ର, ସେମିତି ସେ ଦୋହଲେଇ ଦେଇପାରନ୍ତି ପାଠକର ହୃଦୟକୁ, ତାଙ୍କର ଏଇସବୁ କବିତାର ଛୁଆଁରେ।'' ବହି-ବିପଣନର ଏ ଢଙ୍ଗ ନୁହେଁ, 'ରାଗ ଦରଦ'ର ଦରଦ-ଚିହ୍ନ।

### ବିଶ୍ୱବନ୍ଦ୍ୟ: ନିଗମାନନ୍ଦ ପରମହଂସ ଦେବ




**କବି: ବ୍ରଜକିଶୋର ଦାଶ**
**ପ୍ରକାଶକ: ସୌରଭ ପବ୍ଲିକେଶନ୍, ଡୋମ୍ବିଭିଲି, ମୁମ୍ବାଇ-୪**
**ପ୍ରଥମ ପ୍ରକାଶ:୨୦୨୩, ମୂଲ୍ୟ: ଟ.୩୮୦/-**

୨୯୬ ପୃଷ୍ଠା ସମ୍ବଳିତ ଏହି ଖଣ୍ଡକାବ୍ୟଟି ବିଶ୍ୱବରେଣ୍ୟ ସଦ୍‌ଗୁରୁ ଶ୍ରୀଶ୍ରୀ ନିଗମାନନ୍ଦ ପରମହଂସ ଦେବଙ୍କର ଯେ କୃପାଧନ୍ୟ, ବହିଟି ପଢ଼ିଲେ ଏଥିରେ ସନ୍ଦେହ ରହେନାହିଁ। ଏଥିରେ ଠାକୁରଙ୍କ କୈଶୋର, ଯୌବନ, ତନ୍ତ୍ର ସାଧନା, ଜ୍ଞାନ ସାଧନା, ଯୋଗ ସାଧନା, ପ୍ରେମ ସାଧନା, ଆସାମରେ ଶାନ୍ତି ଆଶ୍ରମ ପ୍ରତିଷ୍ଠା, ପୁରୀରେ ନୀଳାଚଳ କୁଟୀର ପ୍ରତିଷ୍ଠା, ବିଶ୍ୱେଶ୍ୱରୀଙ୍କ ସାର୍ବଭୌମ ଧର୍ମଗୁରୁ ଆସନ ପ୍ରଦାନ, ଶଙ୍କରଙ୍କ ଜ୍ଞାନ ମତ ଉପରେ ଦିଗ୍‌ଦର୍ଶନ, ଶ୍ରୀଚୈତନ୍ୟ ଦେବଙ୍କ ତତ୍ତ୍ୱ ବର୍ଣ୍ଣନା, ପୁରୀଧାମରେ ଶେଷ ଜୀବନ ଓ ଜଗନ୍ନାଥଙ୍କ ମହିମା ବର୍ଣ୍ଣନ, ପ୍ରଭୁ ଶ୍ରୀଜଗନ୍ନାଥଙ୍କ ମତ୍ସ୍ୟ ଅବତାର, ବରାହ ଅବତାର ମାହାତ୍ମ୍ୟ ବର୍ଣ୍ଣନା, ନରସିଂହ ଅବତାର ମାହାତ୍ମ୍ୟ ବର୍ଣ୍ଣନା, ବାମନ, ପର୍ଶୁରାମ, ରାମ, ବଳରାମ ଅବତାରର ମହିମା ବର୍ଣ୍ଣନା, ଶ୍ରୀଜଗନ୍ନାଥଙ୍କ ବୁଦ୍ଧ ଅବତାର ମହିମା ବର୍ଣ୍ଣନା, କଲ୍‌କୀ ଅବତାର ମହିମା ବର୍ଣ୍ଣନା ଆଦି ସରଳ କବିତାର ଭାବବୋଧୀ ଭାଷାରେ କବି କରିଛନ୍ତି। କବି ଶ୍ରୀ ଦାଶ ''ନିଗମାନନ୍ଦ ପରମହଂସ ଦେବଙ୍କ ତନ୍ତ୍ର ସାଧନା'' ପ୍ରସଙ୍ଗ ବର୍ଣ୍ଣନା ଅବକାଶରେ ଲେଖିଛନ୍ତି: ''ଏକବିଂଶ ଶତାବ୍ଦୀର ସିଦ୍ଧିପ୍ରିୟ ସବୁ ଦେଶ/ ଏହି ପୁସ୍ତକରୁ ପାଇବେ ପ୍ରେରଣାର ପୀୟୂଷ।'' ଗ୍ରନ୍ଥଟି ନିଗମାନନ୍ଦଙ୍କ ଜୀବନ ଓ ସାଧନାର ନାନା ଦିଗକୁ ଆଲୋକିତ କରିଛି ରସାଳ ବାକ୍ୟ-ନିବନ୍ଧରେ। ଆଶା, ଏହା ନିଗମାନନ୍ଦପ୍ରେମୀ ତଥା ସାଧାରଣ ପାଠିକାପାଠକଙ୍କ ପାଇଁ ପ୍ରେରଣାଦାୟୀ ହେବ।

## କାଳକାଳକୁ

**''ପୃଥିବୀରେ ଏତେ ଆଲୁଅ, ତେବେ ପୃଥିବୀର ମଣିଷଗୁଡ଼ିକ ଏତେ ଅନ୍ଧାରରେ କାହିଁକି?''**

**- ଆଶାପୂର୍ଣ୍ଣା ଦେବୀ**



ଆଶାପୂର୍ଣ୍ଣା ଦେବୀଙ୍କ ଜନ୍ମ ୮ ଜାନୁଆରୀ ୧୯୦୯ରେ, ବ୍ରିଟିଶ ଭାରତରେ, କଲକାତାର ପୋଟୋଲଡଙ୍ଗାରେ ଓ ପରଲୋକ ୧୨ ଜୁଲାଇ ୧୯୯୫ରେ, ସେଇ କଲକାତାରେ ୮୬ ବର୍ଷ ବୟସରେ। 'ପ୍ରଥମ ପ୍ରତିଶ୍ରୁତି', 'ସୁବର୍ଣ୍ଣଲତା' ଓ 'ବକୁଳ କଥା' ତାଙ୍କର ବହୁଚର୍ଚ୍ଚିତ ଉପନ୍ୟାସ। ବଙ୍ଗଳା ଭାଷାରେ ଭାରତୀୟ ସାହିତ୍ୟକୁ ଅସୀମ ଅବଦାନ ପାଇଁ ୧୯୭୬ରେ ପ୍ରଥମ ଭାରତୀୟ ଲେଖିକା ଭାବେ 'ଜ୍ଞାନପୀଠ ପୁରସ୍କାର'ପ୍ରାପ୍ତ। ୧୯୭୬ରେ 'ପଦ୍ମଶ୍ରୀ', ୧୯୮୯ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟ ପ୍ରଦତ୍ତ 'ଦେଶିକୋତ୍ତମ' ଓ ୧୯୯୪ରେ କେନ୍ଦ୍ର ସାହିତ୍ୟ ଏକାଦମୀର 'ଫେଲୋଶିପ୍'ରେ ଆଶାପୂର୍ଣ୍ଣା ସମ୍ମାନିତା। ସେ କହନ୍ତି: ''ସାହିତ୍ୟ ଚିରଦିନ ଦୁଃସାହସିକ ପଥର ଯାତ୍ରୀ। ତା'ର ପ୍ରତି ପଦକ୍ଷେପ ହିଁ ନୂତନ ପରୀକ୍ଷାରେ ଚଞ୍ଚଳ।

## କବିତା

### ଛାୟାରୂପ

**ହରିଶ୍ଚନ୍ଦ୍ର ବେହେରା**

ତମ ଯିବା ବାଟରେ ତ
ଆମେ ପକେଇଲୁ ଗୋବର ପାଣି
ବିଞ୍ଚିଦେଲୁ ଖଇ କଉଡ଼ି

ତମ ମୁହାଁସରୁ ପୋଛିଦେଇଛୁ
ଆଲୁଅ ଅନ୍ଧାରମିଶା ଝକଝକ କେତେ ସ୍ମୃତି
ଫୋପାଡ଼ି ଦେଇଛୁ ମଝିରେ ମଝିରେ
ତମେ ସୁର ଯୋଡୁଥିବା
ମନଉଲୁସା ବଂଶୀ
ଲିଭେଇ ଦେଇଛୁ ତୁମ ନାକ କାନ୍ଦୁରା ଛାଇ

ମାଲଭାଇଏ ନଈରେ ଗାଧୋଇ ପାଧୋଇ
ଚାଳରେ ଠେଙ୍ଗାପିଟି କହିଥିଲେ
ଆମେ ଦୁଃଖ ଦେଇ ସୁଖ ଆଣିଛୁ
କବାଟ ଖୋଲ
ଚାଲିଗଲ ଭଲ କଲ
ରଫୁକରା ଭାଗ୍ୟକୁ ନେଇ
ଲାମିନେଟେଡ୍ ମଗଜକୁ ନେଇ
ମନ ତଳର ଅସଂଖ୍ୟ ହାହାକାରକୁ ନେଇ
କେଉଁ ସୁଖ ଥିଲା
କଲବଲ ଭୋଗିବା ପାଇଁ

ଭଙ୍ଗାରୁଜା ଶତାବ୍ଦୀରୁ
ମୁହଁ ଫେରାଇ ନେଲ ଭଲ କଲ

ଏବେ ତ ତମ ଲୀଳାଖେଳା କରିବାକୁ
ଚୋରି ହୋଇଯାଇଛି ଅନ୍ଧାର
କଟାସରିଛି ଶ୍ମଶାନରୁ ବୁଢ଼ା ବରଗଛ
ଗୋଟେ ଅତିଭୌତିକ ବିଶ୍ୱାସ
ଶଠତା ଛଳନାରେ ଦୂଷିତ ଆମ ପାଣି ପବନ
କେଉଁ ସଜ ବାୟୁ ଅଛି ତମ ନିଃଶ୍ୱାସ ପାଇଁ

ରାତି ହେଲେ ଶୁଭୁନି ପ୍ରେତିନୀ ଚିରୁଗୁଣୀଙ୍କ କିଳିକିଳା
ରୁଇ ଚାରିପଟେ ଦିଶୁନି ଡାହାଣୀଙ୍କ ଛାୟାରୂପ
ରହସ୍ୟର ଅନ୍ଧାରିଆ ଗର୍ଭଗୃହରେ ହଜିଯାଇଛି
ତମ ଆଖିକୁ ମାନୁଥିବା ମୋଟା ଫ୍ରେମ୍‌ର ଚଷମା

ଏବେ ତ ତମେ ଗୋଟେ ଉଜୁଡ଼ା କ୍ଷେତର ପାଳଭୂତ
ଲିଭିଯିବ ତମ ରୁଇ ନିଆଁର ନାଲିଧାସ

ଅନ୍ଧାର ଘୋଡ଼ିହେଇ କେଉଁ ଶୋଇପାରିବ
ଚକଚକ ବିଜୁଳି ଆଲୁଅ ତଳେ

ସ୍ମୃତି ଭିତରେ ଛିଳିକାଏ ଛିଳିକାଏ ଦିଶୁ ଦିଶୁ
ଆଉ ମୋଟେ ଦିଶିବ ନାହିଁ
ତମ ଛାୟାରୂପ।

ମୋ: ୯୪୩୭୮୧୩୭୦୮

### ତୁମେ ହିଁ ତ ସେଇ

**ବର୍ଷାରାଣୀ ମହାମଲ୍ଲିକ**

ତମେ ଯେବେ ଚାହିଁଦିଅ ଥରେ
ଖୁବ୍ ବ୍ୟସ୍ତତା ଭିତରେ
ମତେ ଲାଗେ ମୁଁ ସମ୍ପୂର୍ଣ୍ଣା
ସବୁ ପାଇଯାଏ ଏକା ଥରେ
ତୁମର ସେ ଥରେ ଚାହିଁବାରେ।
ତମକୁ ନୁହେଁ ତ ମୁଁ ତମ ଶବ୍ଦକୁ
ଭଲପାଏ
ଭଲପାଏ ତୁମ ପ୍ରେମିକା କବିତାକୁ
ଭଲପାଏ ତୁମ ଭାଷା, ନିଶା,
ବ୍ୟକ୍ତିତ୍ୱକୁ
ତୁମଠୁଁ ତ ଶିଖିଛି ତୁମ କଳାକୁ,
ତମେ ହିଁ ଆରାଧ ମୋର ମୋ ପ୍ରିୟ ପୁରୁଷ
ତମେ ଯେବେ ହସିଦିଅ
ମୁଁ ହଜିଯାଏ କେତେ ଭାବନାରେ
ଆପଣାଏ ତୁମ କୌଶଳକୁ
ଲେଖିଯାଏ ପଦେ ପଦେ ତମ କଥା ନେଇ
ଯାହାକୁ ଆଦର୍ଶ ଭାବେ ତୁମେ ହିଁ ତ ସେଇ।

ମୋ: ୮୨୬୦୬୫୯୩୩୨

**ଗୀତି-କବିତା**

### ଚିଠି

**ଧନଞ୍ଜୟ ସ୍ୱାଇଁ**

ଚିଠିକୁ ହୁଏନି ଚିରି ହୁଏନି ପାସୋରି
ଚିଠି ପିଲାଦିନ ବେତ
ଭୋଗେଇର କୋଳି ।।୦।।
ତୋ' ଆଖିଲୁହରେ ଭିଜା
ଚିଠିର ଅକ୍ଷର
ଯେମିତିକା ଫୁଲ ପରେ
ରାତିର କାକର
ଚିଠି ତୋ' ପଣତେ ବନ୍ଧା
କଞ୍ଚିକାଠି ପରି
ଚିଠି...ହୁଏନି ପାସୋରି... ।।୧।।
ଚିଠି ନଇଁତୁଠେ ତୋର ଆସିବା ଖବର
ତୋ' ଚିଠି ଆସିବା ଲାଗି
ଥୋଇଛି ଆଧାର
ଚିଠି ଭରସାରେ କରେ
ଭରା ନଈ ପାରି
ଚିଠି... ହୁଏନି ପାସୋରି...।।୨।।

ଚିଠି ତୋ' ସାନ୍ତ୍ୱନା ମୋର
ସନ୍ତାପିତ ପ୍ରାଣେ
ଚିଠି ତୋ' ସମ୍ଭାବନା ମୋ'
ଏ ଶୁଷ୍କ ଜୀବନେ
ଚିଠି ତୋର ସାଥୀ ପୁଣି
ସମ୍ବଳ ମୋଅରି
ଚିଠି...ହୁଏନି ପାସୋରି...।।୩।।

ମୋ: ୯୪୩୭୦୦୦୬୩୬

# ଜୁଲି ଦେଈ

ଗଳ୍ପ

ପ୍ରଦ୍ୟୁମ୍ନ ପଟ୍ଟନାୟକ



ଦୀର୍ଘ ପଚାଶ ବର୍ଷ ପରେ ଦେଖାହେଲା ଜୁଲି ଦେଈ ସହ ବଡ଼ମାଈଁଙ୍କ ଶୁଦ୍ଧିକ୍ରିୟା ସମୟରେ। ଦେଖୁ ଦେଖୁ ଅଭିମାନ କଲା ଏତେଦିନ ଧରି ତା' ସହ କୌଣସି ସମ୍ପର୍କ ରଖି ପାରି ନ ଥିବାରୁ। ତଥାପି ତା' ଝିଅମାନଙ୍କୁ ଚିହ୍ନାଇ ଦେଇ କହିଥିଲା, 'ଇୟେ ଜଣେ ମାମୁ। ମୋର କିଛି ହୋଇଗଲେ ଯେଉଁମାନଙ୍କୁ ଜଣାଇବ ସେ ମଧ୍ୟରେ ଇୟେ ଜଣେ।'

ଜୁଲି ଦେଈ ବଡ଼ମାମୁଙ୍କ ବଡ଼ ଝିଅ। ତାକୁ ଏବେ ବୟସ ସତୁରିରୁ ଊର୍ଦ୍ଧ୍ୱ ହେଲାଣି। ତା' ମନକୁ ଏପରି ଭାବନା ଆସିବା ସ୍ୱାଭାବିକ। ଶୁଦ୍ଧିକ୍ରିୟା ପରେ ଆମେ ପରସ୍ପରଠାରୁ ବିଦାୟ ନେଇ ନିଜ ନିଜ ସ୍ଥାନକୁ ଫେରିବା ପୂର୍ବରୁ କହିଲା, 'ଭଦ୍ରକ ଆସିଲେ ମୋ' ପାଖକୁ ଆସିବୁ'। ସେ ତା' ଘରକୁ ଆଗରୁ ବି ଡାକିଥିଲା ମୁଁ ଯେବେ ବି.ଏ. ପଢୁଥିଲି ଭଦ୍ରକ କଲେଜରେ। ସେତେବେଳେ ସେ ଥାଏ ଭଦ୍ରକ ବାଳିକା ଉଚ୍ଚ ବିଦ୍ୟାଳୟରେ ପ୍ରଧାନଶିକ୍ଷୟିତ୍ରୀ। ମୋର ଦୁଇ ବର୍ଷ ଭଦ୍ରକରେ ରହଣି ମଧ୍ୟରେ କେବେ ତା' ନିମନ୍ତ୍ରଣ ରକ୍ଷା କରି ତା' ଘରକୁ ଯାଇପାରିଲି ନାହିଁ। ଏବେ ଭାବିଲେ ତା'ର ଠୋସ୍ କାରଣ ଖୋଜି ପାଏନା କେବଳ ମୋର ଲାଜକୁଳା ପ୍ରକୃତି ବ୍ୟତୀତ।

ଗୋଟିଏ ବର୍ଷ ବ୍ୟବଧାନରେ ପୁଣି ଜୁଲି ଦେଈ ସହ ସାକ୍ଷାତ୍ ହେଲା ସାନମାମୁଙ୍କ ଦେହାନ୍ତ ହେବା ନେଇ। ସେ ପୁଣି ତା' ଘରକୁ ଯିବା କଥା ମନେ ପକାଇଦେଲା। ଏଥର ମୁଁ ମନେମନେ ସ୍ଥିର କଲି ଯେବେ କେବେ ଭଦ୍ରକ ଯିବାର ସୁଯୋଗ ମିଳିବ, ନିଶ୍ଚିତ ଦେଈ ଘରକୁ ଯିବି।

ଏବେ କିଛି ଦିନ ପୂର୍ବେ ମାଉସୀ ଝିଅ ତା' ପୁଅର ବାହାଘର କଲା ଭଦ୍ରକରେ। ତା' ନିମନ୍ତ୍ରଣ ରକ୍ଷା କରି ସେଥିରେ ଯୋଗଦେବାର ଥିଲା। ମୁଁ ଭାବୁଥିଲି ଭଦ୍ରକ ଗଲେ ସମୟ ବାହାର କରି ଜୁଲି ଦେଈ ଘରକୁ ଯିବି। ଯୋଗକୁ ବିବାହ ମଣ୍ଡପଟି ଥିଲା ଜୁଲି ଦେଈ ଘରକୁ ଲାଗି କରି। ତେଣୁ ଏକା ସଙ୍ଗେ କଦଳୀବିକା ଏବଂ ଦିଅଁଦେଖା ଦୁଇଟିଯାକ କାମ ହୋଇଗଲା।

ଜୁଲି ଦେଈ ଦେଖି ବହୁତ ଖୁସୀ ହୋଇଗଲା। ପାଖରେ ବସାଇ କେତେସବୁ ପିଲାଦିନ କଥା ଗପି ଯାଉଥାଏ। ସ୍ନେହରେ ଆଉଁଶି ଦେଉଥାଏ ତା'ଠୁ କେତେ ସାନ ହୋଇଥିବାରୁ। କଥା ମଝିରେ ଆରିସା, ପାଲୁଅ ଲଡ୍ଡୁ, ମିଠା ଆଣି ଖାଇବାକୁ ଦେଉଥାଏ। ତା' ଘରେ ଯାହା ଦେଖିବାକୁ ମିଳିଲା ଏତେ ବଡ଼ ଘରଟାରେ ସେ ଏକୁଟିଆ ରହୁଥାଏ ତା' ଦିବ୍ୟାଙ୍ଗ ପୁଅକୁ ନେଇ। ଭାଇ (ଭିଣୋଇ) ତାକୁ ଛାଡ଼ି ସେ ପୁରକୁ ଗଣେଣି କେଉଁ କାଳରୁ। ପୁଅଟି ଶାରୀରିକ ରୂପେ ସୁସ୍ଥ ସବଳ ସୁନ୍ଦର ପିଲାଟିଏ। କିନ୍ତୁ ବିଡ଼ମ୍ବନା, ଜନ୍ମବେଳୁ ମସ୍ତିଷ୍କର ପୂର୍ଣ୍ଣ ବିକାଶ ହୋଇ ପାରିନଥିବାରୁ ମା' ଉପରେ ନିର୍ଭରଶୀଳ।

କଥା ପ୍ରସଙ୍ଗରେ ଜୁଲି ଦେଈ କହିଲା, ''ଆମେ ଯାହା ଭୋଗୁଛେ ସୁଖ ଦୁଃଖ ସେସବୁ ପୂର୍ବଜନ୍ମର କର୍ମଫଳ। ଏ ଜନ୍ମରେ ସେହିମାନେ ସନ୍ତାନ ହୋଇ ଜନ୍ମ ନିଅନ୍ତି, ଯେଉଁମାନଙ୍କଠାରେ ଆମେ ପୂର୍ବଜନ୍ମରେ ଧାରୁଆ ହୋଇ ଥାଉ କିମ୍ବା କିଛି ଦୋଷ କରିଥାଉ। ସେମାନେ ଅପତ୍ୟ ହୋଇ ଜନ୍ମ ନିଅନ୍ତି ଋଣ ପରିଶୋଧ କରିବାକୁ କିମ୍ବା ଦୁଃଖ ଦେଇ ପ୍ରତିଶୋଧ ନେବାକୁ।'' ତା' କଥା ଶୁଣି ଭାବୁଥିଲି ଦେଈ କେଉଁ ଶାସ୍ତ୍ର ପଢ଼ିଛି ନା ନିଜ ଅଙ୍ଗେନିଭା କଥା କହୁଛି!

ମୋ: ୯୯୬୮୨୮୦୮୯୬

ଧରିତ୍ରୀ 50 Years

ଧରିତ୍ରୀ
DHARITRI

www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ଶନିବାର, ଜାନୁଆରୀ ୧୩/୨୦୨୪ Bhubaneswar, Saturday, January 13/ 2024

# ୟୁଏସ୍ଏକୁ ଭେଟିବ ଭାରତ

## ଆଜିଠୁ ମହିଳା ହକି ଅଲିମ୍ପିକ କ୍ୱାଲିଫାୟର୍ସ

ରାଞ୍ଚି,୧୨।୧(ପି.ଟି.)

ଶନିବାରଠାରୁ ଏଠାରେ ଏଫ୍ଆଇଏଚ୍ ଅଲିମ୍ପିକ କ୍ୱାଲିଫାୟର୍ସ ଟୁର୍ନାମେଣ୍ଟ ଆରମ୍ଭ ହେବ। ଉଦ୍‌ଘାଟନୀ ଦିବସରେ ଭାରତ ଏହାର ପ୍ରଥମ ମୁକାବିଲାରେ ୟୁଏସ୍ଏକୁ ଭେଟି ଏହାର ଅଭିଯାନ ଆରମ୍ଭ କରିବ। ଭାରତ ଶନିବାର ପ୍ରତିଯୋଗିତାରେ ଏହାର ପ୍ରଥମ ମ୍ୟାଚ ଯୁକ୍ତରାଷ୍ଟ୍ର ଆମେରିକା(ୟୁଏସ୍ଏ) ବିପକ୍ଷରେ ଖେଳିବ। ଆୟୋଜକ ଭାରତ ବ୍ୟତୀତ ଜର୍ମାନୀ, ଚେକ୍ ରିପବ୍ଲିକ୍, ଇଟାଲୀ, ଜାପାନ, ୟୁଏସ୍ଏ, ଚିଲି ଓ ନ୍ୟୁଜିଲାଣ୍ଡ ଆଦି ୮ଟି ଦଳକୁ ନେଇ ଅନୁଷ୍ଠିତ ହେବାକୁଥିବା ଏହି ଇଭେଣ୍ଟର ଶ୍ରେଷ୍ଠ ୩ ଦଳ ପ୍ୟାରିସ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ଅର୍ଜନ କରିବେ। ପ୍ୟାରିସ ଅଲିମ୍ପିକ୍ସ ଚଳିତବର୍ଷ ଜୁଲାଇ ୨୬ରୁ ଅଗଷ୍ଟ ୧୧ ପର୍ଯ୍ୟନ୍ତ ହେବ। ଟୁର୍ନାମେଣ୍ଟରେ ବିଶ୍ୱର ୫ ନମ୍ବର ର୍‍ୟାଙ୍କିଙ୍ଗ୍ ଜର୍ମାନୀ ହେଉଛି ସବୁଠାରୁ ଉଚ୍ଚ ର୍‍ୟାଙ୍କିଙ୍ଗ୍‌ପ୍ରାପ୍ତ ଦଳ। ର୍‍ୟାଙ୍କିଙ୍ଗ୍ ତାଲିକାରେ ଭାରତ ଏହା ତଳକୁ ୬ଷ୍ଠ ସ୍ଥାନରେ ରହିଛି। ନ୍ୟୁଜିଲାଣ୍ଡ ୯ମ ସ୍ଥାନରେ ରହିଥିବା ବେଳେ ଏହା ପଛକୁ ଜାପାନ(୧୧ତମ), ଚିଲି (୧୪ତମ), ୟୁଏସ୍ଏ (୧୫ତମ), ଇଟାଲୀ (୧୯ତମ) ଏବଂ ଚେକ୍ ରିପବ୍ଲିକ (୨୫ତମ) ଆଦି ଦେଶ ରହିଛନ୍ତି। ଭାରତ, ନ୍ୟୁଜିଲାଣ୍ଡ, ଇଟାଲୀ ଏବଂ ଯୁକ୍ତରାଷ୍ଟ୍ର ଆମେରିକା ପୁଲ୍ 'ବି'ରେ ସ୍ଥାନ ପାଇଥିବା ବେଳେ ଜର୍ମାନୀ, ପୂର୍ବତନ ଏସିଆନ ଗେମ୍ସ ଚାମ୍ପିୟନ ଜାପାନ, ଚିଲି ଓ ଚେକ୍ ରିପବ୍ଲିକ ପୁଲ୍ 'ଏ'ରେ ରହିଛନ୍ତି। ଭାରତ ଆମେରିକା ବିପକ୍ଷ ମ୍ୟାଚ ପରେ ନ୍ୟୁଜିଲାଣ୍ଡ (ଜାନୁୟାରୀ ୧୪) ଏବଂ ଇଟାଲୀ(ଜାନୁୟାରୀ ୧୬)କୁ ଭେଟିବ। ଜାନୁୟାରୀ ୧୮ରେ ଦୁଇ ସେମିଫାଇନାଲ ଖେଳାଯିବ। ଫାଇନାଲ ଜାନୁୟାରୀ ୧୯ରେ ହେବ। ଆଧୁନିକ ହକିରେ ର୍‍ୟାଙ୍କିଙ୍ଗ୍‌ର ଗୁରୁତ୍ୱ ସେତେଟା ନାହିଁ। ୧୯୮୩ଠାରୁ ଭାରତ ଓ ୟୁଏସ୍ଏ ପରସ୍ପରକୁ ୧୫ ଥର ଭେଟିଛନ୍ତି। ତନ୍ମଧ୍ୟରୁ ଆମେରିକା ୯ଥର ଜିତିଥିବା ବେଳେ ଭାରତ ମାତ୍ର ୪ଟିରେ ବିଜୟ ଲାଭ କରିଛି। ଅବଶିଷ୍ଟ ୨ଟି ମ୍ୟାଚ ଡ୍ର ଭାବେ ଶେଷ ହୋଇଛି। ଭାରତର ମୁଖ୍ୟ କୋଚ୍ ଜାନେକ ସ୍କୋପ୍‌ମ୍ୟାନ କହିଛନ୍ତି, ଏସିଆନ ଗେମ୍ସରେ ଆମେ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିପାରିଲୁ ନାହିଁ। ଏହି ସୁଯୋଗ ଆମେ ହାତଛଡ଼ା କରିଥିଲୁ। ଆମେ ଅତୀତକୁ ଧ୍ୟାନ ଦେଉନାହୁଁ ବୋଲି ଟୁର୍ନାମେଣ୍ଟ ପୂର୍ବରୁ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସ୍କୋପ୍‌ମ୍ୟାନ ଏକଥା ପ୍ରକାଶ କରିଛନ୍ତି। ଏକ ଟ୍ରେନିଂ ସେସନ ବେଳେ ଟିକ୍ ବୋନ୍‌ରେ ଇଞ୍ଜୁରି ଯୋଗୁ ଭେଟେରାନ ବନ୍ଦନା କାଟାରିଆ ଇଭେଣ୍ଟରୁ ବାଦ୍ ପଡ଼ିଛନ୍ତି। ବନ୍ଦନା ନିକଟରେ ପ୍ରଥମ ଭାରତୀୟ ମହିଳା ଖେଳାଳି ହିସାବରେ ୩୦୦ ମ୍ୟାଚ ଖେଳି ଏକ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତାଙ୍କ ସ୍ଥାନରେ ଦଳରେ ଯୁବ ଖେଳାଳି ବଲଜିତ କୌରଙ୍କୁ ସାମିଲ କରାଯାଇଛି। ଦଳ ନିଶ୍ଚିତ ରୂପେ ଏହି ମ୍ୟାଚରେ ବନ୍ଦନାଙ୍କ ଅନୁପସ୍ଥିତି ଅନୁଭବ କରିବ। ଦଶନ୍ଧି ଧରି ସେ ଭାରତର ଅନ୍ୟତମ ପ୍ରମୁଖ ଖେଳାଳି ରହି ଆସିଛନ୍ତି। ସେ ସମସ୍ତ ବଡ଼ ବଡ଼ ପ୍ରତିଯୋଗିତା ଖେଳିଛନ୍ତି। ତନ୍ମଧ୍ୟରେ ରିଓ ଓ ଟୋକିଓ ଅଲିମ୍ପିକ୍ସ ରହିଛି।

# ବିଗ୍ ବାଶ୍ ଲିଗ୍: ଖେଳିବାକୁ ହେଲିକପ୍ଟରରେ ଆସିଲେ ୱାର୍ନର

ସିଡ୍‌ନୀ, ୧୨।୧ (ପି.ଟି.): ବିଗ୍ ବାଶ୍ ଲିଗ୍ (ବିବିଏଲ୍)ରେ ସିଡ୍‌ନୀ ଥଣ୍ଡର୍ସ ତରଫରୁ ଖେଳିବା ଲାଗି ଅଷ୍ଟ୍ରେଲିଆର ଷ୍ଟାର କ୍ରିକେଟର ଡେଭିଡ୍ ୱାର୍ନର ହେଲିକପ୍ଟର ଯୋଗେ ଆସି ଆଇକନିକ ସିଡ୍‌ନୀ କ୍ରିକେଟ ଗ୍ରାଉଣ୍ଡ (ଏସ୍‌ସିଜି)ରେ ପହଞ୍ଚିଥିଲେ। ନିକଟରେ ଟେଷ୍ଟ କ୍ରିକେଟରୁ ତାଙ୍କର ଅବସର ନେଇଥିବା ଏହି ୩୭ ବର୍ଷୀୟ ବିସ୍ଫୋରକ ଓପନର ତାଙ୍କ ଭାଇଙ୍କ ବାହାଘରରେ ଯୋଗ ଦେବାଲାଗି ହଣ୍ଟର ଭ୍ୟାଲି ଯାଇଥିଲେ। ସେଠାରୁ ସେ ସିଧାସଳଖ ଏକ ହେଲିକପ୍ଟର ଯୋଗେ ଆସି ଏସ୍‌ସିଜିର ଆଉଟ ଫିଲ୍ଡରେ ରହିଥିବା 'ଥ୍ୟାଙ୍କ୍ସ ଡେଭ୍' ଲୋଗୋ ନିକଟରେ ଓହ୍ଲାଇଥିଲେ, ଯାହାକି ତାଙ୍କ ବିଦାୟୀ ଟେଷ୍ଟ ପାଇଁ ଅଙ୍କନ କରାଯାଇଥିଲା। ସୂଚନାଯୋଗ୍ୟ, ଗତ ସପ୍ତାହରେ ଏସ୍‌ସିଜିରେ ଘରୋଇ ଦର୍ଶକଙ୍କ ଉପସ୍ଥିତିରେ ୱାର୍ନରଙ୍କ ଉଜ୍ଜ୍ୱଳ ଟେଷ୍ଟ କ୍ୟାରିଅର ଅନ୍ତ ଘଟିଛି। ଖେଳାଯାଇଥିବା ତୃତୀୟ ଟେଷ୍ଟରେ ତାଙ୍କ ଆକର୍ଷୀୟ ଅର୍ଦ୍ଧଶତକ ସହାୟତାରେ ଅଷ୍ଟ୍ରେଲିଆ ସହଜ ବିଜୟ ହାସଲ କରିଥିଲା। ୱାର୍ନର ପୂର୍ବରୁ ଅନ୍ତର୍ଜାତୀୟ ଦିନିକିଆ କ୍ରିକେଟରୁ ଅବସର ଘୋଷଣା କରିସାରିଛନ୍ତି। କିନ୍ତୁ ସେ ତାଙ୍କ ଦେଶ ତରଫରୁ ଅନ୍ତର୍ଜାତୀୟ ଟି୨୦ ଏବଂ ବିଶ୍ୱବ୍ୟାପୀ ଟି୨୦ ଲିଗଗୁଡ଼ିକରେ ଖେଳିବା ଲାଗି ଉପଲବ୍ଧ ହେବେ। ବିବିଏଲ୍‌ରେ ସିଡ୍‌ନୀ ଥଣ୍ଡର୍ସ ଶୁକ୍ରବାର ସିଡ୍‌ନୀ ସିକ୍ସର ସହ ମ୍ୟାଚ ଖେଳିଥିଲା। ଗତ ସିଜନ ଆରମ୍ଭ ପୂର୍ବରୁ ୱାର୍ନର ଥଣ୍ଡର ସହିତ ଦୁଇ ବର୍ଷିଆ ଚୁକ୍ତି କରିଥିଲେ।









4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ